# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଫେବୃୟାରୀ ୧୩/୨୦୨୦ (୨୦ ପୃଷ୍ଠା) Sambalpur, Thursday, February 13 / 2020 ★★

୧୬ଶ ଭାଗ ୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଇରଫାନ୍‌ଙ୍କ ଇମୋଶନାଲ୍ ପୋଷ୍ଟ

ବଲିଉଡ୍ ଭର୍ସାଟାଇଲ୍ ଆକ୍ଟର ଇରଫାନ ଖାନ୍ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ୍‌ରେ ଏକ ଇମୋଶନାଲ ଭିଡିଓ ଶେୟାର କରିବା ପରେ ଏହା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି।

୧୨

୧୯

## ଅଙ୍କିତଙ୍କ ରଣଜୀ କ୍ୟାରିୟର ଆରମ୍ଭ

ବାରବାଟୀ ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚରେ ରଣଜୀ ଟ୍ରଫି କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି ଓଡ଼ିଶାର ଅଙ୍କିତ ଯାଦବ।



# ଗଠନ ହେଲା ଓବିସି କମିଶନ

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

ଓଡ଼ିଶାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସ୍ଇବିସି)ଙ୍କ ପ୍ରକୃତ ସଂଖ୍ୟା କେତେ , ସେ ସମ୍ପର୍କରେ କୌଣସି ସରକାରୀ ହିସାବ ନାହିଁ। ତେଣୁ ଏମାନଙ୍କ ପ୍ରକୃତ ସଂଖ୍ୟା କେତେ ତାହା ଜାଣିବା ପାଇଁ ଜାତିଭିତ୍ତିକ ଜନଗଣନା ଆବଶ୍ୟକତା ରହିଥିବା ରାଜ୍ୟ ସରକାର ଅନୁଭବ କରିଥିଲେ। କିଛିଦିନ ତଳେ ସରକାର କ୍ୟାବିନେଟ୍ ବୈଠକ ଡକାଇ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବ ଗୃହୀତ କରାଇଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କେନ୍ଦ୍ର କ୍ୟାବିନେଟ୍ ସଚିବଙ୍କୁ ମଧ୍ୟ ଚିଠି ଲେଖିଥିଲେ। ହେଲେ ବଜେଟ ଅଧିବେଶନର ପ୍ରଥମ ଭାଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଏକ ଲିଖିତ ଉତ୍ତର ଜାତିଭିତ୍ତିକ ଜନଗଣନା ସପକ୍ଷରେ କେନ୍ଦ୍ର ସରକାର ନ ଥିବା ସ୍ପଷ୍ଟ କରିଥିଲା। ତେଣୁ ରାଜ୍ୟ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ, ସେ ନେଇ ସମସ୍ତଙ୍କ ନଜର ରହିଥିଲା।

ଏହି କ୍ରମରେ ରାଜ୍ୟ ସରକାର ବୁଧବାର ଓବିସି କମିଶନ ଗଠନ ନେଇ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଜଷ୍ଟିସ ରଘୁନାଥ ବିଶ୍ୱାଳଙ୍କୁ ଓବିସି କମିଶନ୍‌ର ପ୍ରଥମ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଜଷ୍ଟିସ ବିଶ୍ୱାଳ ଓଡ଼ିଶା ହାଇକୋର୍ଟର ବିଚାରପତିଭାବେ କାର୍ଯ୍ୟ କରିସାରିଛନ୍ତି। ଏତଦ୍ ବ୍ୟତୀତ ସେ ରାଜ୍ୟ ଖାଉଟି ସମସ୍ୟା ସମାଧାନ ମଞ୍ଚର ସଭାପତି ଭାବେ ୨୦୧୨ ନଭେମ୍ବରୁ ୨୦୧୭ ମାର୍ଚ୍ଚ ଯାଏ ଦାୟିତ୍ୱ ନିର୍ବାହ କରିସାରିଛନ୍ତି।



❝ ରାଜ୍ୟ ସରକାର ଗୁରୁଦାୟିତ୍ୱ ଦେଇଛନ୍ତି। ଏହାକୁ ସୁଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରିବି।
**-ଜଷ୍ଟିସ ରଘୁନାଥ ବିଶ୍ୱାଳ, ରାଜ୍ୟ ଓବିସି କମିଶନ ଅଧ୍ୟକ୍ଷ**

- **ଜଷ୍ଟିସ ରଘୁନାଥ ବିଶ୍ୱାଳ ହେଲେ ଅଧ୍ୟକ୍ଷ**
- **୩ ପ୍ରଫେସର, ଜଣେ ସଚିବ ସଦସ୍ୟ**

ଅଧ୍ୟକ୍ଷ ବିଶ୍ୱାଳଙ୍କ ସମେତ ଏହି କମିଶନରେ ୩ ଜଣ ସଦସ୍ୟ ଏବଂ ଜଣେ ସଚିବ ସଦସ୍ୟ ରହିଛନ୍ତି। ଏମାନେ ହେଉଛନ୍ତି, ପ୍ରଫେସର ଡକ୍ଟର ନବନୀତା ରଥ, ପ୍ରଫେସର ଡକ୍ଟର ମିତାଲି ଚିନ୍ନାରା ଏବଂ ଡକ୍ଟର ପ୍ରସନ୍ନ କୁମାର ପାତ୍ର। ସେହିପରି ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଫିସର ବୀର ବିକ୍ରମ ଯାଦବ ସଚିବ ସଦସ୍ୟ ରହିଛନ୍ତି। ପ୍ରଫେସର ରଥ ଜଣେ ସମାଜ ବିଜ୍ଞାନୀ। ସେ ପଛୁଆ ବର୍ଗଙ୍କ ସମ୍ପର୍କିତ ବିଭିନ୍ନ ତଥ୍ୟ ଅନୁଶୀଳନ କରିବା ସହ ଗବେଷଣା କରିସାରିଛନ୍ତି। ପ୍ରଫେସର ଚିନ୍ନାରା ପ୍ରୟୋଗାତ୍ମକ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ସେହିଭଳି ଡକ୍ଟର ପାତ୍ର ଜଣେ ନୃତତ୍ତ୍ୱବିତ୍(ଆନ୍ଥ୍ରୋପୋଲୋଜିଷ୍ଟ)। ଉପରୋକ୍ତ ୩ ପ୍ରଫେସର ଉତ୍କଳ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ରାଜ୍ୟ ସରକାର 'ଓଡ଼ିଶା ଷ୍ଟେଟ କମିଶନ ଫର୍ ବ୍ୟାକୱାର୍ଡ କ୍ଲାସ ନିୟମ-୧୯୯୩'ରେ ଥିବା ନିୟମକୁ ଆଧାର କରି ଏହି କମିଶନ ପ୍ରଣୟନ କରିଥିବା ଜଣାପଡିଛି। ଏହାର ପ୍ରଥମ ଅଧ୍ୟାୟରେ କମିଶନଙ୍କ ବିଷୟରେ ସଂକ୍ଷିପ୍ତ ବିବରଣୀ ରହିଛି। ଏହି ନିୟମର ଦ୍ୱିତୀୟ ଅଧ୍ୟାୟରେ କମିଶନ ଗଠନ, ଏହାର ଅଧ୍ୟକ୍ଷ ଓ ସଦସ୍ୟ, କର୍ମଚାରୀ ଏବଂ ସେମାନଙ୍କ ପ୍ରାପ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେହିଭଳି ଖାଲିଥିବା ପଦବୀ, କମିଶନଙ୍କ କାର୍ଯ୍ୟସାରଣୀକୁ ରଦ୍ଦ ନ କରିବା ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତୃତୀୟ ଭାଗରେ କମିଶନଙ୍କ କାର୍ଯ୍ୟ, କ୍ଷମତା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପିରିୟଡିକ୍ ରିଭିଜନ୍ ଲିଷ୍ଟ ସମ୍ପର୍କରେ ନିୟମ ସନ୍ନିବେଶିତ କରାଯାଇଛି। ଚତୁର୍ଥ ଭାଗରେ ସରକାରୀ ଅନୁଦାନ, ବାର୍ଷିକ ଅଡିଟ୍, ବାର୍ଷିକ ବିବରଣୀ ଏବଂ ଓଡ଼ିଶା ବିଧାନସଭାରେ ଉପସ୍ଥାପନ ହେବାକୁ ବିଭିନ୍ନ ରିପୋର୍ଟ ସମ୍ପର୍କିତ ନିୟମ ଉଲ୍ଲେଖ କରାଯାଇଛି। ସେହିଭଳି ପଞ୍ଚମ ଭାଗରେ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷମତା, ନିୟମ ପ୍ରଣୟନ ବିଧି ସମ୍ପର୍କରେ ଉଲ୍ଲେଖ କରାଯାଇଛି। କମିଶନ ଅଧ୍ୟକ୍ଷଭାବେ ନିଯୁକ୍ତ ହୋଇଥିବା ଜଷ୍ଟିସ ରଘୁନାଥ ବିଶ୍ୱାଳ କହିଛନ୍ତି ଯେ, ରାଜ୍ୟ ସରକାର ଗୁରୁ ଦାୟିତ୍ୱ ଦେଇଛନ୍ତି। ଏହାକୁ ସୂଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବି।

**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୯

**ଆଜିର ସମ୍ପାଦକୀୟ**

ବେଆଇନ ମାଂସ ଶିଳ୍ପ

**ଆଜିର ମନ୍ତବ୍ୟ**

❝ ସିଏଏ-ଏନ୍ଆରସି ତଥ୍ୟ ସଂଗ୍ରହ ପାଇଁ ବ୍ୟାଙ୍କ ଓ ପୋଷ୍ଟ ଅଫିସଗୁଡ଼ିକୁ ବ୍ୟବହାର କରାଯାଉଛି।
**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**


Vencobb FRESH CHICKEN — Taste the difference!

12.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 51 | 94 | 104 |
| CTC | 53 | 97 | 107 |
| DKL | 54 | 98 | 108 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 54 | 98 | 108 |
| BHM | 51 | 94 | 104 |

Issued in the Interest of Consumers
*Conditions Apply







# ଏଲ୍‌ପିଜି ସିଲିଣ୍ଡର ୧୪୪.୫ ଟଙ୍କା ବଢ଼ିଲା

**ନୂଆଦିଲ୍ଲୀ,୧୨।୨**

ରନ୍ଧନ ଗ୍ୟାସ ଏଲ୍‌ପିଜି ମୂଲ୍ୟରେ ବୁଧବାର ୧୪୪.୫ ଟଙ୍କା ବୃଦ୍ଧି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଦରବୃଦ୍ଧି ଯୋଗୁ ଦେଶରେ ଏହାର ପ୍ରଭାବ ଦେଖାଯାଇଛି। ପୂର୍ବରୁ ୧୪.୨ ଲିଟର ବିଶିଷ୍ଟ ସିଲିଣ୍ଡରର ମୂଲ୍ୟ ୭୧୪ ଟଙ୍କା ପଡୁଥିବାବେଳେ ଏହା ବର୍ତ୍ତମାନ ୮୫୮.୫୦ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି। ୨୦୧୪ ପରଠାରୁ ଏହା ସର୍ବୋଚ୍ଚ ସ୍ତରର ଅଭିବୃଦ୍ଧି ବୋଲି କୁହାଯାଉଛି। ୨୦୧୪ରେ ଏଲ୍‌ପିଜିର ସିଲିଣ୍ଡର ପିଛା ମୂଲ୍ୟ ୨୨୦ ଟଙ୍କା ବଢି ୧୨୪୧ ଟଙ୍କା ଛୁଇଁଥିଲା। ଏଲ୍‌ପିଜି ଉପଭୋକ୍ତାଙ୍କୁ ସିଲିଣ୍ଡର ପିଛା ସରକାର ପ୍ରଦାନ କରୁଥିବା ସବ୍‌ସିଡି ୧୫୩.୮୬ ଟଙ୍କାରୁ ୨୯୧.୪୮ ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ସବ୍‌ସିଡି ୧୭୪.୮୬ ଟଙ୍କାରୁ ୩୧୨.୪୮ ଟଙ୍କାକୁ ବଢିଛି।



ସବ୍‌ସିଡି ବାଦ ଲୋକମାନେ ସିଲିଣ୍ଡର ପିଛା ଏଲ୍‌ପିଜି ଲାଗି ୫୬୭.୦୨ ଟଙ୍କା ଏବଂ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନେ ୫୪୬.୦୨ ଟଙ୍କା ଦେବେ। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଏଲ୍‌ପିଜି ସିଲିଣ୍ଡର ପିଛା ମୂଲ୍ୟ ୧୪୮.୫୦ ଟଙ୍କା ବଢି ୭୪୬.୫୦ ଟଙ୍କାରୁ ୮୯୫ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

# ରାସ୍ତାରେ ୧୨ଘଣ୍ଟାର ଯନ୍ତ୍ରଣା



ପୋଲ ଉପରେ ଧାନ ବୋଝେଇ ଟ୍ରକ୍ ଫସି ରହିଛି।

**ସମ୍ବଲପୁର/ରେଢାଖୋଲ, ୧୨।୨(ଡି.ଏନ.ଏ./ବ୍ୟୁରୋ)**

- **ପୋଲରେ ଝୁଲି ରହିଲା ଧାନ ବୋଝେଇ ଟ୍ରକ୍**
- **ପାଣି, ଖାଦ୍ୟ ପାଇଁ ରାତ୍ରି ବସ୍ ଯାତ୍ରୀ କଲବଲ**
- **କାର୍‌ବାଲା ଲାଭବାନ, ପୋଲିସ ନାକେଦମ୍**
- **ଅଟକି ରହିଲା ଆମ୍ବୁଲାନ୍ସ**
- **ଧାନ ଚୋରା ଚାଲାଣ ସନ୍ଦେହ**

ସମ୍ବଲପୁର ଜିଲା ରେଢାଖୋଲରୁ ପ୍ରାୟ ୧୦କି.ମି. ଦୂର ଚାରମାଲ ଥାନା ଅଧୀନ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥରେ ମଙ୍ଗଳବାର ରାତିରୁ ବୁଧବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଯାତ୍ରୀ ଯନ୍ତ୍ରଣା ଭୋଗିଛନ୍ତି। ୭୦୦ବସ୍ତା ଧାନ ଧରି ଜଗତ୍‌ସିଂହପୁରରୁ ସମ୍ବଲପୁର ଯାଉଥିବା ଏକ ଟ୍ରକ୍ (ଓଆର୨୧ବି-୧୧୯୫) ଅଣଓସାରିଆ ଖଳଖଳିଆ ପୋଲ ଉପରେ ମଙ୍ଗଳବାର ରାତି ପ୍ରାୟ ୧୦ଟାବେଳେ ଭାରସାମ୍ୟ ହରାଇ ଫସି ଯାଇଥିଲା। ଏହାଦ୍ୱାରା ପ୍ରାୟ ୧୨ ଘଣ୍ଟାଧରି ଏହି ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଚାରମାଲ ଥାନା ଅଧିକାରୀ ବସନ୍ତ କୁମାର ଦଳାଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ଟ୍ରକ୍‌ଟି ଏଭଳି ପରିସ୍ଥିତିରେ ପୋଲ ଉପରେ ଫସି ରହିଥିଲା ଯେ, ରାତିରେ ତାହାକୁ ବାହାର କରିବା ସମ୍ଭବ ହୋଇ ପାରି ନ ଥିଲା। ସମ୍ବଲପୁର, ବରଗଡ, ପଦ୍ମପୁର, ଝାରସୁଗୁଡା, ବେଲପାହାଡ, ସୁନ୍ଦରଗଡ, ରାଉରକେଲା ଆଦି ସହରରୁ ଭୁବନେଶ୍ୱର, କଟକକୁ ଯାଉଥିବା ରାତ୍ରିକାଳୀନ ବସ୍‌ଗୁଡିକ ରାତିରେ ସେମିତି ରାସ୍ତାରେ ଅଟକି ରହିଥିଲା। ସେହିଭଳି ଭୁବନେଶ୍ୱର-କଟକରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଉଥିବା ରାତ୍ରିକାଳୀନ ବସ୍‌ଗୁଡିକ ମଧ୍ୟ ଅଟକି ରହିଥିଲା। ଏହାଫଳରେ ଯାତ୍ରୀ ପାଣି ଓ ଖାଦ୍ୟ ପାଇଁ କଲବଲ ହୋଇଥିଲେ। ଶୀତରାତିରେ ଯାତ୍ରୀ କଷ୍ଟ ପାଇଥିଲେ ବି କିଛି କରିବା ସମ୍ଭବ ନ ଥିଲା। ଅବଶ୍ୟ କେତେକ ଯାତ୍ରୀ କାର୍ ଭଡା କରି ସମ୍ବଲପୁର ଯାଇଥିଲେ। ଜରୁରୀ କାମ ଥିବା ଆଉ କେତେକ ଯାତ୍ରୀ ରେଢାଖୋଲ ରେଳ ଷ୍ଟେଶନକୁ ଯାଇ ଦୁର୍ଗ-ପୁରୀ ଟ୍ରେନ୍ ଯୋଗେ ଯାଇଥିଲେ। ସେହିଭଳି କାର, ଅଟୋ ଭଳି ଛୋଟ ଯାନଗୁଡିକ ଚାରମାଲ ଫେରି ବିଭିନ୍ନ ରାସ୍ତା ଦେଇ ଯାଇଥିଲେ। ଯାତ୍ରୀବାହୀ ବସ୍ ଓ ମାଲ ବୋଝେଇ ଟ୍ରକ୍‌ଗୁଡିକ ☞ ପୃଷ୍ଠା-୪




LOWE LINTAS | SAATCHI & SAATCHI



ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ଖ୍ୟାତନାମା ଫେଶନ ଡିଜାଇନର ତଥା ଲେଖକ ୱେଣ୍ଡେଲ୍ ରୋଡ୍ରିକ୍ସଙ୍କର ବୁଧବାର ତାଙ୍କ ଗୋଆ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ଅନେକ ସାମାଜିକ କ୍ଷେତ୍ରକୁ ତାଙ୍କର ଅବଦାନ ରହିଛି। ବଲିଉଡ୍ ସେଲିବ୍ରିଟିମାନଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

# ହଫିଜ୍ ସୟିଦଙ୍କୁ ୧୧ ବର୍ଷ ଜେଲ

**ଲାହୋର,୧୨।୨(ପି.ଟି.)**



୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜମାତ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ ହଫିଜ ସୟିଦଙ୍କୁ ପାକିସ୍ତାନର ଏକ ଅଦାଲତ ୧୧ ବର୍ଷ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ସମ୍ପର୍କିତ ଦୁଇଟି ମାମଲାରେ ହଫିଜଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଏହି ଦଣ୍ଡାଦେଶ ଦିଆଯାଇଛି। ଏହି ମାମଲାରେ ତାଙ୍କୁ ଗତବର୍ଷ ଜୁଲାଇ ୧୭ରେ ଗିରଫ କରାଯାଇ ଲାହୋରର କୋଟ୍ ଲଖପତ୍ ଜେଲ୍‌ରେ କଡ଼ା ସୁରକ୍ଷା ବଳୟରେ ରଖାଯାଇଥିଲା। ପ୍ରତି ମାମଲାରେ ଅଦାଲତ ହଫିଜଙ୍କୁ ୫ ବର୍ଷ ୬ ମାସ ଲେଖାଏ ଜେଲ୍‌ଦଣ୍ଡ ଏବଂ ୧୫,୦୦୦ ଟଙ୍କା ଅର୍ଥଦଣ୍ଡ ଶୁଣାଇଛନ୍ତି। ଡିସେମ୍ବର ୧୧ରେ ଆତଙ୍କବାଦ ନିରୋଧୀ ଅଦାଲତ (ଏଟିସି) ହଫିଜ୍ ଓ ତାଙ୍କ ସହଯୋଗୀମାନଙ୍କୁ ଦୋଷୀ ଦର୍ଶାଇଥିଲା। ଗତ ଶନିବାର ଏଟିସି ଜଜ୍ ଅର୍ସାଦ୍ ହୁସେନ୍ ଭଟ୍ଟ ମାମଲାର ଶୁଣାଣି କରି ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ। ହଫିଜ୍ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ବିଭାଗ (ସିଟିଡି) ପକ୍ଷରୁ ୨୩ଟି ଏତଲା ଦାଏର ହୋଇଥିଲା ଏବଂ ଏଟିସିରେ ୨୦ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ।

## ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା

୨୦୧୯ ଜାନୁୟାରୀ ୧ରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଜାତୀୟ ସୁରକ୍ଷା କମିଟି ବୈଠକ ବସି ହଫିଜ୍‌ଙ୍କ ବିରୋଧରେ କଟକଣା ଲଗାଇବା ପରେ ସିଟିଡି ପକ୍ଷରୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିଲା। ଜାତିସଂଘ ସୁରକ୍ଷା ପରିଷଦ ୨୦୦୮ରେ ହଫିଜ୍‌ଙ୍କୁ ଆତଙ୍କବାଦୀ ଘୋଷଣା କରିଥିବାବେଳେ ଆମେରିକା ତାଙ୍କୁ ବିଶ୍ୱ ଆତଙ୍କବାଦୀର ଆଖ୍ୟା ଦେଇଥିଲା। ତାଙ୍କୁ ଆଇନର କାଠଗଡ଼ାକୁ ଆଣିବା ପାଇଁ ସୂଚନାଦାତାଙ୍କୁ ୧୦ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ୨୦୧୨ରେ ଆମେରିକା ଘୋଷଣା କରିଥିଲା।

## ୪ ଜେଇଏମ୍ ଆତଙ୍କବାଦୀଙ୍କ ବିରୋଧରେ ଚାର୍ଜଶିଟ୍

**ନୂଆଦିଲ୍ଲୀ,୧୨।୨(ପି.ଟି.)**



ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣର ପାକିସ୍ତାନୀ ମାଷ୍ଟରମାଇଣ୍ଡଙ୍କ ୪ ସହଯୋଗୀ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବୁଧବାର ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଗତବର୍ଷ ସେପ୍ଟେମ୍ବରରେ ଦାଖଲ ଚାର୍ଜଶିଟ୍‌ରେ ପୁଲ୍‌ୱାମା ଆକ୍ରମଣ ମାଷ୍ଟରମାଇଣ୍ଡ ମୁଦାସିର୍ ଅହମଦ ଖାନ୍‌ଙ୍କ ଘନିଷ୍ଠ ସହଯୋଗୀ ଜେଇଏମ୍ ସଦସ୍ୟ ସଜ୍ଜାଦ ଅହମଦ ଖାନ୍ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚିଥିବା କୁହାଯାଇଥିଲା। ବୁଧବାର ୪ ଜେଇଏମ୍ ସଦସ୍ୟଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର, ଭାରତ ସରକାରଙ୍କ ବିରୋଧରେ ଯୁଦ୍ଧ ଆହ୍ୱାନ କରିବା ବା ଯୁଦ୍ଧଭଳି ସ୍ଥିତି ସୃଷ୍ଟି କରିବା ଏବଂ ବେଆଇନ

### ପୁଲ୍‌ୱାମା ଆକ୍ରମଣ

କାର୍ଯ୍ୟକଳାପ (ପ୍ରତିକାର) ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ସେମାନେ ହେଲେ ସଜ୍ଜାଦ ଅହମଦ ଖାନ୍, ବିଲାଲ ଅହମଦ ମୀର, ଇଶ୍‌ଫାକ୍ ଅହମଦ ଭଟ୍ଟ ଏବଂ ମେହରାଜ-ଉଦ୍-ଦିନ୍ ଚୋପାନ। ସମସ୍ତେ ପୁଲ୍‌ୱାମା ବାସିନ୍ଦା। ଗତବର୍ଷ ମାର୍ଚ୍ଚରେ ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ମୁଦାସିର ନିହତ ହେବା ପରେ ତାଙ୍କ ବିରୋଧରେ ଅଭିଯୋଗ ପ୍ରତ୍ୟାହାର କରିନିଆଯାଇଛି।

## ପଞ୍ଜାବ ଦେଇ କଶ୍ମୀରକୁ ଅସ୍ତ୍ର ଚୋରାଚାଲାଣ କରୁଛି ପାକ୍

**ନୂଆଦିଲ୍ଲୀ,୧୨।୨(ଆଇଏଏନ୍‌ଏସ୍)**

ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ପାକିସ୍ତାନ ସରକାରଙ୍କ ଉପରେ ଚାପ ପକାଉଥିବାବେଳେ ଏବେ ସେଠାରୁ ପଞ୍ଜାବ ଦେଇ କଶ୍ମୀରକୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ହେଉଥିବା ଜଣାପଡିଛି। ଗତବର୍ଷ ଫେବୃୟାରୀରେ ପୁଲ୍‌ୱାମା ଆତ୍ମଘାତୀ ଆକ୍ରମଣ ପରେ କଶ୍ମୀରକୁ ଚାଲାଣ ହେଉଥିବା ଅନେକ ଅସ୍ତ୍ର ପଞ୍ଜାବରେ ଜବତ ହୋଇଛି। ଜମ୍ମୁ-କଶ୍ମୀରରୁ ୩୭୦ ଉଚ୍ଛେଦ ପରେ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିବାରୁ ପାକିସ୍ତାନରୁ ଚାଇନା ଡ୍ରୋନ୍ ଦ୍ୱାରା ପଞ୍ଜାବରେ ଅସ୍ତ୍ର ଓ ଯୋଗାଯୋଗ ଉପକରଣ ପକାଯାଉଛି। ଗତ କିଛିମାସ ମଧ୍ୟରେ ଡ୍ରୋନ୍ ଦ୍ୱାରା ୮୦ କିଲୋଗ୍ରାମ ଯୁଦ୍ଧାସ୍ତ୍ର ପକାଯାଇଥିବା ଏକ ସୂତ୍ରରୁ ଜଣାପଡିଛି। ପଞ୍ଜାବ-ଜମ୍ମୁ ସୀମାରେ ଥିବା ଲଖନପୁରରୁ ୧୫ଟି ଏକେ-୪୭ ରାଇଫଲ, ବହୁସଂଖ୍ୟାରେ ପିସ୍ତଲ ଓ ଗୁଳି ଏବଂ ସାଟେଲାଇଟ୍ ଫୋନ୍ ଜବତ ହୋଇଛି। ଏଥିସହିତ ପାକିସ୍ତାନରୁ ଜାଲ୍ ଭାରତୀୟ ନୋଟ ମଧ୍ୟ ଏହି ବାଟ ଦେଇ ଆସୁଥିବାବେଳେ ଧରାପଡ଼ିଛି।



ବିଶ୍ୱର ସବୁଠୁ ବୟସ୍କ ପୁରୁଷଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି ଜାପାନର ୧୧୨ ବର୍ଷୀୟ ଚିଟେସୁ ୱାଟାନାବେ।

## ଅହମଦାବାଦରେ ହେବ 'କେମ୍ ଛୋ ଟ୍ରମ୍ପ୍' କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୧୨।୨(ଆଇଏଏନ୍‌ଏସ୍)**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଗାମୀ ୨୪ ଓ ୨୫ ତାରିଖରେ ଭାରତ ଗସ୍ତରେ ଆସୁଥିବାବେଳେ ତାଙ୍କୁ ଗୁଜରାଟରେ ରେଡ୍ କାର୍ପେଟ ସ୍ୱାଗତ ଲାଗି ବ୍ୟାପକ ଆୟୋଜନ ହେଉଥିବା

### ଆମେରିକା ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ଲାଗି ପ୍ରସ୍ତୁତି

ଜଣାପଡିଛି। ଗତବର୍ଷ ହ୍ୟୁଷ୍ଟନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱାଗତ ଲାଗି ଆମେରିକା ସରକାର 'ହାଓଡି ମୋଦି' କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଗୁଜରାଟରେ ଟ୍ରମ୍ପ୍ ଓ ତାଙ୍କ ପତ୍ନୀ ମେଲାନିଆଙ୍କୁ ତାହାଠାରୁ ବଡ଼ ଧରଣର ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମର ନାଁ ରଖାଯାଇଛି, 'କେମ୍ ଛୋ, ଟ୍ରମ୍ପ୍'। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ଟ୍ରମ୍ପ୍‌ଙ୍କ ଏହି ଗସ୍ତ ସ୍ୱତନ୍ତ୍ର। ଏହା ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଏକ ନୂତନ ସୋପାନକୁ ନେଇଯିବ ବୋଲି ମୋଦି ଟୁଇଟ୍ କରିଛନ୍ତି। ଟ୍ରମ୍ପ୍ ମଧ୍ୟ ଅହମଦାବାଦ ସ୍ୱାଗତ ସମ୍ବର୍ଦ୍ଧନା ସମ୍ପର୍କରେ ୱାଶିଂଟନ ଡିସିଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଯୋଗଦେବେ ବୋଲି ମୋଦି ଜଣାଇଥିବା ଟ୍ରମ୍ପ୍ କହିଛନ୍ତି।

## କଶ୍ମୀରରେ ବିଦେଶୀ କୂଟନୀତିଜ୍ଞ

**ଶ୍ରୀନଗର,୧୨।୨(ପି.ଟି.)**



ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦର ୬ ମାସ ପରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ ପାଇଁ ବୁଧବାର ଦ୍ୱିତୀୟ ବ୍ୟାଚ୍ ବିଦେଶୀ କୂଟନୀତିଜ୍ଞ ଟିମ୍ ସେଠାରେ ପହଞ୍ଚିଛି। ୨୦ଟି ଦେଶର ଏହି କୂଟନୀତିଜ୍ଞ ପୂର୍ବାହ୍ନ ୧୧ଟାରେ ଶ୍ରୀନଗର ବିମାନବନ୍ଦରରେ ପହଞ୍ଚିଥିଲେ ହେଁ ପ୍ରତିକୂଳ ପାଗ ଯୋଗୁ ବାରମୁଲା ଯାଇ ନ ପାରି ବୁଲେଭାର୍ଡ ରୋଡ୍ ପାର୍ଶ୍ୱରେ ଥିବା ଏକ ହୋଟେଲରେ ରହିଛନ୍ତି। ଏହି ପ୍ରତିନିଧି ଦଳରେ ୟୁରୋପୀୟ ସଂଘ ସମେତ ଦକ୍ଷିଣ ଆମେରିକା ଓ ଉପସାଗରୀୟ ରାଷ୍ଟ୍ରଗୁଡ଼ିକର କୂଟନୀତିଜ୍ଞମାନେ ଅଛନ୍ତି।

ବିଦେଶୀ ପ୍ରତିନିଧିଙ୍କ ଗସ୍ତକୁ ନେଇ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ଝିଅ ଇଲ୍‌ତିଜା ମୁଫ୍‌ତି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଉପତ୍ୟକାରେ ଇଣ୍ଟରନେଟ ବନ୍ଦ ଏବଂ ରାଜନୈତିକ ନେତାମାନଙ୍କୁ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)ରେ ଅଟକ ସମ୍ପର୍କରେ ସେମାନେ ସରକାରଙ୍କୁ ପ୍ରଶ୍ନ କରିବା ଆବଶ୍ୟକ ବୋଲି ଇଲ୍‌ତିଜା କହିଛନ୍ତି। ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଦ୍ୱିତୀୟ ଥର ପାଇଁ ସେଠାକୁ ବିଦେଶୀ କୂଟନୀତିଜ୍ଞ ଦଳ ଆସିଛନ୍ତି। ସେମାନେ ସ୍ଥାନୀୟ ପ୍ରତିନିଧି ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକମାନଙ୍କ ସହ ଆଲୋଚନା କରିବେ। ଜାନୁୟାରୀରେ ଆମେରିକା ରାଷ୍ଟ୍ରଦୂତ କେନେଥ୍ ଜଷ୍ଟରଙ୍କ ସମେତ ୧୫ ଜଣ କୂଟନୀତିଜ୍ଞ ଉପତ୍ୟକା ଗସ୍ତରେ ଆସିଥିଲେ।

## ଗୃହମନ୍ତ୍ରୀ ପଦରୁ ଭାଇଙ୍କୁ ବିଦାକଲେ ମେଘାଳୟ ମୁଖ୍ୟମନ୍ତ୍ରୀ

**ଶିଲଂ,୧୨।୨(ପି.ଟି.)**

ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ କେ. ସଙ୍ଗ୍‌ମା ବୁଧବାର ତାଙ୍କ ମନ୍ତ୍ରିମଣ୍ଡଳରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ସେ ତାଙ୍କ ଭାଇ ଜେମ୍ସ କେ. ସଙ୍ଗ୍‌ମାଙ୍କୁ ଗୃହମନ୍ତ୍ରୀ ପଦରୁ ହଟାଇଦେଇଛନ୍ତି। ଏଥିସହିତ ତାଙ୍କ ହାତରୁ ଜିଲାପରିଷଦ ବ୍ୟାପାର ବିଭାଗକୁ ମଧ୍ୟ କାଢ଼ିନିଆଯାଇଛି। ଜେମ୍ସଙ୍କୁ ଗୃହମନ୍ତ୍ରୀ ପଦ ଦିଆଯାଇଥିବାରୁ ଅନ୍ୟ ମନ୍ତ୍ରୀମାନେ ଅସନ୍ତୁଷ୍ଟ ଥିଲେ। ବେଆଇନ କୋଇଲା ପରିବହନରେ ସମ୍ପୃକ୍ତ ଜେମ୍ସଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବା ପାଇଁ ମେଣ୍ଟ ସରକାରର ସହଯୋଗୀ ଦଳ ଦାବି କରୁଥିଲେ। ତେବେ ଜେମ୍ସଙ୍କ ହାତରେ ଶକ୍ତି, ଖାଦ୍ୟ, ସାଧାରଣ ଯୋଗାଣ, ଖାଉଟି ବ୍ୟାପାର ଓ ଆଇନ ବିଭାଗ ପୂର୍ବଭଳି ରହିଛି।

## ଏନ୍‌ଆର୍‌ସି ତାଲିକାରେ ଜାଲିଆତି ଅଭିଯୋଗ

**ଗୁଆହାଟୀ,୧୨।୨(ପି.ଟି.)**

ଆସାମର ଚୂଡ଼ାନ୍ତ ଏନ୍‌ଆର୍‌ସି ତାଲିକାରେ ଜାଲିଆତି ହୋଇଥିବା ଆସାମ ପବ୍ଲିକ୍ ୱାର୍କସ୍ (ଏପିଡବ୍ଲ୍ୟୁ) ନାମକ ଏନ୍‌ଜିଓ ଅଭିଯୋଗ କରିଛି। ପୂର୍ବତନ ଏନ୍‌ଆର୍‌ସି ରାଜ୍ୟ ସଂଯୋଜକ ପ୍ରତୀକ ହାଜେଲା ଜାଲିଆତି କରି ଚୂଡ଼ାନ୍ତ ତାଲିକାରୁ ଦୁଇଜଣଙ୍କୁ ବାଦ୍ ଦେଇଥିବା ଏପିଡବ୍ଲ୍ୟୁ ରାଜ୍ୟ ସିଆଇଡି ନିକଟରେ ଅଭିଯୋଗ କରିଛି। ହାଜେଲା କ୍ଷମତାର ଦୁରୁପଯୋଗ କରିଥିବାରୁ ଏହାକୁ ସାଇବର ଅପରାଧ ଭାବେ ଗ୍ରହଣ କରିବାକୁ ଏପିଡବ୍ଲ୍ୟୁ ଦାବି କରିଛି।

## ପରିବାରର ୫ ସଦସ୍ୟଙ୍କ ମୃତଦେହ ଉଦ୍ଧାର

**ନୂଆଦିଲ୍ଲୀ,୧୨।୨(ପି.ଟି.)**



ଉତ୍ତରପୂର୍ବ ଦିଲ୍ଲୀର ଭଜନପୁରା ଅଞ୍ଚଳରେ ଏକ ଘରୁ ବୁଧବାର ସକାଳେ ପରିବାରର ୫ ସଦସ୍ୟଙ୍କ ଗଳିତ ମୃତଦେହ ରହସ୍ୟମୟ ସ୍ଥିତିରେ ଉଦ୍ଧାର ହୋଇଛି। ମୃତକମାନେ ହେଲେ ଇ-ରିକ୍ସା ଡ୍ରାଇଭର ଶମ୍ଭୁ ଚୌଧୁରୀ(୪୩), ତାଙ୍କ ସ୍ତ୍ରୀ ସୁନୀତା (୩୭) ଓ ୩ ପିଲା ଶିବମ୍ (୧୭), ସଚିନ (୧୪) ଏବଂ କୋମଲ (୧୨)। ଘରୁ ଦୁର୍ଗନ୍ଧ ଆସୁଥିବାର ଜଣେ ପଡୋଶୀ ପୋଲିସକୁ ଫୋନ୍ କରି ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ୫ଟି ଗଳିତ ଶବ ପଡ଼ିରହିଥିବା ଦେଖିବାକୁ ପାଇଥିଲା। ସେଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଘଟଣାସ୍ଥଳରେ ଫୋରେନ୍‌ସିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କରୁଥିବା ଡିସିପି ବେଦପ୍ରକାଶ ସୂର୍ଯ୍ୟ କହିଛନ୍ତି। ଘଟଣାସ୍ଥଳରୁ କୌଣସି ସୁଇସାଇଡାଲ ନୋଟ ଜବତ ହୋଇନାହିଁ। ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି, ଶମ୍ଭୁ ଭଜନପୁରା ଅଞ୍ଚଳରେ ଇ-ରିକ୍ସା ଚଳାଇ ପରିବାର ପୋଷଣ କରୁଥିଲେ। ତାଙ୍କ ଘର ବିହାରର ସୁପୋଲ ଜିଲାରେ ହୋଇଥିବାବେଳେ ୫ ମାସ ହେଲା ଭଜନପୁରା ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ ବୋଲି ଡିସିପି କହିଛନ୍ତି। ଘର ଭିତର ପଟୁ ବନ୍ଦ ଥିବାରୁ ଆର୍ଥିକ ସମସ୍ୟାକୁ ନେଇ ପରିବାର ମୁଖ୍ୟ ଅନ୍ୟ ସଦସ୍ୟମାନଙ୍କୁ ହତ୍ୟାକରିବା ପରେ ନିଜେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଘର ଭିତରକୁ କେହି ବଳପୂର୍ବକ ପଶିବା କିମ୍ବା ଡକାୟତି କରିବାର କୌଣସି ସୂଚନା ମିଳିନାହିଁ। ୪/୫ ଦିନ ପୂର୍ବରୁ ଏହି ମୃତ୍ୟୁ ଘଟିଥିବା କୁହାଯାଉଛି।

ସୂଚନାଯୋଗ୍ୟ ୨୦୧୮ ଜୁଲାଇ ୧ରେ ଦିଲ୍ଲୀର ବୁରାରୀ ଅଞ୍ଚଳରେ ଏକ ଘରୁ ରହସ୍ୟଜନକ ଭାବେ ପରିବାରର ୧୧ ଜଣଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ସେମାନଙ୍କ ହାତଗୋଡ ବନ୍ଧାଯିବା ସହ ଆଖିରେ ପଟି ଲଗାଯାଇଥିଲା। ଏହି ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ସେମାନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲା। ତେବେ ଘଟଣାସ୍ଥଳରୁ ମିଳିଥିବା ଏକ ରହସ୍ୟମୟ ଡାଇରିରୁ ପରିବାର ସଦସ୍ୟମାନେ ଗଣଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା।

## ୧୬ରେ ଶପଥ ନେବେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୨।୨(ପି.ଟି.)**



ନିର୍ବାଚନରେ ବିପୁଳ ବିଜୟ ହାସଲକରିବା ପରେ ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ ଫେବୃୟାରୀ ୧୬ରେ ରାମ୍‌ଲୀଳା ମଇଦାନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ଏହି ସମାରୋହ ସର୍ବସାଧାରଣଙ୍କ ଲାଗି ଖୋଲାରହିବ। ଏହି କାର୍ଯ୍ୟକ୍ରମରେ ସମସ୍ତ କ୍ୟାବିନେଟ ମନ୍ତ୍ରୀ ଶପଥଗ୍ରହଣ କରିବେ। ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଏଏପି ନେତା ମନୀଷ୍ ସିସୋଡିଆ ବୁଧବାର ଏହା ପ୍ରକାଶ କରିଛନ୍ତି।

ରବିବାର ପୂର୍ବାହ୍ନ ୧୦ଟାରେ ଶପଥଗ୍ରହଣ ଉତ୍ସବ ଆରମ୍ଭ ହେବ। ତୃତୀୟ ଥର ଲାଗି କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ପୂର୍ବରୁ ଦଳୀୟ ବୈଠକରେ କେଜ୍‌ରିୱାଲଙ୍କୁ ବିଧାୟକ ଦଳ ନେତା ଭାବେ ବଛାଯାଇ ସାରିଛି। ପ୍ରକାଶଥାଉ କି, ଦିଲ୍ଲୀ ବିଧାନସଭା ନିର୍ବାଚନରେ ମୋଟ ୭୦ ଆସନ ମଧ୍ୟରୁ ଏଏପିକୁ ୬୨ ଆସନ ମିଳିଥିବାବେଳେ ଭାଜପାକୁ ୮ଟି ଆସନ ମିଳିଥିଲା। କଂଗ୍ରେସ ଖାତା ଖୋଲିବାରେ ପୂର୍ବଥର ଭଳି ବିଫଳ ହୋଇଥିଲା।

## ପି.ସି. ଚାକୋଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୨।୨(ପି.ଟି.)**



ଶୀଳା ଦୀକ୍ଷିତ ପି.ସି. ଚାକୋ

ଦିଲ୍ଲୀ ନିର୍ବାଚନରେ କଂଗ୍ରେସର ଦୟନୀୟ ପ୍ରଦର୍ଶନକୁ ନେଇ ଏଆଇସିସି ଦିଲ୍ଲୀ ଦାୟିତ୍ୱରେ ଥିବା କଂଗ୍ରେସ ନେତା ପି.ସି. ଚାକୋ ନିଜକୁ ଦାୟୀ କରିବା ସହ ନୈତିକତା ଦୃଷ୍ଟିରୁ ବୁଧବାର ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ନିଜର ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦିଲ୍ଲୀ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଦଳୀୟ ନେତାଙ୍କ ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଛି। ପି.ସି. ଚାକୋ ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଳା ଦୀକ୍ଷିତଙ୍କ ଉପରେ ଦୋଷ ଲଦିଛନ୍ତି। ୨୦୧୩ ଶୀଳାଙ୍କ ସମୟରୁ କଂଗ୍ରେସ ଦୁର୍ବଳ ପ୍ରଦର୍ଶନ କରିଆସୁଛି। ତା' ପରଠାରୁ କଂଗ୍ରେସ ତଳକୁ ତଳକୁ ଖସିଚାଲିଛି। ଚାକୋଙ୍କ ମନ୍ତବ୍ୟକୁ ନେଇ ଦଳର ନେତା ମିଲିନ୍ଦ ଦେଓରା ସମାଲୋଚନା କରିଛନ୍ତି।

### [ଇତିହାସର ଆଇନାରେ] ଫେବୃୟାରୀ ୧୩ର ପ୍ରମୁଖ ଘଟଣା

୨୦୦୧ ଫେବୃୟାରୀ ୧୩ରେ ଏଲ୍ ସାଲ୍‌ଭାଡରରେ ଭୂକମ୍ପ ହେବାରୁ ୯୪୦ ଜଣ ପ୍ରାଣ ହରାଇଥିଲେ। ୧୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାବେଳେ ୫ ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ।

୨୦୧୦ ଫେବୃୟାରୀ ୧୩ରେ ମହାରାଷ୍ଟ୍ରର ପୁଣେ ସହରରେ ଆତଙ୍କବାଦୀଙ୍କ ବୋମା ବିସ୍ଫୋରଣରେ ୧୭ ଜଣଙ୍କ ପ୍ରାଣହାନି ଘଟିଥିଲା। କେତେକ ବିଦେଶୀ ନାଗରିକଙ୍କ ସମେତ ୬୦ ଆହତ ହୋଇଥିଲେ।

# ୟୁରୋପ ଜାଣୁ ଚାଇନା କ'ଣ

ୟୁରୋପର ଜନସାଧାରଣ, ୟୁରୋପର ରାଜନେତା କିମ୍ବା ବ୍ୟବସାୟୀମାନେ କେହି ବି ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ଧମକକୁ ସମ୍ପୂର୍ଣ୍ଣ ଭାବେ ବୁଝିପାରୁନାହାନ୍ତି। ଯଦିଓ ଏକଛତ୍ରବାଦୀ ଜିନ୍‌ପିଙ୍ଗ୍ ଚାଇନାକୁ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ନିଜ ଦେଶକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିଛନ୍ତି, ତଥାପି ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଚାଇନାକୁ ପ୍ରାରମ୍ଭରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ସହଯୋଗୀ ମାନ୍ୟତା ଦେଇଛନ୍ତି। ଜିନ୍‌ପିଙ୍ଗ୍ ରାଷ୍ଟ୍ରପତି ଓ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ସାଧାରଣ ସମ୍ପାଦକ ହେବା ପରଠୁ ଯେଉଁ ମୂଲ୍ୟବୋଧ ଆଧାରରେ ୟୁରୋପୀୟ ସଂଘ (ଇୟୁ) ଗଢ଼ି ଉଠିଥିଲା, ତାହାକୁ ବିରୋଧ କରାଯାଉଛି। ହେଲେ ଇୟୁରୁ ନିଜକୁ ଅଲଗା କରିବାକୁ ପ୍ରସ୍ତୁତ ବ୍ରିଟେନ୍ ଜିନ୍‌ପିଙ୍ଗଙ୍କୁ କୋଳେଇ ନେବା ଲାଗି ଅଧିକ ଆଗ୍ରହ ଦେଖାଇଛି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଶୀଘ୍ର ଇୟୁରୁ ଅଲଗା ହୋଇ ଏକ ମୁକ୍ତ ଅର୍ଥନୀତି ଆପଣାଇବାକୁ ଅଧିକ ଆଗ୍ରହୀ। ସେଥିପାଇଁ ସେ ଚାଇନା ଆଡ଼କୁ ଢଳି ସମ୍ଭାବ୍ୟ ସହଯୋଗୀ ହେବାକୁ ଚାହୁଁଛନ୍ତି। ଅନ୍ୟପଟେ ଚାଇନା ଓ ଆମେରିକା ବାଣିଜ୍ୟ ଯୁଦ୍ଧ ଦୁଇ ଦେଶ ମଧ୍ୟରେ ତିକ୍ତଭାବ ସୃଷ୍ଟି କରିଛି। ସେଥିଲାଗି ଟ୍ରମ୍ପ୍ ପ୍ରଶାସନ ଚାଇନାର ପ୍ରମୁଖ ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ହୁଓ୍ୱେଇ' ସମେତ ଅନେକ କମ୍ପାନୀର ଦ୍ରବ୍ୟ ବ୍ୟବହାର କରିବା ଉପରେ ନିଷେଧାଦେଶ ଜାରି କରିଛି। ଉଲ୍ଲେଖଯୋଗ୍ୟ, ହୁଓ୍ୱେଇ ଏବେ ବିଶ୍ୱରେ ଅନ୍ୟତମ ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଭାବେ ଉଭା ହୋଇଛି। ଏହାର ପ୍ରତିଷ୍ଠାତା ରେନ୍ ଝେଙ୍ଗଫେଇ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ଠାରୁ ବୈଷୟିକ ଶିକ୍ଷା ଗ୍ରହଣ କରିଥିଲେ। ଆଜି କମ୍ପାନୀକୁ ସର୍ବୋଚ୍ଚ ସ୍ତରକୁ ନେଇପାରିଥିବାରୁ ପିଏଲ୍‌ଏ ଏହାର ବୃହତ୍ ଖାଉଟି ପାଲଟିପାରିଛି।



ଜର୍ଜ ସୋରସ୍

୧୯୮୭ରେ ଯେତେବେଳେ ହୁଓ୍ୱେଇ ପ୍ରତିଷ୍ଠା ହେଲା, ସେତେବେଳେ ଏହାର ପ୍ରଯୁକ୍ତିବିଦ୍ୟାକୁ ରେନ୍ ବିଦେଶରୁ ମଗାଉଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଗବେଷକଙ୍କ ସହାୟତାରେ ଏହାକୁ ବିକଶିତ କରିବାରେ ସଫଳ ହୋଇଥିଲେ। ୧୯୯୩ ବେଳକୁ ଚାଇନାର ସବୁଠାରୁ କ୍ଷମତାସମ୍ପନ୍ନ ଟେଲିଫୋନ୍ ସୁଇଚ୍ ହୁଓ୍ୱେଇ ଦ୍ୱାରା ଉପଲବ୍ଧ ଥିଲା। ଏବେ ପିଏଲ୍‌ଏର ବରାଦ ଅନୁଯାୟୀ ପ୍ରଥମ ଜାତୀୟ ଟେଲିକମ୍ୟୁନିକେଶନ ନେଟ୍‌ୱାର୍କ ସ୍ଥାପନ ଲାଗି ହୁଓ୍ୱେଇ ଚୁକ୍ତି କରିଛି। ୨୦୦୫ରେ ହୁଓ୍ୱେଇର ରପ୍ତାନି ନିଜ ଦେଶରେ ବ୍ୟବହୃତ ଦ୍ରବ୍ୟକୁ ଟପିଯାଇଥିଲା। ଫଳରେ ୨୦୧୦ରେ ଏହା ଫର୍ଚ୍ଚୁନ୍ ପତ୍ରିକାର ୫୦୦ ବୃହତ୍ କମ୍ପାନୀ ତାଲିକାରେ ସାମିଲ ହୋଇଥିଲା।

ସେପଟେ ଇୟୁ ବର୍ତ୍ତମାନ ଜଳବାୟୁ ପରବର୍ତ୍ତନଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ୟୁରୋପୀୟ ସପକ୍ଷବାଦୀ ମତ ଦେଉଛନ୍ତି। କିନ୍ତୁ ବଜେଟକୁ ନେଇ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପରସ୍ପର ମଧ୍ୟରେ ଲଢ଼େଇ କରୁଛନ୍ତି। ସମ୍ପର୍କ ବଜାୟ ରଖିବା ଅପେକ୍ଷା ସେମାନେ ଜିନ୍‌ପିଙ୍ଗଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ୫ଜି ବଜାର ଉପରେ ହୁଓ୍ୱେଇର ଆଧିପତ୍ୟ ରହିଛି। ଆମେରିକା-ଇୟୁ କିମ୍ବା କେବଳ ଇୟୁ ହୁଓ୍ୱେଇ ବିରୋଧରେ ନ ଯାଇ ଏରିକ୍‌ସନ୍ ଓ ନୋକିଆ କମ୍ପାନୀକୁ ସୁଦୃଢ଼ କରିବା ଉଚିତ। ଆସନ୍ତା ସେପ୍ଟେମ୍ବରରେ ଜିନ୍‌ପିଙ୍ଗ୍ ଇୟୁ ସଦସ୍ୟ ରାଷ୍ଟ୍ରମୁଖ୍ୟ ସମୂହଙ୍କୁ ଭେଟିବାର ଅଛି। ତିବ୍ବତ, ଜିନ୍‌ଜିଆଙ୍ଗ ଏବଂ ହଂକଂରେ ମାନବାଧିକାର ସୁରକ୍ଷାରେ ବିଫଳତା ସମ୍ପର୍କରେ ପ୍ରଶ୍ନ କରା ନ ଗଲେ ଏହା ଜିନ୍‌ପିଙ୍ଗଙ୍କ ପାଇଁ ଏକ ଜରୁରୀ ରାଜନୈତିକ ବିଜୟ ଆଣିଦେବ। ଏ କଥା ୟୁରୋପୀୟମାନେ ବୁଝିବା ଦରକାର। ଜିନ୍‌ପିଙ୍ଗଙ୍କ ଭବିଷ୍ୟତ କେବଳ ଚାଇନାର ନେତୃବୃନ୍ଦ ସ୍ଥିର କରିପାରିବେ। କରୋନା ଭୂତାଣୁ ମାଡ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣାଧୀନ କରିବା ସମୟରେ ପରିଚାଳନାଗତ ଭୁଲ ଏତେ ଦୃଶ୍ୟମାନ ହେଉଛି ଯେ, ଚାଇନାବାସୀ ତଥା ପଲିଟ୍ ବ୍ୟୁରୋ ବୁଝିବା ଦରକାର। ଜିନ୍‌ପିଙ୍ଗଙ୍କ ରାଜନୈତିକ ଉତ୍ଥାନ ପାଇଁ ଇୟୁ ଜାଣିଶୁଣି ପ୍ରଶ୍ରୟ ଦେବା ଅନୁଚିତ।



“ ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



ସ୍ମାର୍ଟ ସିଟିର ସ୍ମାର୍ଟ ଲୋକ




# ଶ୍ରୀବିଗ୍ରହ ଚିତା ଲାଗିରେ ତ୍ରୁଟି

■ସୁଭଦ୍ରାଙ୍କ ମସ୍ତକର ଚିତା ବଙ୍କା ରହିଛି
■ସେବକଙ୍କ ଖାମଖିଆଲିକୁ ଦାୟୀ କଲେ ଶ୍ରଦ୍ଧାଳୁ

ପୁରୀ ଅଫିସ,୧୨।୨

ଶ୍ରୀବିଗ୍ରହଙ୍କ ଶ୍ରୀମସ୍ତକରେ ଲାଗିଥିବା ଚିତାରେ ରହିଛି ତ୍ରୁଟି। ସେବାୟତଙ୍କ ଖାମଖିଆଲି ଯୋଗୁ ଏପରି ହୋଇଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ଶ୍ରାବଣ ମାସ ଅମାବାସ୍ୟା ତିଥିରେ ପରମ୍ପରା ଅନୁଯାୟୀ ଦଇତାପତିମାନେ ମହାପ୍ରଭୁଙ୍କ ମସ୍ତକରେ ପୂର୍ବରୁ ଖୋଲା ଯାଇଥିବା ଦୁର୍ମୂଲ୍ୟ ଚିତା ଲାଗି କରିଥିଲେ। ଦେବୀ ସୁଭଦ୍ରାଙ୍କ ମାଣିକ୍ୟ ଖଚିତ ଚିତା ବଙ୍କା ରହିଥିବାବେଳେ ବଡ଼ଠାକୁର ବଳଭଦ୍ରଙ୍କ ଲୀଳା ଖଚିତ ଚିତା ତ୍ରୁଟିପୂର୍ଣ୍ଣ ରହିଛି। ମାତ୍ର ଶ୍ରୀଜଗନ୍ନାଥଙ୍କ ଦୁର୍ମୂଲ୍ୟ ହୀରା ଖଚିତ ଚିତା ଠିକ୍ ରହିଥିବା କୁହାଯାଉଛି। ତେବେ ଦେବୀ ସୁଭଦ୍ରାଙ୍କ ଚିତା ବଙ୍କା ଲାଗିବା ସବୁଠୁ ବଡ଼ ତ୍ରୁଟି ବୋଲି ଜଗନ୍ନାଥ ପରମ୍ପରାରେ ବିଚାର କରାଯାଉଛି। ତେବେ ଏହି ପ୍ରସଙ୍ଗ ବୁଧବାର ପଦାକୁ ଆସିବା ପରେ ଏଭଳି ତ୍ରୁଟି ହେଲା କିପରି, କିଏ କଲା ବୁଧବାର ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେହି ଏଭଳି ତ୍ରୁଟିକୁ ମାନିବାକୁ ରାଜି ନୁହଁନ୍ତି । ଏବେ ସେବାୟତମାନେ ପରସ୍ପର ମଧ୍ୟରେ ଦୋଷ ଠେଲାଠେଲି ହେଉଛନ୍ତି। କିଏ କହୁଛନ୍ତି ଚିତା ଲାଗି ହେବା ପରେ ଶୁଖିବାକୁ କିଛି ସମୟ ଲାଗେ। ଏହି ସମୟରେ ଯଦି କୌଣସି ସେବକଙ୍କ ହାତ ବାଜିଥିବ ତେବେ ତାହା ବଙ୍କା ହୋଇଯାଇଥିବ। ଅନ୍ୟ କେହି ଭିନ୍ନ କଥା କହି ଏହାକୁ ଚାପିବାକୁ ଚେଷ୍ଟା କରୁଛନ୍ତି। ଏହାକୁ ନେଇ ବାହାରେ ଆଲୋଚନା ହେବା ପରେ ସେବକଙ୍କ ଖାମଖିଆଲିକୁ ଶ୍ରଦ୍ଧାଳୁମାନେ ଦାୟୀ କରିଛନ୍ତି।

ପରମ୍ପରା ଅନୁସାରେ ମହାପ୍ରଭୁଙ୍କର ଚିତା ଲାଗି ପର୍ବ ଶ୍ରାବଣ ଅମାବାସ୍ୟାରେ ଅନୁଷ୍ଠିତ ହୋଇଥାଏ। ଗତବର୍ଷ ଅଗଷ୍ଟ ୧ ତାରିଖରେ ଚିତା ଲାଗି କରାଯାଇଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନେଇ ଖଟଶେଜ ଘରେ ବିଜେ କରାଯାଇଥିଲା। ଏହାପରେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡ ଠାକୁର, ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କୁ ଚିତା ଲାଗି କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଏବଂ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମସ୍ତକରେ ଚିତା ଲାଗି କରାଇଥିଲେ। ବିଧି ଅନୁଯାୟୀ, ଗତବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ବିରାଜମାନ କରିଥିଲେ। ଅଣସର ପିଣ୍ଡିରେ ଦଇତାପତିମାନେ ଶ୍ରୀବିଗ୍ରହଙ୍କ ଚିତାକୁ ପରମ୍ପରା ମୁତାବକ କାଢି ଦେଇଥିଲେ। ପରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ଦାରୁବିଗ୍ରହ ସୋଲ ଚିତା ପରିଧାନ କରି ନବଦିନାତ୍ମକ ଯାତ୍ରା କରିଥିଲେ। ହେଲେ ବର୍ତ୍ତମାନ ଚିତାକୁ ନେଇ ଯେଉଁ ତ୍ରୁଟି ପଦାକୁ ଆସିଛି ତାହାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏଭଳି ମନୁଷ୍ୟକୃତ ତ୍ରୁଟି ପାଇଁ ମହାପ୍ରଭୁ ଆସନ୍ତା ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ବଙ୍କା ଚିତା ପରିଧାନ କରିବେ।

ଏ ସମ୍ପର୍କରେ ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଆମେ ଚିତା ଲଗାଇବା ସମୟରେ ଏହା ଠିକ୍ ରହିଥିଲା। ଲାଗି କରିସାରିବା ପରେ ମେକାପ ସେବକ ଆମଠାରୁ ମଣତି ନିଅନ୍ତି। ଏ ସମ୍ପର୍କରେ ସେମାନେ ହିଁ ଯାହା କହିପାରିବେ। ଏଥିରେ ଦଇତାଙ୍କର ଆଉ କୌଣସି ଭୂମିକା ନ ଥାଏ ବୋଲି ସେ କହିଛନ୍ତି। ଅନ୍ୟଜଣେ ସେବାୟତ ଓଷର ମାନ ଯଦି ଠିକ୍ ନ ଥିବ ତେବେ ଏପରି ହୋଇଥିବ, ଲାଗି ପରେ ଏହା ଢଳିଯାଇଥିବ ବୋଲି କହିଛନ୍ତି। ସେହିପରି ପୁଷ୍ପାଳକ ଏବଂ ସିଂହାରୀ ସେବାୟତ ଠାକୁରଙ୍କୁ ବେଶ କଲାବେଳେ ଯଦି କେବେ କେମିତି ସେମାନଙ୍କ ହାତ ବାଜିଥିବ ତେବେ ଚିତା ବଙ୍କା ହୋଇଯାଇଥିବ ବୋଲି ଅନ୍ୟଜଣେ ସେବାୟତ ନିଜ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ଏଥିପାଇଁ ସେବକମାନଙ୍କ ଖାମଖିଆଲିକୁ ଦାୟୀ କରିଛନ୍ତି। ମହାପ୍ରଭୁଙ୍କ ସେବା କରିବା ସମୟରେ ଯେଉଁଭଳି ଭାବେ ନିଷ୍ଠା ଏବଂ ଏକାଗ୍ରତର ସହ କରିବା କଥା ସେଭଳି କରୁ ନ ଥିବା ଏହି ଘଟଣା ସ୍ପଷ୍ଟ କରୁଛି ବୋଲି କଟକର ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି।

ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତିପ୍ରଶାସକଙ୍କୁ ପଚାରିବାରେ କହିଛନ୍ତି, ଏହାର ଅନୁଧ୍ୟାନ କରାଯିବ। ବାସ୍ତବରେ କ'ଣ ହୋଇଛି ତାହା ଦେଖାଯିବ। ତେବେ ବର୍ତ୍ତମାନ କିଛି କରିହେବ ନାହିଁ। ରଥଯାତ୍ରା ପରେ ଆସନ୍ତା ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସ୍ନାନ ପୂର୍ଣ୍ଣିମାନେ ପରେ ଏହାର ଯାହା ସଂଶୋଧନ କରାଯାଇପାରିବ।

# ପ୍ରତିଷ୍ଠା ହେବ ୪୫ ଏମ୍ଏସ୍ଏମ୍ଇ କ୍ଲଷ୍ଟର

■ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ
■ବାଲେଶ୍ୱରରେ ସମ୍ପ୍ରସାରଣ କେନ୍ଦ୍ର ଲାଗି ଜମି ଦେବାକୁ ଅନୁରୋଧ


କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି।

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବୁଧବାର ସାକ୍ଷାତ୍ କରି ବାଲେଶ୍ୱରରେ ପ୍ରତିଷ୍ଠା ହେବାକୁ ଥିବା ସମ୍ପ୍ରସାରଣ କେନ୍ଦ୍ର ପାଇଁ ଜମି ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଏନେଇ କେନ୍ଦ୍ରମନ୍ତ୍ରୀ ଏକ ଚିଠି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ କେନ୍ଦ୍ର ଏମ୍ଏସ୍ଏମ୍ଇ ରାଷ୍ଟ୍ରମନ୍ତ୍ରୀ ଷଡଙ୍ଗୀ କହିଛନ୍ତି ଯେ, ରାଉରକେଲାରେ ଟୁଲ୍ ରୁମ୍ ଟ୍ରେନିଂ ସେଣ୍ଟର କରାଯିବ। ଏଥିପାଇଁ କେନ୍ଦ୍ର ସରକାର ୨୦୦କୋଟି ଟଙ୍କା ଖର୍ଚ୍ଚ କରିବେ। ଏଥିଲାଗି ରାଜ୍ୟ ସରକାର ଜମି ଯୋଗାଇ ଦେବେ। ସେହିପରି ୪ଟି ଜିଲାରେ ସମ୍ପ୍ରସାରଣ ସେଣ୍ଟର ହେବ। ବ୍ରହ୍ମପୁର, କେନ୍ଦୁଝର, କଳାହାଣ୍ଡି ଓ ବାଲେଶ୍ୱରରେ ହେବାକୁ ଥିବା ପ୍ରତ୍ୟେକ ସେଣ୍ଟରରେ ୨୦କୋଟି ଟଙ୍କା ଲେଖା ଖର୍ଚ୍ଚ ହେବ। ସାରା ଦେଶରେ ମୋଟ ୨୨୬ଟି ଏମ୍ଏସ୍ଏମ୍ଇ କ୍ଲଷ୍ଟର ହେବ। ସେଥିରୁ ଓଡିଶାରେ ୪୫ଟି କ୍ଲଷ୍ଟର କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଏହାସହ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଦେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶରେ ୨୦ଟି ନୂତନ ବୈଷୟିକ କେନ୍ଦ୍ର ଏବଂ ୧୦୦ଟି ସମ୍ପ୍ରସାରଣ(ହବ୍ ଆଣ୍ଡ ସ୍ପୋକ ମଡେଲ)କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିରୁ କେତୋଟି ସମ୍ପ୍ରସାରଣ କେନ୍ଦ୍ର ବୈଷୟିକ କେନ୍ଦ୍ର ଅଧୀନରେ ପ୍ରତିଷ୍ଠା କରାଯିବ। ଏନେଇ ମାର୍ଚ୍ଚ ୧୮ ୨୦୧୯ରେ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ଅତିରିକ୍ତ ଉନ୍ନୟନ କମିଶନର ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖିଥିଲେ। ସମ୍ପ୍ରସାରଣ କେନ୍ଦ୍ର ବାଲେଶ୍ୱରଠାରେ ମଧ୍ୟ ପ୍ରତିଷ୍ଠା ହେବା ଲାଗି ସ୍ଥାନ ଚିହ୍ନଟ କରାଯାଇଛି। ଏହି କେନ୍ଦ୍ର ସକାଶେ ଭିତ୍ତିଭୂମି ଏବଂ ଭଲ ସ୍ଥିତି ରହିଛି। ଏଥିପାଇଁ ପ୍ରାୟ ୫୦ହଜାର ସ୍କୋୟାର ଫିଟ୍ ସହ ପାଖାପାଖି ୧ ଏକର ମାଗଣା ଜମିର ଆବଶ୍ୟକତା ରହିଛି। ଶେଷ ୯ ମାସ ହେବ ଏଥିପାଇଁ ପ୍ରୟାସ ଚାଲିଥିଲେ ମଧ୍ୟ ଜମି ମିଳୁନାହିଁ। ଫଳରେ ସମ୍ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ହେବାକୁ ବିଳମ୍ବ ହେଉଛି। ରାଜ୍ୟର ସ୍ୱାର୍ଥ ସକାଶେ ଏଥିଲାଗି ସହଯୋଗ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ସଂଖ୍ୟାଲଘୁ ଧର୍ମାନୁଷ୍ଠାନ ପାଇଁ ୧୬ କୋଟି ମଞ୍ଜୁର

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ବିଭିନ୍ନ ଜିଲାର ସଂଖ୍ୟାଲଘୁ ଧର୍ମାନୁଷ୍ଠାନଗୁଡିକର ବିକାଶ ପାଇଁ ୧୬କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ଏହି ଅର୍ଥ ସରକାର ସଂଖ୍ୟାଲଘୁ ଧର୍ମାନୁଷ୍ଠାନଗୁଡିକୁ ଯୋଗାଇ ଦେବେ। ଧର୍ମାନୁଷ୍ଠାରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ ସାଙ୍ଗକୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ସତ୍ୟନଗର ଯିଶୁଖ୍ରୀଷ୍ଟ ଏବଂ ମଦରମେରୀ ଭୁବନେଶ୍ୱର କ୍ୟାଥଲିକ୍ ଚର୍ଚ୍ଚକୁ ଦୁଇ କୋଟି ଟଙ୍କା ଏବଂ ରାଜଧାନୀର ୟୁନିଟ୍ ୪ରେ ଥିବା କ୍ୟାପିଟାଲ ମସଜିଦ୍ ପାଇଁ ଦୁଇକୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି କଟକ ମିଶନ ରୋଡ୍‌ସ୍ଥିତ ଓଡିଆ ବାପଟିଷ୍ଟ ଚର୍ଚ୍ଚ ଏବଂ ଦରଘାବଜାର କଦମ ଇ-ରସୁଲ ମସଜିଦ୍‌କୁ ଦୁଇକୋଟି ଟଙ୍କା ଲେଖାଏ ଅର୍ଥ ମଞ୍ଜୁର କରାଯାଇଛି। କେନ୍ଦ୍ରାପଡା ଫକୀରାବାଦ ମରକାଜି ମସଜିଦ୍, ଭଦ୍ରକ ପୁରୁଣା ବଜାର ଜମା ମସଜିଦ୍, ସମ୍ବଲପୁର ଜିଲା ସ୍କୁଲ ଛକ ପଲଟନ୍ ମସଜିଦ, ସମ୍ବଲପୁର ସେଣ୍ଟ ଯୋଶେଫ କ୍ୟାଥଡ୍ରାଲ(ରୋମାନ କ୍ୟାଥଲିକ), ବ୍ରହ୍ମପୁର ଭାପୁର ବଜାର ଜାମିୟା ମସଜିଦ୍, ଗିରିରୋଡ ବ୍ରହ୍ମପୁର ଓଡିଆ ବାପ୍‌ଟିଷ୍ଟ ଚର୍ଚ୍ଚ, ରାଉରକେଲା ବିଶପ ମିଶନାରୀ(ରୋମାନ କ୍ୟାଥଲିକ) ଏବଂ ରାଜଗାଙ୍ଗପୁର ସୁନ୍ନି ଜାମା ମସଜିଦକୁ ଏକ କୋଟି ଟଙ୍କା ଲେଖାଏ ଅର୍ଥ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି।






# ଅଧାରେ ଅଟକିଲା ତୀର୍ଥଯାତ୍ରା

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୧୨।୨(ଡି.ଏନ.ଏ.)


ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍।

■ ଟ୍ରକ୍ ସହ ବସ୍ ଧକ୍କା
■ ୨ ମୃତ, ୪୦ରୁ ଊର୍ଦ୍ଧ୍ୱ ଆହତ

ଅଧାରେ ଅଟକିଲା ତୀର୍ଥଯାତ୍ରା। ଉତ୍ତରପ୍ରଦେଶରୁ ତୀର୍ଥଯାତ୍ରୀମାନଙ୍କୁ ନେଇ ପୁରୀ ଅଭିମୁଖେ ଯାଉଥିବା ଏକ ବସ୍ ମଙ୍ଗଳବାର ବିଳମ୍ବିତ ରାତିରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ଛକରେ ଟ୍ରକ୍ ସହ ଧକ୍କା ହୋଇଛି। ଫଳରେ ୨ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୪୦ଜଣରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ୨ ମୃତଦେହ ବ୍ୟବଚ୍ଛେଦ ପରେ ଜିଲା ଚିକିତ୍ସାଳୟରେ ରଖାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ସାଢ଼େ ୩ଟା ବେଳେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଉତ୍ତରପ୍ରଦେଶ ଗୋରଖପୁର ଅଞ୍ଚଳରୁ ପ୍ରାୟ ୫୬ ଜଣ ଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ବସ୍(ନଂ ୟୁପି ୫୧ ଏଟି ୧୪୮୯)ଟି ଯାଉଥିଲା। ଭଣ୍ଡାରିପୋଖରୀ ବ୍ଲକ ୧୬ ନଂ. ଜାତୀୟ ରାଜପଥର ବାରିକପୁର ବଜାର ଅନୁସୟା ଢାବା ନିକଟରେ ରାଜପଥରେ ଥିବା ଏକ ଧାନ ବୋଝେଇ ଟ୍ରକ୍(ଓଡି୧୪ ଜେ୬୫୬୧)କୁ ସାମ୍ନାପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକଦ୍ୱୟ ହେଲେ ଉତ୍ତରପ୍ରଦେଶ ଅଞ୍ଚଳର ତିଲକ ନିଶାଦ(୫୬) ଓ ବିଦ୍ୟାମାଷ୍ଟର(୬୫)। ସ୍ଥାନୀୟ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେମାନଙ୍କ ମଧ୍ୟରୁ ୫ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୩୫ରୁ ଊର୍ଦ୍ଧ୍ୱ ଆହତ ଯାତ୍ରୀ ଜିଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ ଓ ଏସ୍‌ପି ରାଜେଶ ପଣ୍ଡିତ ବୁଧବାର ଭୋର ସମୟରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସକାଳେ ସେମାନେ ଜିଲା ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। କଟକ ସ୍ଥାନାନ୍ତର ହୋଇଥିବା ୫ ଗୁରୁତରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଧାମନଗର ଥାନା ଏଏସ୍‌ଆଇ ହୃଷୀକେଶ ବିଶ୍ୱାଳଙ୍କ ରିପୋର୍ଟ ଅନୁସାରେ ଏ ନେଇ ମାମଲା(ନଂ.୩୦/୨୦) ରୁଜୁ କରାଯାଇଛି। ଏଏସ୍‌ଆଇ ମହେଶ୍ୱର ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି। ପ୍ରକାଶ ଥାଉକି, ୧୬ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ରାସ୍ତାରେ ଏକପାଖରେ ଗାଡ଼ି ଚଳାଚଳ କରୁଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା କୁହାଯାଉଛି।

# ଖୁବ୍‌ଶୀଘ୍ର ଧର୍ମପଦ ପୁରସ୍କାର


(ବାମରୁ) ଗୋକୁଳ ବିହାରୀ ପଟ୍ଟନାୟକ, ଅସୀମ ବସୁ, ଦୁର୍ଗାପ୍ରସାଦ ଦାସ, ସୁଦର୍ଶନ ସାହୁ, ଯତୀନ ଦାସ, ଦିନନାଥ ପାଠୀ ଓ ରଘୁନାଥ ମହାପାତ୍ର।

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ବହୁ ବାଦବିବାଦ ମଧ୍ୟରେ ଅଟକି ରହିଥିବା ଧର୍ମପଦ ପୁରସ୍କାରର ଭାଗ୍ୟ ଶେଷରେ ଖୋଲିବାକୁ ଯାଉଛି। ଚାରୁକଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଦିଆଯାଉଥିବା ଏହି ସର୍ବୋଚ୍ଚ ସମ୍ମାନ ଯଥାଶୀଘ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ, ତାହେଲେ ଆସନ୍ତା ଏକମାସ ମଧ୍ୟରେ ପୁରସ୍କାର ପ୍ରଦାନ ଉତ୍ସବର ଆୟୋଜନ କରାଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ ଧର୍ମପଦ ପୁରସ୍କାର ଘୋଷଣା ସରିଥିଲେ ମଧ୍ୟ କୋର୍ଟକୁ ମାମଲା ଚାଲିଯାଇଥିବାରୁ ତାହା ଅଟକି ରହିଛି। ଇତିମଧ୍ୟରେ ପୁରସ୍କାର ପାଇବାକୁ ଥିବା କେତେଜଣ ଶିଳ୍ପୀଙ୍କର ପରଲୋକ ଘଟିସାରିଛି। ଏଭଳିସ୍ଥଳେ ଆଇନ ବିଭାଗର ପରାମର୍ଶ କ୍ରମେ ଖୁବ୍‌ଶୀଘ୍ର ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି।

ଧର୍ମପଦ ପୁରସ୍କାର ପାଇଁ ବାଟ ଫିଟିବା ପରେ ପ୍ରଥମେ ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ ୭ବର୍ଷ ପାଇଁ ୭ ଜଣ ବିଶିଷ୍ଟ ଶିଳ୍ପୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ୨୦୦୯ ଲାଗି ପଟ୍ଟଚିତ୍ର ଶିଳ୍ପୀ ସ୍ୱର୍ଗତ ଗୋକୁଳ ବିହାରୀ ପଟ୍ଟନାୟକ, ୨୦୧୦ ପାଇଁ ଚିତ୍ର ଓ ମଞ୍ଚଶିଳ୍ପୀ ସ୍ୱର୍ଗତ ଅସୀମ ବସୁ, ୨୦୧୧ ଲାଗି ଖଲ୍ଲିକୋଟ କଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସାଦ ଦାସ, ୨୦୧୨ ଲାଗି ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁ, ୨୦୧୩ ଲାଗି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଯତୀନ ଦାସ, ୨୦୧୪ ପାଇଁ ଶିଳ୍ପୀ ଓ କଳା ସମାଲୋଚକ ସ୍ୱର୍ଗତ ଡ. ଦିନନାଥ ପାଠୀ ଓ ୨୦୧୫ ଲାଗି ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ ପୁରସ୍କୃତ କରାଯିବ। ତେବେ ପରଲୋକଗତ ଶିଳ୍ପୀମାନଙ୍କୁ ପ୍ରଥମଥର ଲାଗି ଏକାଡେମୀ ମରଣୋତ୍ତର ଭାବେ ସମ୍ମାନିତ କରିବ। ଏହି ଅବସରରେ ଶିଳ୍ପୀମାନଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯିବ। ସେହିପରି ୨୦୧୪ ପାଇଁ ଏକାଡେମୀ ପକ୍ଷରୁ ଚିତ୍ରଶିଳ୍ପୀ ସ୍ୱର୍ଗତ ଶରତ କୁମାର ରଥ, ସ୍ୱର୍ଗତ ହରିସିହ୍ନା ବାବୁ, ଟେରାକୋଟା ଶିଳ୍ପୀ ସ୍ୱର୍ଗତ ଦେବରାଜ ସାହୁ, ଚିତ୍ରଶିଳ୍ପୀ ସ୍ୱର୍ଗତ ପ୍ରମୋଦ ମହାନ୍ତି ଏବଂ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ୨୦୧୫ ଲାଗି ଚିତ୍ରଶିଳ୍ପୀ ଚନ୍ଦ୍ରମଣୀ ବିଶ୍ୱାଳ, ଚିତ୍ରଶିଳ୍ପୀ ସ୍ୱର୍ଗତ ଚିତ୍ରା ପଟ୍ଟନାୟକ, ଚିତ୍ରଶିଳ୍ପୀ କୈଳାସ ମେହେର, ରାମହରି ଜେନା ଏବଂ ଶୈଳବାଳା ନାୟକଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏହାସହ ୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ଧର୍ମପଦ ପୁରସ୍କାର ଲାଗି ପ୍ରତିଭାଙ୍କୁ ଖୁବ୍‌ଶୀଘ୍ର ମନୋନୀତ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।

୨୦୦୮ରେ ପୁରସ୍କାର ଘୋଷଣା ସମୟରେ ବିବାଦ ଦେଖାଦେବାରୁ ଆଉ ପୁରସ୍କାର ଦିଆଯାଇ ନ ଥିଲା। ଏନେଇ ବାଦବିବାଦ ଲାଗି ରହିବା ଫଳରେ ପୁରସ୍କାର ପ୍ରଦାନ ନେଇ ଅନିଶ୍ଚିତତା ଲାଗିରହିଥିଲା। ତାହାରି ଭିତରେ ପୁରସ୍କାର ରାଶିକୁ ସରକାର ଦ୍ୱିଗୁଣିତ କରିବା ସହ ୨୦୧୫ ସୁଦ୍ଧା ଦେବାକୁ ନିଷ୍ପତ୍ତି ହୋଇଥିଲା। ୨୦୧୫ରେ ଏକ କମିଟି ଗଠନ କରାଯିବା ସହ ଶିଳ୍ପୀ ଚୟନ କରାଯାଇ ୭ବର୍ଷ ଲାଗି ପୁରସ୍କାର ପ୍ରଦାନ ପାଇଁ ଘୋଷଣା ହୋଇଥିଲା। ହେଲେ କେତେଜଣ ଶିଳ୍ପୀ କୋର୍ଟରେ ମାମଲା କରିବାରୁ ପୁରସ୍କାର ଦିଆଯାଇପାରି ନାହିଁ। ତେବେ ପୁରସ୍କାର ଦିଆଯାଇପାରିବ ନାହିଁ ବୋଲି କୌଣସି କଟକଣା ନ ଥିବାରୁ ଆଇନ ବିଭାଗ ପରାମର୍ଶ କ୍ରମେ ଉତ୍ସବ ଆୟୋଜନ କରିବାକୁ ଏକାଡେମୀ ନିଷ୍ପତ୍ତି ନେଇଛି।




**କିଛି ତଥ୍ୟ**
ଦେଶରେ ମ୍ୟୁଚୁଆଲ୍ ଫଣ୍ଡ ଶିଳ୍ପରେ ଜାନୁୟାରୀ ମାସରେ ୧.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି।
– ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡ ଇନ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଏସ୍.କେ. ଜାହିର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଘର ସହ ଜଳିଗଲେ ନବବଧୂ

## ସ୍ୱାମୀ ଗୁରୁତର

**ଭଦ୍ରକ ଅଫିସ, ୧୨।୨**





ମୃତ ନବବଧୂ ସରୋଜିନୀ। ପୋଡ଼ିଯାଇଥିବା ଘର।

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସେରପୁର ଗାଁରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଶର୍ଟସର୍କିଟ୍‌ରୁ ୩ ବଖରା ଘର ସହ ନବବଧୂ ଜଳି ଯାଇଛନ୍ତି। ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ସ୍ୱାମୀ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ବିବାହର ୭ ମାସ ପରେ ଜଣେ ନବବଧୂ ଜୀବନ୍ତ ଦଗ୍ଧ ହେବା ଘଟଣା ଗ୍ରାମବାସୀଙ୍କୁ ସ୍ତବ୍ଧ କରିଦେଇଛି। ବାହାଘରର ପଟଚିତ୍ର ନିଜ ଘର କାନ୍ଥରୁ ଲିଭି ନ ଥିବାବେଳେ ଏଭଳି ଘଟଣା ଉଭୟ ପରିବାର ଓ ଗ୍ରାମବାସୀଙ୍କ ମୁହଁରୁ ହସ ହଜାଇ ଦେଇଛି। ମୃତା ନବବଧୂ ହେଲେ ସେରପୁର ଗାଁର ଅନ୍ତର୍ଯ୍ୟାମୀ ପରିଡ଼ାଙ୍କ ସ୍ତ୍ରୀ ସରୋଜିନୀ (୨୬)।

ମିଳିଥିବା ସୂଚନା ଅନୁଯାୟୀ, ସରୋଜିନୀ ସକାଳ ପ୍ରାୟ ୭ଟା ବେଳେ ଘରେ ଚା କରି ସ୍ୱାମୀ ଅନ୍ତର୍ଯ୍ୟାମୀ, ଶାଶୁ ମଞ୍ଜୁଲତା ଓ ଶ୍ୱଶୁର କୃଷ୍ଣଚନ୍ଦ୍ରଙ୍କୁ ଦେଇଥିଲେ। ଏହାପରେ ଅନ୍ତର୍ଯ୍ୟାମୀ ନିକଟସ୍ଥ ନିଜ ଦୋକାନ ଖୋଲିବାକୁ ଚାଲି ଯାଇଥିଲେ। ତାଙ୍କ ମା' ବାପା ଗାଧୋଇବାକୁ ଗାଁ ପୋଖରୀକୁ ଯାଇଥିଲେ। ହଠାତ୍ ଶର୍ଟସର୍କିଟ୍ ହୋଇ ଘରେ ନିଆଁ ଲାଗିଯାଇଥିଲା। ଖବର ପାଇ ଅନ୍ତର୍ଯ୍ୟାମୀ ପହଞ୍ଚି ସରୋଜିନୀଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସେହି ଘରର ଏକ କବାଟ ସରୋଜିନୀଙ୍କ ଉପରେ ପଡ଼ିଯିବାରୁ ତାଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ତିହିଡ଼ିରୁ ଅଗ୍ନିଶମ ବାହିନୀ ଆସି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ପୋଡ଼ିହୋଇ ସରୋଜିନୀଙ୍କ ମୃତ୍ୟୁ ହୋଇସାରିଥିବାବେଳେ ଅନ୍ତର୍ଯ୍ୟାମୀ ଗୁରୁତର ହୋଇଥିଲେ। ଦମକଳ କର୍ମଚାରୀ ଅନ୍ତର୍ଯ୍ୟାମୀଙ୍କୁ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦୦/୨୦) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେଦାରପୁର ସରପଞ୍ଚ ଭରତ କୁମାର ତ୍ରିପାଠୀ ଓ ସମିତିସଭ୍ୟ ଯୋଗେନ୍ଦ୍ର ଘଡ଼େଇ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇଥିଲେ। ଏହି ପରିବାରକୁ ୭ ଦିନର ରନ୍ଧାଖାଦ୍ୟ ସହ ତୁରନ୍ତ ସରକାରୀ ସହାୟତା ପାଇଁ ସେମାନେ ଦାବି କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ରାସ୍ତାରେ...

ଉପାୟଶୂନ୍ୟ ହୋଇ ରାତିସାରା ରାସ୍ତାରେ ଅଟକି ରହିଥିଲେ। ଏହି ଅବସରରେ ରେଢାଖୋଲ ଓ ଚାରମାଲ ଅଞ୍ଚଳରେ ଥିବା କାରଗୁଡିକ ବସ୍‌ଯାତ୍ରୀଙ୍କୁ ନେବାକୁ ଭିଡ ଜମାଇଥିଲେ। ଅଧିକ ଭଡା ମଧ୍ୟ ଦାବି କରିଥିଲେ। ଏହି ଭିଡ ଭିତରେ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିଲା। ବୁଧବାର ସକାଳେ ଚାରମାଲ ପୋଲିସ ହାଇଡ୍ରା ମଗାଇ ଫସିଥିବା ଟ୍ରକ୍‌କୁ ଉଠାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଏହି ଧାନ ଚୋରା ଚାଲାଣ ହେଉଥିବା ନେଇ ସନ୍ଦେହ କରାଯାଉଛି । ପୋଲିସ ଟ୍ରାଞ୍ଜିଟ ପାସ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିପାରି ନ ଥିବା କହିଛି। ଡ୍ରାଇଭର ମଧ୍ୟ ଫେରାର ହୋଇଯାଇଛନ୍ତି। ଏଣୁ ଧାନ ଚାଲାଣ ଉପରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି ଯେ, ଉକ୍ତ ଟ୍ରକ୍‌ରେ ଥିବା ଧାନ କେଉଁ ମିଲ୍‌ରୁ କେଉଁଠାକୁ ଆସୁଥିଲା ସେ ଉପରେ ତଦନ୍ତ କରାଯିବ।

# ମୋ ସରକାର ଅଧୀନକୁ ଆସିଲା ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ



ମୋ ସରକାର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ
- ବିଡିଓଙ୍କ ସହ ଆଲୋଚନା କଲେ ୫-ଟି ସଚିବ

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

ତୃଣମୂଳସ୍ତରରେ ଥିବା ବ୍ଲକ ଅଫିସ ପ୍ରଶାସନର କେନ୍ଦ୍ର। ଗ୍ରାମାଞ୍ଚଳରେ ବିଭିନ୍ନ ସେବା ଯୋଗାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମୋ ସରକାର କାର୍ଯ୍ୟକ୍ରମ ରାଜ୍ୟର ୮୩ ପ୍ରତିଶତ ଜନତାଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ତେଣୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ବୁଧବାର ମୋ ସରକାର ଅଧୀନକୁ ଅଣାଯାଇଛି। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଞ୍ଚାୟତିରାଜ ବିଭାଗ ରାଜ୍ୟ ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍ କାର୍ଯ୍ୟକ୍ରମକୁ ପରିଚାଳନା କରୁଛି। ୨୦୧୪ ପରଠାରୁ ଏହି ବିଭାଗ ପକ୍ଷରୁ ପ୍ରାୟ ୨୫ ଲକ୍ଷ ଘର ନିର୍ମାଣ କରାଯାଇ ସାରିଛି। ସଫଳତାର ସହ ଏହି ବିଭାଗ ରାଜ୍ୟର ସମସ୍ତ ଯୋଗ୍ୟ ଲୋକଙ୍କୁ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ କାର୍ଯ୍ୟ କରୁଛି। ୬୫ ପ୍ରତିଶତ ଜନତାଙ୍କୁ ଜଳ ଯୋଗାଇବା କାର୍ଯ୍ୟ ମଧ୍ୟ ଜାରି ରହିଛି। ଆସନ୍ତା ୨୦୨୪ ସୁଦ୍ଧା ସମସ୍ତଙ୍କ ପାଖରେ କିପରି ପାନୀୟ ଜଳ ସୁବିଧା ପହଞ୍ଚିବ, ସେ ଦିଗରେ କାର୍ଯ୍ୟ କରୁଛି। ଏହି ବିଭାଗ ଦ୍ୱାରା ହିଁ ରାଜ୍ୟକୁ ବାହ୍ୟ ମଳତ୍ୟାଗମୁକ୍ତ କରାଯାଇପାରିଛି। ତେଣୁ ମୋ ସରକାର ଏ ସମସ୍ତ କାର୍ଯ୍ୟକ୍ରମରେ ଅଧିକ ବୃତ୍ତିଗତ ଇଚ୍ଛାଶକ୍ତି ଏବଂ ସରକାରୀ କର୍ମଚାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଏହାଦ୍ୱାରା ବିଭିନ୍ନ ହିତାଧିକାରୀଙ୍କଠାରୁ ସିଧାସଳଖ ଫିଡ୍‌ବ୍ୟାକ୍(ଅନୁଭୂତି/ପ୍ରତିକ୍ରିୟା) ସଂଗ୍ରହ କରାଯାଇପାରିବ। ରାଜ୍ୟ ପ୍ରଶାସନ ଓ ତୃଣମୂଳ ଜନତାଙ୍କ ମଧ୍ୟରେ ବ୍ଲକ ସେତୁଭାବେ କାର୍ଯ୍ୟ କରିଥାଏ। ମୋ ସରକାର କାର୍ଯ୍ୟକ୍ରମ ପଞ୍ଚାୟତିରାଜ ବିଭାଗରେ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ଜଳଯୋଗାଣ, ପକ୍କାଘର ନିର୍ମାଣ, ପରିମଳ, ଏମ୍‌ଜିଏନ୍‌ଆରଇଜିଏ ଭଳି କାର୍ଯ୍ୟକୁ ଅଧିକ ସୁସଙ୍ଗଠିତ ଢଙ୍ଗରେ କରାଯିବ। ରାଜ୍ୟରେ ସମସ୍ତେ ପକ୍କାଘରେ ବାସ କରନ୍ତୁ ବୋଲି ବିଜୁବାବୁଙ୍କ ଇଚ୍ଛା ଥିଲା। ଏହା ନିଶ୍ଚୟ ସତରେ ପରିଣତ ହେବ ବୋଲି ପ୍ରତାପ କହିଥିଲେ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଥିଲେ ଯେ, ସରକାରୀ ଯୋଜନାର ସୁଫଳ ବ୍ଲକ ଦ୍ୱାରା ହିଁ ହିତାଧିକାରୀ ନିକଟରେ ପହଞ୍ଚିଥାଏ। ତେଣୁ ମୋ ସରକାର କାର୍ଯ୍ୟକ୍ରମ ନିଶ୍ଚୟ ସଫଳତା ଆଣିବ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ। ୫-ଟିସଚିବ ଭି.କେ ପାଣ୍ଡିଆନ୍ କାର୍ଯ୍ୟକ୍ରମ ସମୟରେ କଣ୍ଟାବାଞ୍ଜି, ଜୁନାଗଡ଼, ପଟ୍ଟାଙ୍ଗୀ, ସବ୍‌ଟେକୋ, ରାଜଗାଙ୍ଗପୁର, ପାଟକୁରା, ଆଠମଲ୍ଲିକ ଏବଂ ଅନ୍ୟ କେତେକ ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ସଚିବ ଡି.କେ ସିଂହ ଉପସ୍ଥିତ ରହିଥିଲେ। ପଞ୍ଚାୟତିରାଜ ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟାବଳୀକୁ ନେଇ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ଅତ୍ୟଧିକ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଅନୁଭବ କରିପାରନ୍ତି। ବ୍ୟବସାୟ ମାନ୍ଦାରେ ଚାଲିବ କିନ୍ତୁ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଙ୍କ ପାରିବାରିକ ସମସ୍ୟାରେ ନ୍ୟାୟୋଚିତ କଥା କହି ପରିସ୍ଥିତିକୁ ସୁଧାରି ନେବେ ମାତ୍ର ନିନ୍ଦା ଶୁଣିବେ। ଆର୍ଥିକ ସ୍ଥିତି ଭଲ ରହିବ।

**ବୃଷ**

କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ବହୁତ ବାଦାନୁବାଦ ପରେ ଅଫିସରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପାଖ ପଡ଼ୋଶୀଙ୍କ ଘରୋଇ କଳହକୁ ନେଇ ନିଜ ଘରେ ଅଶାନ୍ତି ଲାଗିରହିବ। କଚେରି ମାମଲା, ନିର୍ମାଣ, ଅର୍ଥ ସମ୍ପର୍କିତ କଥା ନେଇ ଟେନ୍ସନ ଲାଗି ରହିବ।

**ମିଥୁନ**

ଆର୍ଥିକ ସମସ୍ୟାକୁ ସୁଧାରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରି ପାରନ୍ତି। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ ଏବଂ ସଭାସମିତିରେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। କର୍ମକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ ଫାଇଲ କାମ ବଢ଼ିଯାଇ ପାରେ। ଯାନବାହନ, ପୁରୁଣା ଗାଡ଼ିମୋଟର, ଘର ମରାମତିରେ ବ୍ୟସ୍ତ ରହିପାରନ୍ତି।

**କର୍କଟ**

କର୍ମକ୍ଷେତ୍ରରେ ସମସ୍ୟା ହେତୁ ଶାରୀରିକ ସ୍ୱାସ୍ଥ୍ୟ ଅପେକ୍ଷା ମାନସିକ ସ୍ୱାସ୍ଥ୍ୟ ବିଶେଷ ପ୍ରଭାବିତ ହୋଇପାରେ। ଏକ ସାଧାରଣ ଘଟଣାକୁ କେନ୍ଦ୍ରକରି ମିତ୍ର ବନ୍ଧୁ ମାନଙ୍କ ସହ ଉଚ୍ଚବାଚ ଘଟିପାରେ । ଅପେକ୍ଷା କରିଥିବା ଖବରଟିକୁ ବହୁ ବିଳମ୍ବରେ ହେଲେ ମଧ୍ୟ ଶୁଣି ଖୁସି ହେବେ। ସାହିପଡ଼ୋଶୀଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ**

ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବହୁତ ଆଶା କରି ବନ୍ଧୁଙ୍କ ନିକଟକୁ ଯିବେ ମାତ୍ର ଶୂନ୍ୟ ହସ୍ତରେ ଫେରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଆଜି ଅପରାହ୍ନେ ଖୋଜୁଥିବା ଜିନିଷ ହଠାତ୍ ପାଇବେ ।

**କନ୍ୟା**

ଆଜିର କର୍ମକ୍ଷେତ୍ର କିମ୍ବା ପରିବାରରେ ବାକ୍ ଅସଂଯମତା ଯୋଗୁ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ପ୍ରଦାନ କରିବ। ଆନୁଷ୍ଠାନିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଅସୁବିଧାବଶତଃ ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳକୁ ଯିବାରେ ସମର୍ଥ ହେବେ।

**ତୁଳା**

କର୍ମକ୍ଷେତ୍ରରେ ପୂର୍ବ ନିର୍ଦ୍ଧାରିତ କାମଗୁଡ଼ିକ ଠିକ୍ ସମୟରେ ହେବା କଷ୍ଟକର ହୋଇପଡ଼ିବ। କାର୍ଯ୍ୟହାନି ସକାଶରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଆଜି ଘରକୁ ଫେରିବା ସମୟରେ ମୂଲ୍ୟବାନ ଦ୍ରବ୍ୟ ଆଣି ପାରନ୍ତି।

**ବିଛା**

ପରିବାରର ବିଭିନ୍ନ ବ୍ୟତିକ୍ରମ ବିଷୟରେ ଚିନ୍ତା କରି ମାନସିକ ସ୍ୱାସ୍ଥ୍ୟ ଭଲ ରହିନ ପାରେ। ପ୍ରଶାସନିକ, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଦିଗଟି ମଧ୍ୟମ ପ୍ରକାରର ରହିବ। ଈର୍ଷାପରାୟଣ ମନୋଭାବ ନେଇ ଖଳଲୋକମାନେ ଅପପ୍ରଚାର କଲେ ମଧ୍ୟ କିଛି କରି ପାରିବେ ନାହିଁ। କିନ୍ତୁ ଅନୁରାଧା ନିଜଲୋକଙ୍କଠାରୁ ଆସ୍ଥା ହରାଇ ବସିବେ।

**ଧନୁ**

ଆଜି ମାନସିକ ସ୍ଥିତି ଠିକ୍ ନ ରହିବା କାରଣରୁ ଭଲକୁ ଭଲ ରୂପେ ବିବେଚନା ନ କରି ଭିନ୍ନ ଦୃଷ୍ଟି କୋଣରୁ ବୁଝିବେ। କାମ ହାସଲ କରିବା ସକାଶେ ଅନୁକୂଳ ସୁଯୋଗ ସୃଷ୍ଟି ହେବ କିନ୍ତୁ ଧୀରେ ସୁସ୍ଥେ କରିବା ଭଲ ହେବ। ସଭାସମିତିରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିପାରେ।

**ମକର**

କର୍ମକ୍ଷେତ୍ରର ସମସ୍ୟାଗୁଡ଼ିକ ଶିଥିଳତା ପଡ଼ିଯିବା କାରଣରୁ ମନରେ ଉତ୍ସାହ ବୃଦ୍ଧି ପାଇବ। କିନ୍ତୁ ହଠାତ୍ ପୂର୍ବ ଶତ୍ରୁତା କାରଣରୁ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି। ପୂର୍ବରୁ ସୁଚିନ୍ତିତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ସାମାଜିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**

ଆଜି ଦିନ ଭିତରେ ଖର୍ଚ୍ଚାନ୍ତ ହେବେ ସିନା ନିଜ ପରିସରସ୍ଥ ବ୍ୟକ୍ତିମାନଙ୍କ ସହାୟତାରେ କୌଣସି କାମ ଅଟକିବ ନାହିଁ। ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ, ଏଣୁ ସ୍ୱାସ୍ଥ୍ୟପ୍ରତି ସାବଧାନତା ଅବଲମ୍ବନ କରିବା ଠିକ୍ ହେବ। ଅଫିସ୍ କାମରେ କୌଣସି ଘଟଣା ମନକୁ ବାରମ୍ବାର ଆଲୋଡିତ କରିପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ।

**ମୀନ**

ଆଜି ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଗାମୀ କୌଣସି କାମ ସକାଶେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଯାହାକୁ ଅତି ନିଜର ବୋଲି ବିଶ୍ୱାସ କରୁଛନ୍ତି ସେହି ସେମାନେ ବିଶ୍ୱାସଘାତକତା କରିପାରନ୍ତି। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

ଆଜି କୁମ୍ଭ ସଂକ୍ରାନ୍ତି, ଫାଲ୍‌ଗୁନ କୃଷ୍ଣ ୫ମୀ ଗୁରୁବାର, ଫେବୃୟାରୀ ୧୩ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦିବା ଘ୧୦।୨୩ମି. ଗତେ, ଚିତ୍ରା ନକ୍ଷତ୍ର, ବୃଷ ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୨୧ମି. ଗତେ ଘ୭।୫୧ମି. ମଧ୍ୟେ ଶୁଭବେଳା। ସକାଳ ଘ ୭।୪୫ମି. ମଧ୍ୟେ, ଘ୧୨।୦୦ମି. ଗତେ ଘ୧।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୫ମି. ଗତେ ଘ୨।୫୦ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**




**SALE**

BDA Approved ready to move duplex at Patia-Raghunathpur 30mtr. from Nandankanan road, material used-redbrick,ultratech cemet , Tatatiscon Steel- 9438419823, 9337086655. D-68662

ଭୁବନେଶ୍ୱର କୁହା ମୌଜାରେ ଘରବାରି ପ୍ଲଟ୍ 1500sqft. 13,50,000/-, କିଣି ଆଜି ଘରକରନ୍ତୁ। Investment plot near Xavier University 3,00,00/-, 9853150290. D-68579

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

ଭୁବନେଶ୍ୱର Sumhospitalରୁ 4k.m 100' ରୋଡ଼କୁ ଲାଗି Tamando Kendriyaviharଠାରେ yellowzone ଘରବାରୀ ପ୍ଲଟ 8763886290, 9348767829. D-68486

ଭୁବନେଶ୍ୱର New Rly. Station 1200sqft. @ 5,80,000/- yellowzone plot ମିଳୁଛି। 6371406921. D-16644

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68787

**GENERAL**

**SALE**

Fully running AC Garment showroom sale/ lease, Bhubaneswar-9437087261, 7008275280. D-68661




Godown for rent @ Rs.20/- per sqft. (approx 2320 sqft.) with 3 months advance payment at Sikharpur, Talasahi, Cuttack. Contact @ H.K. Dash: 9437552432 (3 months notice either side). D-16672

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Bhubaneswar, Parkstreet Forestpark, Three Bedrooms, Ground Floor, Drawing, Dining, Toilets, Kitchen, Garage, Office/ Residence. Contact: 9861158578.** D-68335




Sai herbal spa refresh your body with smart, expert therapist. 7608062524. D-68991

Ayurvedic full body massage ladies & gents smart therapist, 9668814589. D-68784

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Completely stress management therapy, visit us our clinic. Contact: 7852986810. D-68582

Refresh your mind and soul with best therapy at Orchid Salon/Spa. 9937287222. D-68786

Full body herbal massage with refreshment expert therapist. 7381239385, 06742540855. D-69000

Experience full body massage with us (expert). Call: 7377048581, 06742597822. D-69201

Herbal full body massage by smart / expert therapist. Contact: 8338067247. D-69202

Experience winter therapeutic Abhyanga massage feeling refreshing energetic: Appointment-9668374480. D-69203

Body massage @ 1099 at mystic Unisex Salon and Spa. 9556978408. D-69206

Rejuvenate and Ayurvedic full body massage by smart therapist. 9114402304. D-69204

Ayurvedic refreshment massage therapy refresh mind and body. Appointment: 7894855541. D-68583

Newly open full body massage by ladies, gents therapist. 8018656899 D-60870

Ayurvedic full body massage by ladies, gents therapist. 7008773793 D-60871

Elite Unisex Salon- A complete family Spa. Male to male and female to female-7326977966. D-69207




୪୯୯୯/- ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575




ସବୁ ସମସ୍ୟାର ସମାଧାନ ହେବ ଗୁଣି ଗାରେଡି, ଭୂତପ୍ରେତରୁ ରକ୍ଷା, ପ୍ରେମବିବାହ, ଗୃହସମସ୍ୟା, ବ୍ୟବସାୟ, ଚାକିରି ସମସ୍ୟାର ସମାଧାନ ହେବ। Mob: 7008953611. D-16668

**AFFIDAVIT**

I Buddhadev Jena S/o- Radhakrushna Jena, address Mahabala Balasore- 756024 changed my name as Rohan Sharma for all purpose. D-16671

By virtue of an affidavit on 11.02.2020 before Executive Magistrate, Bhubaneswar, I have changed my name from Sushma Jaasmeet Singh to Sushma Singh for all puposes. D-16664

I, Alakananda Manjumayuri Mahapatra W/o- Tushar Kanta Prusty changed my name to Mayuri Prusty vide affidavit no.-45AA819635 sworn before the Executive Magistrate, Keonjhar on 22.01.2020. D-16669

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Executive Magistrate, Bhubaneswar I declared that my original name is Swarup Panda S/o Late Srinivas Panda but wrongly reflected as Swarupa Panda in some documents. That Swarup Panda & Swarupa Panda is one and same person & changed to Swarup Panda for all future purposes. D-68660

By an affidavit before the Executive Magistrate, Bhawanipatna, I have changed my name from Debesh Kumar Meher to Debesh Meher. Debesh Kumar Meher, S/o- Goutam Meher and Debesh Meher, S/o- Goutam Meher is the same and one person. At/ PO- Junagarh, Dist. Kalahandi. D-37394

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।
- ସଦ୍‌ଗୁରୁ ସାଇନାଥ



# ଏସ୍‌ପିଙ୍କ ଅଫିସ ଆଗରେ ବିଜେଡି ନେତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

- ମିଥ୍ୟା ମାମଲାରେ ପୁଅଙ୍କୁ ଫସାଇବା ପ୍ରତିବାଦ
- ପୋଡ଼ିଯାଇଛି ଶରୀରର ୯୦ ପ୍ରତିଶତ
- ଗୁରୁତର ଅବସ୍ଥାରେ ଏସ୍‌ସିବି ସ୍ଥାନାନ୍ତର
- ମେଡିକାଲରେ ନିଆଯାଇଛି ମୃତ୍ୟୁକାଳୀନ ଜମାନବନ୍ଦୀ



ମୀନାକ୍ଷୀ ମିଶ୍ର

ବ୍ରହ୍ମପୁର ଅଫିସ,୧୨।୨

ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରିଣୀ ସଦସ୍ୟା ମୀନାକ୍ଷୀ ମିଶ୍ର ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ପୁଅଙ୍କୁ ଏକ ମିଥ୍ୟା ମାମଲାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପ୍ରତିବାଦରେ ସେ ବୁଧବାର ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ଏସ୍‌ପି କୌଣସି କାମରେ ବ୍ୟସ୍ତ ଥିବାରୁ ତାଙ୍କୁ ମିନାକ୍ଷୀ ଭେଟି ପାରି ନ ଥିଲେ। ଏଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କଠାରୁ ନ୍ୟାୟ ନ ପାଇବାରୁ ମୀନାକ୍ଷୀ ଏକ ବ୍ୟାଗରେ ଧରିଥିବା କିରୋସିନ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ତାଙ୍କ ଶରୀରର ପ୍ରାୟ ୯୦ ଭାଗ ପୋଡିଯାଇଥିବା ଡାକ୍ତର କହିଛନ୍ତି । ସେଠାରେ ଡାକ୍ତର ମୀନାକ୍ଷୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ (ଡାଇଙ୍ଗ ଡିକ୍ଲାରେଶନ) ନେଇଛନ୍ତି। ଏମ୍‌କେସିଜି ମେଡିକାଲରେ ବର୍ନ ୟୁନିଟ ନ ଥିବାରୁ ସଙ୍କଟାପନ୍ନ ଅବସ୍ଥାରେ ମୀନାକ୍ଷୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଅନ୍ୟପଟେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ବଡ ମେଡିକାଲରେ ପହଞ୍ଚି ଡାକ୍ତରଙ୍କଠାରୁ ମୀନାକ୍ଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ପରେ ଏସ୍‌ପି ଖବରଦାତାଙ୍କୁ କହିଛନ୍ତି, ମୀନାକ୍ଷୀ ବୁଧବାର ମୋ କାର୍ଯ୍ୟାଳୟକୁ ଆସିଥିଲେ। ମୁଁ ଅନ୍ୟ ଏକ କାମରେ ବ୍ୟସ୍ତ ଥିବାରୁ ସେ ଏଏସ୍‌ପିଙ୍କୁ ଭେଟିଥିଲେ। ଏଏସ୍‌ପି ଘଟଣାର ଠିକ ତଦନ୍ତ କରାଯିବ ବୋଲି କହିଥିଲେ। ସେଠାରୁ ଫେରି ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି।

ସୂଚନାଯୋଗ୍ୟ, ଜାନୁୟାରୀ ୨୮ ରେ ୧୦ ରୁ ୧୨ ଜଣ ଯୁବକ ମୀନାକ୍ଷୀ ମିଶ୍ରଙ୍କ ବ୍ରହ୍ମପୁରସ୍ଥିତ ପଣ୍ଡା କଲୋନୀ ଘରେ ପଶି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ପୁଅ ରାଜାଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଜଣେ ନାବାଳକଙ୍କୁ ଧରି ଜେଜେବି(ଜୁଭେନାଇଲ ଜଷ୍ଟିସ୍ ବୋର୍ଡ)କୁ ପଠାଇଥିଲା। ପରେ ୪ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେପଟେ ରାଜାଙ୍କ ନାମରେ ଅଭିଯୋଗ ହୋଇଥିବାରୁ ତାଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରାଜାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୭ ମାମଲା ରହିଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି। ସେହିପରି ମୀନାକ୍ଷୀ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ବୈଦ୍ୟନାଥପୁର ଥାନାରେ ତାଙ୍କ ବିରୋଧରେ ନଂ.୩୧/୨୦ ଦଫା ୩୦୯ ଆଇପିସିରେ ଏକ ମାମଲା ରୁଜୁ କରାଯାଇଥିବା ଏଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପଟେ ପୋଲିସ କେତେଜଣ ପ୍ରଭାବଶାଳୀ ଲୋକଙ୍କ କଥାରେ ପଡି ମୋ ପୁଅକୁ ମିଥ୍ୟା ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ବୋଲି ମୀନାକ୍ଷୀ ଗତ ସୋମବାର ଅଭିଯୋଗ ଆଣିଥିଲେ। ଆକ୍ରମଣର ଶିକାର ହୋଇଥିବା ପୁଅ ରାଜାଙ୍କୁ ମୋ ଘରୁ ନେବା ବେଳେ ମୁଁ ଏହାର ପ୍ରତିବାଦ କରିବାରୁ ମୋତେ ମଧ୍ୟ ପୋଲିସ ଧମକଚମକ ଦେଇଥିଲା ବୋଲି ମୀନାକ୍ଷୀ କହିଥିଲେ।

# ପ୍ରବଳ ଶୀତ ନେଇ ୪ ଜିଲାକୁ ୟେଲୋ ୱାର୍ନିଂ

- ସୋନପୁରରେ ସର୍ବନିମ୍ନ ୭.୪ଡିଗ୍ରୀ
- ୧୫ରୁ ୧୭ ତାରିଖ ମଧ୍ୟରେ ଘନ କୁହୁଡ଼ି

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ରାଜ୍ୟରେ ପୁଣି ଶୀତର ପ୍ରକୋପ ବଢ଼ିଛି। ବର୍ଷା ଛାଡ଼ିବା ପରେ ତାପମାତ୍ରା ଧୀରେ ଧୀରେ ଖସିବାରେ ଲାଗିଛି। ବୁଧବାର ୬ ସ୍ଥାନରେ ପାରଦ ୧୦ଡିଗ୍ରୀ ତଳେ ରହିଥିଲା। ସୋନପୁରରେ ସର୍ବନିମ୍ନ ୭.୪ ଡିଗ୍ରୀ ତାପମାତ୍ରା ଥିବାବେଳେ ଅନୁଗୋଳ ୮, ବୌଦ୍ଧ ଓ ଫୁଲବାଣୀ ୯, ଟିଟିଲାଗଡ଼ ୯.୧ ଓ କେନ୍ଦୁଝର ୯.୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଏହାଛଡ଼ା ଦାରିଙ୍ଗବାଡ଼ି ୧୦, ଝାରସୁଗୁଡ଼ା ଓ ସମ୍ବଲପୁରରେ ୧୦.୪ ଡିଗ୍ରୀ ତାପମାତ୍ରା ରହିଥିଲା। ଗୁରୁବାର ପ୍ରବଳ ଶୀତ ନେଇ ଅନୁଗୋଳ, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଆଦି ୪ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ଦୁଇଦିନ ମଧ୍ୟରେ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଧୀରେ ଧୀରେ ୨ରୁ ୪ ଡିଗ୍ରୀ ପାରଦ ଖସିବ। ତେବେ ଆସନ୍ତା ୧୫ରୁ ୧୭ତାରିଖ ମଧ୍ୟରେ ବିଭିନ୍ନ ଜିଲାରେ ଘନ କୁହୁଡ଼ି ଆଚ୍ଛାଦିତ ହେବ। ବିଶେଷକରି ଉପକୂଳ ଓଡ଼ିଶା, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଅନୁଗୋଳ ଓ ଢେଙ୍କାନାଳ ଜିଲାରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ଏନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିବା ସହ ସତର୍କ ସୂଚନା ଜାରି କରିଛି।

# ଚାଇନା ଫେରନ୍ତା ଯୁବକଙ୍କୁ ଖୋଜୁଛି ସ୍ୱାସ୍ଥ୍ୟ ବିଭାଗ

ରଘୁନାଥପୁର, ୧୨। ୨ (ଡି.ଏନ୍.ଏ.)

ସାରା ବିଶ୍ୱରେ କରୋନା ଭାଇରସ୍‌କୁ ନେଇ ଚିନ୍ତା ଘାରିଛି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଚାନ୍ଦପୁର ଗାଁର ଚାଇନା ଫେରନ୍ତା ଯୁବକଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଖୋଜାଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମଓଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ସୁକାନ୍ତ କୁମାର ଦଲାଇ ସଜାଗ ହୋଇ ଉଠିଥିଲେ। ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଜନସ୍ୱାସ୍ଥ୍ୟ ଅଧିକାରୀ ରାନୁ ମହାପାତ୍ର ଓ ମହେଶ୍ୱର ମଲ୍ଲିକ ପ୍ରମୁଖ ଚାନ୍ଦପୁରସ୍ଥିତ ବାସଭବନକୁ ଯାଇ ଚାଇନା ଫେରନ୍ତା ଜଗବନ୍ଧୁ ମହାପାତ୍ରଙ୍କୁ ଖୋଜିଥିଲେ। ତେବେ ଜଗବନ୍ଧୁ ଜାନୁୟାରୀ ୩୦ ରୁ ବମ୍ବେ ପଳାଇଥିବା ଜାଣିବାକୁ ପାଇଥିଲେ। ଡା. ସ୍ୱାଇଁଙ୍କ କହିବା ମୁତାବକ, ଜଗବନ୍ଧୁ ବମ୍ବେର ଏକ କମ୍ପାନୀର ସୁପରଭାଇଜର ଭାବେ କାମ କରନ୍ତି। ଜାନୁୟାରୀ ୮ରେ କମ୍ପାନୀ କାମରେ ଚାଇନା ଯାଇଥିଲେ। ସେଠାରୁ ଜାନୁୟାରୀ ୧୫ରେ ଫେରି ୨୯ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱରରେ ଅବସ୍ଥାନ କରିଥିଲେ। ଉକ୍ତଦିନ ରଘୁନାଥପୁରସ୍ଥିତ ଚାନ୍ଦପୁର ବାସଭବନକୁ ଆସି ଦିନେ ରହିବା ପରେ ୩୦ ତାରିଖରେ ବମ୍ବେ ଚାଲିଯାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ତନାଘନା ପରେ ଅଞ୍ଚଳରେ ଏହାକୁ ନେଇ ଭୟର ବାତାବରଣ ଖେଳିଯାଇଛି। ଜଗବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସମ୍ପର୍କରେ ପଡୋଶୀଙ୍କଠାରୁ ଡା. ସ୍ୱାଇଁ ସୂଚନା ପାଇଥିଲେ। ହେଲେ ବ୍ୟକ୍ତିଗତ ଭାବେ ତାଙ୍କୁ ନ ଦେଖିଲେ କିଛି କହିହେବ ନାହିଁ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦଲେଇ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ସବିଶେଷ ତଥ୍ୟ ବିଭାଗକୁ ଜଣାଇ ଦିଆଯାଇଥିବା ଡା. ଦଲାଇ କହିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜଗବନ୍ଧୁ ଚାଇନାରୁ ଫେରିବା ପରେ ତାଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଛି କି ନାହିଁ, ଏହାଛଡା ସେ ଅବସ୍ଥାନ କରିଥିବା ସ୍ଥାନରେ ସାଧାରଣ ଲୋକଙ୍କ ସହ ମିଶିଥିବା ହେତୁ ପାରିପାର୍ଶ୍ୱିକ ସ୍ଥିତି କିପରି ଅଛି, ସ୍ୱାସ୍ଥ୍ୟ ବିଭାଗ ଅନୁଧ୍ୟାନ କରିବା ଦରକାର।

# ୪.୭୭ ଲକ୍ଷ ଟଙ୍କା ଜବତ, ୬ ଗିରଫ



ଜବତ ହୋଇଥିବା ଜାଲ୍ ନୋଟ



ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ ଟିମ୍।

- ଯାଜପୁରରେ ଜାଲ୍‌ନୋଟ କାରବାର ଠାବ
- ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଛି ଚେର

ଯାଜପୁର ଅଫିସ/କଳିଙ୍ଗନଗର, (ଡି.ଏନ୍.ଏ.) ୧୨।୨

ଯାଜପୁରରୋଡ଼ ଥାନା ଅନ୍ତର୍ଗତ ଦାନଗଦୀ ହାଟ ନିକଟରୁ ଜାଲ୍ ନୋଟ କାରବାର ଚଳାଇଥିବା ଏକ ଆନ୍ତଃ ରାଜ୍ୟ ର୍ୟାକେଟକୁ ଜିଲା ପୋଲିସ ଠାବ କରିଛି। ଏଥିରେ ୪ଲକ୍ଷ ୭୭ ହଜାର ଟଙ୍କାର ଜାଲନୋଟ ଜବତ ହୋଇଥିବାବେଳେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୪୮୯(ଏ,ବି,ସି,ଡି,ଇ), ୩୪ରେ ଏକ ମାମଲା (ନଂ. ୫୬/୨୦୨୦) ରୁଜୁ କରି ସେମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ମଙ୍ଗଳପୁର ଥାନା ଅନ୍ତର୍ଗତ ଛଞ୍ଚିଣା ଗ୍ରାମର ଚନ୍ଦ୍ରମଣି ବଳ(୩୫)ଙ୍କ ସମେତ ଦାନଗଦୀ ଗ୍ରାମର ବାପିନା ସେଠୀ(୨୩), ମାନପୁର ଗ୍ରାମର ମନୋଜ ଦାସ(୩୧), ଯାଜପୁରରୋଡ ଥାନା ଧପଙ୍କି ଗ୍ରାମର ତପନ ଜେନା(୨୬), ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଭୁବନ ଗ୍ରାମର ଅଜୟ କୁମାର ସାହୁ(୨୪) ଓ ମାୟାଧର ପାତ୍ର(୬୪)। ଜାଲ ନୋଟ ସହ ଅଭିଯୁକ୍ତଙ୍କ ନିକଟରୁ ଏକ ପ୍ରିଣ୍ଟର, ପେପର କଟର, ମୋବାଇଲ ଫୋନ, ୨ଟି ବାଇକ ଆଦି ଜବତ କରାଯାଇଛି। ଏହି ଜାଲନୋଟ କାରବାରର ଚେର ଦାନଗଦୀରୁ ଢେଙ୍କାନାଳ, ଭଦ୍ରକ, କଟକ ଓ ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଜାଲ୍ ନୋଟ କାରବାର ସମ୍ପର୍କରେ ଦାନଗଦୀ ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଯାଜପୁରରୋଡ ଥାନାକୁ ସୂଚିତ କରିଥିଲେ। ଏହାପରେ ଯାଜପୁରରୋଡ ଥାନାଧିକାରୀ ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଦାନଗଦୀ ହାଟରେ ଜାଲ୍‌ନୋଟ କାରବାର ଚଳାଇଥିବା ଚନ୍ଦ୍ରମଣି ଓ ବାପିନାଙ୍କୁ ଜାଲ୍‌ନୋଟ ସହ କାବୁ କରିଥିଲେ। ଚଢାଉ ସମୟରେ ସେମାନେ ୫୦୦ ଟଙ୍କିଆ ଜାଲନୋଟ ଦୋକାନୀଙ୍କଠାରୁ ବଦଳ କରୁଥିଲେ। ଏହାପରେ ମଙ୍ଗଳପୁରସ୍ଥିତ ଚନ୍ଦ୍ରମଣିଙ୍କ ଘରେ ପୋଲିସ ଚଢ଼ାଉ କରି ନୋଟ ଛପା ଯନ୍ତ୍ରପାତି ସହ ୩ଲକ୍ଷ ୬୦ହଜାର ଟଙ୍କାର ଜାଲ ନୋଟ ଜବତ କରିଥିଲେ। ଚନ୍ଦ୍ରମଣିଙ୍କୁ ପଚରାଉଚୁରା କରି ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଏହାପରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଥିଲା। ସେମାନଙ୍କଠାରୁ ୧ଲକ୍ଷ ୧୭ ହଜାର ଜାଲ୍ ନୋଟ ଜବତ ହୋଇଥିଲା। ୨୦୧୭ରେ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରମଣି ଜାଲନୋଟ କାରବାର ଅଭିଯୋଗରେ କାଳିଆପାଣି ଥାନା ଦ୍ୱାରା ଗିରଫ ହୋଇଥିଲେ। ଜେଲରୁ ମୁକୁଳିବା ପରେ ସେ ପୁଣି ଏହି କାରବାର ଚଳାଇଥିଲେ। ୧ଲକ୍ଷ ଜାଲ୍ ନୋଟ ବଦଳରେ ସେ ୨୫ ହଜାର ଟଙ୍କା ଅସଲି ନୋଟ ଆଣୁଥିଲେ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଏସପି ଚରଣସିଂ ମୀନା ସୂଚନା ଦେଇଛନ୍ତି।

# ବାନାମ୍ବର ହତ୍ୟାକାଣ୍ଡ: ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୧୨।୨(ସ୍ୱ.ପ୍ର)

ବୌଦ୍ଧ ଜିଲା ସାରାଗାଡୁ ବାନାମ୍ବର ହତ୍ୟା ମାମଲାର ବିଚାର କରି ଦୌରାଜଜ ଅରବିନ୍ଦ କୁମାର ଗୁରୁ ବୁଧବାର ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ପ୍ରକାଶ ଯେ, ମନମୁଣ୍ଡା ଥାନା ସାରାଗାଡୁ (ମେଣ୍ଡାସାହି) ଗ୍ରାମର କମଶିଳା ମଲିକଙ୍କ ପରିବାର ସହ ଉକ୍ତ ଗ୍ରାମର ଅଭିଯୁକ୍ତ ଦୁଲାଲ ଓରଫ ଦୁଲାର ମଲିକଙ୍କ (୨୩) ମନୋମାଳିନ୍ୟ ରହିଥିଲା। ଏ ନେଇ ଗତ ତା୨୬।୨।୧୭ରିଖରେ କମଶିଳାଙ୍କ ବଡଭାଇ ବାନାମ୍ବର ମଲିକଙ୍କୁ ଅଭିଯୁକ୍ତ ଦୁଲାଲ ଏକ ମେଢାରେ ପିଟିଥିଲେ। ଫଳରେ ବାନାମ୍ବରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ପୂର୍ବ ଶତ୍ରୁତାକୁ ନେଇ ବାନାମ୍ବରଙ୍କୁ ହତ୍ୟା କରିଥିବା ନେଇ କମଶିଳା ପରଦିନ ଅର୍ଥାତ ତା୨୭।୨।୧୭ରିଖରେ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଲାଲଙ୍କୁ ଗିରଫ କରି ବୌଦ୍ଧ କୋର୍ଟକୁ ଚାଲାଣ କରିଥିଲା ।

DAYANAND PLAY/PUBLIC SCHOOL
Residential & Day Boarding, Raseram Vihar, Padiabahal, Sambalpur, Mob- 7381058813, 8249212113
ADMISSION CONTINUE NURSERY ONWARDS
FEATURES
Recognized by Govt. of Odisha
Affiliated to be CBSE
Trained & Experienced Faculties
Green & Safe Environment
CCTV Surveillance
Own bus facility
Day boarding & Hostel facility
Hygienic & Nutritious food
Separate boys & girls hostel
Sports, Game, Yoga, Dance etc
PLEASE CONTCT AT OFFICE FOR 25% RTE FREE SEATS IN CLASS- I ADMISSION
VISIT OUR BRANCHES:- HLO Colony, Sbp, M-8763032586, Dhanupali, Sbp, M-8763032587, Putiapali, Sbp, M-9439006359, Parmanpur, Sbp, M-9439007359, Dherapada, Sonepur, M-8763032589, Patavadi Sonepur M-9438115772, Palaceline, Bolangir, M-8763032590, Gosala/ Burla, SBP, M-9438117191, Kirei, Sundargarh M-9348018080, Main Road, Jharsuguda M-9438115752

## ଜିଲା ଟିଠି



## ସୁବର୍ଣ୍ଣପୁର

# ମଣ୍ଡିରୁ ଉଠୁନି ଧାନ

ସୁବର୍ଣ୍ଣପୁର ଜିଲାରେ ଚାଷୀ ସବୁବେଳେ ଅଭାବୀ ବିକ୍ରି ଓ ଦଲାଲଙ୍କ ଦ୍ୱାରା ଶୋଷିତ ହୋଇଆସୁଛି। ଧାନ ହେଉ ଅବା ପରିବା କିମ୍ବା ଧଳା ସୁନା କୁହାଯାଉଥିବା କପାଚାଷ କରି କ୍ଷତି ସହୁଛି। ଚଳିତବର୍ଷ ଭଲ ବର୍ଷା ଓ ଅନୁକୂଳ ପାଗ ଯୋଗୁ ଖରିଫ ଧାନ ଅମଳ ଭଲ ହୋଇଥିଲା। ତେବେ ମିଲର୍ସଙ୍କ ମନମାନି ସାଙ୍ଗକୁ ସରକାରଙ୍କ ଟୋକନ୍ ପ୍ରଦାନରେ ଅହେତୁକ ବିଳମ୍ବ ଚାଷୀଙ୍କୁ କ୍ଷତି ସହିବାକୁ ବାଧ କରିଛି। ଚାଷୀ କମ୍ ଦରରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ରେକର୍ଡ ପରିମାଣର ଧାନ ଉତ୍ପାଦନ କରୁଥିବା ଏହି ଜିଲାର ସବୁ ମଣ୍ଡିରେ କଂକ୍ରିଟ୍ ପିଣ୍ଡି କିମ୍ବା ଗୋଦାମ ଘର ବର୍ତ୍ତମାନ ସୁଦ୍ଧା ନିର୍ମାଣ ହୋଇପାରିନି। ଖୋଲା ଆକାଶ ତଳେ ଧାନ ବସ୍ତା ପଡ଼ିରହିଛି। ସରକାରଙ୍କ ଧାନ କ୍ରୟ ଟାର୍ଗେଟ୍ ଥିଲେ ମଧ୍ୟ ମିଲର୍ସ ମଣ୍ଡିକୁ ଟ୍ରକ୍ ପଠାଉ ନ ଥିବା ଅଭିଯୋଗ ହେଉଛି। ଚାଷୀ ମଣ୍ଡିରେ ଧାନ ରଖି ଶୀତ କାକରରେ ଜଗି ରହୁଛନ୍ତି। ଏଭଳି ସ୍ଥିତିରେ ଗତ ୬ରୁ ୮ ତାରିଖ ପର୍ଯ୍ୟନ୍ତ ବର୍ଷା ଓ କୋହଲା ପାଗ ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ମଣ୍ଡିରେ ଥିବା ଧାନ ବସ୍ତା ଉପରେ ପଲିଥିନ୍ ଢଙ୍କା ହୋଇଥିଲେ ମଧ୍ୟ ତଳିଆ ଅଞ୍ଚଳରେ ବର୍ଷା ପାଣି ପ୍ରବେଶ କରି ଧାନ ବସ୍ତା ଭିଜିଯାଇଛି। ଏ ସବୁ ମଣ୍ଡିରେ ଧାନ ଗଜା ହେଲାଣି। ଅନ୍ୟପକ୍ଷେ ଜିଲା ଯୋଗାଣ ବିଭାଗ ଧାନ କ୍ରୟ ପାଇଁ ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ଇସ୍ୟୁ କରିବା ଲାଗି ରାଜ୍ୟ ଯୋଗାଣ ନିଗମକୁ ଚିଠି ଲେଖିଛି। ହେଲେ ଚାଷୀଙ୍କୁ ଟୋକନ୍ ମିଳିବାର ନାଁଗନ୍ଧ ନାହିଁ। ଏଭଳି ସ୍ଥିତିରେ ବିଭିନ୍ନ ମଣ୍ଡିରେ ହଜାର ହଜାର ଧାନ ବସ୍ତା ପଡ଼ିରହିଛି। ଜିଲାରେ ଗତ ନଭେମ୍ବର ୧୫ ତାରିଖରୁ ଖରିଫ ଧାନକିଣା ଆରମ୍ଭ ହୋଇଛି। ଖରିଫ ଧାନ ବିକ୍ରି ପାଇଁ ୪୭,୯୯୦ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ସରକାର ଏହି ଜିଲାରୁ ୩୪ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦେଇଛନ୍ତି । ୯ ତାରିଖ ସନ୍ଧ୍ୟା ସୁଦ୍ଧା ଜିଲାର ୪୩,୪୦୧ ଚାଷୀଙ୍କଠାରୁ ୩୧,୮୭,୨୮୨ କୁଇଣ୍ଟାଲ ଧାନ କିଣାଯାଇଛି। ସୁବର୍ଣ୍ଣପୁର ଜିଲାର ୪୧ ମିଲର୍ସ, ବରଗଡ଼ ଓ ସମ୍ବଲପୁର ଜିଲାର ୧୩ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଛି। ଜିଲାର ୬୫ ପ୍ୟାକ୍ସ ଓ ୧୪ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ କ୍ରୟ ହେଉଛି। ତେବେ ଏଫ୍ଏକ୍ୟୁ ଆଳ ଦେଖାଇ ମିଲର୍ସମାନେ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି ଧାନ କାଟି ନେଉଛନ୍ତି। ଅନ୍ୟପକ୍ଷେ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକ୍‌ର ଶତାଧିକ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ୧୧୨୦ ଚାଷୀଙ୍କ ଟୋକନ୍ ଥାଇ ମଧ୍ୟ ଧାନ ବିକ୍ରି କରି ପାରୁ ନ ଥିବା ବେଳେ ୯୦୨ ଚାଷୀଙ୍କୁ ଏଯାଏ ଟୋକନ୍ ମିଳିନାହିଁ। କେତେକ ଚାଷୀଙ୍କର ଟୋକନ୍ କ୍ୟାନ୍‌ସେଲ ହୋଇଯାଇଛି। ନିକଟରେ ଅଦିନିଆ ବର୍ଷା ଓ କୋହଲା ପାଗ ଯୋଗୁ ଧାନ ସଂଗ୍ରହ ବାଧାପ୍ରାପ୍ତ ହୋଇଛି। ସରକାର ଅବିଳମ୍ବେ ଟୋକନ୍ ଇସ୍ୟୁ କରିବା ସହ ଧାନ ସଂଗ୍ରହ ଅବଧି ବୃଦ୍ଧି କରିବାକୁ ଚାଷୀ ମହଲରେ ଦାବି ହେଉଛି।

- ମୃତ୍ୟୁଞ୍ଜୟ ଶତପଥୀ


# ସଂକ୍ରମଣ ନିୟନ୍ତ୍ରଣରେ ସଫା ହାତର ମହତ୍ତ୍ୱ

Brought to you by: Apollo HOSPITALS BHUBANESWAR

**ପ୍ରଶ୍ନ: ସମସ୍ତଙ୍କ ପାଇଁ ସଫା ହାତ କ'ଣ ମହତ୍ତ୍ୱ ରଖିଥାଏ ?**

ଉତ୍ତର: ଆମ ସମସ୍ତଙ୍କୁ ସୁରକ୍ଷିତ ରଖିବାରେ ହାତର ପରିଚ୍ଛନ୍ନତାର ମହତ୍ତ୍ୱ ବହୁତ ଅଧିକ । ସଂକ୍ରମଣ ସୃଷ୍ଟି କରୁଥିବା ସମସ୍ତ ଜୀବାଣୁଙ୍କ ବ୍ୟାପ୍ତତାକୁ ପ୍ରତିରୋଧ କରିବାର ଏହା ହେଉଛି ଏକ ସରଳ,ଶସ୍ତା ଉପାୟ । କେବଳ ହାତର ପରିଚ୍ଛନ୍ନତାକୁ ଆପଣାଇବା ଦ୍ୱାରା ଆମର ସୁରକ୍ଷା ନାଟକୀୟ ଢଙ୍ଗରେ ବଢ଼ିଯାଇଥାଏ, କାରଣ ଏପରି ଅନେକ ବୈଜ୍ଞାନିକ ପ୍ରମାଣ ରହିଛି ଯାହା ଦର୍ଶାଏ ଯେ ହାତ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯିବାର ପ୍ରଭାବ ସାରା ସଙ୍ଗଠନରେ ରୋଗୀଙ୍କ ମୋଟାମୋଟି ଉନ୍ନତିର କାରଣ ସାଜିପାରେ ।

ଶେଷରେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ହାତ ପରିଚ୍ଛନ୍ନତାକୁ ପ୍ରଥମ ବିଶ୍ୱ ରୋଗୀ ସୁରକ୍ଷା ଚ୍ୟାଲେଞ୍ଜର ପ୍ରଥମ ସ୍ତମ୍ଭ ଭାବେ ଚୟନ କରାଯିବା ରୋଗୀ ସୁରକ୍ଷା ଏଜେଣ୍ଡାରେ ହାତର ପରିଚ୍ଛନ୍ନତାର ମହତ୍ତ୍ୱ କ'ଣ ଏହା ସ୍ପଷ୍ଟ ଜଣାପଡ଼ିଥାଏ ।




ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁଗୁଡ଼ିକ ମୁଖ୍ୟତଃ ଲୋକଙ୍କ ହାତ ମାଧ୍ୟମରେ ବ୍ୟାପ୍ତ ହୋଇଥାନ୍ତି ।

ଏହା ବ୍ୟତୀତ, ହାତର ପରିଚ୍ଛନ୍ନତାରେ ଉନ୍ନତି ଆଣିବାର ରଣନୀତିକୁ ତତ୍ପରତାର ସହ ଆପଣାଉଥିବା ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକ ସେମାନଙ୍କର ସଂକ୍ରମଣ ନିୟନ୍ତ୍ରଣ ପଦ୍ଧତିର ଟିକିନିଖି ଯାଞ୍ଚକୁ ନେଇ ନିଶ୍ଚିନ୍ତ ରହିଥାନ୍ତି। ତେଣୁ,

**ସତ କିମ୍ବା ଭ୍ରାନ୍ତ ଧାରଣା ?**

୧. କୋଠରି ମଧ୍ୟକୁ ଯା'ଆସ କରିବା ପୂର୍ବରୁ ଓ ପରେ ହାତକୁ ପରିଚ୍ଛନ୍ନ କରିବା ଏବଂ ରୋଗୀଙ୍କ ପ୍ରତ୍ୟକ୍ଷ ଯତ୍ନ ନେଉଥିଲେ ଗ୍ଲୋଭ୍‌ସ ଓ ଗାଉନ୍ ପିନ୍ଧିବା ପାଇଁ ଆଗନ୍ତୁକମାନଙ୍କୁ ପରାମର୍ଶ ଦିଆଯିବା ଉଚିତ୍ । ସତ କିମ୍ବା ଭ୍ରାନ୍ତ ଧାରଣା ?
ଉତ୍ତର: ସତ

୨. ଝାଡ଼ା ବା ମଳ ଅସଂଯମତା ଭୋଗୁଥିବା ରୋଗୀଙ୍କଠାରେ ସଂକ୍ରମଣକୁ ବ୍ୟାପ୍ତ କରିବାର ବର୍ଦ୍ଧିତ ଆଶଙ୍କା ରହିଥାଏ। ସତ କିମ୍ବା ଭ୍ରାନ୍ତ ଧାରଣା ?
ଉତ୍ତର: ସତ

(କ୍ରମଶଃ...)

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ୍ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬



## POWERLINKS TRANSMISSION LIMITED
(A joint venture of TATA POWER and POWERGRID)

ପଞ୍ଜିକୃତ ଅଫିସ:
ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ,10ମଫ୍ଲୋର, DLF ଟାୱାର A, ଜିଲ୍ଲା କେନ୍ଦ୍ର ଜସୋଲା, ନୂଆଁ ଦିଲ୍ଲୀ110025

**ସାର୍ବଜନୀକ ସୂଚନା**

ନିୟନ୍ତ୍ରଣ ଅବଧି ଆର୍ଥିକ ବର୍ଷ 2019-24 ପାଇଁ ପ୍ରସ୍ତାବିତ ବାର୍ଷିକ ଟ୍ରାନ୍ସମିସନଶୁଳ୍କଏବଂଆର୍ଥିକ ବର୍ଷ 2014-19 ପାଇଁ ବାର୍ଷିକ ଟ୍ରାନ୍ସମିସନ ଶୁଳ୍କରଟ୍ରୁ-ଆପ ଅନୁମୋଦନ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ବିନିୟମନ, 2004ରବିନିୟମନ 3(6) (ତାରିଫନିର୍ଦ୍ଧାରଣ ପାଇଁ ଆବେଦନ, ଆବେଦନ ପ୍ରକାଶନ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟରେ ପ୍ରକ୍ରିୟା କରିବା ପାଇଁ) ଅନୁପାଳନରେ ପାୱାରଲିଙ୍କସ ଟ୍ରାନ୍ସମିସନଲିମିଟେଡରପିଟିସନ ଉପରେ ପ୍ରସ୍ତାବ/ଆପତ୍ତି ଆମନ୍ତ୍ରିତ କରିବା ସୂଚନା

1. ଏହି ଦସ୍ତାବିଜରେ ପ୍ରଦତ୍ତ ଟ୍ରାନ୍ସମିସନପ୍ରଣାଳୀ ପାଇଁ CERC (ଟାରିଫ'ରସର୍ତ୍ତ ଏବଂ ନିୟମ) ବିନିୟମନ2019ଅଧୀନରେ ଆର୍ଥିକ ବର୍ଷ2019-24 ଅବଧି ପାଇଁ ବାର୍ଷିକ ଟ୍ରାନ୍ସମିସନଶୁଳ୍କ ଏବଂCERC (ଟାରିଫ'ରସର୍ତ୍ତ ଏବଂ ନିୟମ) ବିନିୟମନ2014,CERC (ବ୍ୟବସାୟ ପରିଚାଳନା)ବିନିୟମନ1999ର ବିନିୟମନ86 ଏବଂ ବିଦ୍ୟୁତ ଅଧିନିୟମ 2003ର ଧାରା 79 ଅଧୀନରେ ଆର୍ଥିକ ବର୍ଷ2014-19 ପାଇଁ ଟ୍ରୁ-ଆପଅନୁମୋଦନ ପାଇଁ ମାନନୀୟ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ, ନୂଆଁ ଦିଲ୍ଲୀ ("ମାନନୀୟCERC") ସମ୍ମୁଖରେ ପିଟିସନକାରୀ ଏକ ପିଟିସନ ଦାଖଲ କରିଛନ୍ତି ।

**ଟ୍ରାନ୍ସମିସନ ପ୍ରଣାଳୀ:ସିଲିଗୁଡ଼ିରୁ ପୂର୍ଣ୍ଣିଆ400 KV ଡବଲ ସର୍କିଟ ଲାଇନ(A1) ଏବଂ ପୂର୍ଣ୍ଣିଆରୁମୁଜଫରପୁର (A2),ଏବଂ ମୁଜଫରପୁରରୁ ମୁଜଫରପୁର220 KV ଡବଲ ସର୍କିଟ ଲାଇନ(BSEB) (A6).**

2- **ଟ୍ରାନ୍ସମିସନ ପ୍ରଣାଳୀର ଲାଭାର୍ଥୀ:**
ପିଟିସନକାରୀଙ୍କୁ ଟ୍ରାନ୍ସମିସନ ସେବା ଶୁଳ୍କ ପ୍ରଦାନ କରି ପିଟିସନକାରୀଙ୍କ ଦ୍ୱାରା ନିର୍ମିତ ଏବଂ ଦେଖାରଖା କରାଯାଉଥିବା ସୁବିଧା PGCIL ଉପଯୋଗ କରିପାରିବେ ବୋଲି ପିଟିସନକାରୀ ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ("PGCIL")ଙ୍କ ସହିତ ଟ୍ରାନ୍ସମିସନ ସେବା ଚୁକ୍ତି ସ୍ୱାକ୍ଷର କରିଥିଲେ । PGCIL ସହିତ ପିଟିସନକାରୀ କାର୍ଯ୍ୟାନ୍ୱୟନ ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଥିଲେ ଯାହାର ସର୍ତ୍ତ ଅନୁସାରେ ତାଲା ଟ୍ରାନ୍ସମିସନ ପ୍ରଣାଳୀରୁ ଉତ୍ପନ୍ନ ଲାଭ ପରିଶେଷରେ ପାଇବାକୁ ଥିବା ପୂର୍ବୀ ଏବଂ ଉତ୍ତରୀ ଅଞ୍ଚଳର ସମ୍ପୃକ୍ତ ଲାଭାର୍ଥୀମାନଙ୍କ ସହିତ ଏକ ପୂର୍ବ ସର୍ତ୍ତ ଭାବେ MoU/ BPT ଚୁକ୍ତି PGCIL ହସ୍ତାକ୍ଷର କରିଛନ୍ତି । ସିଲିଗୁଡ଼ିରୁ ପୂର୍ଣ୍ଣିଆ ଏବଂ ପୂର୍ଣ୍ଣିଆରୁ ମୁଜଫରପୁରପର୍ଯ୍ୟନ୍ତ400 KV ଡବଲ ସର୍କିଟ ଲାଇନଏବଂ ମୁଜଫରପୁରରୁ ମୁଜଫରପୁର (BSEB)ପର୍ଯ୍ୟନ୍ତ220 KV ଡବଲ ସର୍କିଟ ଲାଇନରସମ୍ପୃକ୍ତ ଲାଭାର୍ଥୀମାନଙ୍କର ଏକ ତାଲିକା ନିମ୍ନରେ ଦିଆଯାଇଛି:

a) ୱେଷ୍ଟ ବେଙ୍ଗାଲ ଇଲେକ୍ଟ୍ରିସିଟି ବୋର୍ଡ
b) ଦାମୋଦର ଭେଲି କର୍ପୋରେସନ
c) ବିହାର ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ
a) ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆଲିମିଟେଡ
b) ପାୱାର ଡିପାର୍ଟମେଣ୍ଟ, ଗଭର୍ଣ୍ଣମେଣ୍ଟ ଅଫ ସିକ୍କିମ
c) ଝାଡଖଣ୍ଡ ଷ୍ଟେଟଇଲେକ୍ଟ୍ରିସିଟି ବୋର୍ଡ

3. **ଟ୍ରାନ୍ସମିସନ ଲାଇନ ଦୈର୍ଘ୍ୟ**
a. ସିଲିଗୁଡ଼ି– ପୂର୍ଣ୍ଣିଆ :320 ckt-kms
b. ପୂର୍ଣ୍ଣିଆ – ମୁଜଫରପୁର :478 ckt-kms
c. ମୁଜଫରପୁର– ମୁଜଫରପୁର(BSEB) :48 ckt-kms
4. ପରିଯୋଜନାରଅନୁମୋଦିତ ପୁଞ୍ଜି ମୂଲ୍ୟ (ବିଶେଷ ଉପକରଣ, ସ୍ଥାପନା, ଆକସ୍ମିକତା ଏବଂIDCର ଆବଣ୍ଟିତ ମୂଲ୍ୟ ଏହା ଅନ୍ତର୍ଭୁକ୍ତ କରେ) : **ଟ. 736.03କୋଟି**
5. ପୁଞ୍ଜି ମୂଲ୍ୟ ଅନୁମୋଦନ କରିଥିବା ପ୍ରାଧିକରଣ: ଶକ୍ତି ମନ୍ତ୍ରଣାଳୟ
6. ବାଣିଜ୍ୟକସଂଚାଳନରଅନୁସୂଚିତ ତାରିଖ :01.07.2006
7. ବାଣିଜ୍ୟକସଂଚାଳନରପ୍ରକୃତତାରିଖ : 01.09.2006
8. ବାଣିଜ୍ୟକସଂଚାଳନ ତାରିଖ ଅନୁସାରେ ପୁଞ୍ଜି ମୂଲ୍ୟ :ଟ. 649.62କୋଟି
9. **ଟାରିଫ ବିବରଣ**

| ଟ୍ରାନ୍ସମିସନ ପ୍ରଣାଳୀର ନାମ | ଟ୍ରୁ-ଆପ ପାଇଁ ବର୍ଷ ଅନୁସାରେଟ୍ରାନ୍ସମିସନ ଶୁଳ୍କ (ଲକ୍ଷ ଟଙ୍କାରେ) | | | | |
|---|---|---|---|---|---|
| | 2014 –15 | 2015-16 | 2016-17 | 2017-18 | 2018-19 |
| 400 KV DC ସିଲିଗୁଡ଼ି– ପୂର୍ଣ୍ଣିଆ (A1)<br>400 KV DC ପୂର୍ଣ୍ଣିଆ – ମୁଜଫରପୁର(A2)<br>220 KV DC ମୁଜଫରପୁର– ମୁଜଫରପୁର(BSEB) (A6) | 11674.61 | 11355.53 | 11793.18 | 11074.14 | 10716.86 |
| | ପ୍ରସ୍ତାବିତବର୍ଷ ଅନୁସାରଟ୍ରୋନ୍ସମିସନ ଶୁଳ୍କ ;ଲକ୍ଷ ଟଙ୍କାରେ | | | | |
| | 2019-20 | 2020-21 | 2021-22 | 2022-23 | 2023-24 |
| | 7002.67 | 6982.91 | 6496.71 | 6414.71 | 6383.12 |

10. ପିଟିସନକାରୀଙ୍କର ୱେବସାଇଟ www.powerlinks.co.inରୁ ଉପରୋକ୍ତ ପିଟିସନର ଏକ ନକଲ ଡାଉନଲୋଡ କରାଯାଇପାରିବ ।

11. ଏହି ସୂଚନା ପ୍ରକାଶିତ ହେବାର 30 ଦିନ ଭିତରେ ପିଟିସନକାରୀଙ୍କୁ (ଇ-ମେଲ: pankaj.prakash@tatapower.com) ଏକ ନକଲ ସହିତ ସଚିବ, କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ, ଚନ୍ଦ୍ରାଲୋକ ଭବନ, 3ୟ ଏବଂ 4ଥ ଫ୍ଲୋର ଜନପଥ, ନୂଆଁ ଦିଲ୍ଲୀ – 110001 ସମ୍ମୁଖରେ ଲାଭାର୍ଥୀମାନଙ୍କ ସହିତ ଯେକୌଣସି ବ୍ୟକ୍ତି ଦ୍ୱାରା ଉପରୋକ୍ତ ପିଟିସନ ଉପରେ ଥିବା ଯେକୌଣସି ପ୍ରସ୍ତାବ ଏବଂ ଆପତ୍ତି ଦାୟର କରାଯାଇପାରେ ।

ସ୍ଥାନ: ନୂଆଁ ଦିଲ୍ଲୀ
ତାରିଖ: 07.02.2020

(ଯୋଗେଶ କୁମାର ଲୁଥରା)
CEOଏବଂ ED – ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ



## POWERLINKS TRANSMISSION LIMITED
(A joint venture of TATA POWER and POWERGRID)

ପଞ୍ଜିକୃତ ଅଫିସ:
ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ,10ମଫ୍ଲୋର, DLF ଟାୱାର A, ଜିଲ୍ଲା କେନ୍ଦ୍ର ଜସୋଲା, ନୂଆଁ ଦିଲ୍ଲୀ110025

**ସାର୍ବଜନୀକ ସୂଚନା**

ନିୟନ୍ତ୍ରଣ ଅବଧି ଆର୍ଥିକ ବର୍ଷ 2019-24 ପାଇଁ ପ୍ରସ୍ତାବିତ ବାର୍ଷିକ ଟ୍ରାନ୍ସମିସନଶୁଳ୍କଏବଂଆର୍ଥିକ ବର୍ଷ 2014-19 ପାଇଁ ବାର୍ଷିକ ଟ୍ରାନ୍ସମିସନ ଶୁଳ୍କରଟ୍ରୁ-ଆପ ଅନୁମୋଦନ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ବିନିୟମନ, 2004ର ବିନିୟମନ 3(6) (ତାରିଫନିର୍ଦ୍ଧାରଣ ପାଇଁ ଆବେଦନ, ଆବେଦନ ପ୍ରକାଶନ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟରେ ପ୍ରକ୍ରିୟା କରିବା ପାଇଁ) ଅନୁପାଳନରେ ପାୱାରଲିଙ୍କସ ଟ୍ରାନ୍ସମିସନଲିମିଟେଡରପିଟିସନ ଉପରେ ପ୍ରସ୍ତାବ/ଆପତ୍ତି ଆମନ୍ତ୍ରିତ କରିବା ସୂଚନା

1. ଏହି ଦସ୍ତାବିଜରେ ପ୍ରଦତ୍ତ ଟ୍ରାନ୍ସମିସନପ୍ରଣାଳୀ ପାଇଁ CERC (ଟାରିଫ'ରସର୍ତ୍ତ ଏବଂ ନିୟମ) ବିନିୟମନ2019 ଅଧୀନରେ ଆର୍ଥିକ ବର୍ଷ2019-24 ଅବଧି ପାଇଁ ବାର୍ଷିକ ଟ୍ରାନ୍ସମିସନଶୁଳ୍କ ଏବଂ CERC (ଟାରିଫ'ରସର୍ତ୍ତ ଏବଂ ନିୟମ) ବିନିୟମନ 2014,CERC (ବ୍ୟବସାୟ ପରିଚାଳନା) ବିନିୟମନ 1999ର ବିନିୟମନ 86 ଏବଂ ବିଦ୍ୟୁତ ଅଧିନିୟମ 2003ର ଧାରା 79 ଅଧୀନରେ ଆର୍ଥିକ ବର୍ଷ2014-19 ପାଇଁ ଟ୍ରୁ-ଆପ ଅନୁମୋଦନ ପାଇଁ ମାନନୀୟ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ, ନୂଆଁ ଦିଲ୍ଲୀ ("ମାନନୀୟ CERC") ସମ୍ମୁଖରେ ପିଟିସନକାରୀ ଏକ ପିଟିସନ ଦାଖଲ କରିଛନ୍ତି ।

**ଟ୍ରାନ୍ସମିସନପ୍ରଣାଳୀ:ମୁଜଫରପୁରରୁ ଗୋରଖପୁର 400 KV ଡବଲ ସର୍କିଟ ଲାଇନ (A3).**

2. **ଟ୍ରାନ୍ସମିସନ ପ୍ରଣାଳୀର ଲାଭାର୍ଥୀ:**
ପିଟିସନକାରୀଙ୍କୁ ଟ୍ରାନ୍ସମିସନ ସେବା ଶୁଳ୍କ ପ୍ରଦାନ କରି ପିଟିସନକାରୀଙ୍କ ଦ୍ୱାରା ନିର୍ମିତ ଏବଂ ଦେଖାରଖା କରାଯାଉଥିବା ସୁବିଧା PGCIL ଉପଯୋଗ କରିପାରିବେ ବୋଲି ପିଟିସନକାରୀ ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ("PGCIL")ଙ୍କ ସହିତ ଟ୍ରାନ୍ସମିସନ ସେବା ଚୁକ୍ତି ସ୍ୱାକ୍ଷର କରିଥିଲେ । PGCIL ସହିତ ପିଟିସନକାରୀ କାର୍ଯ୍ୟାନ୍ୱୟନ ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଥିଲେ ଯାହାର ସର୍ତ୍ତ ଅନୁସାରେ ତାଲା ଟ୍ରାନ୍ସମିସନ ପ୍ରଣାଳୀରୁ ଉତ୍ପନ୍ନ ଲାଭ ପରିଶେଷରେ ପାଇବାକୁ ଥିବା ପୂର୍ବୀ ଏବଂ ଉତ୍ତରୀ ଅଞ୍ଚଳର ସମ୍ପୃକ୍ତ ଲାଭାର୍ଥୀମାନଙ୍କ ସହିତ ଏକ ପୂର୍ବ ସର୍ତ୍ତ ଭାବେ MoU/ BPT ଚୁକ୍ତି PGCIL ହସ୍ତାକ୍ଷର କରିଛନ୍ତି ।ମୁଜଫରପୁର – ଗୋରଖପୁର ପର୍ଯ୍ୟନ୍ତ400 KV ଡବଲ ସର୍କିଟ ଲାଇନରସମ୍ପୃକ୍ତ ଲାଭାର୍ଥୀମାନଙ୍କର ଏକ ତାଲିକା ନିମ୍ନରେ ଦିଆଯାଇଛି:

a) ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ
b) BSESରାଜଧାନୀ ପାୱାର ଲିମିଟେଡ
c) BSESଯମୁନା ପାୱାର ଲିମିଟେଡ
d) ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ ଲିମିଟେଡ
e) ପଞ୍ଜାବ ଷ୍ଟେଟ ପାୱାର କର୍ପୋରେସନ ଲିମିଟେଡ
f) ହରିୟାନା ପାୱାର ପାର୍ଚେଜ ସେଣ୍ଟର
g) ଦିଲ୍ଲୀ ଟ୍ରାନ୍ସକୋ ଲିମିଟେଡ
h) ଉତ୍ତର ପ୍ରଦେଶ ପାୱାର କର୍ପୋରେସନ ଲିମିଟେଡ
i) ଚଣ୍ଡିଗଡ ଇଲେକ୍ଟ୍ରିସିଟି ଡିପାର୍ଟମେଣ୍ଟ
j) ରାଜସ୍ଥାନ ରାଜ୍ୟ ବିଦ୍ୟୁତ ପ୍ରସାରଣ ନିଗମ ଲିମିଟେଡ
k) ଜମ୍ମୁ ଓ କାଶ୍ମୀର ରାଜ୍ୟ ପାୱାର ଡିଭେଲପମେଣ୍ଟ କର୍ପୋରେସନ ଲିମିଟେଡ
l) ହିମାଚଳ ପ୍ରଦେଶ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ଲିମିଟେଡ
m) ଉତ୍ତରାଖଣ୍ଡ ପାୱାର କର୍ପୋରେସନ ଲିମିଟେଡ
n) ଉତ୍ତର ମଧ୍ୟ ରେଲୱେ
o) ୱେଷ୍ଟ ବେଙ୍ଗାଲ ଷ୍ଟେଟ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ
p) ଗ୍ରୀଡ କର୍ପୋରେସନ ଅଫ ଓଡିଶା ଲିମିଟେଡ
q) ଝାଡଖଣ୍ଡ ବିଜ୍ଲି ବିତରଣ ନିଗମ ଲିମିଟେଡ
r) ବିହାର ଷ୍ଟେଟ ପାୱାର ହୋଲଡିଙ୍ଗ କମ୍ପାନୀ ଲିମିଟେଡ
s) ଦାମୋଦର ଭେଲି କର୍ପୋରେସନ
t) ପାୱାର ଡିପାର୍ଟମେଣ୍ଟ, ସିକ୍କିମ ସରକାର
u) ଅଜମେର ବିଦ୍ୟୁତ ବିତରଣ ନିଗମ ଲିମିଟେଡ
v) ଜୟପୁର ବିଦ୍ୟୁତ ବିତରଣ ନିଗମ ଲିମିଟେଡ
w) ଯୋଧପୁର ବିଦ୍ୟୁତ ବିତରଣ ନିଗମ ଲିମିଟେଡ
x) ନୂଆଁ ଦିଲ୍ଲୀ ନଗରପାଳିକା ପରିଷଦ

3. **ଟ୍ରାନ୍ସମିସନ ଲାଇନ ଦୈର୍ଘ୍ୟ**
ମୁଜଫରପୁର– ଗୋରଖପୁର :520 ckt-kms
4. ପରିଯୋଜନାରଅନୁମୋଦିତ ପୁଞ୍ଜି ମୂଲ୍ୟ (ବିଶେଷ ଉପକରଣ, ସ୍ଥାପନା, ଆକସ୍ମିକତା ଏବଂ IDCର ଆବଣ୍ଟିତ ମୂଲ୍ୟ ଏହା ଅନ୍ତର୍ଭୁକ୍ତ କରେ) : **ଟ. 440.75କୋଟି**
5. ପୁଞ୍ଜି ମୂଲ୍ୟ ଅନୁମୋଦନ କରିଥିବା ପ୍ରାଧିକରଣ:ଶକ୍ତି ମନ୍ତ୍ରଣାଳୟ
6. ବାଣିଜ୍ୟକସଂଚାଳନରଅନୁସୂଚିତ ତାରିଖ :01.07.2006
7. ବାଣିଜ୍ୟକସଂଚାଳନରପ୍ରକୃତତାରିଖ : 01.09.2006
8. ବାଣିଜ୍ୟକସଂଚାଳନ ତାରିଖ ଅନୁସାରେ ପୁଞ୍ଜି ମୂଲ୍ୟ :ଟ. 388.17କୋଟି
9. **ଟାରିଫ ବିବରଣ**

| ଟ୍ରାନ୍ସମିସନ ପ୍ରଣାଳୀର ନାମ | ଟ୍ରୁ-ଆପ ପାଇଁ ବର୍ଷ ଅନୁସାରେଟ୍ରାନ୍ସମିସନ ଶୁଳ୍କ (ଲକ୍ଷ ଟଙ୍କାରେ) | | | | |
|---|---|---|---|---|---|
| | 2014 –15 | 2015-16 | 2016-17 | 2017-18 | 2018-19 |
| 400 KV DC ମୁଜଫରପୁରରୁଗୋରଖପୁର (A3) | 6831.97 | 6613.68 | 6737.70 | 6518.54 | 6312.88 |
| | ପ୍ରସ୍ତାବିତବର୍ଷ ଅନୁସାରେଟ୍ରାନ୍ସମିସନ ଶୁଳ୍କ (ଲକ୍ଷ ଟଙ୍କାରେ) | | | | |
| | 2019-20 | 2020-21 | 2021-22 | 2022-23 | 2023-24 |
| | 4114.77 | 4069.58 | 3759.57 | 3726.58 | 3723.28 |

10. ପିଟିସନକାରୀଙ୍କର ୱେବସାଇଟ www.powerlinks.co.inରୁ ଉପରୋକ୍ତ ପିଟିସନର ଏକ ନକଲ ଡାଉନଲୋଡ କରାଯାଇପାରିବ ।

11. ଏହି ସୂଚନା ପ୍ରକାଶିତ ହେବାର 30 ଦିନ ଭିତରେ ପିଟିସନକାରୀଙ୍କୁ (ଇ-ମେଲ: pankaj.prakash@tatapower.com) ଏକ ନକଲ ସହିତ ସଚିବ, କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ, ଚନ୍ଦ୍ରାଲୋକ ଭବନ, 3ୟ ଏବଂ 4ଥ ଫ୍ଲୋର ଜନପଥ, ନୂଆଁ ଦିଲ୍ଲୀ – 110001 ସମ୍ମୁଖରେ ଲାଭାର୍ଥୀମାନଙ୍କ ସହିତ ଯେକୌଣସି ବ୍ୟକ୍ତି ଦ୍ୱାରା ଉପରୋକ୍ତ ପିଟିସନ ଉପରେ ଥିବା ଯେକୌଣସି ପ୍ରସ୍ତାବ ଏବଂ ଆପତ୍ତି ଦାୟର କରାଯାଇପାରେ ।

ସ୍ଥାନ: ନୂଆଁ ଦିଲ୍ଲୀ
ତାରିଖ: 07.02.2020

(ଯୋଗେଶ କୁମାର ଲୁଥରା)
CEOଏବଂ ED – ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ

> ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା, ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି।
> –ଶ୍ରୀଅରବିନ୍ଦ



### ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# ବେଆଇନ ମାଂସ ଶିଳ୍ପ

ସାରା ଦେଶରେ ବେଆଇନ 'ଶୀତଳ ଭଣ୍ଡାର' ଓ 'ମାଂସ ପ୍ରକ୍ରିୟାକରଣ' ଶିଳ୍ପଗୁଡ଼ିକର ଏକ ର୍ୟାକେଟ୍ ଚାଲିଛି। ଗତବର୍ଷ କର୍ଣ୍ଣାଟକର ବେଲାଗାଭି ଅଞ୍ଚଳର ଲୋକଙ୍କ ଅନୁରୋଧ ରକ୍ଷା କରି ମୁଁ ସେଠାକୁ ଯାଇଥିଲି। ସେମାନେ ସେଠାରେ ଲୁଚାଚୋରାରେ କେତେକ ବେଆଇନ ଶୀତଳଭଣ୍ଡାର/ମାଂସ ପ୍ରକ୍ରିୟାକରଣ ଶିଳ୍ପ ଚାଲୁଥିବା ମୋତେ ଜଣାଇଥିଲେ, ଯେଉଁଠାରେ ବେଆଇନ ଭାବେ ହଜାର ହଜାର ମଇଁଷିଙ୍କୁ ମରାଯାଉଥିଲା। ମୁଁ ସ୍ଥାନୀୟ ରାଜନେତାଙ୍କୁ ସାଙ୍ଗରେ ଧରି ସେହିସବୁ ଫ୍ୟାକ୍ଟ୍ରିଗୁଡ଼ିକୁ ଯାଇଥିଲି। ତା' ଭିତରକୁ ପଶିବା ମୁସ୍କିଲ ଥିଲା। କାରଣ ଯେମିତି ଫ୍ୟାକ୍ଟ୍ରି ମାଲିକ ଶୁଣିଲେ ମୁଁ ଆସିଛି, ସେମାନେ ପଳାଇଲେ ଓ ଫ୍ୟାକ୍ଟ୍ରି ବନ୍ଦ କରିଦେଲେ। ତଥାପି ଆମେ ତା' ଭିତରକୁ ପ୍ରବେଶ କଲୁ ଏବଂ ଆଣ୍ଠୁଏ ରକ୍ତ, ସଦ୍ୟ କଟା ମଇଁଷିର ଅସ୍ଥି ଓ ଭଣଭଣ ମାଛିର ପରିବେଶ ଦେଖିବାକୁ ପାଇଲୁ। ଏହି ସ୍ଥାନ ନର୍କଠାରୁ ବି ଖରାପ। ଏହାକୁ ଟିଭିରେ ବାରମ୍ବାର ପ୍ରସାରଣ କରାଯାଇଥିଲା ଓ ଏବେ ମଧ୍ୟ ଆପଣ ତାହାକୁ ନେଟ୍‌ରେ ଦେଖିପାରିବେ।

ଫ୍ୟାକ୍ଟ୍ରିରେ କିଛି ଗୁପ୍ତରେ ଚାଲୁ ନ ଥିଲା। ଏହା ଏକ ବଡ଼ ବିଲ୍ଡିଂରେ ଚାଲୁଥିଲା ଏବଂ ଯଦି ପୋଲିସ ଲାଞ୍ଚ କାରବାରରେ ଲିପ୍ତ ନ ଥାନ୍ତା ହୁଏତ ଏହା ଚାଲିପାରି ନ ଥାନ୍ତା। ସ୍ଥାନୀୟ ପୋଲିସ କମିଶନର ଏଥିରେ ଜଡ଼ିତ ଥିବା ଜଣାପଡ଼ିଥିଲା। ପ୍ରଥମେ ସେ ଏମିତି ଏକ ଫ୍ୟାକ୍ଟ୍ରି ଥିବା କଥା ଅସ୍ୱୀକାର କରିଥିଲେ। ପରେ ନିଜ ସପକ୍ଷରେ ସଫେଇ ଦେଇଥିଲେ। ସେଠାକୁ ଗୋଆରୁ ଗାଈମାନଙ୍କୁ ଚୋରାରେ ଅଣାଯାଉଥିଲା ଓ ଏକ ପଡ଼ିଆରେ ସେମାନଙ୍କୁ କଟାଯାଉଥିଲା। ଏହାପରେ ମୃତ ଗାଈଗୁଡ଼ିକୁ ଫ୍ୟାକ୍ଟ୍ରିକୁ ଅଣାଯାଇ କଟାକଟି କରି ପ୍ୟାକେଜିଂ କରାଯାଇ ରପ୍ତାନି କରାଯାଉଥିଲା। ସେହି ଫ୍ୟାକ୍ଟ୍ରିଟି ବର୍ଷ ବର୍ଷ ଧରି ବିନା ଲାଇସେନ୍ସରେ ଚାଲୁଥିଲା। ଏହାକୁ ବନ୍ଦ କରାଗଲା ଏବଂ ପରେ ସ୍ଥାନୀୟ ସାଂସଦଙ୍କ ଦ୍ୱାରା ପୁଣି ଖୋଲାଗଲା। ଏହାର କାରଣ ଆପଣ ଜାଣିପାରୁଥିବେ।

ବିହାରରେ ମୋ ଦ୍ୱାରା ଆଉ ଏକ ର୍ୟାକେଟ ଧରାପଡ଼ିଥିଲା। ପୋଲିସ ଫାଣ୍ଡି ନିକଟରେ ଏକ ଶୀତଳଭଣ୍ଡାରରେ ତାଲା ପଡ଼ିଥିଲା। ପୋଲିସର କହିବା ଅନୁଯାୟୀ ଏହା ଅନେକ ବର୍ଷ ହେବ ବନ୍ଦ ରହିଥିଲା। ଶେଷରେ ମୁଁ ରାଜ୍ୟ ଦାୟିତ୍ୱରେ ରହିଥିବା ନେତାମାନଙ୍କୁ ନେଇ ସେହି ଶୀତଳଭଣ୍ଡାର ଭିତରେ ପଶିଥିଲି। ସେଠାରେ ଆମେ ଅତିକମ୍‌ରେ ୧୫,୦୦୦ ମୃତ ଗାଈଙ୍କ ଶରୀର/ମାଂସ ଦେଖିବାକୁ ପାଇଥିଲୁ। ଏହି ଫ୍ୟାକ୍ଟ୍ରିର ମାଲିକ ଥିଲେ ଦିଲ୍ଲୀର ଜଣେ ହିନ୍ଦୁ ରପ୍ତାନିକାରୀ। ତାଙ୍କ ଅଫିସ୍ ଉପରେ ଚଢ଼ାଉ କରାଗଲା। ସେ ବହୁ ବର୍ଷ ଧରି ମାଂସ ରପ୍ତାନି କରୁଥିଲେ। ସେ ବିଦେଶକୁ ପଳାଇଗଲେ ଏବଂ ପରେ ସମ୍ଭବତଃ ପୋଲିସ କିଛି ହେବନି ବୋଲି ଆଶ୍ୱାସନା ଦେବାରୁ ଫେରିଆସିଥିଲେ।

ମାଂସ ଶିଳ୍ପ ତିନିଭାଗରେ ବିଭକ୍ତ। ପ୍ରଥମେ ପ୍ରାଣୀଙ୍କୁ କାଟି ଚମଡ଼ା ଛାଲିବା ପାଇଁ କଂସେଇଖାନା ରହିଛି। ଦ୍ୱିତୀୟରେ ମାଂସ ବିକ୍ରି କରିବା ପାଇଁ ମାଂସ ଦୋକାନ ରହିଛି। ତୃତୀୟରେ ରହିଛି ମାଂସ ପ୍ରକ୍ରିୟାକରଣ ଫ୍ୟାକ୍ଟ୍ରି। କଂସେଇଖାନାରେ ପ୍ରାଣୀମାନଙ୍କୁ ମାରି ଚମଡ଼ା ଛାଲିବା ପରେ ତାହାକୁ ଖଣ୍ଡ ଖଣ୍ଡ କରି ସେଥିରୁ ହାଡ଼ ବାହାର କରି ରପ୍ତାନି ଲାଗି ପ୍ୟାକ୍ କରି ରେଫ୍ରିଜରେଟରରେ ରଖାଯାଏ। ପ୍ରକ୍ରିୟାକରଣ ଫ୍ୟାକ୍ଟ୍ରିରେ କୌଣସି ପ୍ରାଣୀକୁ ମରାଯାଏ ନାହିଁ।

ମାଂସ ପ୍ରକ୍ରିୟାକରଣର ପ୍ରତ୍ୟେକ ବିଭାଗ ଲାଗି ଅଲଗା ଅଲଗା ଲାଇସେନ୍ସ ଦେବା ପାଇଁ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ୨୦୦୬ ରହିଛି। ଏଠାରେ ନୂଆଦିଲ୍ଲୀର ଏକ ଉଦାହରଣ ଦେଉଛି। ଦିଲ୍ଲୀରେ କେବଳ ଗୋଟିଏ ଲାଇସେନ୍ସପ୍ରାପ୍ତ କଂସେଇଖାନା ରହିଛି ଯାହାର ନିଜସ୍ୱ ମାଂସ ପ୍ରକ୍ରିୟାକରଣ କେନ୍ଦ୍ର ଗାଜିପୁରରେ ଅଛି। କିନ୍ତୁ ରପ୍ତାନି ପାଇଁ କେଶବପୁରମ୍‌ର ଲରେନ୍ସ ରୋଡ୍ ଶିଳ୍ପାଞ୍ଚଳରେ ବହୁ ସଂଖ୍ୟାରେ ମାଂସ ପ୍ରକ୍ରିୟାକରଣ ଫ୍ୟାକ୍ଟ୍ରି ଗଢ଼ିଉଠିଛି। ଦିଲ୍ଲୀ ଷ୍ଟେଟ୍ ସ୍ଲଟରହାଉସ ମନିଟରିଂ କମିଟି ଦ୍ୱାରା ଏହାର ତଦନ୍ତ ହେବା ଯାଏ କେଉଁଠି ପ୍ରାଣୀମାନଙ୍କୁ ହତ୍ୟା କରାଯାଉଛି ତାହା କେହି ଚିନ୍ତା କରି ନ ଥିଲେ। ତଦନ୍ତ ପରେ ନିକଟରେ ଦିଲ୍ଲୀ ସରକାର ଉତ୍ତର ଦିଲ୍ଲୀରେ ଦୁଇଟି ବେଆଇନ ପ୍ରୋସେସିଂ ୟୁନିଟକୁ ବନ୍ଦ କରି ଦେଇଛନ୍ତି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଜୁନ ୨୦୧୯ରେ ଏମ୍‌ସିଡିକୁ ଅବଗତ କରାଯାଇଥିଲା। ପ୍ରାଣୀପାଳନ ବିଭାଗ କିଛି କରିବା ପାଇଁ ମନା କରିଦେଲା। ଜାନୁୟାରୀ ୨୦୨୦ରେ ଦିଲ୍ଲୀ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ପରେ ସେମାନଙ୍କ ଲାଇସେନ୍ସ ରଦ୍ଦ ହୋଇଥିଲା। ବହୁ ବର୍ଷଧରି ଏହି ମିଟ୍ ଫ୍ୟାକ୍ଟ୍ରିଗୁଡ଼ିକ ସୁଶୀଲ ଆଇସ୍ ଫ୍ୟାକ୍ଟ୍ରି ଓ ଜଗଦୀଶ ଆଇସ୍ ଫ୍ୟାକ୍ଟ୍ରି ନାମରେ ଚାଲିଆସୁଥିଲା। ଏହି ଫ୍ୟାକ୍ଟ୍ରିଗୁଡ଼ିକ ରପ୍ତାନି ପାଇଁ ପ୍ରତିମାସରେ ୮ ଶହ ମଇଁଷି ମାରି ପ୍ରକ୍ରିୟାକରଣ କରୁଥିଲେ। କିନ୍ତୁ ଏହି ପ୍ରାଣୀଙ୍କୁ କେଉଁଠି ମରାଯାଉଥିଲା ତା'ର କୌଣସି ରେକର୍ଡ ନ ଥିଲା। ବାସ୍ତବରେ ପ୍ରକ୍ରିୟାକରଣ ଲାଗି ଉତ୍ତରପ୍ରଦେଶର ଗ୍ରାମାଞ୍ଚଳରୁ ମଇଁଷିମାନଙ୍କୁ ମାରି ଅଣାଯାଉଥିଲା। ଏମ୍‌ସିଡିର ପ୍ରାଣୀ ଚିକିତ୍ସକ ଓ ନିରୀକ୍ଷକଙ୍କୁ ସାମାନ୍ୟ ଜରିମାନା ଦେଇ ଏହି ବେଆଇନ କାର୍ଯ୍ୟକୁ ନିୟମିତ କରାଯାଉଥିଲା। ଏହି ପ୍ରକ୍ରିୟାକୁ ମିଟ୍ ଲଣ୍ଡରିଂ କୁହାଯାଇପାରେ।

ରପ୍ତାନି କରାଯାଉଥିବା ମାଂସର ଅଧିକ ଭାଗ ନିୟମାନୁଯାୟୀ କଂସେଇଖାନାରୁ ଆସୁନାହିଁ, ବରଂ ମିଟ୍ ଲଣ୍ଡରିଂରୁ ଆସୁଛି। ବେଆଇନ ଭାବେ ପ୍ରାଣୀ ହତ୍ୟା କରିବା ପାଇଁ ଏହା ଏବେ ଏକ ନୂଆ ପଦ୍ଧତି। ଏଥିରେ ବିନା ଲାଇସେନ୍ସରେ ପ୍ରାଣୀଙ୍କୁ ଅନ୍ୟ ଏକ ସ୍ଥାନରେ ମାରି ରପ୍ତାନି ଲାଗି ପ୍ୟାକେଜ୍ କରାଯାଉଛି। ନିୟମ ଭଙ୍ଗ ଓ ମାଂସ ରପ୍ତାନିକୁ ନିୟମିତ କରିବା ଲାଗି ସ୍ଥାନୀୟ ପ୍ରଶାସନକୁ କିଛି ହାତଗୁଞ୍ଜା ଦିଆଯାଉଛି। ଏହା ଦେଶର ସବୁଆଡ଼େ ଘଟୁଛି ଏବଂ ଭାରତ ବିଶ୍ୱର ସବୁଠୁ ଅଧିକ ମାଂସ ରପ୍ତାନିକାରୀ ଦେଶ ହେବାର ଏହା ଏକ ମୁଖ୍ୟ କାରଣ। ପ୍ରାଣୀଙ୍କୁ କାଟିବାଠାରୁ ଆରମ୍ଭ କରି ମାଂସ ପ୍ୟାକେଜିଂ ଯାଏ ସବୁ କିଛି ଲାଗି ଅନେକ ନିୟମ ରହିଛି। ଏହି ସବୁ ଆଇନ ମଧ୍ୟରେ ରହିଛି ଖାଦ୍ୟ ସୁରକ୍ଷା ଓ ମାନକ ନିୟମ ୨୦୦୬, ରାଜ୍ୟର ଫ୍ୟାକ୍ଟ୍ରି ଲାଇସେନ୍‌ସିଂ ନିୟମ, ପରିବେଶ ସୁରକ୍ଷା ନିୟମ ଏବଂ ୧୯୬୦ର ପ୍ରାଣୀ ନିର୍ଯାତନା ନିରାକରଣ ନିୟମ। ରପ୍ତାନି ପାଇଁ କୃଷି ଓ ପଞ୍ଜୀକୃତ ଖାଦ୍ୟ ରପ୍ତାନି ବିକାଶ ପ୍ରାଧିକରଣ (ଏପିଇଡିଏ) ସହ ଅତିରିକ୍ତ ପଞ୍ଜୀକରଣ କରିବା ଦରକାର। ଏପିଇଡିଏ ସହ ପଞ୍ଜୀକୃତ ଅଧିକାଂଶ ମାଂସ ରପ୍ତାନିକାରୀ କମ୍ପାନୀ ଖାଦ୍ୟ ସୁରକ୍ଷା ଓ ପ୍ରଦୂଷଣ ନିୟମର ଉଲ୍ଲଂଘନ କରୁଛନ୍ତି। ବିନା ତଦନ୍ତରେ ଏବଂ ମାଂସ କେଉଁଠାରୁ ଆସୁଛି ତା'ର ଯଥୋଚିତ କାରଣ ନ ଦର୍ଶାଇ ବି ଏପିଇଡିଏରେ ପଞ୍ଜୀକରଣ କରାଯାଉଛି। ଏଥିପାଇଁ ପ୍ରବଳ ଲାଞ୍ଚ କାରବାର ହୋଇଥାଏ।

ପ୍ରତ୍ୟେକ ମିଟ୍ ପ୍ରୋସେସିଂ ୟୁନିଟ୍ ଆଇସ୍ ଫ୍ୟାକ୍ଟ୍ରି ଭିତରେ ଚାଲୁଛି। ଏଠାରେ ରପ୍ତାନି ପାଇଁ ୨୦ ପ୍ରକାର ବ୍ରାଣ୍ଡର ମାଂସ ପ୍ୟାକେଜ୍ କରାଯାଉଛି। କଂସେଇଖାନା କିମ୍ବା କେଉଁଠାରୁ ମାଂସ ଆସୁଛି ସେ ସମ୍ପର୍କରେ କିଛି ବି ରେକର୍ଡ ରଖାଯାଉନି। ଏହା ସୂଚାଉଛି ଯେ, ଅଣପଞ୍ଜୀକୃତ ସ୍ଥାନରେ ପ୍ରାଣୀ ହତ୍ୟା କରାଯାଉଛି। ବିଶେଷକରି ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ ଏହା ହେଉଛି। ନିୟମ ଅନୁସାରେ ଏଭଳି ମାଂସ କାରବାରକୁ ଏମ୍‌ସିଡି କିମ୍ବା ଦିଲ୍ଲୀ ସରକାର ଏବଂ ତଦନ୍ତକାରୀ ଅଧିକାରୀମାନେ ରାଜ୍ୟ ସୀମାରେ ଯାଞ୍ଚ କରିବା କଥା। ତେବେ ଏଯାବତ୍ ସୀମାରେ ହେଉ କି ଫ୍ୟାକ୍ଟ୍ରିଗୁଡ଼ିକରେ, ବେଆଇନ ପ୍ରସେସିଂକୁ ବନ୍ଦ କରାଯାଇ ନାହିଁ। ଏହା ଏକ ଧାରାବଦ୍ଧ ଦୁର୍ନୀତିର ପର୍ଦ୍ଦାଫାଶ କରୁଛି ଯେଉଁଠି ମାଂସ ବ୍ୟବସାୟୀଙ୍କ ସହ ସଲାସୁତୁରା ହୋଇଥିବା ମ୍ୟୁନିସିପାଲିଟି ଡାକ୍ତର ଏବଂ ପୋଲିସ ହିଁ ଦୋଷୀ। ତଦନ୍ତରୁ ଜଣାପଡ଼ିଥିଲା ଯେ, ସୁସ୍ଥ ପରିବେଶରେ ଏହି ଫ୍ୟାକ୍ଟ୍ରିଗୁଡ଼ିକ ଚାଲୁ ନ ଥିଲା। ପରିମଳ ସୁବିଧା ତଥା ବର୍ଜ୍ୟବସ୍ତୁ ନିଷ୍କାସନ ସହ ମିଟ୍ ପ୍ରସେସିଂ ଲାଗି ଆବଶ୍ୟକ ମେଶିନର ଅଭାବ ରହିଥିଲା। ଫ୍ୟାକ୍ଟ୍ରିରେ ଶ୍ରମିକମାନଙ୍କୁ କମ୍ ଦରମା ଦିଆଯାଉଥିଲା। ଏହା ଶ୍ରମ ନିୟମର ବିରୁଦ୍ଧାଚରଣ। ପ୍ରତ୍ୟେକ କ୍ଷେତ୍ରରେ ଖାଦ୍ୟ ସୁରକ୍ଷା ନିୟମର ଉଲ୍ଲଂଘନ କରାଯାଇଥିଲା।

ବିହାର, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ବହୁ ମାଂସ ପ୍ରକ୍ରିୟାକରଣ ୟୁନିଟ୍ ଏହି ଧାରାରେ ଚାଲିଛି ଏବଂ ଏହାକୁ ଆଇନ ପରିସରକୁ ଆଣିବା ଦରକାର। ମାଂସ ରପ୍ତାନି ଉପରେ ଧ୍ୟାନ ଦେଇ ଗୋସୁରକ୍ଷାର ମୂଲ୍ୟକୁ ଅଣଦେଖା କରିବା ଉଚିତ ନୁହେଁ, ଯାହା ଭାରତୀୟ ସମ୍ବିଧାନର ଧାରା ୪୮ରେ ସନ୍ନିବେଶିତ ହୋଇଛି। ଭାରତ ସବୁଠୁ ବଡ଼ ମାଂସ ରପ୍ତାନିକାରୀ ଦେଶ ବୋଲାଉଛି। ୨୦୧୮–୧୯ରେ ୧,୨୩,୬୬,୩୮, ୩୯୮ କିଲୋଗ୍ରାମ୍ ମାଂସ ୮୪ଟି ଦେଶକୁ ରପ୍ତାନି ହୋଇଥିଲା। ରପ୍ତାନି ପାଇଁ ୬୫ ଲକ୍ଷରୁ ଉର୍ଦ୍ଧ୍ୱ ମଇଁଷି ପ୍ରତିବର୍ଷ ମରାଯାଉଛି। ଏହା ମଧ୍ୟରୁ ୭୫ ପ୍ରତିଶତ ବେଆଇନ ଭାବେ କଟାଯାଉଛି। ଏଥିରୁ ଅନୁମାନ କରୁଥିବେ ଯେ, କେତେ ପୋଲିସ, ନିଗମ ଅଧିକାରୀ, ଏପିଇଡିଏ ଏବଂ ଲାଇସେନ୍ସ ପ୍ରଦାନକାରୀ ମୁଖ୍ୟ ସେମାନଙ୍କ ପକେଟ ଭରିପାରିଛନ୍ତି।

Email: gandhim@nic.in

## ଏଇ ଭାରତରେ

ମୋହନତି ମଣିଷ ପାଇଁ ସବୁ କିଛି ସମ୍ଭବ। ଏହିପରି ଜଣେ ମଣିଷ ହେଉଛନ୍ତି ପଟିଆଲା ଜିଲାର ଭାଦସୋଁ–୨ର ବ୍ଲକ୍ ଶିକ୍ଷା ଅଧିକାରୀ ବଲକାର କୌର। ନିଷ୍ଠାପର ଉଦ୍ୟମ ବଳରେ ସେ ବ୍ଲକ୍‌ର ପ୍ରାଥମିକ ସ୍କୁଲଗୁଡ଼ିକର ଛବି ବଦଳାଇ ଦେଇଛନ୍ତି। ବିନା ସରକାରୀ ସହାୟତାରେ ସେ ଏହା କରିପାରିଛନ୍ତି। ଏଥିପାଇଁ ଶିକ୍ଷକମାନଙ୍କ ସାହାଯ୍ୟ ଲୋଡ଼ିଛନ୍ତି। ପ୍ରଥମେ ବଲକାର ତାଙ୍କ ଦରମା ସ୍କୁଲ ବିକାଶରେ ବ୍ୟୟ କରିବା ପରେ ୨୫ ଜଣ ଶିକ୍ଷକ ସେମାନଙ୍କର ଗୋଟିଏ ମାସର ଦରମା ସ୍କୁଲର ବିକାଶ ଲାଗି ଦେଇଛନ୍ତି। ତେବେ ଯାହା କମ୍ ରହିଗଲା ତାହା ଗ୍ରାମବାସୀ ପୂରଣ କରିଛନ୍ତି। ସ୍କୁଲଗୁଡ଼ିକରେ କେଉଁଠି ୫୦ ହଜାର ତ ଆଉ କେଉଁଠି ଦେଢ଼ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ବୋଲି କୁହନ୍ତି ବଲକାର କୌର। ଏହି ଶିକ୍ଷା ଅଧିକାରୀଙ୍କ ପ୍ରୟାସରେ ୬୧ଟି ପ୍ରାଥମିକ ସ୍କୁଲ୍‌କୁ ସ୍ମାର୍ଟସ୍କୁଲ୍ କରାଯାଇପାରିଛି। ଏହାଦ୍ୱାରା ଏହି ସବୁ ସରକାରୀ ସ୍କୁଲ୍‌ରେ ପିଲାସଂଖ୍ୟା ବୃଦ୍ଧିପାଇଛି। ପ୍ରଥମେ ବ୍ଲକ୍‌ର ସ୍କୁଲଗୁଡ଼ିକରେ ୨୩୩୪ ଜଣ ପିଲା ପଢ଼ୁଥିଲେ, କିନ୍ତୁ ସ୍ମାର୍ଟସ୍କୁଲ ହେବା ପରେ ପିଲାସଂଖ୍ୟା ଏବେ ପହଞ୍ଚିଛି ୩୫୦୦ରେ। କେବଳ ଭାଦସୋଁ ସ୍କୁଲ୍‌ରେ ପଢ଼ୁଛନ୍ତି ୨୦୪ ଜଣ ପିଲା। ଏବେ ପୂରା ଶିକ୍ଷାବ୍ଲକ୍ ହୋଇଯାଇଛି ସ୍ମାର୍ଟବ୍ଲକ୍। ବଲକାର ୨୦୧୨ରୁ ବ୍ଲକ୍ ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତି ପାଇବା ପରେ ସ୍କୁଲଗୁଡ଼ିକର ଶୈକ୍ଷିକ ପରିବେଶ ବଦଳାଇବା ପାଇଁ ସ୍କୁଲ ପରିଚାଳନା କମିଟିର ସହଯୋଗ ଲୋଡ଼ିଥିଲେ। ବର୍ତ୍ତମାନ ସବୁ ସ୍କୁଲରେ ପ୍ରି–ପ୍ରାଇମେରୀ ପିଲାଙ୍କ ପାଇଁ ଟୟ କର୍ନର, ରଙ୍ଗବେରଙ୍ଗର ଶ୍ରେଣୀଗୃହ, ପ୍ରୋଜେକ୍ଟର, ଏଲ୍‌ଇଡି, ସାଉଣ୍ଡ ସିଷ୍ଟମ୍ ଓ ପିଲାମାନଙ୍କ ପାଇଁ ବସିବାକୁ ବେଞ୍ଚ ଏବଂ ପାଠ୍ୟସାମଗ୍ରୀ ମଧ୍ୟ ଉପଲବ୍ଧ ହେଉଛି।

## ଚିରନ୍ତନୀ

କହ କହ କେଉଁ ବାଆ ଜଗାଏ ଲୋ ତତେ,
ସେ ନିଶ୍ଚେ ମୋହରି ବାଆ ହୁଅଇ ପରତେ,
ତୋର ନୀଳ ଦରପଣେ
କୋଟିଏ ତାରା ଗହଣେ
କେଉଁ ତାରା ମୁଖ ଦେଖେ କହ କହ ସତେ!
(ଚିତ୍ରୋତ୍ପଳା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | 0 | | 4 | | | | 2 | | | 5 | A |
| D | | C | 3 | 2 | | | | E | | | | | | |
| | | 2 | | | | | 8 | | | 7 | 6 | | | 3 |
| | | | | | | B | 7 | | 9 | | 8 | C | | |
| | | | B | | | | | 1 | 4 | 3 | | | | |
| | E | | | | | | 2 | | | 0 | 1 | | | |
| | | 3 | | | | | E | | 5 | | 9 | | 7 | 4 |
| 2 | 1 | 0 | | | | | | B | | 8 | | | | D |
| | 6 | | | | | 1 | | | | | | 0 | | 8 |
| 9 | | | | | | | | | C | | 4 | 6 | | 2 |
| | | | D | | | | | | | | | 1 | 3 | |
| | 7 | | 6 | B | A | | | 5 | | C | | | | |
| 4 | | D | | | C | | | | 2 | | | A | | |
| | 8 | | | | | 0 | A | | | 1 | E | | | 7 |
| 1 | | 9 | 4 | 5 | | D | | 6 | 0 | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 1 | E | 3 | 2 | A | 9 | 6 | C | 0 | 8 | 7 | 5 | B | D |
| 6 | 9 | A | 7 | 8 | B | 4 | D | E | C | 2 | 5 | 0 | 3 | 1 |
| 5 | 2 | 8 | C | 0 | E | A | 1 | B | 3 | D | 4 | 9 | 6 | 7 |
| C | 7 | 3 | 6 | 5 | D | 2 | 0 | 8 | B | 9 | 1 | 4 | A | E |
| D | 0 | B | 9 | 4 | 1 | 7 | 5 | 3 | 6 | A | E | 2 | 8 | C |
| B | E | C | 2 | 3 | 6 | 0 | A | 9 | 5 | 1 | D | 8 | 7 | 4 |
| 1 | 4 | 9 | 0 | 7 | 8 | 3 | 2 | D | A | E | B | 6 | C | 5 |
| 0 | 3 | 6 | D | C | 4 | 5 | B | 1 | 8 | 7 | 2 | A | E | 9 |
| A | 8 | 7 | B | E | 5 | C | 4 | 6 | 9 | 0 | 3 | D | 1 | 2 |
| 2 | D | 5 | A | 1 | 9 | 8 | E | 7 | 4 | 6 | C | 3 | 0 | B |
| 9 | 5 | 4 | E | 6 | 7 | 1 | C | 0 | 2 | 3 | A | B | D | 8 |
| 7 | C | D | 8 | B | 0 | 6 | 3 | 2 | E | 4 | 9 | 1 | 5 | A |
| E | 6 | 1 | 4 | A | 3 | D | 9 | 5 | 7 | B | 8 | C | 2 | 0 |
| 8 | A | 0 | 5 | D | 2 | B | 7 | 4 | 1 | C | 6 | E | 9 | 3 |
| 3 | B | 2 | 1 | 9 | C | E | 8 | A | D | 5 | 0 | 7 | 4 | 6 |

ଗତକାଲିର ଉତ୍ତର



**ଇପ୍ସିତା ମହାନ୍ତି**

# ଚିନ୍ତା ବଢ଼ାଉଛି 'ଡି'

ସୁସ୍ଥ ରହିବାକୁ କିଏ ବା ନ ଚାହେଁ। ସୁସ୍ଥ ଶରୀର ପାଇଁ ଭିଟାମିନ ବା ଜୀବସାରର ଆବଶ୍ୟକତାକୁ ମଧ୍ୟ ସମସ୍ତେ ଜାଣନ୍ତି। ଏହା ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ହେଲେ ବର୍ତ୍ତମାନ ଭାରତୀୟଙ୍କ ଶରୀରରେ ଗୋଟିଏ ଭିଟାମିନର ଘୋର ଅଭାବ ଦେଖାଦେଉଛି। ତାହା ହେଉଛି 'ଭିଟାମିନ ଡି'। ଆବଶ୍ୟକ ପରିମାଣର ସୂର୍ଯ୍ୟକିରଣ ନ ପାଇବା କାରଣରୁ ଭାରତୀୟଙ୍କ ଶରୀରରେ 'ଭିଟାମିନ ଡି'ର ଅଭାବ ଦେଖାଯାଉଥିବା ଆକଳନ କରାଯାଇଛି। ସାରା ଭାରତର ଜନବସତି ଅଞ୍ଚଳର ବାୟୁମଣ୍ଡଳ ଅଧିକ ମାତ୍ରାରେ ପ୍ରଦୂଷିତ ହୋଇଛି। ଏହି କାରଣରୁ ମହାକାଶରୁ ସୂର୍ଯ୍ୟଙ୍କ କିରଣ ବଦଳରେ ଧୂଆଁ, ଧୂଳିକଣା, ହାନିକାରକ ଭାସମାନ ସୂକ୍ଷ୍ମ କଣିକା ଅନବରତ ବୃଷ୍ଟି ହେଉଛି। ତେଣୁ ୮୦ରୁ ୯୦ ପ୍ରତିଶତ ଭାରତୀୟ ଏପରି ଏକ ରୋଗର ବଳୟ ମଧ୍ୟକୁ ପଶିଯାଇଛନ୍ତି, ଯାହା ବିଷୟରେ ଆଗରୁ କେହି ବି ଚିନ୍ତା କରି ନ ଥିଲେ।

ମୁମ୍ବାଇଠାରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି, ସହରାଞ୍ଚଳର ୯୦ ପ୍ରତିଶତ ଏବଂ ଗ୍ରାମାଞ୍ଚଳର ୭୦ ପ୍ରତିଶତ ଲୋକଙ୍କଠାରେ 'ଭିଟାମିନ ଡି'ର ଅଭାବ ରହିଛି। ଯଦି ଖରାରେ କାମ କରୁଥିବା ଲୋକଙ୍କୁ ବାଦ୍ ଦେବା ତେବେ ସମଗ୍ର ଭାରତ ଆଜି 'ଭିଟାମିନ ଡି' ପାଇଁ ବ୍ୟାକୁଳିତ। ଭାରତୀୟ ଖାଦ୍ୟ ସୁରକ୍ଷା ମାନକ ପ୍ରାଧିକରଣ ସଂସ୍ଥା (ଏଫ୍‌ଏସ୍‌ଏସ୍‌ଏଆଇ) ଭାରତର ଶିଶୁ, କିଶୋର ଏବଂ ଯୁବକଙ୍କଠାରେ 'ଭିଟାମିନ ଡି'ର ଅଭାବ ଦିନକୁ ଦିନ ବୃଦ୍ଧି ପାଉଥିବା ଦର୍ଶାଇଛି। ପୁଣି ଦିଲ୍ଲୀର ୯୮ ପ୍ରତିଶତ ବିଦ୍ୟାଳୟର ପିଲାଙ୍କ ଅସ୍ଥିରେ ଦୁର୍ବଳତା ରହିଥିବା ଏକ ଡାକ୍ତରୀ ତଥ୍ୟରୁ ଜଣାପଡ଼ିଛି। ଏହି ପିଲାଙ୍କଠାରେ କ୍ୟାଲ୍‌ସିୟମ୍‌ର ପରିମାଣ ଯଥେଷ୍ଟ କମ୍ ରହିଥିବା କୁହାଯାଇଛି। ଏପରି ତଥ୍ୟ ପ୍ରଘଟ ହେବା ପରେ ଦିଲ୍ଲୀର ବିଦ୍ୟାଳୟମାନଙ୍କରେ ପ୍ରୋଜେକ୍ଟ ଧୂପ ନାମକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ତଦନୁଯାୟୀ ପ୍ରତିଦିନ ପିଲାଙ୍କ ପ୍ରାର୍ଥନାର ସମୟ ନିର୍ଘଣ୍ଟକୁ ଦିନ ୧୧ଟାରୁ ୧ଟା ମଧ୍ୟରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୟରେ ପିଲାମାନେ ଯେପରି ସୂର୍ଯ୍ୟକିରଣ ପଡ଼ୁଥିବା ସ୍ଥାନରେ ଠିଆହୋଇ ପ୍ରାର୍ଥନାରେ ଅଂଶଗ୍ରହଣ କରନ୍ତି; ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଥିଲା। ଏହାଦ୍ୱାରା ପିଲାଙ୍କ ଶରୀରରେ 'ଭିଟାମିନ–ଡି'ର ଯେତେ ଅଭାବ ରହିଛି, ତାକୁ ଅନେକାଂଶରେ ଦୂର କରାଯାଇପାରିବ ବୋଲି କୁହାଗଲା।

'ଭିଟାମିନ– ଡି' ହେଉଛି ଏକ ହରମୋନ। ଏହା ଶରୀରରେ କ୍ୟାଲ୍‌ସିୟମ୍‌କୁ ହଜମ କରିବାରେ ସହାୟକ ହୋଇଥାଏ। ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ଯେତେବେଳେ ଆମ ଶରୀର ଉପରେ ପଡ଼ିଥାଏ, ସେତେବେଳେ ଶରୀରରେ ଥିବା କୋଲେଷ୍ଟରଲ ଶରୀର ମଧ୍ୟରେ 'ଭିଟାମିନ ଡି' ତିଆରି କରିଥାଏ। ସୂର୍ଯ୍ୟଙ୍କ କିରଣରୁ ହିଁ ଶରୀର ପାଇଁ ଆବଶ୍ୟକ 'ଭିଟାମିନ ଡି' ଆମେ ପର୍ଯ୍ୟାପ୍ତ ପରିମାଣରେ ପାଇଥାଉ। ମନୁଷ୍ୟ ଶରୀରକୁ ୯୦ ପ୍ରତିଶତ 'ଭିଟାମିନ ଡି' କେବଳ ସୂର୍ଯ୍ୟ କିରଣରୁ ମିଳିଥାଏ।

'ଭିଟାମିନ ଡି'କୁ ଚମତ୍କାରୀ ବୋଲି ଅନେକେ ମତ ଦିଅନ୍ତି। କାରଣ ଏହା ଆମକୁ ଅନେକ ରୋଗରୁ ସୁରକ୍ଷା ଦେଇଥାଏ। ଦିଲ୍ଲୀ ସମେତ ଭାରତର ବାୟୁମଣ୍ଡଳ ଦିନକୁଦିନ ପ୍ରଦୂଷିତ ହେବାରେ ଲାଗିଛି। ଯଦିଓ ବାୟୁ ପ୍ରଦୂଷଣ ରୋଗର ଏକ ପ୍ରମୁଖ କାରଣ, କିନ୍ତୁ ସୂର୍ଯ୍ୟଙ୍କ କିରଣରୁ ନିଜକୁ ଦୂରେଇ ରଖିବା ଏବଂ ଶୀତତାପ ନିୟନ୍ତ୍ରିତ କୋଠରି ମଧ୍ୟରେ ଅଧିକ ସମୟ ବିତେଇବା ମଧ୍ୟ ଭାରତୀୟଙ୍କୁ ରୋଗ ଆଡ଼କୁ ଟାଣି ନେଉଛି। ଡାକ୍ତରଙ୍କ କହିବା ଅନୁସାରେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ, ସମସ୍ତଙ୍କ ଶରୀର ପାଇଁ 'ଭିଟାମିନ– ଡି' ଅପରିହାର୍ଯ୍ୟ। ଏହାର ଅଭାବରେ ଅସ୍ଥିଜନିତ ଓ ସ୍ନାୟୁଗତ ରୋଗ ହୁଏ। କେତେକ ପ୍ରକାରର କର୍କଟ ରୋଗ ମଧ୍ୟ 'ଭିଟାମିନ ଡି' ଅଭାବରେ ହୋଇଥାଏ। ଶରୀରର ଅସ୍ଥି, ମାଂସପେଶୀ ଓ ସ୍ନାୟୁତନ୍ତ୍ର ପାଇଁ 'ଭିଟାମିନ ଡି' ନିହାତି ଆବଶ୍ୟକ। ଅଣ୍ଟା ବ୍ୟଥା, ଆଣ୍ଠୁ ବ୍ୟଥା ଓ ପରିଶ୍ରମ ବିନା ଥକ୍କାପଣ ଅନୁଭବ କରିବା ଆଦି ହେଉଛି 'ଭିଟାମିନ–ଡି' ଅଭାବର ଗୋଟିଏ ଗୋଟିଏ ଲକ୍ଷଣ। ଶରୀରରେ 'ଭିଟାମିନ ଡି' ଯଦି ୨୦ରୁ ୫୦ ନାନୋଗ୍ରାମ୍ ପ୍ରତି ମିଲିଲିଟରରେ ଥାଏ; ତେବେ ଏହାକୁ ସାଧାରଣ ବୋଲି ଗଣନା କରାଯାଇଥାଏ। କିନ୍ତୁ ଏହି ସ୍ତର ଯଦି ପ୍ରତି ମିଲିଲିଟରରେ ୧୨ ନାନୋଗ୍ରାମ୍‌ରୁ କମ୍ ହୋଇଥାଏ ; ତେବେ ଶରୀରରେ 'ଭିଟାମିନ– ଡି'ର ଅଭାବ ଅତିମାତ୍ରାରେ ରହିଛି ବୋଲି ଦର୍ଶାଯାଇଥାଏ। ଏହି ପରିସଂଖ୍ୟାନକୁ ଆଖି ଆଗରେ ରଖି ଡାକ୍ତରମାନେ କାହାକୁ ସପ୍ତାହରେ ଗୋଟିଏ ତ ପୁଣି କାହାକୁ ସପ୍ତାହରେ ଦୁଇଟି 'ଭିଟାମିନ–ଡି' ଯୁକ୍ତ ଇଞ୍ଜେକ୍ସନ ନେବାକୁ ପରାମର୍ଶ ଦେଇଥାନ୍ତି। ଯଦି ଶରୀରରେ 'ଭିଟାମିନ–ଡି'ର ସ୍ତର ଠିକ୍ ରହିଛି, ତେବେ କୌଣସି ଔଷଧ ବା ଇଞ୍ଜେକ୍ସନ ଆବଶ୍ୟକ ହୋଇ ନ ଥାଏ। ବିଭିନ୍ନ ସଂସ୍ଥାର କାର୍ଯ୍ୟାଳୟରେ କାମ କରୁଥିବା ଅଧିକାଂଶ ବ୍ୟକ୍ତି ଶୀତତାପନିୟନ୍ତ୍ରିତ କୋଠରିରେ ବହୁ ସମୟ କଟେଇଥାନ୍ତି। ପୁଣି ବିଦ୍ୟାଳୟରେ ପଢ଼ୁଥିବା ପିଲାମାନେ ଦିନର ବହୁ ସମୟ ଶ୍ରେଣୀଗୃହ ମଧ୍ୟରେ ବିତେଇଥାନ୍ତି। ଗର୍ଭବତୀ ମହିଳାମାନେ ମଧ୍ୟ ସୂର୍ଯ୍ୟକିରଣରୁ ନିଜକୁ ସର୍ବଦା ଦୂରେଇ ରଖିଥାନ୍ତି। ଏହି କାରଣରୁ ଏ ସମସ୍ତଙ୍କଠାରେ 'ଭିଟାମିନ–ଡି'ର ଅଭାବ ବହୁମାତ୍ରାରେ ଦେଖାଦେଇଥାଏ।

ସୂର୍ଯ୍ୟଙ୍କ କିରଣରୁ ନିର୍ଗତ ଅତିବାଇଗଣୀ ରଶ୍ମି ଆମ ଶରୀର ପାଇଁ ଯେତିକି ଉପକାରୀ, ତା'ଠାରୁ ଅଧିକ କ୍ଷତିକାରକ। ଏହି ଅତିବାଇଗଣୀ ରଶ୍ମି ଗୋଟିଏ ଦିଗରେ ହାଡକୁ ଶକ୍ତ କରିବାରେ ସାହାଯ୍ୟ କରୁଥିବା ବେଳେ ଅନ୍ୟ ପକ୍ଷରେ ଏହା ସଅଳ ବୃଦ୍ଧାବସ୍ଥାକୁ ଆମନ୍ତ୍ରଣ କରିଥାଏ। ଏହି ଦୃଷ୍ଟିରୁ ସୂର୍ଯ୍ୟକିରଣରେ କେଉଁ ସମୟରେ ରହିବା ଶରୀର ପାଇଁ ଉପାଦେୟ, ତାହା ଜାଣିବା ନିହାତି ଆବଶ୍ୟକ। ଶୀତଦିନେ ଦିନ ୧୧ଟାରୁ ୧ଟା ମଧ୍ୟରେ ଏକ ଘଣ୍ଟାରୁ ଦେଢ଼ ଘଣ୍ଟା ସୂର୍ଯ୍ୟଙ୍କ କିରଣରେ ରହିବା ଦ୍ୱାରା ଶରୀରରେ 'ଭିଟାମିନ–ଡି'ର ଅଭାବକୁ ପୂରଣ କରାଯାଇପାରେ। ଖରାଦିନେ ମାତ୍ର ଅଧଘଣ୍ଟା ଏଥିପାଇଁ ଯଥେଷ୍ଟ ହୋଇଥାଏ। କିନ୍ତୁ ଏହି ସମୟରେ ନିଜ ହାତ ଓ ପାଦ କୌଣସି ବସ୍ତ୍ର ଦ୍ୱାରା ଘୋଡେଇ ହୋଇ ନ ଥିବା ଆବଶ୍ୟକ। ତେବେ ଯାଇ ଶରୀରକୁ ଆବଶ୍ୟକ 'ଭିଟାମିନ–ଡି' ମିଳିପାରିବ। ଏହି ସମୟରେ ନିଜର ମୁଖମଣ୍ଡଳକୁ ଘୋଡେଇ ରଖିଲେ 'ଭିଟାମିନ–ଡି' ପାଇବାରେ କୌଣସି ଅସୁବିଧା ହୋଇ ନ ଥାଏ। ଅବଶ୍ୟ ଏହି ସମୟରେ ଚର୍ମକୁ ଅତିବାଇଗଣୀ ରଶ୍ମିର କୁପ୍ରଭାବରୁ ରକ୍ଷା କରିବା ପାଇଁ ସନ୍‌ସ୍କ୍ରିନ ଲୋଶନ ବା କ୍ରିମ୍ ବ୍ୟବହାର କରିହେବ। ସମତଳ ଅଞ୍ଚଳରେ ୧୫ରୁ ୨୦ ଏସ୍‌ପିଏଫ୍ (ସନ ପ୍ରୋଟେକ୍ସନ ଫ୍ୟାକ୍ଟର୍) ଆଧାରିତ ଲୋଶନ ବା କ୍ରିମ୍ ଏବଂ ଯେଉଁଠାରେ ସୂର୍ଯ୍ୟଙ୍କ ତେଜ ପ୍ରଖର ହୋଇଥାଏ, ସେଠାରେ ୪୦ ଏସ୍‌ପିଏଫ୍ ଆଧାରିତ ଲୋଶନ ବା କ୍ରିମ୍ ବ୍ୟବହାର କରିବା ଆମ ଶରୀର ପାଇଁ ଲାଭଦାୟକ ହୋଇଥାଏ। ମାଛତେଲ ଖାଇବା ଦ୍ୱାରା ମଧ୍ୟ ଆମ ଶରୀରକୁ 'ଭିଟାମିନ–ଡି' ମିଳିଥାଏ।

ବୈପାରୀଗୁଡ଼ା, କୋରାପୁଟ,
ମୋ–୬୩୭୦୬୭୯୪୦୫

## ପାଠକ ଶ୍ରେଷ୍ଠ ବିଚାରକ

### ଆତଙ୍କବାଦର ଜାତି–ଧର୍ମ ନ ଥାଏ

ମହାଶୟ,

ଧରିତ୍ରୀର ମୁଖ୍ୟ ପୃଷ୍ଠାରେ ଆପଣଙ୍କର ପ୍ରତ୍ୟେକଟି ଲେଖା, ଆପଣଙ୍କ ବିଚାରଧାରାକୁ ସ୍ପଷ୍ଟ କରେ। କିନ୍ତୁ ଆଜିର ସମ୍ପାଦକୀୟ ପୃଷ୍ଠାରେ ଲିପ୍ସା ପଣ୍ଡାଙ୍କର 'ମୁଁ ହିନ୍ଦୁ, ଆତଙ୍କବାଦୀ ନୁହେଁ' ଆଲେଖ୍ୟଟି ମୋତେ ଖୁବ୍ ବ୍ୟଥିତ କରିଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଆତଙ୍କବାଦୀ ଆଖ୍ୟା ଦେଇ ଅଯଥା ସନ୍ଦେହର ବୀଜ ବୁଣାଯାଇଛି। ମୋ ଜାଣିବାରେ ଆତଙ୍କବାଦର କୌଣସି ଜାତି–ଧର୍ମ–ସମ୍ପ୍ରଦାୟ ନ ଥାଏ। ମୁଁ ଭାବିପାରୁନି ଯେ, ଆପଣଙ୍କ ଜ୍ଞାତସାରରେ ଏଭଳି ଲେଖା ସମ୍ପାଦକୀୟ ପୃଷ୍ଠାରେ ଛପା ହୋଇଥିବ ବୋଲି। ଆପଣ ଏ ଦିଗରେ ଥରେ ନିଶ୍ଚିତ ଚିନ୍ତା କରିବେ ବୋଲି ମୋର ପାଠକୀୟ ଅନୁରୋଧ।

ସୁଜାତା ସାହାଣୀ, ଗବେଷଣା ଛାତ୍ରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

### ବେଆଇନ ହୋର୍ଡିଂ

୧୪ ଫେବୃୟାରୀ ଭାଲେଣ୍ଟାଇନ ଡେକୁ ବିରୋଧ କରି ଲେଖାଯାଇଛି 'ଆସନ୍ତୁ ପାଳନ କରିବା ମାତୃ ପିତୃ ପୂଜନ ଦିବସ'। ସବୁ ଧର୍ମର ଲୋକ ମାତା–ପିତାଙ୍କୁ ପୂଜା କରିବା ଭଲ କଥା। କିନ୍ତୁ ଲେଖାଯାଇଛି ପ୍ରେରଣାର ସ୍ରୋତ ପରମ ପୂଜ୍ୟ ସନ୍ଥ ଶ୍ରୀ ବାପୁଜୀ ଏବଂ ତାଙ୍କର ଏକ ବିରାଟକାୟ ଫଟୋ ଲାଗିଛି। ମୋ କହିବା କଥା ଫଟୋ ଲଗାଯାଇଥିବା ବ୍ୟକ୍ତି ଜଣକ ପରମ ପୂଜ୍ୟ ନୁହନ୍ତି କି ସନ୍ଥ ବାପୁଜୀ ନୁହନ୍ତି। କାରଣ ସେ ଏବଂ ତାଙ୍କର ପୁତ୍ର, ତାଙ୍କ ପ୍ରତିଷ୍ଠିତ ଆଶ୍ରମରେ ସୁନ୍ଦରୀ ଯୁବତୀମାନଙ୍କୁ ଯୌନ ଶୋଷଣ କରି କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ସମଗ୍ର ଭାରତବାସୀ ଏହା ଜାଣିଛନ୍ତି। ଏପରି ହୋର୍ଡିଂ ଲଗାଇବା ପୂର୍ବରୁ ସରକାରଙ୍କ ଅନୁମତି ନିଆଯାଇଛି କି? ତା' ନ ହେଲେ ଏପରି ବେଆଇନ ହୋର୍ଡିଂ ଉପରେ କଟକଣା ଲଗାଯିବା ଉଚିତ।

କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରେଡିଓର ଜୟଯାତ୍ରା



**ବସନ୍ତ କୁମାର ଦାସ**

ପ୍ରକୃତରେ ସକାଳର ରେଡିଓ ତା'ର ପ୍ରସାରଣ ଆରମ୍ଭ କରିବା ପୂର୍ବରୁ ଯେଉଁ ସ୍ୱର ପ୍ରସାରିତ ହୋଇଥାଏ, ସେଥିସହ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ସୁପରିଚିତ। ମାର୍କୋନୀଙ୍କୁ ରେଡିଓର ଜନକ ଭାବେ ସମସ୍ତେ ଜାଣନ୍ତି, କିନ୍ତୁ ବାସ୍ତବରେ ରେଡିଓର ଜନକ ଆମ ଦେଶର ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ । ସରଳ, ସୁନ୍ଦର ସୂଚନା ପ୍ରଦାନକାରୀ ମାଧ୍ୟମ ହେଉଛି ରେଡିଓ। ରେଡିଓରୁ କଥା, କାହାଣୀ ଭାସିଆସିବା ବେଳେ ଲୋମ ଟାଙ୍କୁରି ଉଠେ। କାରଣ ଶିକ୍ଷା, ସୂଚନା ଓ ମନୋରଞ୍ଜନକୁ ନୂଆ ସ୍ୱରରେ ଭିନ୍ନ ଢଙ୍ଗରେ ପରିବେଷଣ ସମସ୍ତଙ୍କ ମନ ମୋହିନିଏ। ଆମେ ଖାଦ୍ୟ ମେଳା, ମକର ମେଳା, ଭଳି ବହୁ ମେଳା କଥା ଶୁଣିଛେ। ହେଲେ 'ରେଡିଓ ମେଳା' ଏକ ନିଆରା ମେଳା। ଆଜିଠାରୁ ଦୁଇଦିନ ଧରି ଆମ ରାଜଧାନୀ ଭୁବନେଶ୍ୱରରେ ଏହା ଅନୁଷ୍ଠିତ ହେଉଛି ଓ ଏହା ହେଉଛି ଷଷ୍ଠ ଅନ୍ତର୍ଜାତୀୟ ରେଡିଓ ମେଳା। ଏହା ବିଶ୍ୱ ରେଡିଓ ଦିବସ ଅବସରରେ ପାଳନ କରାଯାଉଛି।

ଚଳିତବର୍ଷ ଏହି ମେଳାର ମୁଖ୍ୟ ବିଷୟ ହେଉଛି 'ସଂଳାପ, ସହନଶୀଳତା ଓ ଶାନ୍ତି'। ଏଥିରେ ଜାପାନ, ଆମେରିକା ଓ ବାଂଲାଦେଶର ରେଡିଓ ଷ୍ଟେଶନ ଭାଗନେବେ ଓ ଅନେକ ପୁରୁଣା ରେଡିଓର ବିରଳ ମଡେଲ୍ ପ୍ରଦର୍ଶିତ ହେବ। ଆଜିକାଲିର ମୋବାଇଲ ଯୁଗରେ ଏବେ ବି ରେଡିଓ ୯୯% ଲୋକଙ୍କ ପାଖରେ ପହଞ୍ଚିପାରିଛି ଓ ୨୦୧୮ ମସିହା ପରଠାରୁ ଏହାର ଶ୍ରୋତାମାନଙ୍କ ସଂଖ୍ୟା ୮% ବୃଦ୍ଧିପାଇଛି। ଏବେ ବି ମୋବାଇଲ ମାଧ୍ୟମରେ ଅନେକେ ରେଡିଓ ପ୍ରସାରଣ, ଏଫ୍‌ଏମ୍, ଏମ୍‌ଡବ୍ଲ୍ୟୁ (ମିଡିୟମ ୱେଭ୍), ଏସ୍‌ଡବ୍ଲ୍ୟୁ (ଶର୍ଟ ୱେଭ୍) ଓ କମ୍ୟୁନିଟି ରେଡିଓର କଥା ଓ ଗାଥା ଶୁଣି ପାରୁଛନ୍ତି। ରେଡିଓରୁ ଝଙ୍କୃତ ଶାରଦୀୟ ଚଣ୍ଡୀପାଠ, ଖବର, ସଙ୍ଗୀତ, ଧାରାବିବରଣୀ, ନାଟକ, ରୂପକ, ଧାରାବାହିକ ପାଲା, ଦାସକାଠିଆ, ଘୋଡ଼ାନାଚ, କେନ୍ଦରା ଓ ଖଞ୍ଜଣି ଗୀତ, ଧୁଡୁକି ଗୀତ, ବଂଶୀସ୍ୱନ, ସୁଭାଷ ବୋଷ, ମହାତ୍ମା ଗାନ୍ଧୀଙ୍କ ଭଳି ରାଷ୍ଟ୍ରନେତାମାନଙ୍କ ଅବିକଳ କଣ୍ଠସ୍ୱର ବେଶ୍ ମନୋଲୋଭା। ନିମାଇଁ ହରିଚନ୍ଦନ, ସୁନନ୍ଦା ପଟ୍ଟନାୟକ, ଅକ୍ଷୟ ମହାନ୍ତି, ଭିକାରି ବଳ, ବାଳକୃଷ୍ଣ ଦାଶ, ଭୁପେନ୍ ହଜାରିକାଙ୍କ କଣ୍ଠସ୍ୱର ସେମାନଙ୍କୁ ରେଡିଓ ଯୋଗୁ ଅମର କରି ରଖିଛି ଓ ରଖିଥିବ ମଧ୍ୟ। ଯତୀନ୍ ଦାସ ଓ ଅମୀନ୍ ସାହାଣୀଙ୍କ ସ୍ୱରର ଲାଳିତ୍ୟ ଓ ମାଧୁର୍ଯ୍ୟ ସମ୍ମୋହନକାରୀ। ଅନେକ ସ୍ୱର୍ଗୀୟ ନେତା, ସମାଜ ସଂସ୍କାରକ ଓ ସ୍ୱାଧୀନତା ସଂଗ୍ରାମୀଙ୍କ କଣ୍ଠସ୍ୱର ଆମକୁ ନେଇଯାଏ ଅନେକ

### ବିଶ୍ୱ ରେଡିଓ ଦିବସ ଉପଲକ୍ଷେ

ପଛକୁ ଓ ଅତୀତର ଲୋମହର୍ଷଣକାରୀ ଘଟଣାକୁ ମାନସପଟରେ ନୂଆ ରୂପ, ରସ ଓ ରଙ୍ଗ ଦେଇଥାଏ।

ଅନେକ ନୂଆ ପୁରୁଣା ରେଡିଓ, ହାମ୍ ରେଡିଓ ଓ ଗ୍ରାମୋଫୋନ୍ ଏହି ମେଳାରେ ସମସ୍ତଙ୍କ ପାଇଁ ପ୍ରଦର୍ଶିତ ହେବ। କଲ୍‌ସାଇନ୍ ମାଧ୍ୟମରେ ବିଭିନ୍ନ ହାମ୍ ରେଡିଓ ଅପରେଟର ଜରୁରିକାଳୀନ ପରିସ୍ଥିତି ତଥା ବନ୍ୟା, ବାତ୍ୟା ଓ ପ୍ରାକୃତିକ ଦୁର୍ବିପାକ ସମୟରେ କିପରି ବାର୍ତ୍ତା ପ୍ରେରଣ କରାଯାଇପାରିବ ତାହା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ହାମ୍ ରେଡିଓର ଗୁରୁତ୍ୱାରୋପ କରିବେ। ରେଡିଓ ପ୍ରସାରକ, ଶ୍ରୋତା ଓ ଜକିଙ୍କୁ ପୁରସ୍କୃତ କରାଯିବ। ଏହି ସୁବିଧା ସମସ୍ତେ ନେଲେ ରେଡିଓ ମନୋରଞ୍ଜନ ଓ ଜ୍ଞାନବିଜ୍ଞାନର ପ୍ରମୁଖ ମାଧ୍ୟମ ହୋଇପାରିବ।

ନେତାଜୀ ସୁଭାଷ ବୋଷ ପ୍ରଥମେ ରେଡିଓ ଷ୍ଟେଶନ ପ୍ରତିଷ୍ଠା କରି ଆଜାଦ୍ ହିନ୍ଦ ଫୌଜକୁ ସ୍ୱାଧୀନତା ପୂର୍ବରୁ ବିଭିନ୍ନ ବାର୍ତ୍ତା ପ୍ରେରଣ କରି ଦେଶର ପ୍ରଥମ ପ୍ରସାରକଙ୍କ ଭୂମିକା ନିର୍ବାହ କରିଥିଲେ। ଆମ ଦେଶରେ ତା'ପରେ ୧୯୪୭ରେ ୬ଟି ସହର ଯଥା: ଦିଲ୍ଲୀ, ବମ୍ବେ, କଲିକତା, ମାଡ୍ରାସ୍, ଲକ୍ଷ୍ନୌ ଓ ତ୍ରିଚିନାପଲ୍ଲୀଠାରେ ସରକାରଙ୍କ ତରଫରୁ ରେଡିଓ ଷ୍ଟେଶନ ପ୍ରତିଷ୍ଠା କରାଯାଇଥିଲା। ୧୯୨୦ ନଭେମ୍ବର ୨ରେ ପ୍ରଥମେ ରେଡିଓ ଘୋଷକ ଲିଓ ରୋଜରବର୍ଗଙ୍କ ବାଣୀ ରେଡିଓରେ ବିଶ୍ୱବାସୀଙ୍କୁ ଶୁଣିବାକୁ ମିଳିଥିଲା। ଏହି ରେଡିଓ ମେଳା ବେସରକାରୀ ସ୍ତରରେ ହେଉଥିଲେ ହେଁ ସମଗ୍ର ଦେଶରେ ଏହା ଅଦ୍ୱିତୀୟ। ଫେବୃୟାରୀ ୧୬ ତାରିଖରେ କଟକଠାରେ ଅନ୍ୟ ଏକ ରେଡିଓ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହେବ। ସତରେ ଧୁଡିକିରୁ ଖଞ୍ଜଣି, ଚାଷରୁ ନିବେଶ, ଗାଈଚରାଳିରୁ ଚା ବିକାଳି, ଗଳ୍ପରୁ ଶିଳ୍ପ, କଣ୍ଠରୁ ଘଣ୍ଟ, ମାଟିରୁ ଆକାଶ, ମନ୍ତ୍ରୀରୁ ଯନ୍ତ୍ରୀ, ପୁରାଣରୁ ପରିବେଶ, ଧର୍ମରୁ ସଂସ୍କୃତି ପରି ବହୁ ବିଭାଗର କଥା ଓ ଗାଥା ରେଡିଓ ପରିବେଷଣ କରିଆସୁଛି ଓ ଆସୁଥିବ।

ସ୍ମାର୍ଟ ଫୋନ ଦ୍ୱାରା ଆପ୍ ଡାଉନଲୋଡ୍ କରି ମଧ୍ୟ ଏଥିରୁ ରେଡିଓ ଷ୍ଟେଶନଗୁଡ଼ିକର କାର୍ଯ୍ୟକ୍ରମ ଶୁଣିହେଉଛି। କାର ତଥା ମୋଟର ଗାଡିରେ ମଧ୍ୟ ରେଡିଓ କାର୍ଯ୍ୟକ୍ରମ ଯାତ୍ରା କରିବା ସମୟରେ ଶୁଣିହେବ। ଏହି ବିଶ୍ୱ ରେଡିଓ ଦିବସ ଅବସରରେ ଆକାଶବାଣୀ କଟକ କେନ୍ଦ୍ର ତରଫରୁ ଏକ ଫୋନ୍ ଇନ୍ କାର୍ଯ୍ୟକ୍ରମ ୧୦ଟା ୫ରୁ ଦିନ ୧୧ଟା ପର୍ଯ୍ୟନ୍ତ ଆୟୋଜନ କରାଯାଇଛି। ଯେକୌଣସି ବ୍ୟକ୍ତି ଆକାଶବାଣୀରେ ଏହି କାର୍ଯ୍ୟକ୍ରମ ନିଷ୍ପାଦନ କରୁଥିବା ବ୍ୟକ୍ତିଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବାର ସୁଯୋଗ ରହିଛି। ପୂର୍ବାପେକ୍ଷା ଏବର ରେଡିଓ କାର୍ଯ୍ୟକ୍ରମରେ ଶ୍ରୋତାଙ୍କ ଅଂଶଗ୍ରହଣ ଅଧିକ ଜୀବନ୍ତ ମନେହେଉଛି। ରେଡିଓ ଦୀର୍ଘାୟୁ ହେଉ ଓ ଏହାର ଜୟଯାତ୍ରା ଅବ୍ୟାହତ ରହୁ।

ଦାମନଯୋଡ଼ି,କୋରାପୁଟ, ମୋ–୯୪୩୭୯୧୧୫୮୫

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଫେବୃୟାରୀ ୧୯୯୫**

- ଆନ୍ଧ୍ରରେ ନକ୍ସଲପନ୍ଥୀଙ୍କ ସହିତ ରାଜ୍ୟ ସରକାର ମୁକାବିଲାମୂଳକ ମନୋବୃତ୍ତି ପୋଷଣ କରିବେ ନାହିଁ କି ଟାଡା ଆଇନର ଅପବ୍ୟବହାର କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ପ୍ରତିଶ୍ରୁତି।
- ସାହାରା ଇଣ୍ଡିଆ ଆନ୍ତର୍ଜାତିକ ଇନ୍ଦିରା ଗାନ୍ଧୀ ସ୍ୱର୍ଣ୍ଣକପ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣକୋରିଆ ଭାରତକୁ ୩–୧ ଗୋଲରେ ପରାସ୍ତ କରି ଟ୍ରଫି ହାସଲ କରିଛି।

# ରାଜ୍ୟ ସରକାରଙ୍କ ଫୋକସ୍‌ରେ ଷ୍ଟାର୍ଟଅପ ବିକାଶ

## ଏମ୍‌ଏସ୍‌ଏମ୍‌ଇ ବିଭାଗ-ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟରେ ରାଜିନାମା

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ରାଜ୍ୟ ସରକାର ନୂତନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ସାରା ଦେଶରେ ଷ୍ଟାଟ ଅପ୍ କ୍ଷେତ୍ରରେ ଓଡ଼ିଶା ଯେପରି ପ୍ରମୁଖ ୩ ସ୍ଥାନରେ ରହିବ, ସେ ନେଇ ଉଦ୍ୟମ ଜାରି ରଖିଛନ୍ତି। ଏହିକ୍ରମରେ ପ୍ରାୟ ୧୦୦୦ ଷ୍ଟାର୍ଟଅପ୍‌କୁ ଆନୁଷଙ୍ଗିକ ସହଯୋଗ ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଛି। ଏଯାବତ୍ ୫୭୦ଟି ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇସାରିଛି। ତନ୍ମଧ୍ୟରୁ ଏକ-ତୃତୀୟାଂଶ କେବଳ ମହିଳାଙ୍କ ଦ୍ୱାରା ପଞ୍ଜୀକୃତ ହୋଇଛି। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ଅଣୁ,କ୍ଷୁଦ୍ର,ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିଭାଗ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ମଧ୍ୟରେ ବୁଧବାର ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଖାରବେଳ ଭବନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିଶ୍ଚୟ ସଫଳତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

ଏହି ରାଜିନାମା ଦ୍ୱାରା ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକୃତ ହୋଇଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବ। କୌଣସି ପ୍ରକଳ୍ପ ବିକାଶ, ଆର୍ଥିକ ଦିଗ ଏବଂ ପ୍ରଚାରପ୍ରସାର ଦିଗରେ ମଧ୍ୟ କାର୍ଯ୍ୟ କରିବ। ଏହି ବ୍ୟାଙ୍କ ସରକାର ଏବଂ ଉଦ୍ୟୋଗୀଙ୍କ ନିକଟରେ ତୃତୀୟ ପକ୍ଷ ହୋଇ କାର୍ଯ୍ୟ କରିବ। ଶିଳ୍ପ ନିର୍ଦ୍ଦେଶକ ରଘୁ. ଜି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଗ୍ରୁପ୍ ହେଡ୍ ମିସ୍ ସ୍ମିତା ଭଗତ ଏହି ବୁଝାମଣାପତ୍ର(ଏମ୍‌ଓୟୁ)ରେ ସ୍ୱାକ୍ଷର କରିଥିଲେ। ଦେଶର ଏକ ଅଗ୍ରଣୀ ବ୍ୟାଙ୍କ୍ ସହ ରାଜ୍ୟ ସରକାରଙ୍କ ରାଜିନାମା ହୋଇଥିବାରୁ ଏହା ଉଦ୍ୟୋଗିକ ସଫଳତା ପାଇବ ବୋଲି ଓଡ଼ିଶା ଦକ୍ଷତା ବିକାଶ ସଂସ୍ଥାର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଥିଲେ। ସେହିପରି ଏଭଳି ପଦକ୍ଷେପ ଆଗକୁ ଅଧିକ ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ସୂଚନା ଦେଇଥିଲେ। ସେହିଭଳି ବିଭାଗୀୟ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଥିଲେ ଯେ, ଏହା ଏକ ବହୁତ ବଡ଼ ପଦକ୍ଷେପ। ଏହି ରାଜିନାମା ରାଜ୍ୟରେ ଷ୍ଟାର୍ଟଅପ୍ କ୍ଷେତ୍ରକୁ ସହଯୋଗ କରିବ ବୋଲି ଶର୍ମା କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକ କୋଟି ଟଙ୍କାର ଚେକ୍ କିଟ୍ ଟିବିଆଇକୁ ପ୍ରଦାନ କରିଥିଲେ। ଏହି ଟଙ୍କା ଷ୍ଟାର୍ଟଅପ୍ କ୍ଷେତ୍ରରେ ବିନିଯୋଗ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର, ସିଏମ୍‌ଓର ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ ପ୍ରମୁଖ ଉପସ୍ଥିତ ରହିଥିଲେ।



ଖାରବେଳ ଭବନରେ ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

## ଆଜି କ'ଣ କେଉଁଠି

**ଦେବଗଡ**

■ଉତ୍ସବ ପ୍ରଧାନପାଟର ଚତୁର୍ଥ ସନ୍ଧ୍ୟା, ପଧାନପାଟ ଜଳପ୍ରପାତ ସମୀପ, ସନ୍ଧ୍ୟା ୬ଟା।

**ବୌଦ୍ଧ**

■ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମ୍ମିଳନୀ, ଟାଉନହଲ ବୌଦ୍ଧ, ସମୟ ୧୦ଟା ।

**ବରଗଡ଼**

■ବାଲାଜୀ ମନ୍ଦିର ପ୍ରତିଷ୍ଠା ସମାରୋହର ବିଶ୍ୱସେନ ପୂଜା, ତୁରୁଙ୍ଗା, ସାଢେ ୮ଟା।

**ଦେଓଗାଁ**

■ସୁନ୍ଦରାକାଣ୍ଡ ପାରାୟଣ, ମେନରୋଡ ଦୁର୍ଗାମଣ୍ଡପ ଛକ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**

■ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।

■୧୬ ଓ ୧୯ ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଲିଗ୍ ଉଦଘାଟନୀ ଉତ୍ସବ, ବିକାଶ ସ୍କୁଲ ଖେଳ ପଡିଆ, ସକାଳ ୮ଟା ।

■ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ହୀରାକୁଦ ସୁବାଷ ମଇଦାନ, ସକାଳ ୮ଟା ।

■ପୀଠାଧିଶ୍ୱର ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଶେଷ ପୂଜନ, ବୁର୍ଲା ଜଗନ୍ନାଥ ମନ୍ଦିର, ସନ୍ଧ୍ୟା ୭ଟା ।

■ଟ୍ରେଡ ଫେୟାର ସାଂସ୍କୃତିକ କାର୍ଯ୍ୟକ୍ରମ, ଅଇଁଠାପାଲି ପିଏଚଡି ପଡିଆ, ସନ୍ଧ୍ୟା ୭ଟା ।

OFFICE OF THE
COLLECTOR&DISTRICT MAGISTRATE, NUAPADA
(ST & SC DEVELOPMENT SECTION)

No.: 449/2020 Dated: 11.02.2020

ADVERTISEMENT

Applications are invited in prescribed proforma from intending candidates for filling up the following categories of posts in different Ashram Schools/Seva Shramas/High Schools under ST & SC Development Department of Nuapada District on Contractual Basis. In selecting the candidates for the posts mentioned in the following table, first preference shall be given to the eligible candidates from Nuapada District. In case of non availability of suitable candidates from Nuapada District applications of the candidates from other districts will be considered. The detail advertisement, eligibility criteria, educational qualification, service condition, process of selection and prescribed application form can be downloaded from the district website www.nuapada.nic.in.
The last date for receipt of applications complete in all respect is 29.02.2020.

| Sl. No. | Name of the Post | Number of Posts to be filled up | | | | |
|---|---|---|---|---|---|---|
| | | SC | ST | SEBC | UR | Total |
| 1 | 2 | 3 | 4 | 5 | 6 | 7 |
| 1 | TGT Science (CBZ) | 01 | 01 | 00 | 02 | 04 |
| 2 | TGT Science (PCM) | 00 | 01 | 00 | 00 | 01 |
| 3 | TGT (Arts) | 00 | 01 | 00 | 02 | 03 |
| 4 | PET | 01 | 00 | 00 | 00 | 01 |
| 5 | Hindi Teacher | 00 | 01 | 01 | 00 | 02 |
| 6 | Sanskrit | 00 | 00 | 01 | 00 | 01 |
| | Total | 02 | 04 | 02 | 04 | 12 |

Sd./- Collector, Nuapada

# ମାଓବାଦୀ ଗଡରେ ୧୨ ଘଣ୍ଟା ଫରେଷ୍ଟ ଗାର୍ଡ ଅଟକ

■ବନବିଭାଗ ଯାଇ ଉଦ୍ଧାର କଲା

■ଦାବି ପୂରଣ ପ୍ରତିଶ୍ରୁତି ପରେ ଛାଡିଲେ

■ବନ ବିଭାଗ ଅବହେଳା ମହଙ୍ଗା ପଡିଲା



ନୂଆପଡା ଅଫିସ,୧୨।୨

ନୂଆପଡା ଜିଲାର ମାଓବାଦୀଙ୍କ ଗଡ କୁହାଯାଉଥିବା ବୋଡେନ ଥାନା ପାଟଦର୍ହା ଜଙ୍ଗଲରେ ବୁଧବାର ଦିନ ତମାମ ଜଣେ ଫରେଷ୍ଟ ଗାର୍ଡଙ୍କୁ ଅଟକ ରଖାଯିବା ଘଟଣା ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ସନ୍ଧ୍ୟାରେ ବନ ବିଭାଗ ଅଧିକାରୀମାନେ ସେଠାକୁ ଯାଇ ଉଦ୍ଧାର କରିଛନ୍ତି । ଫରେଷ୍ଟ ଗାର୍ଡ ଜଣକ ହେଲେ ପାଟଦର୍ହା ଫରେଷ୍ଟ ବିଟରେ ନିୟୋଜିତ ଦୀନ ଭଞ୍ଜନ ନାଗ (୩୪) । ତାଙ୍କ ନିଜ ଘର ସ୍ଥାନୀୟ ଦାବ୍ରିଗାଁରେ ବୋଲି ଜଣାପଡିଛି। ଗ୍ରାମବାସୀ ଦୀର୍ଘ ୧୨ ଘଣ୍ଟା ଧରି ଅଟକ ରଖିଥିବାବେଳେ ବିଭାଗ ନିକଟରେ ବିଭିନ୍ନ ଦାବି ରଖି ନିର୍ଭର ପ୍ରତିଶ୍ରୁତି ପାଇବା ପରେ ତାଙ୍କୁ ଛାଡି ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ବୋଡେନ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟଠାରୁ ୧୫ କି.ମି. ଦୂର ଅଗନାଅଗନୀ ବନସ୍ତ ମଧ୍ୟରେ ରହିଛି ପାଟଦର୍ହା । ଏହି ଅଞ୍ଚଳରେ ମାଓବାଦୀମାନେ ଆଡ୍ଡା କରି ରହୁଥିବାବେଳେ ବିଭିନ୍ନ ସମୟରେ ହିଂସା କାଣ୍ଡ ଭିଆଇଥିବାରୁ ଏହି ଅଞ୍ଚଳ ବହୁ ସ୍ପର୍ଶକାତର ଭାବେ ପୋଲିସ ଫାଇଲରେ ରହିଛି। ବୁଧବାର କୌଣସି ସରକାରୀ କାମରେ ଫରେଷ୍ଟ ଗାର୍ଡ ଦିନଭଞ୍ଜନ ପାଟଦର୍ହାକୁ ଯାଇଥିଲେ। ସେଠାରେ ବନବାସୀ ଆଦିବାସୀମାନଙ୍କ ମଧ୍ୟରେ ଜଙ୍ଗଲ ଜମି ପଟ୍ଟା ଏବଂ ହାତୀ ଉପଦ୍ରବକୁ ନେଇ ଫରେଷ୍ଟ ଗାର୍ଡଙ୍କ ସହ ବଚସା ହୋଇଥିଲା। ବନବାସୀମାନେ ସେମାନଙ୍କ ଦାବି ପୂରଣ ନ କରିବା ଯାଏଁ ତାଙ୍କୁ ଛାଡିବେ ନାହିଁ ବୋଲି ଅଡିବସିଥିଲେ। ଫରେଷ୍ଟଗାର୍ଡ ଦୀର୍ଘ ସମୟ ଧରି ନ ଆସିବାରୁ ନାନାଦି କଳ୍ପନା ଜଳ୍ପନା ଚାଲିଲା। ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ମେଘନାଦ ମାଝିଙ୍କ ନେତୃତ୍ୱରେ ଏକ ଫରେଷ୍ଟ ଟିମ ପାଟଦର୍ହାକୁ ଯାଇଥିଲା। ସେଠାରେ ପହଞ୍ଚିବା ପରେ ବନବାସୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆଜକୁ ଦୁଇ ତିନିମାସ ହେବ ହାତୀ ଉପଦ୍ରବ କରି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ କରିଛି। ତାର କ୍ଷତିପୂରଣ ସକାସେ ବାରମ୍ବାର ଦାବି କରିଆସୁଛନ୍ତି, ହେଲେ ତାହା ମିଳୁନାହିଁ। ଆବହମାନ କାଳରୁ ଏଠାରେ ଆଦିବାସୀ ରହୁଥିଲେ ମଧ୍ୟ ଗୋଷ୍ଠୀ ଜଙ୍ଗଲ ଅଧିକାର ମିଳିପାରୁନାହିଁ। ଏଥିପାଇଁ ଫରେଷ୍ଟ ବିଭାଗ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି କହିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ବନବିଭାଗ ଅଧିକାରୀମାନେ କହିବାରୁ ଫରେଷ୍ଟ ଗାର୍ଡଙ୍କୁ ଛାଡି ଦେଇଥିଲେ। ସନ୍ଧ୍ୟା ୬ଟାରେ ଅଧିକାରୀମାନେ ସୁରକ୍ଷିତ ଅବସ୍ଥାରେ ଫେରିଆସିଥିଲେ। ଏହା ଉପରେ ଫରେଷ୍ଟର ମାଝିଙ୍କୁ ପଚାରିବାରୁ ବନବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଉପରେ ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଛୁ । ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଆଲୋଚନା ହୋଇଥିବା ସେ କହିଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାଣ୍ଡରୁ ଆସେ,
ହାଣ୍ଡିରେ ପଶେ ।**

ଗରିବ ହେଲେ ଅନେକ ଦୁଃଖକଷ୍ଟ ସହିବାକୁ ପଡ଼େ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼େ। ଖାଦ୍ୟର ଅଭାବ ଦେଖାଦେବା ତାଙ୍କ ପକ୍ଷେ ନିତିଦିନିଆ ଘଟଣା ବା କଥା ହୋଇଥିବା ବେଳେ ଖଟିଖିଆ ମଜୁରିଆ ବ୍ୟକ୍ତି ଦୈନିକ ମୂଲ ମଜୁରି କରି ନିଜ ଜୀବିକା ନିର୍ବାହ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାନାରଙ୍କ ସଭାରେ ବସେ,
କନାରଙ୍କ ବଣରେ ପଶେ ।**

ଯେଉଁମାନେ ଭଲ କି ଦି'ମୁଠେ ଖାଇବାକୁ ପାଇ ନ ଥାନ୍ତି ସେମାନେ ଖାଇବା ଆଶାରେ ଆଖପାଖରେ ହେଉଥିବା ବିଭିନ୍ନ ସଭା ତଥା ମଉଚ୍ଛବରେ ପହଞ୍ଚି ଯାଇଥାନ୍ତି। ସେହିପରି ଲଜ୍ଜା ନିବାରଣ ପାଇଁ ବସ୍ତ୍ରର ଆବଶ୍ୟକତା ରହିଥାଏ। ବସ୍ତ୍ର ବିନା ପଦାକୁ ବାହାରିବା ନିଷେଧ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





# ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ (THIRD LANGUAGE HINDI/SANSKRIT)

## HINDI

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

### PART – I (OBJECTIVE)

1. **एक-एक वाक्य में उत्तर दीजिए।** [1×5=5
(क) वार्तालाप की शिष्टता क्या करती है?
(ख) बंदूक नीचे रखने को कहने पर दूसरे मुसाफिर ने क्या कहा?
(ग) स्वामी विवेकानंद का व्यक्तित्व कैसा था?
(घ) लेखिका को क्यों एक छोटे जीव का स्मरण हुआ?
(ङ) मनुष्य प्रकृति से क्यों लड़ता है?

2. **एक-एक शब्द में उत्तर दीजिए।** [1×5=5
(क) वचनों का माधुर्य क्या खोलने की कुंजी है?
(ख) पंडित चन्द्रधर कौन-सी नौकरी करते थे?
(ग) संन्यासी संसार को क्या समझते हैं?
(घ) लेखिका ने गिल्लू को उष्णता देने को क्या किया?
(ङ) ओड़िशावासियों के पूर्वजों ने अपना राज्य कहाँ तक फैलाया था?

3. **खाली जगहों को भरिए।** [1×5=5
(क) बात उतनी कही जाए, जितनी _______ जा सके।
(ख) पंडित जी को मुंशीजी के _______ लड़कों की निगरानी करनी पड़ती।
(ग) भारत के नाम को _______ करने वाला स्वामीजी जैसा दूसरा कोई नहीं था।
(घ) मेरे _______ के विवेचन में बाधा आ पड़ी।
(ङ) ओड़िशा की सींग की _______ विदेशी बाजार का आकर्षण रही है।

4. **एक-एक वाक्य में उत्तर दीजिए।** [1×5=5
(क) किसके हृदय में भगवान निवास करते हैं?
(ख) किन-किन धनों से संतोष धन श्रेष्ठ है?
(ग) कवि किसी को भी क्यों अनाथ नहीं मानते?
(घ) माँ चाँद के लिए क्यों झिंगोला बना नहीं पाती?
(ङ) आँधी की रात कैसी लग रही थी?

5. **एक-एक शब्द में उत्तर दीजिए।** [1×5=5
(क) बलभद्र धूर्त है ।- यह किसने कहा?
(ख) सज्जनों की संपति किसके काम में आती है?
(ग) किसने कवि को ताने दिए?
(घ) 'नीड़ का निर्माण' के कवि कौन हैं?
(ङ) ज्वालाएँ धुल जाने से क्या खुल जाते हैं?

6. **निर्देशानुसार उत्तर दीजिए।** [1×5=5
(क) विलोम शब्द लिखिए – अनाथ
(ख) समानार्थी शब्द लिखिए – माहौल
(ग) वर्तनी शुद्ध कीजिए – खंड़गिरी
(घ) सही रूप क्या होगा – हमारा + के लिए
(ङ) वाक्य शुद्ध कीजिए – माधवी आम खाया।

7. **निर्देशानुसार उत्तर दीजिए।** [1×5=5
(क) बहुवचन रूप लिखिए – गिल्हरी
(ख) एकवचन रूप लिखिए – सेवाएँ
(ग) कौन सा पुंलिंग शब्द है – रक्षा, बात, दिखावा
(घ) अव्यय छाँटिए – या, दया, दक्ष
(ङ) लिंग बदलिए – कवि

8. **निर्देशानुसार उत्तर दीजिए।** [1×5=5
(क) सही परसर्ग भरिए : लोग अशिष्टता _______ कह देते हैं।
(ख) उपसर्ग छाँटिए - परिचायक
(ग) प्रत्यय पहचानिए - लगाव
(घ) उपयुक्त परसर्ग भरिए। मेरी समझ _______ नहीं आता।
(ङ) रेखांकित पद किस कारक में है?
वह आँखों से इधर-उधर देखने लगी।

9. **निर्देशानुसार उत्तर दीजिए।** [1×5=5
(क) प्रथम प्रेरणार्थक क्रिया-रूप लिखिए - लटकना
(ख) सकर्मक क्रिया छाँटिए : लगाना, लगना, लटकना
(ग) सही क्रिया-पद लिखिए : उन्होंने पेंसिलिन का मरहम _______। (लगाना का सही रूप)
(घ) अकर्मक क्रिया छाँटिए : जाना, जानना, जगाना
(ङ) भूतकाल में बदलिए : मैं उसे खिड़की पर लटका दूँगी।

10. **निर्देशानुसार उत्तर दीजिए।** [1×5=5
(क) 'खिड़की' शब्द कौन-सी संज्ञा है?
(ख) 'चमक' का विशेषण रूप क्या है?
(ग) 'समझ' का भाववाचक संज्ञा रूप क्या है?
(घ) कौन सी संयुक्त क्रिया है? ले आना, लेना, लाया जाना
(ङ) संबंधवाचक सर्वनाम कौन-सा है?

### PART-II : SUBJECTIVE

11. **दो प्रश्नों के उत्तर (दो-तीन वाक्यों) में दीजिए:** [5×2=10
(i) चोखेलाल मुंशी बैजनाथ से क्यों नाराज थे?
(ii) गिल्लू ने गरमी से बचने का कौन-सा उपाय खोज निकाला था?
(iii) अयोध्या से लौटने के बाद पंडितजी का मनोभाव कैसा रहा?

12. **निम्नलिखित प्रश्नों में से किन्हीं दो के भाव (प्रत्येक दो-तीन वाक्यों) में समझाइए :** [5×2=10
(i) धीरे-धीरे रे मना, धीरे सब कुछ हौय,
माली सींचें सौ घड़ा, ऋतु आये फल होय।
(ii) वही पशु प्रवृत्ति है कि आप आप ही चरे।
वही मनुष्य है कि जो मनुष्य के लिए मरे।
(iii) अब तूही यह बता, नाप तेरी किस रोज लिवाए।
सो दें एक झिंगोला जो, हर रोज बदन में आए।

13. **निर्देशानुसार प्रश्नों के उत्तर दीजिए:** [2×5=10
(i) रेखांकित शब्द का वचन बदलकर वाक्य को फिर से लिखिए:- सुबह चिड़िया आसमान में उड़ती है।
(ii) रेखांकित शब्द का लिंग बदलकर वाक्य को फिर से लिखिए:- आपके नौकर ने यह काम किया है।
(iii) निम्नलिखित वाक्य को शुद्ध करके लिखिए:
आदमी कभी सुख-चैन से जीती है, तो कभी दु:खी होता है।
(iv) "दुध की बूँदें दोनों ओर ढुलक जायेंगी।" – इस वाक्य को भूतकाल में बदलकर लिखिए।
(v) 'कृपया' शब्द का प्रयोग करके एक सार्थक वाक्य बनाइए।

14. **पाँच वाक्यों का हिन्दी में अनुवाद कीजिए:** [2×5=10
(i) ପ୍ରତିବର୍ଷ ଜାନୁୟାରୀ ୨୧ ତାରିଖରେ ମୋ ଜନ୍ମଦିନ ପାଳିତ ହୁଏ।
(ii) ଆମ ଗାଁ ପୋଖରୀରେ ଅନେକ ଛୋଟବଡ଼ ମାଛ ରହିଛନ୍ତି।
(iii) ସୁଯୋଗ ଥରେ ହାତରୁ ଖସିଗଲେ ପୁଣିଥରେ ଫେରିବା କଷ୍ଟକର।
(iv) ସେ ଦିନ ସବିତା ସ୍କୁଲକୁ ଆସି ନଥିଲା।
(v) ସେ ତା' ମାଆଙ୍କ ସହିତ ମାମୁଁ ଘରକୁ ଯାଇଥିଲା।
(vi) ସେ ମୋ କଥାକୁ ଶୁଣିଲା ନାହିଁ।
(vii) ରମେଶ ସାଇକେଲରେ ସ୍କୁଲକୁ ଯାଏ।
(viii) ଏ ବର୍ଷ ମୁଁ ବାର୍ଷିକ ପରୀକ୍ଷାରେ ଭଲ କରିବି।

15. **अनुच्छेद को पढ़कर प्रश्नों के उत्तर दीजिए:** [2×5=10
रात्रि के अंधकार में खड्गसिंह बाबाभारती के मंदिर में पहुँचा। चारोंओर सन्नाटा था। आकाश में तारे टिमटिमा रहे थे। थोड़ी दूर पर गाँव के कुत्ते भौंक रह थे। मंदिर के अंदर कोई शब्द न सुनाई देता था। खड्गसिंह 'सुलवान' की बाग पकड़े हुए थे। वह धीरे-धीरे अस्तबल के फाटक पर पहुँचा। फाटक किसी वियोग की आँखों की तरह खुला था। किसी समय वहाँ बाबा भारती स्वयं लाठी लेकर पहरा देते थे, परंतु आज उन्हें किसी चोरी, किसी डाके का भय न था। हानि ने उन्हें हानि की ओर से बेपरवाह कर दिया था। खड्गसिंह ने आगे बढ़कर 'सुलतान' को उसके स्थान पर बाँध दिया और बाहर निकलकर सावधानी से फाटक बंद कर दिया। इस समय उसकी आँखों में नेकी के आँसू थे।
(i) रात्रि के अंधकार में खड्गसिंह कहाँ पहुँचा?
(ii) आकाश में कौन टिमटिमा रहे थे और थोड़ी दूर पर कौन भौंक रहे थे?
(iii) सुलतान की बाग पकड़ते हुए खड्गसिंह कहाँ पर पहुँचा?
(iv) फाटक किसी तरह खुला था?
(v) फाटक बन्द करते समय खड्गसिंह की आँखों में किस प्रकार के आसूँ थे?

### उत्तर : PART – I (OBJECTIVE)

1. **(क)** वार्तालाप की शिष्टता मनुष्य को आदर का भाजन बनाती है। **(ख)** संदूक नीचे रखने को कहने पर दूसरे मुसाफिर ने कहा आपका अपमान नहीं होगा। यह थाना नहीं है कि आपके रोष में फर्क पड़ जाएगा। **(ग)** स्वामी विवेकानंद का व्यक्तित्व प्रभावी था। वे सुंदर, ज्ञानी, पंडित, सरल, विनयी, मिष्टभाषी और महान प्रतिभाशाली थे। **(घ)** जब लेखिका ने सोनजूही की लता में एक पीली कली देखी तब उन्हें उस छोटे जीव का स्मरण हो आया। **(ङ)** मनुष्य चंद दिनों के सुख के लिए प्रकृति से लड़ता है।
2. **(क)** हृदय-द्वार **(ख)** प्राइममरी में शिक्षकता **(ग)** माया का जाल **(घ)** हीटर जलाया **(ङ)** गंगा से गोदावरी
3. **(क)** निभाई **(ख)** तीन **(ग)** रोशन **(घ)** काक-पुराण **(ङ)** कलाकृतियाँ
4. **(क)** जिसके हृदय में सत्य रहता है उसके हृदय में भगवान निवास करते हैं। **(ख)** गोधन, वाजधन, बाजिधन और रत्न-धन से संतोष-धन श्रेष्ठ है। **(ग)** कवि किसी को भी अनाथ नहीं मानते क्योंकि त्रिलोकनाथ यहॉ सभी के साथ हैं। **(घ)** माँ चाँद के लिए झिंगोला बना नहीं पाती क्योंकि चाँद रोज एक ही आकार में नहीं रहता। **(ङ)** आँधी की रात काली और डरावनी लग रही थी, लग रहा था कि इस निशा के बाद फिर सवेरा नहीं होगा।
5. **(क)** यशोदा ने **(ख)** परोपकार में **(ग)** समझ ने **(घ)** हरिवंश राय बच्चन **(ङ)** मुँद नयन
6. **(क)** सनाथ **(ख)** परिवेश **(ग)** खंडगिरि **(घ)** हमारे लिए **(ङ)** माधवी ने आम खाया
7. **(क)** गिलहरियाँ **(ख)** सेवा **(ग)** दिखावा **(घ)** या **(ङ)** कवयित्री
8. **(क)** से **(ख)** परि **(ग)** आव **(घ)** में **(ङ)** करण कारक
9. **(क)** लटकाना **(ख)** लगाना **(ग)** लगाया **(घ)** जाना **(ङ)** मैंने उसे खिड़की पर लटका दिया
10. **(क)** जातिवाचक संज्ञा **(ख)** चमकीला **(ग)** समझदारी **(घ)** ले आना **(ङ)** जो

### उत्तर : PART – II (SUBJECTIVE)

11. **(i)** डॉक्टर चोखेलाल जब अपनी जमीन का लगान तहसील में जमा करने जाते मुंशीजी डाँटकर अपना हिस्सा वसूल कर लेते थे। न देने से शाम तक वहाँ खड़ा रहना पड़ता था। इसलिए डॉक्टर चोखेलाल मुंशी बैजनाथ से नाराज थे। **(ii)** गरमियों के दोपहर को गिल्लू न बाहर जाता न अपने झूले में बैठता। उसने गरमी से बचने का एक नया उपाय खोज निकाला था। लेखिका के पास रखी सुराही पर लेट जाता और अपने को ठंडक में रखता। **(iii)** पंडित जी अपने सहयात्रियों के साथ अयोध्या में तीन दिन रहे। उनके शिष्य कृपाशंकर ने उनके साथ जाकर प्रत्येक धाम का दर्शन कराया। अयोध्या से लौटने के बाद पंडितजी के स्वभाव में बड़ा परिवर्तन हो गया और उन्होंने फिर किसी दूसरे विभाग में जाने की चेष्टा नहीं की।
12. **(i)** ऊपर की पंक्तियों में कबिरदास जी का कहना है कि सब कुछ धीरे-धीरे समय पर ही होते हैं। हर कार्य में जल्दबाज के बदले धीरज की आवश्यकता होती है। कबीरदास जी मन को संबोधित करते हुए कहते हैं कि रे मन! स्थिर चित्त से रहकर समय की प्रतीक्षा कर। माली सौ घड़े पानी सींचने से उपयुक्त समय के पहले उसमें न फूल खिलते हैं न फल। **(ii)** राष्ट्रकवि मैथिलशरण गुप्त जी कहते हैं कि सिर्फ अपने लिए खाता-पीता है, वह पशु जैसा होता है। क्योंकि पशु केवल अपने लिए जीवन धारण करता है। परंतु जो दूसरों के लिए जीता और मरता है, उसका जन्म सार्थक होता है। वह सच्चा मनुष्य कहलाता है। **(iii)** ऊपर की पंक्तियों में कवि रामधारी सिंह 'दिनकर' जी का कहना कि बेटे चाँद का एक कमीज सिला देने का हठ सुनकर माँ ने कहा कि तू तो रोज घटता-बढ़ता रहता है। फिर कभी बिलकुल दिखाई नहीं देता। अब तू ही बता, तेरा किस दिन का नाप लेकर तेरे लिए झिंगोला बना दूँ, जो कि रोज–रोज तेरे शरीर पर शोभा पाए।
13. **(i)** सुबह चिड़ियाँ आसमान में उड़ती हैं। **(ii)** आपकी नौकरानी ने यह काम किया। **(iii)** आदमी कभी सुख-चैन से जीता है, तो कभी दु:खी होता है। **(iv)** दूध की बूँदें दोनों ओर ढुलक गईं। **(v)** कृपया आप यहीं बैठिए।
14. **(i)** हर साल जनवरी २१ तारीख को मेरी वर्षगाँठ मनायी जाती है। **(ii)** हमारे गाँव के तालाब में बहुत-सी छोटी-बड़ी मछलियाँ रहती हैं। **(iii)** मौका एकबार हाथ से छुट जाने से फिर एकबार लौटना मुश्किल है। **(iv)** उस दिन सविता स्कूल नहीं आई थी। **(v)** वह अपनी माँ को साथ ननहिल गई थी। **(vi)** उसने मेरी बात नहीं सुनी। **(vii)** रमेश साइकिल से स्कूल जाता है। **(viii)** इस साल में वार्षिक/सालान परीक्षा में अच्छा प्रदर्शन करूँगा/करूँगी।
15. **(i)** रात्रि के अंधकार में खड्गसिंह बाबा भारती के मंदिर में पहुँचा। **(ii)** आकाश में तारे टिमटिमा रहे थे और थोड़ी दूर पर कुत्ते भौंक रहे थे। **(iii)** सुलतान की बाग पकड़ते हुए खड्गसिंह अस्तबल के फाटक पर पहुँचा। **(iv)** फाटक किसी वियोग की आँखों की तरह खुला था। **(v)** फाटक बंद करते समय खड्गसिंह की आँखों में नेकी के आँसू थे।

## SANSKRIT

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

### PART – I (OBJECTIVE)

1. **अधोलिखितम् अनुच्छेदं पठित्वा निजभाषया शुद्धम् उत्तरं लिखत।** [1×5=5
एकस्मिन् सरोवरे कश्चित् कच्छप: प्रतिवसति स्म । मूषिक: काका: मृगश्चैते त्रय: तस्य सखाय: आसन् । एकदा स्थलमार्गेण अन्यं जलाशयं प्रति कच्छप: गच्छति स्म । तं कश्चिद् व्याध: वद्धवा स्कन्धे संस्थाप्य गृहं गन्तुम् उद्यत: । अथ मूषिकादय: बन्धुं विपद्ग्रस्तं दृष्ट्वा दु:खिता: । ते कच्छपं मोचयितुम् उपायं चिन्तितवन्त: । उपायम् अनुसृत्य मृग: जलाशयस्य समीपे मृतवत् अपतत् । काकश्च तस्योपरि उपविश्य चञ्चवा विलिखति स्म । अथ भ्रमणकारणात् तृषार्त्त व्याध: सरोवरात् जलं पीत्वा अदूरे पतितं मृगम् अपश्यत् । अत: स जलाशयस्य समीपे कच्छपं निधाय मृगसमीपं गत: । अस्मिन् अवसरे मूषिक: आगत्य कच्छपस्य बन्धनम् अच्छिनत् । तत: बन्धनमुक्त: कच्छप: जलाशयं प्रविष्ट: । मृगकाकौ अपि आगच्छन्तं व्याधं दृष्ट्वा सत्वरं पलायितौ । अथ स व्याध: मृगलोभेन पूर्वगृहीतं कच्छपं न प्राप्तवान् । अत: व्याध: निराश: सन् गृहं प्रस्थित: । सुष्ठु उक्तम् - यो ध्रुवाणि परित्यज्य अध्रुवाणि निषेवते ।
ध्रुवाणि तस्य नश्यन्ति अध्रुवं नष्टमेव हि ।
(i) एकस्मिन् सरोवरे क: प्रतिवसति स्म?
(ii) मूषिकादय: कच्छपं किं कर्त्तुम् उपायं चिन्तितवन्त:?
(iii) काक: मृगस्योपरि उपविश्य चंच्वा किं करोति स्म?
(iv) व्याध: केन पूर्वगृहीतं कच्छपं न प्राप्तवान्?
(v) य: ध्रुवाणि परित्यज्य कानि निषेवते?

2. **प्रदत्तवाक्येषु रेखाङ्कितपदानां सकारणंविभक्तिंलिखत।** [1×5=5
(i) अम्बाया: सकाशं गमिष्यामि।
(ii) अन्यस्य सम्मानहानिं मा कुरु।
(iii) पर्यावरणस्य सुरक्षया सृष्टिरियं नूनं रमणीया भविष्यति।
(iv) त्वामपि अस्यां शिलायां निक्षिप्य भक्षयिष्यामि।
(v) उपाध्याय: तं गोरक्षणाय प्रेषयति स्म।

3. **शुद्धं सन्धिविधानं / विच्छेदं कुरुत।** [1×5=5
(i) ससर्ज + आदौ (ii) चिरात् + एव (iii) पश्य + इति (iv) दोषाहि (v) मसर्तु :

4. **रिक्तस्थाने शुद्धं समासनाम / समस्तपदं / व्यासवाक्यं लिखत।** [1×5=5
(i) जातकर्मर्ण: समय: तस्मिन् = _______ = षष्ठी तत् पुरुष:
(ii) विभिन्नस्थानेषु = _______ = कर्मधारय:
(iii) रोगजनकम् = _______ = उपपद तत् पुरुष
(iv) _______ = पति:व्रतं यस्या: ताम् = बहुव्रीहि:
(v) असाधु: = न साधु: = _______

5. **प्रदत्तवाक्येषु रेखाङ्कितपदानां भ्रमसंशोधनं कुरुत।** [1×5=5
(i) कथमिव सम्पूर्णमपि मे मनरथं नाभिनन्दामि।
(ii) भूमे: प्रदूषणं रोगा: जायन्ते।
(iii) व्याघ्र: वने अधिवसति।
(iv) छात्र: क्रमात् आगच्छन्ति।
(v) साधु: दिनात् सकृत् खादति।

6. **एकपदेन स्त्रीप्रत्ययरूपं लिखत।** [1×5=5
(i) वीरस्य स्त्री (ii) शिवस्य स्त्री (iii) पाचकस्य स्त्री (iv) मृगस्य स्त्री (v) सम्राज: स्त्री

7. **अधोलिखितानि पदानि व्यवहृत्य पृथक् वाक्यानि रचयत।** [1×5=5
(i) सप्तकृत्व: (ii) विभ्यति (iii) युज्यते (iv) रोचन्ते (v) क्रमेण

8. **शून्यस्थाने शुद्धं प्रकृतिं/प्रत्ययं लिखत।** [1×5=5
(i) संश्लिष्टानि = सम् + श्लिष् + _______
(ii) प्रतीक्षित: = प्रति + _______ + क्त
(iii) ग्रहीतुम् = ग्रह + _______
(iv) श्रुत्वा = _______ + क्त्वा
(v) सत: = अस् + _______

9. **प्रदत्तवाक्येषु रेखाङ्कितपदानां मातृभाषया अर्थं लिखत।** [1×5=5
(i) आतुरस्य भिषड् मित्रम्।
(ii) वनं गत्वा तव क्षमं न हि।
(iii) इममपूपं भक्षय।
(iv) जायते अस्मात् इति।
(v) गुरुणा सोऽपि शिष्यरूपेण स्वीकृत:।

10. **प्रदत्तवाक्येषु रेखाङ्कितपदानि आधृत्य प्रश्ननिर्माणं कुरुत।** [1×5=5
(i) प्राय: ईश्वरस्य पुत्रा: न खलु दीर्घजीविन:।
(ii) रक्षाकरण्डकमस्य मणिबन्धे न दृश्यते।
(iii) अग्ने: दाहिकाशक्ति: सर्वमशुद्धं वस्तु नाशयति।
(iv) आवां ते अनया गुरुभक्त्या अतीव प्रीतौ स्व:।
(v) वयं सर्वे सोत्सुका: तिष्ठाम:।

### PART – II (SUBJECTIVE)

11. **निजभाषया वाक्यत्रयेण प्रश्नद्वयस्य उत्तरं लिखत:** [5×2=10
(क) "किं वा शकुन्तलेत्यस्य मातुराख्या" इति कथं राजा आत्मगतं चिन्तितवान्?
**अथवा,** विवेकानंद: किमर्थं रामकृष्णपरमहंसं निकषा गतवान्?
(ख) पृथिव्या: संरक्षणेन सर्वं केन संरक्षित भवति?
**अथवा,** बक: किं विचिन्त्य कुलीरकं पृष्ठे समारोप्य प्रस्थित:?

12. **निजभाषया वाक्यत्रयेण प्रश्नद्वयस्य उत्तरं लिखत:** [5×2=10
(क) संसारे किम् आश्चर्यम्?
**अथवा,** किं किं कस्य कस्य मित्रम्?
(ख) वनं कथं दु:खतरं भवति?
**अथवा,** रामस्य कीदृशं वच: सीतया कार्यम्?

13. **निजभाषया संक्षेपेण उत्तरं लिखत:** [2×5=10
(क) सुव्रते ! मदीये उटजे क: तिष्ठति?
(ख) सन्यासी अपि विवेकानन्द: स्वजनन्या: किं कर्त्तुं सततमचेष्टत?
(ग) जले कस्य धारकं वर्धकं च तत्वं निहितमस्ति।
(घ) माम ! मया सह ते प्रथम: क: सञ्जात:?
(ङ) उपाध्याय: उपमन्युं कुत्र प्रेषयति स्म?

14. **निजभाषया संक्षेपेण उत्तरं लिखत:** [2×5=10
(क) क: मूर्ख उच्यते?
(ख) पृथ्वी विभाण्डं गगनं किम्?
(ग) तत्त्वार्थसम्बोध किम्?
(घ) वने वस्त्ररूपेण किं धारणीयम्?
(ङ) वैदेही ! कस्य विप्रियं न कर्त्तव्यम्?

15. **अधोलिखितवाक्येषु पञ्चानां वाक्यानां संस्कृतभाषया अनुवादं कुरुत:** [2×5=10
(କ) ବାଳିକାମାନଙ୍କୁ ଦହି ଭଲ ଲାଗେ।
(ଖ) ଅନ୍ଧର ଦର୍ପଣରେ କି ପ୍ରୟୋଜନ।
(ଗ) ସଚିବାଳୟ ନିକଟରେ ବିଧାନ ସଭାଗୃହ ଅଛି।
(ଘ) ସନ୍ଧ୍ୟା ଆସିଲେ ଛାତ୍ରମାନେ ପ୍ରାର୍ଥନା କରନ୍ତି।
(ଙ) ଆମ୍ଭେମାନେ ଦୁଷ୍ଟମାନଙ୍କୁ ଘୃଣାକରିବା ଉଚିତ।
(ଚ) ରାଧା କାହାଠାରୁ ଧାର କରି ନାହିଁ।
(ଛ) ମା' ସମାନ ଦୃଷ୍ଟିରେ ସନ୍ତାନଙ୍କୁ ସ୍ନେହକରେ।
(ଜ) ପିଲାମାନେ ଧାଡ଼ିରେ ପ୍ରାର୍ଥନା ସଭାକୁ ଆସୁଥିଲେ।

### ଉତ୍ତର: PART – I (OBJECTIVE)

1. (i) କୌଣସି କଇଁଛ (ii) ମୁକ୍ତ କରିବାକୁ (iii) ଖୁମ୍ପୁ ଥିଲା (iv) ମୃଗ ଲୋଭରେ (v) ଅନିଶ୍ଚିତ ଗୁଡ଼ିକୁ
2. (i) ସକାଶ ଯୋଗେ ଷଷ୍ଠୀ (ii) କର୍ମଣି ଦ୍ୱିତୀୟା (iii) ହେତୌ ତୃତୀୟା (iv) ଅଧିକରଣେ ସପ୍ତମୀ (v) ତୁମୁନ୍ ଲୋପେ ଚତୁର୍ଥୀ
3. (i) ସସର୍ଜାଦୌ (ii) ଚିରାଦେବ (iii) ପଶ୍ୟେତି (iv) ଦୋଷାଃ + ହି (v) ମାସ + ଋତୁଃ
4. (i) ଜାତକର୍ମ ସମୟେ (ii) ବିଭିନ୍ନାନି ସ୍ଥାନାନି ତେଷୁ (iii) ରୋଗଂ ଜନୟତି ଇତି ତମ୍ (iv) ପତିବ୍ରତାମ୍ (v) ନଞ୍ ତତ୍ପୁରୁଷଃ
5. (i) ମନୋରଥମ୍ (ii) ପରିବେଷସ୍ଥ (iii) ବନମ୍ (iv) କ୍ରମେଣ (v) ଦିନସ୍ୟ
6. (i) ବୀରା (ii) ପ୍ରଦୂଷଣେନ (iii) ପାଚିକା (iv) ମୃଗୀ (v) ସମ୍ରାଜ୍ଞୀ
7. (i) ରମା ମାସସ୍ୟ ସପ୍ତକୃତ୍ୱଃ ପୁରୀଂ ଗଚ୍ଛତି। (ii) ବାଳାଃ ସର୍ପାତ୍ ବିଭ୍ୟତି। (iii) ତ୍ୱୟି ପ୍ରଭୁତ୍ୱଂ ଯୁଜ୍ୟତେ। (iv) ମହ୍ୟଂ ଫଳାନି ରୋଚନ୍ତେ। (v) ଛାତ୍ରାଃ କ୍ରମେଣ ତିଷ୍ଠନ୍ତି
8. (i) କ୍ତ (ii) ଈକ୍ଷ୍ (iii) ତୁମୁନ୍ (iv) ଶ୍ରୁ (v) ଶତୃ
9. (i) ବୈଦ୍ୟ / ଚିକିତ୍ସକ (ii) ମଙ୍ଗଳ (iii) ପିଠାକୁ (iv) ଜନ୍ମ ନିଏ (v) ସ୍ୱୀକାର କଲେ / ଗ୍ରହଣ କରାଗଲା
10. (i) ପ୍ରାୟଃ ଈଶ୍ୱରସ୍ୟ କେ ନ ଖଳୁ ଦୀର୍ଘଜୀବିନଃ? (ii) ରକ୍ଷାକରଣ୍ଡକମସ୍ୟ କୁତ୍ର ନ ଦୃଶ୍ୟତେ? (iii) କସ୍ୟ ଦାହିକା ଶକ୍ତିଃ ସର୍ବମଶୁଦ୍ଧଂ ବସ୍ତୁ ନାଶୟତି? (iv) ଆବାଂ ତେ ଅନୟା କୟା ଅତୀବ ପ୍ରୀତୌ ସ୍ୱଃ? (v) ବୟଂ ସର୍ବେ କୀଦୃଶାଃ ତିଷ୍ଠାମଃ?

### ଉତ୍ତର: PART – II (SUBJECTIVE)

11. **(क)** ତାପସୀ ମାଟି ମୟୂର ସର୍ବଦମନଙ୍କୁ ଦେଇ କହିଲେ, 'ପୁତ୍ର! ଶକୁନ୍ତଲାବର୍ଣ୍ୟଂ ପ୍ରେକ୍ଷସ୍ୱ।' 'ଶକୁନ୍ତଳା' ଏହି ଶବ୍ଦ ଶୁଣି ଶିଶୁଟି ମୋ ମା' କେଉଁଠି ବୋଲି ପଚାରିଥିଲା। ଏତାଦୃଶ କଥାରୁ ଶିଶୁର ମା' ଶକୁନ୍ତଳା ହୋଇଥିବେ ବୋଲି ରାଜା ମନେମନେ ଚିନ୍ତା କରିଥିଲେ।
**अथवा,** ବିବେକାନନ୍ଦ ବାଲ୍ୟକାଳରୁ ଈଶ୍ୱରବିଶ୍ୱାସୀ, ଜ୍ଞାନପିପାସୁ ତଥା ଈଶ୍ୱରଜିଜ୍ଞାସୁ ଥିଲେ। ସେ ଈଶ୍ୱରଙ୍କ ଅନୁସନ୍ଧାନରେ ସର୍ବଦା ବ୍ୟାକୁଳ ହେଉଥିଲେ। ଏକଦା ସେ ରାମକୃଷ୍ଣ ପରମହଂସଙ୍କ ସମ୍ବନ୍ଧରେ ଜାଣି ଈଶ୍ୱରସମ୍ବନ୍ଧୀୟ ଜିଜ୍ଞାସା ପୂର୍ଣ୍ଣକରିବା ଉଦ୍ଦେଶ୍ୟରେ ତାଙ୍କ ନିକଟକୁ ଯାଇଥିଲେ।
**(ख)** ବିଶ୍ୱମ୍ଭରା ପୃଥିବୀ ଆମ୍ଭମାନଙ୍କର ମା' ଅଟନ୍ତି। ସେଥିରେ ଜୀବଜଗତ, ବୃକ୍ଷବର୍ଗର ରତ୍ନ ତଥା ଖଣିଜ ଦ୍ରବ୍ୟଗୁଡ଼ିକ ଭରି ରହିଅଛି। ଏଣୁ ପୃଥିବୀର ସଂରକ୍ଷଣ ଦ୍ୱାରା ସମସ୍ତେ ସୁରକ୍ଷିତ ରହିବେ।
**अथवा,** ବଗ ନିଜର ମିଥ୍ୟା କଥାରେ ସମସ୍ତ ଜଳଚରମାନଙ୍କୁ ଭୁଲାଇ ପ୍ରତିଦିନର ବୁଭୁକ୍ଷା ପୂର୍ଣ୍ଣ କରି ଚାଲିଥିଲା। ଏହି ସମୟରେ କଙ୍କଡ଼ା ତା' ନିକଟରେ ପହଞ୍ଚି ପ୍ରଥମ ପରିଚିତକୁ କାହିଁକି ଏପର୍ଯ୍ୟନ୍ତ ଅନ୍ୟ ଜଳାଶୟକୁ ନେଉନାହଁ ବୋଲି ନିବେଦନ କଲା। ଫଳରେ ବଗ ମାଛ ଖାଇ ଖାଇ ପାଟି ଖରାପ ହୋଇଗଲାଣି, ଆଜି ଏହାକୁ ତରକାରୀ ରୂପେ ଖାଇବି ବୋଲି ଚିନ୍ତାକରି ତାକୁ ପିଠିରେ ବସାଇ ପ୍ରସ୍ଥାନ କରିଥିଲା।

12. **(क)** ଏହି ସଂସାରରେ ପ୍ରତିମୁହୂର୍ତ୍ତରେ ପ୍ରାଣୀମାନେ ମୃତ୍ୟୁବରଣ କରୁଛନ୍ତି। ଯେଉଁମାନେ ମୃତ୍ୟୁବରଣ କରିନାହାନ୍ତି, ସେମାନେ ଭାବୁଛନ୍ତି ଆମ୍ଭେମାନେ ଦୀର୍ଘଜୀବୀ ବୋଲି। ଏହାଠାରୁ ଆଉ ଅଧିକ ଆଶ୍ଚର୍ଯ୍ୟର କଥା କ'ଣ ବା ଥାଇପାରେ?
**अथवा,** ବିଦେଶରେ ବାସକରୁଥିବା ବ୍ୟକ୍ତିର ବିଦ୍ୟା ମିତ୍ରରୂପେ ସହାୟକ ହୋଇଥାଏ। ପରିବାରସ୍ଥ ବ୍ୟକ୍ତିର ଭାର୍ଯ୍ୟା ହେଉଛି ପରମମିତ୍ର। ରୋଗ ନିଦାନ କାରଣରୁ ରୋଗୀର ଚିକିତ୍ସକ ଓ ମୃତ୍ୟୁମୁଖରେ ପଡ଼ିଥିବା ବ୍ୟକ୍ତିର ଦାନ ହିଁ ସର୍ବଶ୍ରେଷ୍ଠ ମିତ୍ର ହୋଇଥାଏ।
**(ख)** ବନରେ ସଦାସର୍ବଦା ଅତିବେଗରେ ପବନ ବହିଥାଏ। ରାତି କଥା ତ ଦୂରରେ ଥାଉ ଦିନରେ ମଧ୍ୟ ଘନଅନ୍ଧକାର ବନବାସୀ ମନରେ ଭୟ ସଞ୍ଚାର କରିଥାଏ। ଖାଦ୍ୟ ନିର୍ଦ୍ଦିଷ୍ଟ ନଥିବାରୁ କ୍ଷୁଧାର ଯନ୍ତ୍ରଣା ବ୍ୟତିବ୍ୟସ୍ତ କରିଥାଏ। ଏହାଛଡ଼ା ଅନ୍ୟାନ୍ୟ ବିପଦର ସମ୍ଭାବନା ଥିବାରୁ ବନବାସ ଅତ୍ୟନ୍ତ ଦୁଃଖଦାୟକ ଅଟେ।
**अथवा,** ପିତାଙ୍କ ଆଦେଶ ପାଳନରେ ରାମ ବନବାସ ଯିବେ। ସୀତାଙ୍କୁ ଭରତଙ୍କ ରାଜତ୍ୱରେ ଅଯୋଧ୍ୟାରେ ହିଁ ରହିବାକୁ ହେବ। ମିଛରେ ହେଉନା କାହିଁକି କାହାରି ମନରେ ଯେପରି ମନ୍ଦ ଚିନ୍ତା କିମ୍ବା ମର୍ଯ୍ୟାଦା ଉଲ୍ଲଙ୍ଘନ ନ କରିବେ ରାମଙ୍କର ଏତାଦୃଶ ଆଦେଶ ସୀତାଙ୍କୁ ପାଳନ କରିବାକୁ ହେବ।

13. **(क)** ମଦୀୟ ଉଟଜେ ବର୍ଣ୍ଣବିଚିତ୍ରିତ ମୃତ୍ତିକା ମୟୂରଃ ତିଷ୍ଠତି। / ମୋର କୁଟୀରରେ ରଙ୍ଗ ହୋଇଥିବା ମାଟି ମୟୂର ରହିଛି। **(ख)** ସନ୍ନ୍ୟାସୀ ଅପି ବିବେକାନନ୍ଦଃ ସ୍ୱଜନନ୍ୟାଃ ଦୁଃଖାନି ନିବାରୟିତୁଂ ସତତମଚେଷ୍ଟତ। / ସନ୍ନ୍ୟାସୀ ହୋଇ ମଧ୍ୟ ବିବେକାନନ୍ଦ ନିଜ ମା'ଙ୍କ ଦୁଃଖ ଦୂର କରିବାକୁ ସର୍ବଦା ଚେଷ୍ଟା କରୁଥିଲେ। **(ग)** ଜଳେ ଜୀବନସ୍ୟ ଧାରକଂ ବର୍ଦ୍ଧକଂ ଚ ତତ୍ତ୍ୱଂ ନିହିତମ୍। / ପାଣିରେ ଜୀବନର ଧାରଣକରିବା ବୃଦ୍ଧି କରିବାର ତତ୍ତ୍ୱ ନିହିତ ଅଛି। **(घ)** ମାମ ! ମୟା ସହ ତେ ପ୍ରଥମଃ ସ୍ନେହସମ୍ଭାଷଃ ସଂଜାତଃ। / ମାମୁଁ! ମୋ ସହ ତୁମର ପ୍ରଥମ ସ୍ନେହସମ୍ଭାଷଣ ହୋଇଥିଲା। **(ङ)** ଉପାଧ୍ୟାୟଃ ଉପମନ୍ୟୁଂ ଗୋରକ୍ଷଣାୟ ପ୍ରେଷୟତି ସ୍ମ। / ଗୁରୁ ଉପମନ୍ୟୁକୁ ଗାଈ ଚରାଇବାକୁ ପଠାଇଥିଲେ।

14. **(क)** ନାସ୍ତିକଃ ମୂର୍ଖଃ ଉଚ୍ୟତେ। / ନାସ୍ତିକ ହିଁ ମୂର୍ଖ ଅଟେ। **(ख)** ପୃଥ୍ୱୀ ବିଭାଣ୍ଡଂ ଗଗନଂ ପିଧାନମ୍। / ପୃଥିବୀ ପାତ୍ର ଆକାଶ ହେଉଛି ଘୋଡ଼ଣୀ। **(ग)** ତତ୍ତ୍ୱାର୍ଥ ସମ୍ବୋଧଃ ଜ୍ଞାନମ୍। / ଶାସ୍ତ୍ରର ନିଗୂଢ଼ ଅର୍ଥ ଜାଣିବାକୁ ଜ୍ଞାନ କୁହାଯାଏ। **(घ)** ବନେ ବସ୍ତ୍ରରୂପେଣ ବଲ୍କଳଂ ଧାରଣୀୟମ୍। ବନରେ ବଲ୍କଳବସ୍ତ୍ର ଧାରଣ କରିବାକୁ ହୋଇଥାଏ। **(ङ)** ବୈଦେହି! କଦାଚନ ଭରତସ୍ୟ ବିପ୍ରିୟଂ ନ କର୍ତ୍ତବ୍ୟମ୍। / ହେ ସୀତେ! କେବେ ଭରତଙ୍କ ବିରୁଦ୍ଧାଚରଣ କରିବ ନାହିଁ।

15. (କ) ବାଳିକାଭ୍ୟଃ ଦଧି ରୋଚତେ।
(ଖ) ଅନ୍ଧସ୍ୟ ଦର୍ପଣେନ କିଂ ପ୍ରୟୋଜନମ୍
(ଗ) ସଚିବାଳୟଂ ନିକଷା ବିଧାନସଭାଗୃହମ୍ ଅସ୍ତି।
(ଘ) ଆଗତାୟାଂ ସନ୍ଧ୍ୟାୟାଂ ଛାତ୍ରାଃ ପ୍ରାର୍ଥନାଂ କୁର୍ବନ୍ତି।
(ଙ) ବୟଂ ଦୁଷ୍ଟେଭ୍ୟଃ ଜୁଗୁପ୍ସେମହି।
(ଚ) ରାଧା କସ୍ମୈ ନ ଧାରୟତି।
(ଛ) ମାତା ସମଦୃଷ୍ଟ୍ୟା ସନ୍ତାନେଷୁ ସ୍ନିହ୍ୟତି।
(ଜ) ବାଳାଃ ପଙ୍କ୍ତ୍ୟା ପ୍ରାର୍ଥନାସଭାମ୍ ଆଗଚ୍ଛନ୍।

❑❑❑

## ସଂକ୍ଷେପରେ

### ବାଟଗାଁ କଲେଜ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନାକଟିଦେଉଳ,୧୨।୨(ଡ଼ି.ଏନ.ଏ.):** ବାଟଗାଁ ଉଚ୍ଚମାଧମିକ ବିଦ୍ୟାଳୟରେ ବୁଧବାର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଇତିହାସ ବିଭାଗ ଅଧାପକ ଶରତ କୁମାର ଶତପଥୀ ଏବଂ ରାଜନିତୀ ବିଜ୍ଞାନ ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଏବଂ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ଅଧାପିକା ସୁବାଷିନୀ ବେହେରା, ଅଧାପକ ମହେନ୍ଦ୍ର କୁମାର ବେହେରା ଏବଂ ଭବରଞ୍ଜନ ଧଳ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ଅଧାପକ ପତିତ ମହାନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଥମ ବର୍ଷର ଛାତ୍ର ଅଜୟ କେର୍କେଟା ଧନ୍ୟବାଦ ଅର୍ପଣ କରିଥିଲେ।

### ସୁରଘୁଙ୍ଗୁରର ବାଣିଜ୍ୟମେଳା, ବିଭିନ୍ନ ପ୍ରତିଯୋଗିତା

ରେଢାଖୋଲ, ୧୨।୨(ଡି.ଏନ.ଏ) ସ୍ଥାନୀୟ କଦମ୍ବ ପଡିଆସ୍ଥିତ ଭୀମଭୋଇ ମଣ୍ଡପଠାରେ ଆସନ୍ତା ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ସୁରଘୁଙ୍ଗୁର ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବାଣିଜ୍ୟମେଳା ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ରେଢାଖୋଲ ସମେତ ବିଭିନ୍ନ ଜିଲାରୁ ନୃତ୍ୟ, ଏକକ ଅଭିନୟ, ଆଙ୍କରିଂ, ଝୋଟି ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେବାକୁ ପ୍ରତିଯୋଗୀ ପହଞ୍ଚିଛନ୍ତି । ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଶିବରାମ ସାହୁ, ତହସିଲଦାର ରୁବି ବେହେରା, ଈଶ୍ୱରଚନ୍ଦ୍ର ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ସୁସାନ୍ତ ନାଗ, ଉପସଭାପତି ରଶ୍ମିରଞ୍ଜନ ଖଡିରତ୍ନ, ଭବାନୀଶଙ୍କର ପଣ୍ଡା, ସଂପାଦକ ରାଜେନ୍ଦ୍ର ବୈଠାରୁ, ବିନ୍ଦୁ ମିରିଙ୍ଗ ସମେତ ଅନୁଷ୍ଠାନର ସଭ୍ୟମାନେ ଯୋଗ ଦେଇଥିଲେ।



ଲମ୍ୱୋଦର ପ୍ରକଳ୍ପକୁ ବିରୋଧ କରି ଶଗଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଲୋକେ ଏକତ୍ରିତ ହୋଇଛନ୍ତି।

# ଲମ୍ୱୋଦର ପ୍ରକଳ୍ପ କଥା ସରକାର ଭୁଲିଯାଆନ୍ତୁ

**ଜମନକିରା,୧୨।୨ ( ଡି.ଏନ୍.ଏ)**

ଜମନକିରା ବ୍ଲକ୍ କାଦୋପଡ଼ାସ୍ଥିତ ଲମ୍ୱୋଦର ନାଳ ଉପରେ ପ୍ରସ୍ତାବିତ ନଦୀବନ୍ଧ ପ୍ରକଳ୍ପର ନିର୍ମାଣ ଯୋଜନା ବିରୋଧକୁ ବୁଧବାର ପ୍ରଭାବିତ ଅଞ୍ଚଳବାସୀ ସ୍ମରଣୀୟ ଦିବସ ଭାବେ ପାଳନ କରିଛନ୍ତି। ଏହି ପ୍ରକଳ୍ପକୁ ତୀବ୍ର ବିରୋଧ କରି କୌଣସି ବି ପରିସ୍ଥିତିରେ ଏହା ନିର୍ମାଣ କରାଇ ଦିଆଯିବ ନାହିଁ। ଏଣୁ ସରକାର ଏହି ପ୍ରକଳ୍ପ ସମ୍ପର୍କରେ ଭୁଲି ଯଆନ୍ତୁ ବୋଲି ଲୋକେ ଚେତାବନୀ ଦେଇଛନ୍ତି। ଏହି ପ୍ରକଳ୍ପ ହେଲେ ସମ୍ବଲପୁର ଜିଲା ଜମନକିରା ବ୍ଲକ୍‌ର ଡିମିରିମୁଣ୍ଡା, ଭୋଜପୁର, ସିରିଡ ଆଦି ୩ଟି ପଞ୍ଚାୟତର ଲୋକ ଏଥିରେ ପ୍ରଭାବିତ ହେବେ। ସେହିଭଳି ଦେବଗଡ଼ ଜିଲା ତିଲେଇବଣୀ ବ୍ଲକ୍‌ର ଡିମିରିକୁଦା ପଞ୍ଚାୟତ ମଧ ଏଥିରେ ପ୍ରଭାବିତ ହେ। ରେଙ୍ଗାଳି ଓ ହୀରାକୁଦ ଅଞ୍ଚଳରୁ ବିସ୍ଥାପିତ ହୋଇ ଏହି ଅଞ୍ଚଳରେ ଅବସ୍ଥାପିତ ହୋଇଥିବା କେତେକ ପରିବାର ପୁଣି ସେମାନଙ୍କୁ ଏହି ସମସ୍ୟାର ସମ୍ମୁଖୀନ ହେବେ। ଏଣୁ ଏହି ପ୍ରକଳ୍ପ କଥା ଉଠିଲେ ଲୋକେ ତାତି ଉଠୁଛନ୍ତି।

ସ୍ଥାନୀୟ ଶଗଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଲୋକେ ଏକତ୍ରିତ ହୋଇ ସଂଗ୍ରାମ ଜାରି ରହିବା ଦିଗରେ ମତବ୍ୟକ୍ତ କରିଥିଲେ। ଏଥିରେ ସଂଗ୍ରାମ ସମିତିର ସଭାପତି ରତିକାନ୍ତ କିସାନ ଅଧକ୍ଷତା କରିଥିଲେ। କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାଏକ ଯୋଗଦେଇ ସଂଗ୍ରାମ ସପକ୍ଷରେ ବକ୍ତବ୍ୟ ରଖିଥିଲେ। ସେହିଭଳି କୁଚିଣ୍ଡା ବିଧାୟକ କିଶୋରଚନ୍ଦ୍ର ନାଏକ, ପୂର୍ବତନ ଜିଲା ପରିଷଦ ସଭାପତି ଶୋଭାରାମ ପ୍ରଧାନ ଓ ପୂର୍ବତନ ଏସଡିଏ ଅଧକ୍ଷ ବିଜୟ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସମିତିର ଉପଦେଷ୍ଟା ସରୋଜ କୁମାର ମହାନ୍ତି, ସମ୍ପାଦକ ରୁଦ୍ରମଣୀ କିସାନ, ପୂର୍ବତନ ସଭାପତି ନୃପଲାଲ ପଲେଇ, ସଭ୍ୟ ଦିଲ୍ଲୀପ ରଥ, ବାଳକୃଷ୍ଣ ସାହୁ, ଆଇନଜୀବି ସୁରେନ୍ଦ୍ର ଦେବ, ମିତ୍ରଭାନୁ ସାହୁ, ଗିରିଧାରୀ କିସାନ, ମଳୟ ବେହେରା, ସୁନ୍ଦର ଲାକ୍ରା, ସମିତିସଭ୍ୟା ପ୍ରଭାସିନୀ ଠାକୁର, ରେଙ୍ଗାଲିବୁଡ଼ି ଅଞ୍ଚଳର ପ୍ରଭାବିତ ଝସକେତନ ସାହୁ ଓ କ୍ଷୀତିଚନ୍ଦ୍ର ସାହୁ ପ୍ରମୁଖ ପ୍ରକଳ୍ପ ବିରୋଧରେ ବିଷୋଦଗାର କରିଥିଲେ।

ସୂଚନାଯୋଗ୍ୟ, ଏହି ନଦୀବନ୍ଧ ପ୍ରକଳ୍ପର ସ୍ଥାପନ ସକାଶେ ୨୦୧୫ ଅକ୍ଟୋବର ୫ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅଞ୍ଚଳବାସୀ ଏହା ଜାଣିପାରି ତୀବ୍ର ବିରୋଧ କରି ପ୍ରକଳ୍ପ ଯୋଜନାକୁ ବନ୍ଦ କରିଥିଲେ। ହେଲେ ୨୦୧୯ ନଭେମ୍ବର ୩ ତାରିଖ ପୁଣି ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପ ହେବା ନେଇ ଆଲୋଚନା ହୋଇଥିଲା।

## ୧୪ରୁ ସର୍ବଭାରତୀୟ ଓପନ୍ ମହିଳା ପୁରୁଷ କବାଡି ପ୍ରତିଯୋଗିତା

**ସମ୍ବଲପୁର, ୧୨।୨ (ବ୍ୟୁରୋ)**



ବୁଧବାର ସମ୍ବଲପୁର କବାଡି କ୍ଲବ ସଭାପତି ସିଦ୍ଧାର୍ଥ ସାହା ଟୁର୍ନାମେଣ୍ଟ ବିଷୟରେ ସୂଚନା ଦେଉଛନ୍ତି ।

ସମ୍ବଲପୁର କବାଡି କ୍ଲବ ଆୟୋଜନରେ ୩ ଦିନିଆ ସୁରେଶ ସେଠ ଓ ଅଶୋକ ଶର୍ମା ସ୍ମାରକୀ ସ୦୦୦ ମୁମ୍ବାଇ, କୋଲକତା, ଗୋନ୍ଦିଆ, ଟାଟା ଜାମସେଦପୁର, ଭୁବନେଶ୍ୱର, କଟକ, ଆସକା, ଯାଜପୁର, ଦେବଗଡ, ରାଉରକେଲା, ଝାରସୁଗୁଡା, ସାଇ ସ୍ପୋର୍ଟ୍ସ ହଷ୍ଟେଲ, ବରଗଡ, ନୂଆପଡା, କୁଆଖିଆ ଓ ସମ୍ବଲପୁରର ୨୭ଟି ମହିଳା ଏବଂ ପୁରୁଷ ଦଳ ଭାଗ ନେବେ। ଟୁର୍ନାମେଣ୍ଟ ଲାଗି ୧୦ ଲକ୍ଷରୁ ଅଧିକ ବ୍ୟୟଅଟକଳ ସ୍ଥିର କରାଯାଇଛି। ବୁଧବାର ସମ୍ବଲପୁର ସାକେଟ୍ ସଭା କକ୍ଷରେ ଆୟୋଜକ ସମ୍ବଲପୁର କବାଡି କ୍ଲବ ସଭାପତି ସିଦ୍ଧାର୍ଥ ସାହା ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଦୀର୍ଘ ବର୍ଷ ପରେ ସମ୍ବଲପୁରରେ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଆୟୋଜିତ ହେବ। ତେଣୁ କବାଡି ଖେଳାଳିମାନଙ୍କ ମଧରେ ଉତ୍ସାହ ଲାଗି ରହିଛି । ଏହି ଟୁର୍ନାମେଣ୍ଟରେ କୋଲକତା ପୋଲିସ ଦଳରେ ପ୍ରୋ କବାଡି ଖେଳାଳି ତାପସ ପାଲ, ସଞ୍ଜୀବ ସାନ୍ତ୍ରା ଓ ରାମ ସାହା ସାମିଲ ଅଛନ୍ତି। ଟୁର୍ନାମେଣ୍ଟ ପରିଚାଳନା ସକାଶେ ୧୫ଜଣ ଜାତୀୟ ରେଫରି ଯୋଗଦେବେ ବୋଲି ସେ କହିଛନ୍ତି। ତେବେ ଏଡି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ସମ୍ପାଦକ ଉମାପତି ତ୍ରିପାଠୀ, ଯୁଗ୍ମ ସମ୍ପାଦକ ରାମଦାସ ପଣ୍ଡା, ଦୀପକ ବରାଡ, ପ୍ରଶାନ୍ତ କୁମାର ସେଠ, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ପ୍ରସାଦ ଶତପଥୀ ଟୁର୍ନାମେଣ୍ଟ ବିଷୟରେ ସୂଚନା ଦେଇଥିଲେ ।

## ଖୁଣ୍ଟିଚକୁଲି ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର, ୧୨।୨ (ବ୍ୟୁରୋ)**

ଖୁଣ୍ଟିଚକୁଲି ପ୍ରକଳ୍ପ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି, ମାନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ସନାତନ ବିଶ୍ୱାଳ ଓ ଏବିଇଓ ସୀତାରାମ ଭୋଇ ସମ୍ମାନୀତ ଅତିଥି, ଲରମ୍ବା କଲେଜ ଅଧାପକ ଡ. ଦିଗାମ୍ବର ଚାନ୍ଦ ମୁଖ୍ୟବକ୍ତା, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ କଳ୍ପନା ପୋଢ଼, ଉପସଭାପତି ଦେବରାଜ ଠାଠୀ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁନନ୍ଦା ଚାନ୍ଦଙ୍କ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ହେମନ୍ତ ଶେଖର ପଣ୍ଡା ଅଧକ୍ଷତା କରିଥିଲେ। ଏହି ଅବସରରେ ପ୍ରାଚୀଶ୍ରୀ ପୋଢ଼, ପ୍ରତିଭା ଡନସନା ଓ ଲିଜା ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏ. ବେସନଙ୍କୁ ଶ୍ରେଷ୍ଠ ବୃତ୍ତି, ବୈଷ୍ଣବୀ ଛନ୍ଦଙ୍କୁ ଶ୍ରେଷ୍ଠ ଉପସ୍ଥାପନ, ରେଣୁକା ରଣାଙ୍କୁ ଶ୍ରେଷ୍ଠ ସ୍ୱଚ୍ଛ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ଲୁଲୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟତ୍ରୀ ରୋଜି ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ନିଶାମଣୀ ବଡ୍ଡେଇ, ଜୟଶ୍ରୀ ପ୍ରଧାନ, ରୀନା ମେହେର, ରସ୍ମିତା ମେହେର, ରଚନା ଛନ୍ଦ କାଯର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଯୁଧିଷ୍ଠିର ମେହେର ଓ ସୁବାଷ ଚନ୍ଦ୍ର ହୋତାଙ୍କୁ ଉପଢ଼ୌକନ ପ୍ରଦାନ କରାଯାଇଥିଲା ।


ଖୁଣ୍ଟିଚକୁଲି ସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

## ବାହାଘରରୁ ସାଉଣ୍ଡ ସିଷ୍ଟମ ଚୋରି କରି ୩ ଗିରଫ

**ରେଙ୍ଗାଲି,୧୨।୨ (ଡି.ଏନ.ଏ.)**

ରେଙ୍ଗାଲି ଥାନା ପୋଲିସ ସାଉଣ୍ଡ ସିଷ୍ଟମ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ କ୍ଷେତରାପୁର ଥାନା ବଡବଜାରର ନିର୍ମଳ ଧାନଗୁଣ୍ଡି, ଶିବ ନାଗ ଓ ପ୍ରକାଶ ସିନ୍ଦରିୟା। ଏ ନେଇ ଥାନାରେ ଏକ ମାମଲା (ନଂ.୨୯/୨୦) ରୁଜୁ ହୋଇଛି। ପୋଲିସ କହିଛି ଯେ, ରାମଚନ୍ଦ୍ର ନଗରରେ ଥିବା ଠେଲକୋଲି ଗ୍ରାମର ଦୟାନିଧି ପୃଷ୍ଟିଙ୍କ ଭାଣିଜିଙ୍କ ବିବାହ ଉତ୍ସବରେ ସାଉଣ୍ଡ ସିଷ୍ଟମକୁ ଏମାନେ ଚୋରି କରି ନେଇଥିଲେ। ରେଙ୍ଗାଲି ଷ୍ଟେଶନ ନିକଟରେ ଏହାକୁ ରଖିଦେଇ ପୁଣି ଚୋରି କରିବାକୁ ଆସିଥିଲାବେଳେ ଗ୍ରାମବାସୀଙ୍କ ହାତରେ ଧରା ପଡିଯାଇଥିଲେ। ଗ୍ରାମବସୀ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ଏମାନଙ୍କୁ ଗିରଫ କରିଥିଲା। ରେଳ ଷ୍ଟେଶନ ନିକଟ ଏକ ବୁଦାରୁ ସାଉଣ୍ଡ ସିଷ୍ଟମକୁ ପୋଲିସ ଉଦ୍ଧାର କରଛି।

## ଏନ୍‌ଏସ୍‌ସିବି କଲେଜରେ ଆତ୍ମରକ୍ଷା ତାଲିମ ଶିବିର

**ସମ୍ବଲପୁର, ୧୨।୨ (ବ୍ୟୁରୋ)**

ବୁଧବାର ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ପରିସରରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ହରିଶଙ୍କର ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାପକ ରବୀନ୍ଦ୍ର ପାଣିଗ୍ରାହୀ, ପ୍ରାଧାପକ ରଘୁମଣୀ ନାୟକ, ଅଧାପକ ସନ୍ତୋଷ କୁମାର ବେହେରା ଯୋଗ ଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା ବିଷୟରେ କହିଥିଲେ। ପ୍ରାଧାପିକା ଶ୍ରଦ୍ଧାମୟୀ ପୁରୋହିତ, ଲିଲି ସାହୁ, ଅଧାପିକା ମେଞ୍ଜା ପୁର୍ତ୍ତି, ଅଲକା ଲୁଗୁନ ଶିବିର ପରିଚାଳନା କରିଥିଲେ।

# ବାମରା ରିମିକ୍ସକୁ ହରାଇ ଫାୟାର ଚାମ୍ପିୟନ

**ବାମରା, ୧୨।୨ (ଡି.ଏନ.ଏ.)**

### ବୀରେନ୍ଦ୍ର ଉତ୍କଳ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ସର୍ଗିଡିହି ଖେଳ ପଡିଆରେ ବୀରେନ୍ଦ୍ର ଉତ୍କଳ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୨୪ଟି ଦଳ ଯୋଗ ଦେଇଥିଲେ। ହିରେନ ପାତ୍ର ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୃହ ସଚିବ ମେଘନାଥ ନାୟକ ଯୋଗ ଦେଇଥିଲେ । ପ୍ରଥମ ସେମିଫାଇନାଲରେ କରମଡିହିକୁ ହରାଇ ବାମରା ରିମିକ୍ସ ଓ ବାଉରିଡିହିକୁ ହରାଇ ବାମରା ଫାୟାର ଦଳ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ବାମରା ଫାୟାର ଓ ବାମରା ରିମିକ୍ସ ମଧରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ମାଧମରେ ୩-୨ ଗୋଲରେ ବାମରା ଫାୟାର ଦଳ ବିଜୟୀ ହୋଇଛି। ସମ୍ମାନୀୟ ଅତିଥି ଭାବେ ବାଉଁଶଲଗା ସରପଞ୍ଚ ରତନି ଛାତ୍ରିଆ, କୁମୁଦବନ୍ଧୁ ବିଶ୍ୱାଳ, ଠଣସୁନ୍ଦର ନାୟକ ଓ ମହାବୀର ଖଣ୍ଡେଲୱାଲ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଲେଲିନ ଗୋପଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରେଫରି ଭାବେ ଦେବନନ୍ଦ କିଷାନ, ଡିଲେଶ୍ୱର କିଷାନ, ଭକ୍ତି ମୁଣ୍ଡା ଓ ରାଜେଶ ଛାତ୍ରିଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଅଭିଯୁକ୍ତଙ୍କୁ ମିଳିଲା ଜାମିନ

**ସମ୍ବଲପୁର,୧୨।୨(ବ୍ୟୁରୋ)**

### ହଜଯାତ୍ରାରେ ନେବାକୁ କହି ୨୮ ଲକ୍ଷ ଟଙ୍କା ଠକେଇ ଘଟଣା

ଧନୁପାଲି ଥାନା ଅଞ୍ଚଳର ଅବଦୁଲ ରହିମ ନାମକ ଜଣେ ଯୁବକ ହଜଯାତ୍ରାରେ ନେବାକୁ କହି ବିଭିନ୍ନ ଲୋକଙ୍କ ପାଖରୁ ପ୍ରାୟ ୨୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ତେବେ ଏହି ଘଟଣାରେ ସେ ହାଇକୋର୍ଟରୁ ଜାମିନ ପାଇଛନ୍ତି। ହେଲେ ପୋଲିସ ତଦନ୍ତରେ ସହଯୋଗ କରିବା ପାଇଁ ତାଙ୍କୁ ଅଦଲତ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଅଭିଯୁକ୍ତ ଅବଦୁଲ ବୁଧବାର ଧନୁପାଲି ଥାନା ଆସିଥିଲେ। ସୂଚନାଯୋଗ୍ୟ, କୁମ୍ଭାରପଡା, ସୁନାପାଲି, ପେନସନପଡା, ନୟାପଡା ଅଞ୍ଚଳରୁ ୩୩ ଜଣଙ୍କଠାରୁ ସେ ଏହି ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଲୋକେ ପୂର୍ବରୁ ଏସ୍‌ପି କନୱର ବିଶ୍ୱାଳ ସିଂଙ୍କୁ ଭେଟି ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଧନୁପାଲି ଥାନାରେ ଏକ ମାମଲା ମଧ ରୁଜୁ ହୋଇଥିଲା। ହେଲେ ଅଭିଯୋଗର ୨ ମାସ ବିତିଯାଇଥିଲେ ମଧ ପୋଲିସ ତାଙ୍କୁ ଗିରଫ କରିବାରେ ବିଫଳ ହୋଇଥିଲା। ପୋଲିସ ଜାଣିଶୁଣି ଜାମିନ ପାଇଁ ସମୟ ଦେଇ ଗିରଫ କଲା ନାହିଁ ବୋଲି ଠକେଇର ଶିକାର ଲୋକେ ଅଭିଯୋଗ ଆଣିଛନ୍ତି।

## ଛାତ୍ରୀଛାତ୍ରଙ୍କ ପାଠ ଯୋଜନା ପ୍ରସ୍ତୁତି କର୍ମଶାଳା

**ନାକଟିଦେଉଳ,୧୨।୨(ଡ଼ି.ଏନ.ଏ.)**

ନାକଟିଦେଉଳ ଉଚ୍ଚମାଧମିକ ବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ଛାତ୍ରୀଛାତ୍ରଙ୍କୁ ନେଇ ଏକ ପାଠ ଯୋଜନା ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଶିକ୍ଷା ବିଭାଗର ଅଧାପକ ଡ଼. ପ୍ରଶାନ୍ତ କୁମାର ଦାଶଙ୍କ ପରିଚାଳନାରେ ଅଧକ୍ଷ କନ୍ଦର୍ପ ରାଉଳ ଏବଂ ପ୍ରଧାପକ ଡ଼. ଦୀପେନ କୁମାର ପଟ୍ଟନାୟକ ପାଠ ଯୋଜନା ପ୍ରସ୍ତୁତିର ଆବଶ୍ୟକତାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ଭଜମୋହନ ପ୍ରଧାନ ଇତିହାସ ପାଠର ବିଭିନ୍ନ ଦିଗ ଏବଂ ଏହାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଇଂଲିଶ, ଓଡ଼ିଆ, ବିଜ୍ଞାନ, ଇତିହାସ ଏବଂ ଭୂଗୋଳ ବିଷୟ ଗୁଡ଼ିକର ବିଭିନ୍ନ ପାଠ ପ୍ରସ୍ତୁତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ଏଥି ସହିତ ଦଳଗତ ଆଲୋଚନା ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ଅଧାପକ ସରୋଜ କୁମାର ଭୁଏ କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ।


ଭାତପୁରା ଉନ୍ନୀତ ପ୍ରାଥମିକ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଭାତପୁରା ଉନ୍ନୀତ ପ୍ରାଥମିକ, ପଞ୍ଚାୟତ ହାଇସ୍କୁଲ ବାର୍ଷିକୋତ୍ସବ

**ଜମନକିରା,୧୨।୨ (ଡି.ଏନ୍.ଏ)**

ଜମନକିରା ବ୍ଲକ୍ ଡିମିରିମୁଣ୍ଡା ପଞ୍ଚାୟତ ଭାତପୁରା ଉନ୍ନୀତ ପ୍ରାଥମିକ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୨୬ତମ ବାର୍ଷିକେତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟିର ସଭାପତି ସରୋଜ କୁମାର ମହାନ୍ତି ଅଧକ୍ଷତା କରିଥିଲେ। ଅତିଥି ଭାବେ ଲେଖକ କୁମାର ହସନ, ରଙ୍ଗବତୀ ଗୀତର ରଚୟିତା ମିତ୍ରଭାନୁ ଗୌନ୍ତିଆ, ସ୍କୁଲର ପ୍ରତିଷ୍ଠାତା ତଥା ସମ୍ବଲପୁର ପୂବତନ ଉନ୍ନୟନ ପ୍ରାଧିକରଣ ଅଧକ୍ଷ ବିଜୟ କୁମାର ମହାନ୍ତି, ରୁଦ୍ରନାରାୟଣ ବେହେରା, ଝସକେତନ ସାହୁ, ନୃପଲାଲ ପଲେଇ, ପ୍ରଫେସର ସନ୍ତୋଷ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମଳୟ କୁମାର ବେହେରା ସଭା ପରିଚାଳନା କରିଥିଲେ। ଶିକ୍ଷକ ଖଗେଶ୍ୱର ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ରତନଲାଲ ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉନ୍ନୀତ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଶା ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଶିକ୍ଷକ ଲକ୍ଷପତି ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷକ ଧନିରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୈଳାସଚନ୍ଦ୍ର ଗୌଡ଼, ସୁମନ୍ତ କୁମାର ମହାକୁଳ, ସୁବ୍ରତ କୁମାର ପଣ୍ଡା, ଖଗେଶ୍ୱର ନାଏକ, ତନୁଜା ଶର୍ମା, ମଧୁମିତା ବହିଦାର, ପ୍ରଦୀପ ବାରିକ, ସୁମନ୍ତ ମହାକୁଳ, ସୁବୋଧ ବେହେରା, ଇସାକ ସରେ ପ୍ରମୁଖ ସହଯୋଗ କରିଥିଲେ।

## ଫଟୋରେ ଖବର


ଦିଲ୍ଲୀରେ ଲଗାତର ୩ୟ ଥର ପାଇଁ ଆମ୍ ଆଦମୀ ପାର୍ଟି ସରକାର ଗଠନ କରିଥିବାରୁ ସମ୍ବଲପୁର କଚେରି ଛକରେ ଦଳୀୟ କର୍ମୀ ଓ ନେତା ଖୁସିରେ ବିଭୋର।


ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଫିସ ପରିସରରେ ଗଛ କାଟି ଦିଆଯିବା ପରେ ଏହାର ମୂଳ ରାସ୍ତା ପଟକୁ ରହିଛି। ପ୍ରଶାସନ ଏହାକୁ ଦେଖି ମଧ ପଦକ୍ଷେପ ନେଉ ନାହିଁ।

## ପ୍ରଶିକ୍ଷଣ ନେଲେ ଏନ୍‌ଏସି ସଫେଇ କର୍ମଚାରୀ

**ରେଢାଖୋଲ,୧୨।୨(ଡି.ଏନ.ଏ.)**

### ପ୍ରମାଣପତ୍ର ସହ ଜ୍ୟାକେଟ, ମାସ୍କ ପାଇଲେ

ରେଢାଖୋଲ ଏନ୍‌ଏସିର ସଫେଇ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ଇନୋଭଷ୍ଟ ନାମକ ଏକ ସଂସ୍ଥା ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେମାନଙ୍କୁ ପ୍ରମାଣପତ୍ର ସହ ଜ୍ୟାକେଟ ଓ ମାସ୍କ ପ୍ରଦାନ କରାଯାଇଛି। ୪ ଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ଗୁରୁବାର ଶେଷ ହେବ। ସଂସ୍ଥାର ବିଶ୍ୱରଞ୍ଜନ ମହାପାତ୍ର ପ୍ରଶିକ୍ଷଣ ଦେଉଛନ୍ତ । ତେବେ ୩ ବର୍ଷ ପାଇଁ ୨ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟବୀମା ଓ ବ୍ୟାଙ୍କ ଆକାଉଣ୍ଟରେ ପ୍ରତିମାସରେ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, ଗୋଷ୍ଠୀ ସଂଗଠିକା ଭାରତୀ ପ୍ରଗଣିଆ, କନିଷ୍ଠ ଯନ୍ତ୍ରୀ ଜାହେଦା ପରଭିନ, କାଉନସିଲର ଜ୍ଞାନରଞ୍ଜନ ପ୍ରଧାନଙ୍କ ସମେତ ସ୍ୱଚ୍ଛସାଥୀ, ସୁପରଭାଇଜର ଓ ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥଲେ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍ୱାର୍ଡ



## ସଂକ୍ଷେପରେ



### ସବ୍‌ଡେଗାରେ ଜଙ୍ଘାବଡଦେଓଙ୍କ ନଗର ପରିକ୍ରମା

**ସବଡେଗା, ୧୨।୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ସବଡେଗା ଫିଟିଙ୍ଗପଡାରେ ଥିବା ଗଣ୍ଡ ସମାଜର ଜଙ୍ଘା ମନ୍ଦିରରେ ତିନିଦିନ ଧରି ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜାର୍ଚ୍ଚନା କରିବା ସହ ଜଙ୍ଘା ବଡଦେଓଙ୍କର ଉତ୍ସବ ଗଣ୍ଡ ସମାଜ ତରଫରୁ ଅନୁଷ୍ଠିତ ହୋଇଯାଇଥିଲା । ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯାଇ ମନ୍ଦିରରେ ଜଙ୍ଘ ବଡଦେଓଙ୍କର ଦର୍ଶନ କରିଥିଲେ । ମଙ୍ଗଳବାର ସବଡେଗା ନଗର ପରିକ୍ରମାରେ ଜଙ୍ଘା ବଡଦେଓ ପରିକ୍ରମା କରି ସମସ୍ତଙ୍କୁ ଦର୍ଶନ ଦେଇଥିଲେ । ଘରେ ଘରେ ତାଙ୍କର ପୂଜା କରାଯାଇଥିଲା ଓ ଜଗନ୍ନାଥ ମନ୍ଦିରରେ ଜଙ୍ଘା ବଡଦେଓ ଯାଇ ବଡ ଠାକୁରଙ୍କର ଦର୍ଶନ କରିଥିଲେ । ନଗର ପରିକ୍ରମାରେ ତାଙ୍କୁ ହରିବୋଲ ହୁଳହୁଳି ସହ ଉତ୍ସାହ କରି ଅନେକ ମାତ୍ରାରେ ଲୋକ ଯୋଗଦେଇଥିଲେ। ଯେଉଁଥିରେ ଯୁଧିଷ୍ଠିର ମାଝୀ, ପଦୁ ପ୍ରଧାନ, ଜାଦବ ପ୍ରଧାନ, ମନ୍ଦିରର ଦେହୁରୀ ପ୍ରମୁଖ ମୁଖ୍ୟ ଆୟୋଜକ ଭାବେ କାର୍ଯ୍ୟ ତୁଲାଇଥିଲେ ।

### ଓଲଟିଲା ଧାନ ବୋଝେଇ ଟ୍ରକ୍

ଭଦ୍ରକ ଅଫିସ, ୧୨।୨: ଭଦ୍ରକ ଟାଉନ ଥାନା ଅର୍ନ୍ତଗତ ବାଇପାସ୍ ଛକଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ରାସ୍ତା ଉପରେ ଓଲଟିଲା ଧାନ ବୋଝେଇ ଟ୍ରକ୍। ଟ୍ରକ୍‌ଟି ତିହିଡ଼ି ବ୍ଲକ ଭାଟପଡ଼ା ସୋସାଇଟିରୁ ଧାନ ନେଇ ଚରମ୍ପାର ଏକ ରାଇସ ମିଲ୍‌କୁ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଟ୍ରକରେ ପ୍ରାୟ ୧୮ଟନ୍‌ରୁ ଅଧିକ ଧାନ ବୋଝେଇ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଧନଜୀବନ କ୍ଷତି ହୋଇ ନ ଥିଲେ ମଧ ଓଭରଲୋଡିଂ କାରଣରୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି।

# ବିଦ୍ୟୁତ୍ ବିଭାଗ ଅଧିକାରୀ ଅନୁପସ୍ଥିତ ନେଇ ଅସନ୍ତୋଷ

## ଲେଫ୍ରିପଡା ପଞ୍ଚାୟତ ସମିତି ବୈଠକ

**ଲେଫ୍ରିପଡା, ୧୨।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା କାମିନୀ କାଲୋ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବିଡିଓ ରମେଶ ହାଁସଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପର୍ଯ୍ୟାୟ କ୍ରମେ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁବିକାଶ, ଖାଦ୍ୟ ଓ ଯୋଗାଣ ବିଭାଗ, ଆରଡବ୍ଲ୍ୟୁଏସ୍‌ଏସ୍, ମତ୍ସ୍ୟ, ପଶୁସମ୍ପଦ ବିଭାଗ, କୃଷି, ଶିକ୍ଷା, ଜଙ୍ଗଲ ବିଭାଗ ଇତ୍ୟାଦିର ବିଭାଗୀୟ ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ଲେଫ୍ରିପଡା ବ୍ଲକ୍‌ରେ କାର୍ଯ୍ୟକାରିତା ହେଉଥିବା ନେଇ ଉପସ୍ଥାପନ କରିଥିଲେ। ବୈଠକରେ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ମାଧ୍ୟରେ ଏସ୍‌ଏଚ୍‌ଜିମାନଙ୍କୁ ବ୍ୟାଙ୍କରୁ ବିନା ସୁଧରେ ଋଣ ଯୋଗାଇ ଦିଆଯାଉଥିଲେ ମଧ୍ୟ ମାଇକ୍ରୋଫାଇନାନ୍ସ ଦ୍ୱାରା ବହୁତ ଏସ୍‌ଏଚ୍‌ଜି ଋଣ ନେଇ ସର୍ବସାନ୍ତ ହେଉଥିବା ନେଇ ବୈଠକରେ ମତପ୍ରକାଶ ପାଇଥିଲା। ମାଇକ୍ରୋଫାଇନାନ୍ସ ଦ୍ୱାରା ଜନସାଧାରଣ ବହୁମାତ୍ରାରେ ଶୋଷିତ ହେଉଥିବାରୁ ଏହାକୁ ବନ୍ଦ କରାଯାଇ ବ୍ୟାଙ୍କ ମାଧ୍ୟମରେ ଏସ୍‌ଏଚ୍‌ଜି ସଦସ୍ୟମାନେ କାରବାର କରି ନିଜ ବ୍ୟବସାୟକୁ ଅଭିବୃଦ୍ଧି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପାଧ୍ୟକ୍ଷ ଅମୀର କୁମାର ନାଏକ ଦାବି କରିଥିଲେ। ଖାଦ୍ୟ ଓ ଯୋଗାଣ ବିଭାଗ ଦ୍ୱାରା ୧୭ଗୋଟି ପଞ୍ଚାୟତରେ ବହୁ ସଂଖ୍ୟାରେ ହିତାଧିକାରୀଙ୍କ କାର୍ଡ କାଟି ଦିଆଯାଇଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ବାଦ୍ ପଡିଥିବା ହିତାଧିକାରୀମାନେ କିଭଳି ଭାବେ ବଞ୍ଚିତ ନ ହେବେ ସେ ଦିଗରେ ଉପରିସ୍ଥ ଅଧିକାରୀ ତଥା ସରକାରଙ୍କୁ ଏ ଦିଗରେ ଜଣାଇବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଉପସ୍ଥିତ ରହି ନ ଥିବାରୁ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ମୋ ସରକାର ସମ୍ପର୍କରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଏବଂ କର୍ମଚାରୀ ମାନଙ୍କୁ ବିଡିଓ ଅବଗତ କରିଥିଲେ। ଶେଷରେ ବ୍ଲକ ଉନ୍ନୟନ ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ବୈଠକରେ ଜିପିଇଓ ହରେକୃଷ୍ଣ ଚୌଧୁରୀ, ବ୍ଲକ୍ ଉପାଧ୍ୟକ୍ଷ ପ୍ରମୁଖ ଅଧିକାରୀ ମଞ୍ଚାସୀନ ରହିଥିଲେ। ଅନ୍ୟପକ୍ଷରେ ଜିଲାପରିଷଦ ସଭ୍ୟା ବାସନ୍ତୀ ବାରିକ, ନରେଶ ପ୍ରତାପ ସିଂ, ଏମ୍‌ପି ପ୍ରତିନିଧି କୌତୁକ ଚୌଧୁରୀ, ବିଧାୟକ ପ୍ରତିନିଧି ଶଙ୍କର ନାଏକ ସମେତ ୧୭ଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟାସଭ୍ୟ ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ଲେଫ୍ରିପଡ଼ା ପଞ୍ଚାୟତ ସମିତି ବୈଠକରେ ବିଡ଼ିଓ, ଅଧକ୍ଷା ଓ ଅନ୍ୟମାନେ ମଞ୍ଚାସୀନ।

### ଅନାସ୍ଥା ପୂର୍ବରୁ ସରପଞ୍ଚଙ୍କ ଇସ୍ତଫା

**ବଣାଇ, ୧୨।୨(ସ୍ୱ.ପ୍ର.)**

ଅନାସ୍ଥା ପ୍ରସ୍ତାବ ଧାର୍ଯ୍ୟ ଦିବସର ଗୋଟିଏ ଦିନ ପୂର୍ବରୁ ବଣାଇଁ ବ୍ଲକ ବନେଇକଳା ସରପଞ୍ଚ କୃଷ୍ଣଚନ୍ଦ୍ର ଛେଣ୍ଣୁଆଳ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ବନେଇକଳା ପଞ୍ଚାୟତର ୱାର୍ଡ ସଭ୍ୟାମାନେ ସରପଞ୍ଚ କୃଷ୍ଣଚନ୍ଦ୍ରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରି ବଣାଇ ଉପଜିଲାପାଳଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ବୁଧବାର ଉକ୍ତ ଅନାସ୍ଥା ପ୍ରସ୍ତାବର ଶୁଣାଣି କରାଯିବାକୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଥିଲା । ତେବେ ଏହି ଅନାସ୍ଥା ପ୍ରସ୍ତାବର ଶୁଣାଣି ହେବା ପୂର୍ବରୁ ବୁଧବାର ସରପଞ୍ଚ କୃଷ୍ଣଚନ୍ଦ୍ର ଛେଣ୍ଣୁଆଳ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

# ଚରମ ଅବ୍ୟବସ୍ଥାରେ ଚାଲିଛି ବଡ଼ଗାଁ ପୋଷ୍ଟ ଅଫିସ

## ସାଢ଼େ ୧୦ଟାରେ ଆସୁଛନ୍ତି କର୍ମଚାରୀ

**ବଡ଼ଗାଁ, ୧୨।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ସବପୋଷ୍ଟ ଅଫିସ (ଉପ ଡାକଘର) ଚରମ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଦୀର୍ଘ ୧୫ ବର୍ଷ ମଧ୍ୟରେ ଏଭଳି ଅବ୍ୟବସ୍ଥା କେବେ ଦେଖାଯାଇ ନ ଥିଲା। ଗତ ପ୍ରାୟ ୬ ମାସ ହେଲା କେତେବେଳେ କର୍ମଚାରୀମାନଙ୍କ କାର୍ଯ୍ୟରେ ଅବହେଳା ତ କେତେବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗ୍ରାହକ ସେବା ବାଧାପ୍ରାପ୍ତ ହେଉଛି। ସାଧାରଣ କାମ ପାଇଁ ଗ୍ରାହକ ଖର୍ଚ୍ଚାନ୍ତ ହୋଇ ଆସି ନିରାଶ ହୋଇ ଫେରୁଥିବାରୁ ଲୋକେ ପୋଷ୍ଟ ଅଫିସରେ ପାଟିତୁଣ୍ଡ କରୁଥିବା ଦେଖାଯାଇଛି। ବୁଧବାର ଲୋକେ ୧୦ଟାରୁ ଅଫିସକୁ ଆସି ଜଗି ରହିଥିଲେ ମଧ ୧୧ଟା ୩୧ ପର୍ଯ୍ୟନ୍ତ ଅଫିସ ବନ୍ଦ ଥିବା ଦେଖି ହୋ ହାଲ୍ଲା କରିଥିଲେ। ସୂଚନାପାଇ ଆମ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚିବା ପରେ କବାଟ ବନ୍ଦ କରି ଅଫିସ ଭିତରେ ଥିବା ପୋଷ୍ଟ ମାଷ୍ଟର ଜନ କେର୍କେଟାଙ୍କୁ ପଚାରିବାରେ ସେ ସରଭର ଡାଉନ ଅଛି କହିଥିଲେ। ଏହା ପରେ ଅଫିସ ଖୋଲାଯାଇଥିଲା। ଏହି ସବପୋଷ୍ଟ ଅଫିସରେ ୬ମାସ ହେଲା ପ୍ରିଣ୍ଟର ମେସିନ ଅନେକ ସମୟରେ ଖରାପ ରହୁଛି। ନୂଆଁ ଜମାଖାତା ପାଇବା ପାଇଁ ସୁନ୍ଦରଗଡ ହେଡ ପୋଷ୍ଟଅଫିସ ଯିବାକୁ ପଡୁଛି। ଫଳରେ ଜମାଖାତା ମିଳିବାରେ ବିଳମ୍ବ ହେଉଛି । ଏଠାରେ ୩ଜଣ କର୍ମଚାରୀଙ୍କ ମଧ୍ୟରୁ ପଦନ୍ନୋତି ହେବାରୁ ଜଣେ ଅନୁପସ୍ଥିତ ଥିବାରୁ ୨ଜଣ କର୍ମଚାରୀରେ ପୋଷ୍ଟ ଅଫିସ ଚାଲିଛି। ୬ ମାସ ହେଲା ଏହି ପଦବୀରେ କୌଣସି କର୍ମଚାରୀଙ୍କୁ ଡେପୁଟେସନରେ କିମ୍ବା ସ୍ଥାୟୀ ନିଯୁକ୍ତି ଦିଆଯାଉ ନାହିଁ । ଦୀର୍ଘ ମିଆଦି ସଞ୍ଚୟ ଜମାର ପରିପକ୍ୱ ହୋଇଯାଇଥିଲେ ମଧ ବିଳମ୍ବରେ ଦିଆଯାଉଛି । ବଡଗାଁ ଉପଡାକଘରକୁ ଆସିଥିବା ଗ୍ରାହକ ଉପସ୍ଥିତ ଥିବା ସତ୍ତ୍ୱେ ମଧ୍ୟାହ୍ନ ୧ଟା ପରେ ଅଫିସ ବନ୍ଦ କରି ଦିଆଯାଉଛି। ଗତ ଜାନୁୟାରୀ ୨୫ରୁ ଫେବୃୟାରୀ ୮ ପର୍ଯ୍ୟନ୍ତ ନେଟ କାର୍ଯ୍ୟକାରୀ ନ ହେବା ଓ ଲିଙ୍କ ଫେଲ ଯୋଗୁ ଡାକ ସେବା ଅଚଳ ହୋଇଯାଇଥିଲା । ଫଳରେ ଆରଡି ପିଏଲଆଇ ମାସିକ ଜମା ହୋଇ ନ ପାରି ଗ୍ରାହକ ବାଧ ହୋଇ ଜରିମାନା ଦେଇଥିଲେ। ଏ ସମ୍ପର୍କରେ ଗ୍ରାହକମାନେ ବିଭାଗୀୟ ଜିଲା ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ ଅବ୍ୟବସ୍ଥାର ସୁଧାର ଦିଗରେ ଅଧିକାରୀମାନେ ଆଖି, କାନ ବନ୍ଦ କରି ଦେଇଥିବାରୁ ଗ୍ରାହକଙ୍କ ସମସ୍ୟା ଦୂର ହୋଇପାରୁନାହିଁ । ଏହା ଉପରେ ବରିଷ୍ଠ ଡାକ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।



ବଡଗାଁ ଉପଡାକଘର ଖୋଲି ନ ଥିବାରୁ ଗ୍ରାହକ ପାଟିତୁଣ୍ଡ କରୁଛନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲେଫ୍ରିପଡା,୧୨।୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଜୟରାମ ହାଇସ୍କୁଲଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦାଙ୍କ ଆହ୍ୱାନ କ୍ରମେ ଅଧ୍ୟକ୍ଷା କାମିନୀ କାଲୋ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ମୋଟ୍ ୧୬୪ଜଣ ରୋଗୀଙ୍କୁ ପଞ୍ଜୀକରଣ କରାଯାଇ ଦୃଷ୍ଟିବାଧିତରେ ୪୧, ଶାରୀରିକ ଭିନ୍ନକ୍ଷମ ୪୮, ମାନସିକ ଅନଗ୍ରସର ୪୨ ଏବଂ ଶ୍ରବଣବାଧିତରେ ୩୨ଜଣଙ୍କ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଡା.ପୂର୍ଣ୍ଣଚନ୍ଦ୍ର ସାହୁ, ଡା.ସୁବୋଧ କୁମାର ରଥ, ଡା. ପ୍ରଫୁଲ୍ଲ କୁମାର ନାଏକ, ଡା. ଦୀପକ ପ୍ରଧାନ, ଅଡିଓଲୋଜିଷ୍ଟ ଭାରତୀ ତନ୍ତୀ ପ୍ରମୁଖ ଚିକିତ୍ସା କରିଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ସମ୍ପ୍ରସାରଣ ଅଧିକାରୀ ଧରଣୀଧର ପ୍ରଧାନ, ବିଭିନ୍ନ ପଞ୍ଚାୟତର ପିଇଓ, ଜିଆରଏସ୍, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ପ୍ରମୁଖ ପରିଚାଳନା କରିଥିଲେ।



ଅଧ୍ୟକ୍ଷା କାମିନୀ କାଲୋ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।



ମଙ୍ଗଳବାର ତ୍ରିଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସରେ ଖେଳାଳିମାନେ।

# ନାଗାଡିହିକୁ ହରାଇ ତେଣ୍ଡରା ଚାମ୍ପିୟନ

## ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବଣାଇଁ,୧୨।୨(ସ୍ୱ.ପ୍ର.)**

ତେଣ୍ଡରା ଗ୍ରାମଠାରେ ତ୍ରିଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ଗ୍ରାମର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବିପିନ ମାଝି, ଶତ୍ରୁଘ୍ନ ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ। ଏହି ଖେଳ ଗତ ତିନିଦିନ ଧରି ନକଆଉଟ ପର୍ଯ୍ୟାୟରେ ଖେଳାଯାଇଥିଲା। ମୋଟ ୧୪ଗୋଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚରେ ତେଣ୍ଡରାଦଳ ବନେଇକଳା ଦଳକୁ ଓ ଦ୍ୱିତୀୟ ସେମିଫାଇନାଲରେ ନାଗାଡିହି ଦଳ ବିସିସି ମାରକୋଟ ଦଳକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ନାଗାଡିହି ଦଳକୁ ତେଣ୍ଡରାଦଳ ୨୦ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଏହି ଟୁର୍ନାମେଣ୍ଟରେ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ବନମାଳି, ବେଷ୍ଟ ବୋଲର ଭାବେ ସୋନୁଙ୍କୁ ଏବଂ ଫାଇନାଲ ମ୍ୟାଚରେ ପିଣ୍ଟୁଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଏହି ଖେଳ ଗୁଡିକୁ ମଦନ ପ୍ରଧାନ ଓ ପ୍ରହ୍ଲାଦ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାକୁ ଆୟୋଜନରେ ପ୍ରଳୟ କୁମାର ପ୍ରଧାନ, କାହ୍ନୁ ପ୍ରଧାନ, ସତ୍ୟନାରାୟଣ ପାତ୍ର, ବିରେନ ମାଝୀ, ଆଭାସ ପ୍ରଧାନ, ଦିବ୍ୟରଞ୍ଜନ ସାହୁ, ଦୁଷ୍ମନ୍ତ ପ୍ରଧାନ, ସାଗର ମହାନ୍ତି, ସିପୁନ ମାଝି, ଚିକିନ ମାଝୀ ପ୍ରମୁଖ ସହାୟତା କରିଥିଲେ।

### ଆମ୍ବୁଲାନ୍ସକୁ ପିଟିଲା ଆମ୍ବୁଲାନ୍ସ

**ଭଦ୍ରକ ଅଫିସ, ୧୨।୨**

କୁହୁଡ଼ି ସାଜିଲା କାଳ। କୁହୁଡ଼ି ଯୋଗୁ ଆମ୍ବୁଲାନ୍ସକୁ ପଛରୁ ପିଟିଲା ଆମ୍ବୁଲାନ୍ସ। ଦୁର୍ଘଟଣାରେ ଆହତ ଦୁଇ ରୋଗୀଙ୍କ ସମେତ ସେମାନଙ୍କ ସମ୍ପର୍କୀୟ ମୋଟ ୪ ଜଣଙ୍କୁ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଡାହାଣୀଗଡିଆ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି।

# ଗରିବଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଲାଗି ଉଦ୍ୟମ

**ବେଦବ୍ୟାସ, ୧୨।୨ (ଡି.ଏନ.ଏ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ବ୍ୟାସ ପୀଠ ବେଦବ୍ୟାସ ସ୍ଥିତ କଲ୍ୟାଣ ସେବା ଆଶ୍ରମ ପରିସରରେ ବୁଧବାର ଗରିବଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଲାଗି କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ମୋ ପରିବାର ଓ ଶ୍ରୀ ମହାବୀର ସ୍ପୋଞ୍ଜି କାରଖାନା ମିଳିତ ଉଦ୍ୟମରେ ବେଦବ୍ୟାସ ଶ୍ମଶାନଘାଟର ଗରିବ ଝରା ସମ୍ପ୍ରଦାୟ, ଗରିବମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହା ସହ ସେମାନଙ୍କୁ ଶୀତବସ୍ତ୍ର କମ୍ବଳ ବିତରଣ କରାଯାଇଥିଲା। ଏହି ଅବସରରେ ଓଡିଶା ମୋ ପରିବାରର ସ୍ୱେଚ୍ଛାସେବୀ ତଥା ରାଜ୍ୟସ୍ତରୀୟ ବିଜୁ ଛାତ୍ର ନେତା ରବୀନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଲାଠିକଟା ଜିଲା ପରିଷଦ 'ଖ' ସଭ୍ୟ ମହେଶ ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସେ ରାଜ୍ୟ ସରକାରଙ୍କର ଗରିବମାନଙ୍କ ବିକାଶ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ତପନ ଦାସ, ସମାଜସେବୀ ଗୋବିନ୍ଦ ମାଝୀ, କଲ୍ୟାଣ ଆଶ୍ରମର ସଂସ୍ଥାପକ ସ୍ୱାମୀ ଅଗ୍ନି ବାବା, ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ହିମାକାନ୍ତ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷାବିତ ପଣ୍ଡିତ ଧନେଶ୍ୱର ବେହେରା, ମହାବୀର ସ୍ପୋଞ୍ଜି କାରଖାନାର ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ଷଡଙ୍ଗୀ, ପ୍ରଫୁଲ୍ଲ କୁମାର ପ୍ରଧାନ, ବିଶ୍ୱ ପ୍ରକାଶ ବେହେରା ପ୍ରମୁଖ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜରେ ଗରିବ ଓ ଦଳିତବ୍ୟକ୍ତିମାନଙ୍କୁ କିପରି ସମାଜର ମୁଖ୍ୟ ସ୍ରୋତରେ ଅଣାଯାଇ ପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ମୋ ପରିବାର ସଙ୍ଗଠନର କର୍ମକର୍ତ୍ତା ସ୍ୱେଚ୍ଛାସେବୀ ନିରଞ୍ଜନ ସେଠୀ, ଦାଶରଥି ସେଠୀ, ସୁଧାଂଶୁ ଶେଖର ବସ୍ତିଆ, ଶଶିକାନ୍ତ ସିଂ, ଶଙ୍କର ସାହୁ, ନିଳକଣ୍ଠ ମହାନ୍ତି ତଥା ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ । ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅଧାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ । ଶେଷରେ ଯୁବ ସମାଜସେବୀ ଶିଶୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ବେଦବ୍ୟାସ କଲ୍ୟାଣ ସେବା ଆଶ୍ରମରେ ଗରିବଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ଲାଗି କାର୍ଯ୍ୟକ୍ରମ।

# ଆଇଟିଡିଏ ପକ୍ଷରୁ ମୋ ସରକାର ସମ୍ପର୍କ ଶିବିର

**କୁତ୍ରା, ୧୨।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ହାଇସ୍କୁଲ ପଡିଆଠାରେ ବୁଧବାର ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡ଼ିଏ) ପକ୍ଷରୁ ମୋ ସରକାର ସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି। ଓଡ଼ିଶାର ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ହୋଇଥିବାରୁ ଜନଜାତିର ସର୍ବାଙ୍ଗୀନ ଉନ୍ନତିରେ ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବ ବୋଲି ଚିନ୍ତା କରାଯାଇ ଏହି ଜାତିର ଲୋକଙ୍କ ବିକାଶ ପାଇଁ ବହୁ ଗୁଡାଏ କାର୍ଯ୍ୟକ୍ରମ ହାତକୁ ନେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧମରେ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ସମ୍ବନ୍ଧରେ ଲୋକଙ୍କୁ ସଚେତନତା କରିବା ପାଇଁ ସରକାରଙ୍କ ପକ୍ଷରୁ ସୁନ୍ଦରଗଡ ଜିଲାରେ ସମନ୍ୱିତ ଆଦିବାସ ଉନ୍ନୟନ ସଂସ୍ଥା ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି। ଜିଲାରେ ଜାନୁୟାରୀ ୨୯ରୁ ଏକ ଜନସମ୍ପର୍କ ରଥ ବାହାରି କୁତ୍ରା ବ୍ଲକ ତଥା ପ୍ରତି ଗ୍ରାମ ପଞ୍ଚାୟତରେ ଏହି ରଥ ବୁଲି ଲୋକଙ୍କୁ ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ। ଶେଷରେ ବୁଧବାର କୁତ୍ରା ବ୍ଲକରେ କୁତ୍ରା ହାଇସ୍କୁଲ ପଡିଆରେ ଜିଲା ସମନ୍ୱିତ ଆଦିବାସୀ ସଂସ୍ଥା ଦ୍ୱାରା ଏକ ଜନସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡା, ଏଡିଡବ୍ଲୁଓ ଭାଗିରଥି ପଟେଲ, କୁତ୍ରା ବିଡିଓ ମାନସରଞ୍ଜନ ରାୟ, କୁତ୍ରା ତହସିଲଦାର ସୁପ୍ରଭା ଦାସ, କୃଷି ବିଭାଗ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀମାନେ ଯୋଗଦେଇ ନିଜ ବିଭାଗରେ ଲୋକଙ୍କ ପାଇଁ ହେଉଥିବା ସରକାରଙ୍କ ଜନହିତକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଯାଇଥିଲା। ସଭାରେ ପିଏଆଇଟିଡିଏ ସରକାରଙ୍କ ଜନହିତକର ଜୀବିକା ମିଶନ ଯୋଜନାରେ ଜନଜାତିଙ୍କ ଜୀବନ ଜୀବିକା ଏବଂ ଅର୍ଥନୈତିକ ଉନ୍ନତି କରିବା ପାଇଁ ଆମ୍ବ ଓ କାଜୁ ଚାଷ, ମାଣ୍ଡିଆ ଚାଷ, ସୋରିଷ ଚାଷ, କୃଷି ସେବା କେନ୍ଦ୍ର, କୁକୁଡା ପାଳନ, ଛେଳି ପାଳନ, କ୍ଷୁଦ୍ର ବ୍ୟବସାୟ ଭଳି ବିଭିନ୍ନ ଯୋଜନା ହାତକୁ ନିଆଯାଇଥିବା କହିଥିଲେ। ଶିକ୍ଷା କ୍ଷେତ୍ରରେ ଅନ୍ୱେଷା, ଆକାଂକ୍ଷା, ଛାତ୍ରାବାସ ଓ ଛାତ୍ରବୃତ୍ତି ଏବଂ ଦେୟମୁକ୍ତ ଆବାସିକ ଶିକ୍ଷା ବ୍ୟବସ୍ଥା, ଜୀବନ କୈଶଳ ଶିକ୍ଷା କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଛାତ୍ରାବାସରେ ନିରାପତ୍ତା ବ୍ୟବସ୍ଥା, ଜଙ୍ଗଲ ଜମିରେ ଚାଷ ବାସ ଏବଂ ଗୋଷ୍ଠୀଗତ ଅଧିକାର ଭଳି ବହୁ ଯୋଜନା ସମ୍ବନ୍ଧରେ ବୁଝାଇ ଏହି ଯୋଜନାରୁ ଲାଭ ନେବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ । କୁତ୍ରା ବ୍ଲକର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଯନ୍ତ୍ରୀ ଲକ୍ଷଣ ସାହୁ, କୁତ୍ରା ବ୍ଲକ ସମ୍ପ୍ରସାରଣ ଅଧିକାରୀ ତଥା ବହୁ ଅଧିକାରୀ ଏହି ସଭାକୁ ପରିଚାଳନା କରିବାରେ ସାହାର୍ଯ୍ୟ କରିଥିଲେ।




ଆଇଟିଡିଏ ପକ୍ଷରୁ ମୋ ସରକାର ସମ୍ପର୍କ ଶିବିରରେ ଉପସ୍ଥିତ ଅଧିକାରୀ।



ବଲିଉଡ୍‌ର ନାଁ କରା ଗାୟକ ସୋନୁ ନିଗମ ନିକଟରେ ଏକ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ସେ ପିଲାମାନଙ୍କୁ ସଫଳତାର ସୂତ୍ର ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପାଖାପାଖି ୫ଶହ ପିଲା ଯୋଗ ଦେଇଥିଲେ। ସେ କହିଥିଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନଯାତ୍ରା ଅଲଗା ଅଲଗା ହୋଇଥାଏ। ହେଲେ ପିଲାମାନେ ସବୁବେଳେ ଶିଖିବାର ମନୋବୃତ୍ତି ରଖନ୍ତୁ। କାରଣ ଏହି ପ୍ରକ୍ରିୟା କେବେ ଶେଷ ହୋଇ ନ ଥାଏ। ଜ୍ଞାନ କେବେ ବେକାର ଯାଇ ନ ଥାଏ। ସବୁବେଳେ ସକାରାତ୍ମକ ଚିନ୍ତାଧାରାର ବ୍ୟକ୍ତିଙ୍କ ଗହଣରେ ରହିବା ଭଲ। କାରଣ ଏହା ସଫଳତା ଦେଇଥାଏ।

# ୩୨ଦିନ ମୃତ୍ୟୁ ସହ ଛକାପଞ୍ଝା

## ପ୍ରଶାନ୍ତ ମହାସାଗରରେ ବାଟ ହୁଡ଼ିଲେ



**ୱେଲିଂଟନ:** ସମୁଦ୍ରର ଅଥଳ ଜଳରାଶି। ଦୀର୍ଘ ୩୨ଦିନ ମୃତ୍ୟୁ ସହ ଛକାପଞ୍ଝା। ଶେଷରେ ବଞ୍ଚିବାର ଇଚ୍ଛା ଆଗରେ ହାରିଯାଇଛି ମୃତ୍ୟୁ। ହଲିଉଡ୍ ଚଳଚ୍ଚିତ୍ରର କାହାଣୀ ପରି ଲାଗୁଥିବା ଏଭଳି ଏକ ଘଟଣା ଘଟିଛି ପ୍ରଶାନ୍ତ ମହାସାଗରରେ। ମୃତ୍ୟୁପଞ୍ଝାରୁ ବଞ୍ଚିଯାଇଥିବା ପାପୁଆ ନ୍ୟୁଗିନିର ସମ୍ପୃକ୍ତ ୪ଜଣ ବ୍ୟକ୍ତି ବଖାଣିଛନ୍ତି ସେମାନଙ୍କ ସହ ଘଟିଥିବା ଅଙ୍ଗେନିଭା କାହାଣୀ। ବର୍ଷା ପାଣି ଏବଂ ନଡ଼ିଆ ସେମାନଙ୍କୁ ଏତେ ଦିନ ଧରି ବଞ୍ଚାଇ ରଖିଥିବା ସେମାନେ କହିଛନ୍ତି।

ପାପୁଆ ନ୍ୟୁଗିନିର ବୋଗେନଭିଲ ପ୍ରାନ୍ତର ଏକ ଦଳ ଗତ ଡିସେମ୍ବର ୨୨ରେ ଖ୍ରୀଷ୍ଟମାସ୍ ପାଳନ କରିବାକୁ କାର୍ଟେଟ୍ ଦ୍ୱୀପ ଅଭିମୁଖେ ବାହାରିଥିଲେ। ଉକ୍ତ ସ୍ଥାନ ବୋଗେନଭିଲଠାରୁ ୧୦୦ କିମି ଦୂରରେ ଅବସ୍ଥିତ। ବଞ୍ଚିଯାଇଥିବା ବ୍ୟକ୍ତି ଡୋମିନିକ୍ ଷ୍ଟେଲି କୁହନ୍ତି, ଦ୍ୱୀପକୁ ଯିବା ସମୟରେ ଛୋଟ ନୌକାଟି ବୁଡ଼ିଯାଇଥିଲା। ଡଙ୍ଗାରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୪ଜଣ ବୁଡ଼ିଗଲେ। ଅନ୍ୟମାନେ ବହୁକଷ୍ଟରେ ନୌକାକୁ ସିଧା କରିବାରେ ସଫଳ ହେଲୁ। ହେଲେ କୂଳକୁ ଆସିବା ବଦଳରେ ଦିଗହରା ହୋଇ ଦୂରକୁ ଚାଲିଗଲୁ। ପରିସ୍ଥିତି ପ୍ରତିକୂଳ ଥିଲା। ଭୋକ, ଶୋଷରେ ଆଉଟୁପାଉଟୁ ହେବା ଛଡ଼ା ଅନ୍ୟ ପନ୍ଥା ନ ଥିଲା। ତା'ସାଙ୍ଗକୁ ଅଶାନ୍ତ ସମୁଦ୍ର ପ୍ରତି ମୁହୂର୍ତ୍ତରେ ପରୀକ୍ଷା ନେଉଥିଲା। ପ୍ରତିକୂଳ ପରିବେଶ ସତ୍ତ୍ୱେ ବହୁକଷ୍ଟରେ ୮ ଜଣ ହିଁ ଜୀବନ ବଞ୍ଚାଇ ପାରିଥିଲୁ। ସେମାନଙ୍କ ମଧ୍ୟରେ ଜଣେ ଦମ୍ପତି ଏବଂ ତାଙ୍କ ଛୁଆ ଥିଲେ। ମାତ୍ର କିଛି ଦିନ ମଧ୍ୟରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଛୁଆକୁ ସମ୍ଭାଳିବା ଦାୟିତ୍ୱ କାନ୍ଧରେ ପଡ଼ିଲା। ସବୁ ଚେଷ୍ଟା ସତ୍ତ୍ୱେ ଛୁଆକୁ ବି ବଞ୍ଚାଇ ହେଲାନି। ଏହିପରି ୮ଜଣଙ୍କ ମଧ୍ୟରୁ ୪ଜଣ ମୃତ୍ୟୁମୁଖରେ ପଡ଼ିଲେ। ମୃତଦେହକୁ ସମୁଦ୍ରରେ ଫିଙ୍ଗି ଦେବାକୁ ବାଧ୍ୟ ହେଲୁ। ସମୁଦ୍ର ମଧ୍ୟରେ ଥିବାବେଳେ ଅନେକ ମାଛମରା ବୋଟ ଡଙ୍ଗା ନିକଟରେ ଯାଇଥିଲା। ହେଲେ କାହାରି ନଜର ଆମ ଉପରେ ପଡ଼ି ନ ଥିଲା। ଶେଷରେ ଈଶ୍ୱର ଆମ ପ୍ରାର୍ଥନା ଶୁଣିଲେ। ଏକ ମାଛଧରା ଡଙ୍ଗା ଆମକୁ ଦେଖିଲା। ନ୍ୟୁ କଲେଡୋନିଆ ତଟରୁ ୨୦୦୦କିମି ଦୂର ସମୁଦ୍ର ଭିତରୁ ୨୩ ଜାନୁୟାରୀରେ ସମସ୍ତଙ୍କୁ ଉଦ୍ଧାର କରାଗଲା। ପାପୁଆ ନ୍ୟୁଗିନିରେ ଚିକିତ୍ସା ପରେ ସମସ୍ତଙ୍କୁ ମୁକ୍ତ କରି ଦିଆଯାଇଥିବା ଡୋମିନିକ୍ କହିଛନ୍ତି।

# ୧୨ କୋଟିର ଲଟେରି ଜିତିଲେ ଦିନ ମଜୁରିଆ



**କନ୍ନୁର:** କେରଳର ଜଣେ ଦିନ ମଜୁରିଆଙ୍କ ଭାଗ୍ୟ ରାତାରାତି ବଦଳିଯାଇଛି। ସେ ୧୨ କୋଟି ଟଙ୍କାର ଲଟେରି ଜିଣିଛନ୍ତି। ସ୍ଥାନୀୟ କନ୍ନୁରର ଥୋଲାମ୍ବ୍ରାସ୍ଥିତ ପୁରାଲିମାଲା କାଥାଚାଲ୍ କୁରିଚୟା କଲୋନୀରେ ବାସକରୁଥିବା ୫୮ ବର୍ଷ ବୟସ୍କ ପେରୁନ୍ନନ୍ ରାଜନ ଏହି ଲଟେରି ଜିଣିଛନ୍ତି। ଫେବୃୟାରୀ ୧୦ରେ ହୋଇଥିବା କେରଳ ନ୍ୟୁ ଇୟର ଖ୍ରୀଷ୍ଟମାସ ବମ୍ପର ଲଟେରି ଟିକଟ କିଣିଥିଲେ। ଏହାର ଫଳାଫଳ ଏବେ ଘୋଷଣା ହୋଇଛି। ଟିକସ କଟିବା ପରେ ତାଙ୍କ ପାଖରେ ପ୍ରାୟ ୭ କୋଟି ୨୦ଲକ୍ଷ ଟଙ୍କା ରହିବ। ଦିନ ମଜୁରିଆ ଭାବେ ଦିନ ବିତାଉଥିବା ପେରୁନ୍ନନ୍ ସବୁବେଳେ ଲଟେରି ଟିକଟ କିଣିଥାନ୍ତି। କାଳେ କେବେ ତାଙ୍କ ଭାଗ୍ୟ ଚମକିବ, ସେହି ଆଶାରେ ସେ ଏଭଳି କରୁଥିବା କହିଛନ୍ତି। ଏନେଇ ସେ କନ୍ନୁର ଜିଲା ବ୍ୟାଙ୍କ ସହିତ ଯୋଗାଯୋଗ କରିଛନ୍ତି। ପେରୁନ୍ନନ୍ ଲଟେରି ଜିଣିଥିବାରୁ ସ୍ତ୍ରୀ ରଜନୀ, ଦୁଇ ଝିଅ ଅକ୍ଷରା ଏବଂ ଆଥିରା ଓ ପୁଅ ରିଗିଲ୍ ବେଶ୍ ଖୁସି ଅଛନ୍ତି। ଏଣିକି ତାଙ୍କର ଖାଇବା ପିଇବାରେ ଆଉ ଅସୁବିଧା ହେବନି ବୋଲି ପେରୁନ୍ନନ୍ କହିଛନ୍ତି।

# ଇନ୍‌ଷ୍ଟାଗ୍ରାମରେ ରତନ ଟାଟାଙ୍କ ୧୦ ଲକ୍ଷ ଫଲୋଅର୍ସ



**ମୁମ୍ବାଇ:** ଟାଟା ଟ୍ରଷ୍ଟର ଚେୟାରମ୍ୟାନ୍ ରତନ ଟାଟାଙ୍କ ଇନ୍‌ଷ୍ଟାଗ୍ରାମରେ ୧୦ ଲକ୍ଷରୁ ଅଧିକ ଫଲୋଅର୍ସ ହେଲେଣି। ଏଥିପାଇଁ ରତନ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହା ଅଦ୍ଭୁତ ଅନ୍‌ଲାଇନ୍ ପରିବାର। ଯାହା ସହିତ ଜଡ଼ିତ ହୋଇ ମୁଁ ବହୁତ ଖୁସି। କେବେ ଭାବି ନ ଥିଲି ମୋତେ ଏତେ ସମ୍ମାନ ଆଉ ଭଲପାଇବା ଅନ୍‌ଲାଇନ୍‌ରୁ ମିଳିବ ବୋଲି। ଏଥିପାଇଁ ଆପଣ ସମସ୍ତଙ୍କୁ ଧନ୍ୟବାଦ। ଏହାପରେ ତାଙ୍କର ଏହି କମେଣ୍ଟକୁ ୪ ଲକ୍ଷରୁ ଅଧିକ ୟୁଜର ଲାଇକ୍ କରିସାରିଲେଣି। କିଛି ୟୁଜର ରୋଚକପୂର୍ଣ୍ଣ କମେଣ୍ଟ ମଧ୍ୟ ଦେଇଛନ୍ତି। ରେହା ଜୈନ ନାମକ ଜଣେ ଯୁବତୀ ରତନଙ୍କୁ ଛୋଟୁ ସମ୍ବୋଧନ କରି ଶୁଭେଚ୍ଛା ଜଣାଇଛନ୍ତି।

୮୨ ବର୍ଷୀୟ ରତନ ଅକ୍ଟୋବର ୨୦୧୯ରେ ଇନ୍‌ଷ୍ଟାଗ୍ରାମ ଖୋଲିଥିଲେ। ୨୦୧୨ ମସିହାରେ ସେ ଟାଟାଗ୍ରୁପ୍‌ରୁ ଅବସର ନେଇଥିଲେ।

ରେହା ରତନଙ୍କୁ ଛୋଟୁ କହିଥିବାରୁ ସେ ବହୁତ ଖୁସି ହୋଇଯାଇଛନ୍ତି। ସେ କହିଛନ୍ତି, ମୁଁ ସବୁବେଳେ ଛୋଟ ହୋଇ ରହିବାକୁ ଚାହେଁ। ଆଉ କିଛି ୟୁଜର ରେହାଙ୍କ ଏପରି କମେଣ୍ଟରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କିଛି ୟୁଜର କହିଛନ୍ତି, ଏହା ଅପମାନଜନକ। ରତନ ଜୀ ଆମର ଆଦର୍ଶ। ତେଣୁ ତାଙ୍କୁ ଏମିତି କହିବା ଉଚିତ୍ ନୁହଁ। ରତନ ନିଜେ ଏହାର ଉତ୍ତର ରଖିଛନ୍ତି, ମୁଁ ସମସ୍ତଙ୍କ ଭିତରେ ଛୋଟ। ତେଣୁ ରେହାଙ୍କୁ ସମ୍ମାନ ଦେଉଛି। ଆପଣମାନେ ମଧ୍ୟ ତାଙ୍କୁ ସମ୍ମାନ ଦିଅନ୍ତୁ।

# ସମ୍ପର୍କକୁ ନିବିଡ଼ କରେ 'କିସ୍ ଡେ'

**ନୂଆଦିଲ୍ଲୀ:** ପ୍ରେମ ପାଇଁ ଯଦିଓ ନିର୍ଦ୍ଦିଷ୍ଟ ଦିନ, ବାର, ତିଥି ନାହିଁ ତଥାପି ପ୍ରେମୀଯୁଗଳଙ୍କ ପାଇଁ ବର୍ତ୍ତମାନ ଚାଲିଛି ପ୍ରେମ ଋତୁ। ଫେବୃୟାରୀ ୭ରୁ ଏହା ଆରମ୍ଭ ହୋଇଥିବା ବେଳେ ଭାଲେଣ୍ଟାଇନ୍ ଡେ' ଅର୍ଥାତ୍ ୧୪ରେ ଏହା ଶେଷ ହେବ। ଏହାର ଗୋଟିଏ ଦିନ ପୂର୍ବରୁ ପ୍ରେମୀଯୁଗଳ କିସ୍ ଡେ' ପାଳନ କରିଥାନ୍ତି। କିସ୍ ସମ୍ପର୍କକୁ ଆହୁରି ସୁଦୃଢ଼ କରିଥାଏ। ସିମ୍ପଲ କିସ୍ ସାଧାରଣତଃ ହାତ ଏବଂ ଗାଲରେ ଦିଆଯାଇଥାଏ। ଏହି କିସ୍ ଆପଣ ମାଆ, ବାପା, ଭାଇ, ଭଉଣୀ, ସାଙ୍ଗସାଥୀ ଏପରିକି ଛୋଟ ପିଲାଙ୍କୁ ମଧ୍ୟ କରିପାରିବେ। ଫୋର୍‌ହେଡ୍ କିସ୍ ବା ମଥାରେ କିସ୍ କରିବାକୁ ବିଶେଷକରି ମହିଳାମାନେ ପସନ୍ଦ କରିଥାନ୍ତି। ଏହି କିସ୍ ସମ୍ପର୍କକୁ ଆହୁରି ନିବିଡ଼ ତଥା ଗଭୀର କରିଥାଏ। ଫୋର୍‌ହେଡ୍ କିସ୍ କପଲଙ୍କ ବ୍ୟତୀତ ଛୋଟ ପିଲାଙ୍କୁ ମଧ୍ୟ କରାଯାଇଥାଏ। ଲିପ୍ କିସ୍ ପାର୍ଟନରଙ୍କ ମଧ୍ୟରେ କମନ୍ କିସ୍ ହୋଇଥାଏ। ଲିପ୍ କିସ୍‌ରେ ପାର୍ଟନର ଅଧିକ ରୋମାଣ୍ଟିକ୍ ହୋଇଥାନ୍ତି। ପରସ୍ପର ମଧ୍ୟରେ ପ୍ରେମର ରଜ୍ଜୁ ଆହୁରି ମଜଭୁତ ହୋଇଥାଏ।



## ଚାଇନାରେ 'ନୋ କିସିଂ' କଟକଣା



**ବେଜିଂ:** ଭାଲେଣ୍ଟାଇନ୍ ୱିକ୍‌ର ଷଷ୍ଠ ଦିନକୁ କିସ୍ ଡେ' ବା ଚୁମ୍ବନ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରେମୀଯୁଗଳ ପରସ୍ପରକୁ ଚୁମ୍ବନ ଦେବାଦ୍ୱାରା ବହୁ ଶାରୀରିକ ସମସ୍ୟା ଦୂର ହୋଇଥାଏ ବୋଲି ଚିକିତ୍ସା ବୈଜ୍ଞାନୀ ମତ ଦେଇଥାନ୍ତି। ଏହା ଅବସାଦ ଦୂର କରିବା ସହିତ ଫୁର୍ତ୍ତି ଆଣିଥାଏ। ତେବେ ଚଳିତବର୍ଷ କରୋନା ଭୁତାଣୁ ସଂକ୍ରମଣ ଯୋଗୁ ହଜାରେରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଚାଇନା ସରକାର ନୋ କିସିଂ କଟକଣା ଜାରି କରିଛନ୍ତି। ପାଟିର ଲାଳ ଦ୍ୱାରା ଏହି ଭୁତାଣୁ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ସୁସ୍ଥ ଲୋକଙ୍କୁ ବ୍ୟାପିବାର ଆଶଙ୍କା ଥିବାରୁ ଚାଇନା ସରକାର ଏଭଳି କଟକଣା ଜାରି କରିଛନ୍ତି। ଟେଲିଭିଜନରେ ପ୍ରସାରିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ କିସିଂ ଦୃଶ୍ୟକୁ ହଟାଇବା ଲାଗି ଚାଇନା ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଚାଇନାରେ ଭାଲେଣ୍ଟାଇନ୍ ୱିକ୍‌ର କିସ୍ ଡେ' ପାଳନ କରାଯିବ ନାହିଁ ବୋଲି ଜଣାପଡ଼ିଛି।




# ଇର୍‌ଫାନ୍‌ଙ୍କ ଇମୋଶନାଲ୍ ପୋଷ୍ଟ

**ମୁମ୍ବାଇ:** ଅନେକ ଦିନ ହେଲାଣି ବଲିଉଡ୍ ଭର୍ସାଟାଇଲ୍ ଆକ୍ଟର ଇର୍‌ଫାନ ଖାନ୍‌ଙ୍କ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'କୁ ନେଇ ଚର୍ଚ୍ଚା ଚାଲିଛି। ଫିଲ୍ମର ପ୍ରଥମ ଲୁକ୍ ରିଲିଜ୍ ହୋଇସାରିଥିବା ବେଳେ ଗୁରୁବାର ଟ୍ରେଲର୍ ରିଲିଜ୍ ହେବ। ତେବେ ଏହା ପୂର୍ବରୁ ଇର୍‌ଫାନ୍‌ଙ୍କ ଏକ ଇମୋଶନାଲ ପୋଷ୍ଟ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଇର୍‌ଫାନ୍ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ୍‌ରେ ଏକ ଇମୋଶନାଲ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ତାଙ୍କ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'ର ଫଟୋଗୁଡ଼ିକୁ ଦୃଶ୍ୟଭାବେ ବ୍ୟବହାର କରାଯାଇଥିବା ବେଳେ ଖୋଦ୍ ଇର୍‌ଫାନ୍‌ଙ୍କ ଭଏସ୍‌ଓଭର ଶୁଣିବାକୁ ମିଳିଛି। ଏହି ଭିଡିଓ ମାଧ୍ୟମରେ ସେ ନିଜ ଭାବନାକୁ ପରିପ୍ରକାଶ କରିଛନ୍ତି, ଯାହା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଛି। ତେବେ ଏନେଇ ଫ୍ୟାନ୍‌ମାନେ ଇର୍‌ଫାନ୍‌ଙ୍କୁ ନିଜ ଭଲପାଇବା ଜଣାଉଥିବା ବେଳେ ବି-ଟାଉନ୍‌ର ଅନେକ ବଡ଼ ବଡ଼ କଳାକାର ମଧ୍ୟ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଭିଡିଓଟିରେ ଇର୍‌ଫାନ କହିଛନ୍ତି, "ହେଲୋ ଭାଇ ଭଉଣୀମାନେ, ନମସ୍କାର। ଆଜି ମୁଁ ଆପଣଙ୍କ ସହ ଅଛି ଆଉ ନାହିଁ ମଧ୍ୟ। ଏହି ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍' ମୋ ପାଇଁ ବହୁତ ସ୍ୱତନ୍ତ୍ର। ବିଶ୍ୱାସ କରନ୍ତୁ, ମୋର ହୃଦୟରୁ ଇଚ୍ଛା ଥିଲା ଫିଲ୍ମଟିକୁ ଯେତିକି ଶ୍ରଦ୍ଧାରେ ବନେଇଥିଲି, ସେତିକି ହିଁ ଭଲପାଇବା ସହ ଏହାର ପ୍ରମୋଶନ ମଧ୍ୟ କରିଥାନ୍ତି। କିନ୍ତୁ ମୋ ଶରୀର ଭିତରେ କିଛି ଅନାବଶ୍ୟକ ଅତିଥି ବସି ରହିଛନ୍ତି। ସେମାନଙ୍କ ସହ ଆଲୋଚନା ଚାଲିଛି। ଦେଖିବା ଏହି ଆଲୋଚନା କେଉଁ ଦିଗକୁ ଯାଉଛି। ସେ ଯାହା ବି ହେବ, ମୁଁ ଆପଣଙ୍କୁ ଜଣାଇଦେବି।" ଇର୍‌ଫାନ୍ ଏଭଳି ଅନେକ ଇମୋଶନାଲ୍ ଶବ୍ଦ କହି ନିଜ ଭାବନା ବ୍ୟକ୍ତ କରିଛନ୍ତି। ଏହାସହ ଗୁରୁବାର ଫିଲ୍ମର ଟ୍ରେଲର୍ ରିଲିଜ୍ ହେବ ବୋଲି ଜଣାଇବା ସହ ତାଙ୍କୁ ଅପେକ୍ଷା କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ଏନେଇ ଅଭିନେତା ହ୍ରିତିକ୍ ରୋଶନ ଏକ ଟୁଇଟ୍ କରି ଇର୍‌ଫାନଙ୍କ ପ୍ରତି ନିଜ ଭଲପାଇବା ଜଣାଇଛନ୍ତି। ସେ ଲେଖିଛନ୍ତି, "ଇର୍‌ଫାନ, ଆପଣଙ୍କ ପାଇଁ ମୋର ଭଲପାଇବା ଏବଂ ପ୍ରାର୍ଥନା ସବୁବେଳେ ରହିଛି। ଫିଲ୍ମଟି ବହୁତ ଖାସ୍ ଲାଗୁଛି । ମୁଁ ଏହାକୁ ଅପେକ୍ଷା କରିଛି। ଆଉ ଯେପରି ଆପଣ କହିଲେ, ଆପଣଙ୍କୁ ମଧ୍ୟ ଅପେକ୍ଷା କରିଛି।" ସେହିଭଳି ବଲିଉଡ୍ ହିରୋ ବରୁଣ ଧାୱନ ମଧ୍ୟ ଟୁଇଟ୍ କରି ଲେଖିଛନ୍ତି, "ପରିଶ୍ରମ ଓ ସାହସର ସହ ଫିଲ୍ମ ନିର୍ମାଣ କରାଯାଇଛି। ଇର୍‌ଫାନ୍ ସାର୍, ଆପଣଙ୍କୁ ଅପେକ୍ଷା କରିଛୁ।" ଅନ୍ୟପକ୍ଷରେ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍'ରେ ଇର୍‌ଫାନଙ୍କ ବ୍ୟତୀତ କରୀନା କପୁର ଖାନ୍ ଓ ରାଧିକା ମଦାନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସେହିଭଳି ଡିମ୍ପଲ୍ କପାଡିଆ ଏବଂ ଦୀପକ ଡୋବରିୟାଲ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ। ସୂଚନା ଯେ, ଇର୍‌ଫାନ ଏକ ବିରଳ କ୍ୟାନ୍‌ସରରେ ପୀଡ଼ିତ, ଯାହା ନ୍ୟୁରୋଏଣ୍ଡୋକ୍ରାଇନ୍ ଟ୍ୟୁମର ବୋଲି ଚିହ୍ନଟ ହୋଇଛି। ସେ ଲଣ୍ଡନରେ କ୍ୟାନ୍‌ସର ଚିକିତ୍ସା ସାରି୨୦୧୯ଫେବୃୟାରୀରେଭାରତଫେରିଛନ୍ତି।

## ସଂକ୍ଷେପରେ

### ବରିଷ୍ଠ ନାଗରିକ କଲ୍ୟାଣ ସଂଘ ନିର୍ବାଚନ

ବେଲପାହାଡ଼,୧୨।୨ (ଡ଼ି.ଏନ୍.ଏ) ଝାରସୁଗୁଡ଼ା ଜିଲା ବେଲପାହାଡ଼ ବରିଷ୍ଠ ନାଗରିକମାନଙ୍କୁ ନେଇ ଗଠିତ କଲ୍ୟାଣ ସଂଘର କର୍ମକର୍ତ୍ତା ନିର୍ବାଚନ ବୁଧବାର ଜୀବନରେଖା ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଶିଭୂଷଣ ମେହେର ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଭାପତି ନିର୍ବାଚିତ ହୋଇଛନ୍ତି। ଗୁଣନିଧି ପତି ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦବୀ ପାଇଁ ଗୁଣନିଧି ପତି ଓ ଜୟକୃଷ୍ଣ ମହାପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୮୧ ଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ଗୁଣନିଧିଙ୍କ ସପକ୍ଷରେ ୬୧ ଜଣ ଏବଂ ଜୟକୃଷ୍ଣଙ୍କ ସପକ୍ଷରେ ୨୦ ଜଣ ଭୋଟ ଦେଇଥିଲେ। ଦଶରଥ ପ୍ରଧାନ ଓ ଜଗଦୀଶଚନ୍ଦ୍ର ମେହେର ନିର୍ବାଚନ ଅଧିକାରୀ ଭାବରେ ନିର୍ବାଚନ ପରିଚାଳନା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝାରସୁଗୁଡା ଅଫିସ,୧୨।୨ ଝାରସୁଗୁଡା ଥାନା ବିଟିଏମ ଫାଣ୍ଡି ଅଧୀନ ବିଦ୍ୟାନଗର ଅଞ୍ଚଳରୁ ବୁଧବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ କାଳିଆ ଓରାମ। ଘରର ପଙ୍ଖାରେ କାଳିଆ ଗାମୁଛାରେ ଝୁଲୁଥିବା ଦେଖି ତାଙ୍କ ମା' ପଡୋଶୀଙ୍କୁ ଡାକିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଝାରସୁଗୁଡା ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି।

### ଲଖନପୁର ଏଚ୍ଏମ୍ଏସ୍ ଶ୍ରମିକ ସଂଗଠନର ବାର୍ଷିକୋତ୍ସବ

ଲଖନପୁର,୧୨।୨(ଡି.ଏନ୍.ଏ.) ଝାରସୁଗୁଡା ଜିଲା ବନ୍ଧବାହାଲସ୍ଥିତ ଏମ୍ସିଏଲ୍ ଇନ୍ଦ୍ରଧନୁ କ୍ଲବ୍‌ରେ ବୁଧବାର ମହାନଦୀ କୋଇଲାଖଣି ମଜଦୁର ସଂଘ ସହବନ୍ଧିତ ଲଖନପୁର ହୀନ୍ଦ ମଜଦୁର ସଂଘ(ଏଚ୍ଏମ୍ଏସ୍)ଶ୍ରମିକ ସଂଗଠନର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ବସୁନ୍ଧରା ଏରିଆ ସଭାପତି ସମୀର ମିଶ୍ର, ଦେବରାଜ ପ୍ରଧାନ, କୁଳମଣି ଦାସ, ଗୋପାଳ ସିତାନୀ, ପ୍ରସନ୍ନ ଚୌଧୁରୀ, ଭାନୁ ସିଂହ, ତ୍ରିନାଥ ଗୁଆଲ, କବିରାଜ ବେହେରା, ଶମ୍ଭୁ ମହାନ୍ତି, ବିଶ୍ୱନାଥ ନାୟକ, ସୁରଭି ଛତ୍ରିଆ ଓ ରବିରତ୍ନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କ୍ଷୀରୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସଂଗଠନ ସୁଦୃଢ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ସାଗର ପ୍ରଧାନ, ସରୋଜ ନାୟକ, ଏପି ଜେନା, ବିଜୟ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ବୀରବାହାଦୁର ରାମ ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରଧାନପାଟ–୨୦୨୦ ଉତ୍ସବ ତୃତୀୟ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି (ବାମ)। କଳାକାରଙ୍କ ବଂଶୀବାଦନ ।

# ମନମୋହିଲା ଓଡ଼ିଶୀ, ବଂଶୀବାଦନ

**'ଉତ୍ସବ ପ୍ରଧାନପାଟ-୨୦୨୦'ର ତୃତୀୟ ସନ୍ଧ୍ୟା**

ଦେବଗଡ, ୧୨।୨(ଡି.ଏନ.ଏ)

ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ୫ଦିନ ଧରି ହେବାକୁ ଥିବା ଉତ୍ସବ ପ୍ରଧାନପାଟ–୨୦୨୦ ସୋମବାର ଉଦ୍‌ଘାଟିତ ହୋଇଥିବା ବେଳେ ବୁଧବାର ତୃତୀୟ ସନ୍ଧ୍ୟାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ ଜମିଥିଲା। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଯୋଗଦେଇଥିଲେ। ଓଡ଼ିଶୀ, ବଂଶୀବାଦନ ଓ ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଥିଲା। ଏହି କାର୍ଯ୍ୟକ୍ରମକୁ ଉଦଘୋଷିକା ଉଦଘୋଷକ ଭାବେ ବଂଶୀଧର ସାହୁ, ଜନ୍ମେଜୟ ନାୟକ, ମିନାକ୍ଷୀ ଧର, ବିଦେଶୀ ସାହୁ, ପ୍ରିତମ ପ୍ରିୟ ବେହେରା, ସୁନିଶ୍ଚିତା ପାଢୀସ୍ୱପ୍ତି ସୌମ୍ୟା ଦାଶ, ସୁମନ ମହାକୁଲ, ସ୍ୱପ୍ନା ପୁରୋହିତ, ଜୟଶ୍ରୀ ଗଙ୍ଗଦେବ, ଖୁସି ସାହୁ, ଅଭୟ କୁମାର, ସୌମ୍ୟବ୍ରତା ଦଳବେହେରା ପରିଚାଳନା କରିଥିଲେ । ଉତ୍ସବ ଅବସରରେ ଓର୍ମାସ୍ ପକ୍ଷରୁ ଆକର୍ଷଣୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହେଉଥିବା ବେଳେ ଜିଲା ସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ମଧ୍ୟ ଦର୍ଶକ ଏବଂ ଜଣସାଧାରଣଙ୍କ ପାଇଁ ବେଶ ଉପଭୋଗ୍ୟ ହୋଇଥିଲା । ପ୍ରବଳ ଥଣ୍ଡା ସତ୍ତ୍ୱେ ଦର୍ଶକ ବିଭିନ୍ନ ନୃତ୍ୟ ଓ ଗୀତର ତାଳେତାଳେ ଝୁମି ଉଠୁଥିବା ଦେଖିବାକୁ ମିଳିଥିଲା । ଉତ୍ସବ ଅବସରରେ ପଡିଥିବା ବିଭିନ୍ନ ଷ୍ଟଲ ଯଥା ମୀନା ବଜାର,କୃଷି ମହୋତ୍ସବ,ଫଳପୁଷ୍ପ ଓ ପନିପରିବା ପ୍ରଦର୍ଶନୀ,ଉନ୍ନୟନ ପ୍ରଦର୍ଶନୀ,ପଲ୍ଲିଶ୍ରୀ ମେଳାରେ ଫୁଡ ପ୍ଲାଜା ଆଦି ଷ୍ଟଲ ମାନଙ୍କରେ ଭିଡ ଜମିଥିଲା । ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ପରିଚାଳନା କରିବାସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆହତ ମହିଳାଙ୍କୁ ଉଦ୍ଧାର କଲେ କଲେଜ ଛାତ୍ର

ଝାରସୁଗୁଡା ଅଫିସ,୧୨।୨- ଝାରସୁଗୁଡା ଲକ୍ଷ୍ମୀନାରାୟଣ କଲେଜର ୪ ଜଣ ଛାତ୍ର ଜଣେ ମହିଳାଙ୍କୁ ରାସ୍ତା କଡ଼ରୁ ଉଦ୍ଧାର କରିଛନ୍ତି। ଛାତ୍ର ଆଶିଷ କୁମାର ଦତ୍ତ, ସମୀର ବେହେରା, ଆକାଶ ଭୋଇ ଓ ସୁବ୍ରତ ସା ସୋମବାର ସକାଳ ପ୍ରାୟ ୮ଟା ବେଳେ କଲେଜକୁ ଆସୁଥିଲା ବେଳେ ଜଣେ ମହିଳା ରାସ୍ତାକଡରେ ଅଚେତ ହୋଇ ପଡିଥିବା ଦେଖିଥିଲେ। ତାଙ୍କ ମୁଣ୍ଡ ଓ ଡାହାଣ ହାତରେ ଗଭୀର ଆଘାତ ଲାଗିଥିବା ଦେଖିବା ପରେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପରେ ମହିଳାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ସେମାନେ ପୋଲିସକୁ ଖବର ମଧ ଦେଇଛନ୍ତି।



ମହିଳାଙ୍କୁ ଛାତ୍ରମାନେ ଖୁଆଇ ଦେଉଛନ୍ତି।

## ଛାତ୍ରୀମାନେ ବହୁମୁଖୀ ପ୍ରତିଭାର ଅଧିକାରୀ ହେବା ଉଚିତ

ସମ୍ବଲପୁର, ୧୨।୨ (ବ୍ୟୁରୋ)

ସମ୍ବଲପୁର ସରକାରୀ ମହିଳା କଲେଜର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀମାନେ ପୁସ୍ତକମୁଖୀ ନ ହୋଇ ବହୁମୁଖୀ ପ୍ରତିଭାର ଅଧିକାରୀ ହେବା ଆବଶ୍ୟକତା ରହିଛି । ଏଥିସହ ସେମାନେ କ୍ରୀଡାରେ ମଧ ମନୋନିବେଶ କଲେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ସେ କହିଥିଲେ । ଛାତ୍ରୀ ସଂସଦ ଉପଦେଷ୍ଟା ଡ. ସୁଜାତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ଜିତେନ୍ଦ୍ର କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନାଟ୍ୟ ସଂସଦ ଦ୍ୱାରା ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଲିଖିତ ସମ୍ବଲପୁରୀ ନାଟକ ଆହୁତି-ମମତାର ମଞ୍ଚସ୍ଥ ହୋଇଥିଲା। ଅଧାପକ ଯୋଗେଶ ଚନ୍ଦ୍ର ଭୋଇ ନାଟ୍ୟ ରୂପାନ୍ତର କରିଥିବା ବେଳେ ନାଟ୍ୟ ସଂସଦ ଉପସଭାପତି ପ୍ରଫେସର ଅଖିଳ ବିଶ୍ୱାଳ ନିର୍ଦ୍ଦେଶନା ଦେଇଥିଲେ।

## ଜିଦ୍‌ରେ ଅଟଳ ବୁଢିଆପାଲି ଗ୍ରାମବାସୀ

ରେଙ୍ଗାଲି, ୧୨।୨ (ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ଅନ୍ତର୍ଗତ ବୁଢିଆପାଲି ଗ୍ରାମବାସୀ ନିଜ ହକ୍ ଏବଂ ଦାବି ପୂରଣ ପାଇଁ ଏନ୍ଏଲ୍‌ସି କୋଇଲା ଖଣି ଖନନ ସ୍ଥଳରେ ୩ ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ବୁଧବାର ତୃତୀୟ ଦିନରେ ମଧ ପ୍ରଶାସନିକ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ଯେତେ ପର୍ଯ୍ୟନ୍ତ ନିଯୁକ୍ତି ପତ୍ର ଦିଆ ନ ଯାଇଛି ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି କହିଛନ୍ତି। ଏଣୁ ଆଲୋଚନା କରିବାକୁ ଯାଇଥିବା ସବ୍ କଲେକ୍ଟର ଅନିରୁଦ୍ଧ ପ୍ରଧାନ ଏବଂ ରେଙ୍ଗାଲି ତହସିଲଦାର ସୁନୀଲ ମେହେର ନିରାଶ ହୋଇଛନ୍ତି। ୧୫ ଦିନ ସମୟ ଦେଲେ କମ୍ପାନୀ ସହିତ ଆଲୋଚନା କରି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସବ୍ କଲେକ୍ଟର ଓ ତହସିଲଦାର ଆନ୍ଦୋଳନକାରୀଙ୍କୁ କହିଥିଲେ ବି ସେମାନେ ଏଥିରେ ରାଜି ହୋଇ ନ ଥିଲେ।

## କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ



କୁଷ୍ଠ ରୋଗ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼,୧୨।୨(ଡି.ଏନ.ଏ)

ଦେବଗଡ଼ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ କୁଷ୍ଠ ରୋଗ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଟାଉନହଲ ଠାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧିର କୁମାର ନାଇଙ୍କ ଆବାହକତ୍ୱରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ନେହେରୁ ଯୁବକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ ସଂଯୋଜନା କରିଥିଲେ। ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ କୁମାର ଉପାଧ୍ୟାୟ, ଜିଲା କୁଷ୍ଠ ନିରାକରଣ ସଂଯୋଜକ ଡ.ସୂର୍ଯ୍ୟନାରାୟଣ ଦତ୍ତ, ଡିପିଏମ ଉମେଶ ଷଡଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। କୁଷ୍ଠ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରି ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଅତିଥିମାନେ କୁଷ୍ଠ ରୋଗୀଙ୍କୁ ସମାଜରେ ସମ୍ମାନ ସହ ବଞ୍ଚିବାର ଅଧିକାର ରହିଥିବା ଉଲ୍ଲେଖ କରିବା ସହ ଏହା ଆଉ ଦୁରାରୋଗ୍ୟ ହୋଇ ରହିନାହିଁ ବୋଲି ମତପ୍ରକାଶ କରିଥିଲେ। ଶରୀରରେ କୌଣସି ପ୍ରକାର ଛଉ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ସଚେତନ କରିଥିଲେ। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨୫ ଜଣ କୁଷ୍ଠ ରୋଗୀଙ୍କୁ ଶୀତବସ୍ତ୍ର ପ୍ରଦାନ କରିବା ସହ ୧୦ ଜଣଙ୍କୁ ଜୋତା ଓ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଜ୍ଞାନଜ୍ୟୋତି ଓ ମନ୍ଦାକିନୀ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଫୋରସି, ହୀରାକୁଦ ବିଜୟୀ



ବୁଧବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଖେଳ ଶିକ୍ଷକ ସାହେବ ଖମାରୀ ଅତିଥି ଭାବେ ଯୋଗଦେଇ ଗଣେଷ ମୁଦୁଲିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

ସମ୍ବଲପୁର,୧୨।୨(ବ୍ୟୁରୋ)

ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ମ୍ୟାଚରେ ଫୋରସି ଓ ହୀରାକୁଦ ଆଗୁଆନ୍ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଫୋରସି ବନାମ ବ୍ଲୁ ଡାଇମଣ୍ଡ ମଧ୍ୟରେ ହୋଇଥିଲା । ଫୋରସି ଦଳ ୧୦ ଉଇକେଟରେ ବିଜୟୀ ହୋଇଥିଲା । ଜିଲା କ୍ରୀଡା ସଂଘ କାଉନସିଲ ସଭ୍ୟ ଅମୂଲ୍ୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ସୁନୀଲ ବଗର୍ତ୍ତିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ବିକାଶ ମେହେର, ମହମ୍ମଦ ଇସାକ ମ୍ୟାଚ ପରିଚାଳନା କରିଥିଲେ । ନବୀନ ରାଉଲ ସ୍କୋରର ଥିଲେ । ଦ୍ୱିତୀୟ ମ୍ୟାଚ ଭଗବତ ମନ୍ଦିର ସଂଘ ବନାମ ହୀରାକୁଦ ଆଗୁଆନ୍ ମଧ୍ୟରେ ହୋଇଥିଲା । ହୀରାକୁଦ ଦଳ ୬ ଉଇକେଟରେ ବିଜୟୀ ହୋଇଥିଲା । ଖେଳ ଶିକ୍ଷକ ସାହେବ ଖମାରୀ ଅତିଥି ଭାବେ ଯୋଗଦେଇ ଗଣେଷ ମୁଦୁଲିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ ।

## ଓସିଏ ଆନ୍ତଃ କ୍ଲବ ଲିଗ୍ କ୍ରିକେଟ:ସମ୍ବଲପୁର ଚ୍ୟାଲେଞ୍ଜର୍ସ, ବିକାଶ ସ୍କୁଲ ବିଜୟୀ

ସମ୍ବଲପୁର, ୧୨।୨ (ବ୍ୟୁରୋ)

ଓଡିଶା କ୍ରିକେଟ ଆସୋସିଏସନ୍ (ଓସିଏ) ଦ୍ୱାରା ଆୟୋଜିତ ଆନ୍ତଃ କ୍ଲବ ଲିଗ୍ କ୍ରିକେଟ ବୁଧବାର ମ୍ୟାଚରେ ସମ୍ବଲପୁର ଚ୍ୟାଲେଞ୍ଜର୍ସ ଓ ବିକାଶ ସ୍କୁଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବିକାଶ ସ୍କୁଲ ପଡିଆଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ବିକାଶ ଦଳ ମଧ୍ୟରେ ମ୍ୟାଚ ହୋଇଥିଲା । ଏଥିରେ ବିକାଶ ସ୍କୁଲ ୭ ଉଇକେଟରେ ବିଜୟୀ ହୋଇଥିଲା । ସଞ୍ଜୟ କୁମାର ନାୟକ ଓ ଉଦିତ ରଞ୍ଜନ ଦାସଭାୟା ମ୍ୟାଚ ପରିଚାଳନା କରିଥିଲେ । ସୌମ୍ୟଦର୍ଶନ ମହାନ୍ତି ସ୍କୋରର ଥିଲେ । ସୁଶାନ୍ତ ହୋତା ଅତିଥି ଭାବେ ଯୋଗଦେଇ ଶ୍ୱସ୍ତିକ ପଟେଲ ୪ଟି ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ହୀରାକୁଦ ସୁବାଷ ମଇଦାନରେ ସମ୍ବଲପୁର ଚ୍ୟାଲେଞ୍ଜର୍ସ ବନାମ ସମ୍ବଲପୁର ଷ୍ଟ୍ରାଇକର୍ ମଧ୍ୟରେ ମ୍ୟାଚ୍ ହୋଇଥିଲା । ସମ୍ବଲପୁର ଚ୍ୟାଲେଞ୍ଜର୍ସ ୨୩୪ ରନରେ ବିଜୟୀ ହୋଇଥିଲା । ହୀରାକୁଦ ହିଣ୍ଡାଲକୋ ଜିଏମ ସେକ୍ରେଟାରୀ ସୁବାଷ ଦାସ ଅତିଥି ଭାବେ ଯୋଗଦେଇ ପ୍ରକାଶ ମୋରିୟ ୫୯ ବଲ୍‌ରେ ୮୧ ରନ୍ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ଅବିନାଶ ନନ୍ଦ, ପ୍ରିୟାଂଶୁ ପତି ମ୍ୟାଚ ପରିଚାଳନା କରିଥିଲେ । ସୟଦ ଜ୍ୟାକି ଓ ଅନୁପ ପ୍ରଧାନ ସ୍କୋରର ଥିଲେ।




ଅତିଥି ସୁଶାନ୍ତ ହୋତା ଶ୍ୱସ୍ତିକ ପଟେଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି (ବାମ)। ହୀରାକୁଦ ହିଣ୍ଡାଲକୋ ଜିଏମ ସେକ୍ରେଟାରୀ ସୁବାଷ ଦାସ ପ୍ରକାଶ ମୋରିୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

## ୪ବାଇକ୍ ସହ ୨ଶହ ଲିଟର ଦେଶୀ ମଦ ଜବତ: ୬ ଗିରଫ



ଜବତ ମଦ, ସାମଗ୍ରୀ ସହ ଗିରଫ ବ୍ୟକ୍ତି ଓ ପୋଲିସ।

ଦେବଗଡ଼,୧୨।୨(ଡି.ଏନ.ଏ.)

ବାରକୋଟ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତ କରି କେତେକ ମଦ ବ୍ୟବସାୟୀ ବେଆଇନ ମଦ କାରବାର କରିଆସୁଥିଲେ। ଜନସାଧାରଣଙ୍କ ଅଭିଯୋଗ ଓ ସୂଚନା ଆଧାରରେ ବାରକୋଟ ଥାନା ପୋଲିସ ସରୁଆଳୀ ଗ୍ରାମରେ ଚଢାଉ କରି ବ୍ୟାପକ ପୋଚ ନଷ୍ଟ କରିଛନ୍ତି। ଏହା ସହ ୨ଶହ ଲିଟର ଦେଶୀ ମଦ, ୪ଟି ବାଇକ ଓ ମଦ ରନ୍ଧା ସାମଗ୍ରୀ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସରୁଆଳୀ ଗ୍ରାମର ନାଳ କଡ଼ରେ କିଛିଦିନ ଧରି ବେଆଇନ ମଦ ରନ୍ଧା ଯାଇ ଚାଲାଣ ହେଉଥିବା ସୂଚନା ମିଳିଥିଲା। ବାରକୋଟ ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା, ସବ ଇନ୍ସପେକ୍ଟର ପ୍ରଦୀପ ରଞ୍ଜନ ପାତ୍ର, ଦେବବ୍ରତ ନାୟକ ଓ ଏସ୍ଆଇ ପୁରୁଷୋତ୍ତମ ବେହେରା ପ୍ରମୁଖ ସଦଳବଳ ଚଢାଉ କରିଥିଲେ। ଚଢାଉ ସମୟରେ ଉକ୍ତ ଗ୍ରାମର ଗୌତମ ନାଏକ, ମାନସ ନାଏକ, ଋଷିକେଶ ଦଳେଇ, ପ୍ରତାପ କୁମାର ସାହୁ, କିଶୋର ଚନ୍ଦ୍ର ସାହୁ ଓ ଦିଲ୍ଲୀପ କୁମାର ସାହୁଙ୍କୁ ଉକ୍ତ ସ୍ଥାନରେ କାବୁ କରିଥିଲେ।

ଅପେରା ହାଲଚାଲ



## ମଣ୍ଟୁ ଯାହା ଚାହୁଁଥିଲେ...

ନାୟକ ମଣ୍ଟୁ ଓରଫ ମଣ୍ଟୁ ଦାସ । ପାଠପଢ଼ିବା ବେଳେ ଘାରିଲା ଅଭିନୟ ନିଶା । ଏହା ତାଙ୍କୁ ଏମିତି ଘାଇଲା କଲା ଯେ, ପାଠପଢ଼ାରେ ଅଧାରୁ ଡୋରି ବାନ୍ଧି ହୋଇଗଲା । ଏପରି କି ଚାକିରିଟିଏ ମିଳିଗଲା । ହେଲେ ତାହା ମଧ୍ୟ ତାଙ୍କୁ ସନ୍ତୁଷ୍ଟ କରିପାରିଲା ନାହିଁ । ମୁହଁରେ ପାଉଡର ଲଗାଇ ମଞ୍ଚ ଉପରେ ଦର୍ଶକଙ୍କୁ ଅଭିନୟ ମାୟାରେ ବାନ୍ଧି ରଖିବା ପାଇଁ ମାଇଣ୍ଡ ମେକ୍‌ଅପ୍ କରିନେଲେ । ଗଙ୍ଗୋତ୍ରୀ ଗଣନାଟ୍ୟରୁ ଆରମ୍ଭ ହେଲା ତାଙ୍କର ଅଭିନୟ ଜୀବନ । ତା' ସହ ଆଙ୍କରିଂରେ ଦର୍ଶକଙ୍କ ମନ ଜିଣିଥିଲେ ମଣ୍ଟୁ । ଛୋଟ ଭୂମିକାରୁ ନାୟକ ହେବାର ଗୁରୁଦାୟିତ୍ୱ ତୁଲାଇବା ପରେ ସତେଯେମିତି ଅଭିନୟ ପ୍ରତି ନିଜକୁ ସମର୍ପିତ କରିଦେଲେ ଏହି ନାୟକ । ୨୦୦୨ରୁ ତାଙ୍କର ଆରମ୍ଭ ହୋଇଥିଲା ଅଭିନୟ ଜୀବନ । ଏହି ୧୬ ବର୍ଷ ଭିତରେ ସେ ନିଜର ଦକ୍ଷତା ବଳରେ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଛନ୍ତି । ଏବେ ସେ ନୂଆ ଅପେରା ପାର୍ଟି 'ଯାତ୍ରା ନ୍ୟୁ ସଚ୍ଚିଦାନନ୍ଦ'ରେ ଅଭିନୟ ଜାରି ରଖିଛନ୍ତି ।

## ଶ୍ରୀଧରଙ୍କ ନୀରବତା

ପ୍ରଯୋଜକ ଶ୍ରୀଧର ମାର୍ଥା । ଏବେ ସେ ବେଶ୍ ମାପିଚୁପି କଥାବାର୍ତ୍ତା କରୁଛନ୍ତି । ଦେଖୁନାହାନ୍ତି, ହୋମ୍ ବ୍ୟାନର ରେଞ୍ଜି ରୟାଲ ସିନେ ଲ୍ୟାବ୍‌ରେ ପ୍ରସ୍ତୁତ ହୋଇଛି ସତ୍ୟ ଘଟଣା ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ପାଟଣାଗଡ଼' । ହେଲେ ଫିଲ୍ମଟି କେବେ ପରଦା ଉପରକୁ ଆସିବ ସେନେଇ ଏ ପର୍ଯ୍ୟନ୍ତ ପ୍ରଯୋଜନା ସଂସ୍ଥା ପକ୍ଷରୁ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ । ଏପରି ପ୍ରଶ୍ନର ଉତ୍ତରରେ ଶ୍ରୀଧର ମଧ୍ୟ ନୀରବ । ହେଲେ ଏହି ନୀରବତା ପଛରେ କ'ଣ କାରଣ ରହିଛି ? ଏ ସମ୍ପର୍କରେ ସେ କହନ୍ତି, 'ଏବେ 'ପାଟଣାଗଡ଼' ରିଲିଜ୍‌କୁ ନେଇ ଆଲୋଚନା ହେଉଛି । କିନ୍ତୁ ବର୍ତ୍ତମାନ ମୁଁ ଏ ନେଇ କିଛି କହିବି ନାହିଁ । ଅର୍ଥାତ୍, ନୋ କମେଣ୍ଟ୍ ପ୍ଲିଜ୍ । ସମୟ ଆସିଲେ ମୁଁ ଏ ନେଇ ନିଶ୍ଚୟ ସୂଚନା ଦେବି ।' ତେବେ 'ପାଟଣାଗଡ଼'କୁ ନେଇ ଶ୍ରୀଧରଙ୍କ ନୀରବତା କେବେ ଭାଙ୍ଗୁଛି ତାହା ଦେଖିବାକୁ ବାକି ରହିଲା ।



## ଦୋଛକିରେ କ୍ରିତି

କ୍ରିତି ସାନନ ଏବେ ଦୋଛକିରେ ପଡିଯାଇଛନ୍ତି । କଥାଟି ଏମିତି ଯେ ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା । ଅର୍ଥାତ୍, ନିକଟରେ ତାଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଛି । ଏହାର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଜାଣିବା ପରେ ସେ ଅଭିନୟ କରିବାକୁ ରାଜି ହୋଇଯାଇଥିଲେ । ହେଲେ ଏଥିରେ ଗୋଟିଏ କେଁ ରହିଯାଇଛି । ଏହି ଫିଲ୍ମରୁ ନିଜ ପାରିଶ୍ରମିକ ବଢ଼ାଇବାକୁ ମନସ୍ଥ କରିଛନ୍ତି କ୍ରିତି । ଏକଥା ଜାଣିବା ପରେ ପ୍ରଯୋଜକ ମଧ୍ୟ ନିଜ ପଟରୁ କିଛି ସୂଚନା ଦେଇ ନାହାନ୍ତି । ସେପଟେ ନିଜ କଥାରେ ଦୃଢ଼ ଥିବା ଏହି ଅଭିନେତ୍ରୀ ଦରକାର ପଡିଲେ ଅଫରଟିକୁ ହାତଛଡା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି । କିନ୍ତୁ ଏ ନେଇ କିଛି ଦିନ ନୀରବ ରହିବା ପରେ ନିକଟରେ ସେ ସଫେଇ ଦେଇ କହିଛନ୍ତି ଯେ, ଏହି ଫିଲ୍ମରେ ମୁଁ ଅଭିନୟ କରିବି କି ନାହିଁ ତାହା ଫାଇନାଲ ହୋଇନାହିଁ । ଏଥିପାଇଁ ମୁଁ ଦୁଇ ସପ୍ତାହ ସମୟ ନେଇଛି । ବାକି ରହିଲା, ପାରିଶ୍ରମିକ କଥା । କିଛି ସିନେମାରେ ଅଭିନୟ କରିବା ପରେ ପାରିଶ୍ରମିକ ଅଧିକ ମିଳୁ ବୋଲି କିଏ ବା ନ ଚାହେଁ । ହେଲେ ଏବେ ଏ ନେଇ ମୁଁ କିଛି କହିପାରିବି ନାହିଁ ।'

## ବଲିଉଡ୍ ହାଲଚାଲ

■ ଅନନ୍ୟା ପାଣ୍ଡେଙ୍କ ହାତରେ ଆଉ ଏକ ସିନେମା । ଦକ୍ଷିଣ ଭାରତୀୟ ସିନେମାର ନାମୀ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ହିନ୍ଦୀ ଫିଲ୍ମ 'ଫାଇଟର୍'ରେ ସେ ଅଭିନୟ କରିବାକୁ ଯାଉଛନ୍ତି । ଏଥିରେ ତାଙ୍କ ନାୟକ ସାଜିଛନ୍ତି ବିଜୟ ଦେଭରକୋଣ୍ଡା । ହେଲେ ଅନନ୍ୟାଙ୍କ ପୂର୍ବରୁ ଏହି ରୋଲ୍ ପାଇଁ ଆଲିୟା ଭଟ୍ଟ ଏବଂ ଜାହ୍ନବୀ କପୁରଙ୍କ ନାମ ବିଚାରକୁ ନିଆଯାଇଥିଲା ।

■ ରଣବୀର କପୁର-ଆଲିୟା ଭଟ୍ଟ ଅଭିନୀତ 'ବ୍ରହ୍ମାସ୍ତ୍ର' ଚଳିତବର୍ଷ ଡିସେମ୍ବର ୪ରେ ରିଲିଜ୍ ହେବ ବୋଲି ଜଣାପଡ଼ିଛି ।

■ ବରୁଣ ଧାୱନ ଏବେ 'ଷ୍ଟ୍ରିଟ୍ ଡ୍ୟାନ୍ସର-ଥ୍ରୀଡି'ରେ ଅଭିନୟ କରୁଛନ୍ତି, ଯାହାର ନିର୍ଦ୍ଦେଶନା ଦେଉଛନ୍ତି ରେମୋ ଡି'ସୌଜା । ହେଲେ ଦୁହିଁଙ୍କ ଭିତରେ ଶୀତଳ ଯୁଦ୍ଧ ଚାଲିଛି ବୋଲି ଆଲୋଚନା ହେଉଛି । ରେମୋଙ୍କ ଆଗାମୀ ଫିଲ୍ମରେ ଅଭିନୟ କରିବାକୁ ବରୁଣ କୁଆଡ଼େ ମନା କରିଦେଇଛନ୍ତି ।

■ ନିର୍ମିତ ହେବାକୁ ଯାଉଥିବା 'କମିନେ-୨'ର ମେଲ୍ ଲିଡ୍‌ରେ ଦେଖାଦେବେ ଶାହୀଦ କପୁର । ତାଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ତାହା ଫାଇନାଲ ହୋଇଛି । ଏଥିପାଇଁ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଛି ।

■ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ପ୍ରେମ ସମ୍ପର୍କକୁ ଖଣ୍ଡନ କରିଛନ୍ତି କିୟାରା ଆଡ୍‌ୱାନୀ ।



ବରୁଣ



ପୂଜା

## ପୂରଣ ହେଲା ଆଶା

ପୂଜା ହେଗେଡ୍ ଯାହା ଚାହୁଁଥିଲେ ତାହା ପୂରଣ ହୋଇଛି । 'ହାଉସ୍‌ଫୁଲ-୪' ପରେ ସାଦିଦ୍ ନାଦିୱାଦୱାଲାଙ୍କ ପରବର୍ତ୍ତୀ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି । କଥା କ'ଣ କି, ସାଦିଦ୍‌ଙ୍କ ଫିଲ୍ମ 'କଭି ଇଦ୍ କଭି ଦିୱାଲି' ପାଇଁ ତାଙ୍କୁ ସାଇନ୍ କରାଯାଇଛି । ସୂଚନାଯୋଗ୍ୟ, ୨୦୧୬ରେ ରିଲିଜ୍ ହୋଇଥିବା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ମହେଞ୍ଜୋଦାରୋ'ରେ ହ୍ରିତିକ ରୋଶନଙ୍କ ଅପୋଜିଟ୍‌ରେ ତାଙ୍କୁ ବ୍ରେକ୍ ମିଳିଥିଲା । ଦୀର୍ଘ ୪ ବର୍ଷ ଗ୍ୟାପ୍ ପରେ ସେ ଆଉ ଏକ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି । ଅସଲ କଥା ହେଲା, ସଲମାନଙ୍କ ସହ ସ୍କ୍ରିନ୍ ଶେୟାର କରିବା ତାଙ୍କର ଆଉ ଏକ ଆଶା ଥିଲା ବୋଲି ସେ କହିଛନ୍ତି । ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଫରହଦ ସାମ୍‌ଜି । 'କଭି ଇଦ୍ କଭି ଦିୱାଲି'ରେ ପୂଜା ଏକ ଛୋଟ ସହରରେ ରହୁଥିବା ଯୁବତୀ ଭୂମିକାରେ ଅଭିନୟ କରିବେ । ଖାସ୍ କଥା ହେଲା, ସଲମାନଙ୍କୁ ଏଥିରେ ନୂଆ ଅବତାରରେ ଦେଖିବାକୁ ମିଳିବ । ଫିଲ୍ମଟି ଆସନ୍ତା ବର୍ଷ ଇଦ୍‌ରେ ପରଦା ଉପରକୁ ଆସିବ ।



ନୂଆ ସିନେମା

ବିଶ୍ୱରୂପ

## ଧର୍ମାସୁର

ଏକ ଭିନ୍ନଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଧର୍ମାସୁର' । ୧୯୬୦ର ଏକ ଜାତିଭିତ୍ତିକ ଘଟଣାକୁ ନେଇ ଏହି ଫିଲ୍ମର କାହାଣୀ ପରିକଳ୍ପନା କରାଯାଇଛି । ଖାସ୍ କଥା ହେଲା, ନିକଟରେ ଓଲିଉଡ୍‌ରେ ପାଦ ଦେଇଥିବା ବିଶ୍ୱରୂପ ମିଶ୍ର ଏହାର ମେଲ୍ ଲିଡ୍‌ରେ ଅଭିନୟ କରିବେ । ସେ ଆକ୍ସନ ଉପରେ ଆଧାରିତ ଓଡ଼ିଆ ସିନେମା 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍'ରୁ ନିଜ ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ । ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବେ, ସେନେଇ ଚୟନ ପ୍ରକ୍ରିୟା ଜାରି ରହିଛି । ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ନବାଗତ ରାଜ ପ୍ରଦୀପ । ଚଳିତବର୍ଷ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଏହାର ଶୁଟିଂ ଆରମ୍ଭ ହେବ ଏବଂ ରଜରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

## ନାୟିକା ହେବ ଏମିତି

ସତରେ ନାୟିକା ହେବ ଏମିତି । ନିର୍ମାଣାଧୀନ ସିନେମା 'ଲାଲ୍ ସିଂ ଚଡ୍ଢା'ର ଶୁଟିଂ ସେଟ୍‌ରେ ଏପରି ଏକ ଘଟଣା ଘଟିଥିଲା, ଯେଉଁଥିପାଇଁ କରୀନା ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି । ଘଟଣାଟି ଏପରି- ସେଦିନ ଏହି ଫିଲ୍ମର ଶୁଟିଂ ଲେଟ୍ ନାଇଟ୍ ପର୍ଯ୍ୟନ୍ତ ଚାଲିଥିଲା । ଯେହେତୁ ପ୍ରବଳ ଶୀତ ପଡୁଛି, ତେଣୁ ୟୁନିଟ୍ ସଦସ୍ୟମାନେ ଶୀତରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ପିନ୍ଧିଥିଲେ । ହେଲେ ଶୀତରୁ ରକ୍ଷା ପାଇବା ପାଇଁ କରୀନା ସାଙ୍ଗେ ସାଙ୍ଗେ ୪-୫ଟି ରୁମ୍ ହିଟର ମଗାଇଥିଲେ । ଆଉ ଶୁଟିଂ ବ୍ରେକ୍ ସମୟରେ ୟୁନିଟ୍‌ର ସଦସ୍ୟମାନେ ତାହାର ମଜା ନେଇଥିଲେ । କେବଳ ସେତିକି ନୁହେଁ, ନିଜ ପଟରୁ ସମସ୍ତଙ୍କ ପାଇଁ ସେ ଦିନର ଡିନରର ମଧ୍ୟ ଆୟୋଜନ କରିଥିଲେ । ଆଉ ତା'ପରେ ୟୁନିଟ୍‌ର ସବୁ ସଦସ୍ୟ ତାଙ୍କୁ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥିଲା ।



କରୀନା



ଅନ୍ତର ଭିତରେ ପ୍ରସନ୍ନତା ଅଛି କି ନାହିଁ,
ତାହା ଚେହେରାରୁ ଜଣାପଡ଼ିଯିବା।
- ଥୋମାସ୍ ବାର୍ଥୋଲିନ୍



# ସଙ୍କଟରେ ସୁନ୍ଦରଗଡ଼ ଜିଲାର ଷ୍ଟିଲ୍ ଶିଳ୍ପ

■ପଡ଼ୋଶୀ ରାଜ୍ୟମୁହାଁ ଷ୍ଟିଲ୍ ଶିଳ୍ପସଂସ୍ଥା
■ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର କୁପ୍ରଭାବ

ରାଉରକେଲା ଅଫିସ, ୧୨।୨

ଷ୍ଟିଲ ଉତ୍ପାଦନ କରୁଥିବା ସହର ଭାବେ ରାଉରକେଲା ବେଶ୍ ପରିଚିତ। ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାରେ ଛୋଟବଡ଼ ଷ୍ଟିଲ ଶିଳ୍ପ କାରଖାନା ଗଢିଉଠିଛି। ଏଠାକାର ଶତକଡ଼ା ୭୦ ଭାଗ ବ୍ୟବସାୟ ଷ୍ଟିଲ ଶିଳ୍ପ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ। କିନ୍ତୁ ଦୁଃଖର ବିଷୟ, ବିଗତ ୧୨ ବର୍ଷ ଧରି ଓଡ଼ିଶାରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଯୋଗୁ ଷ୍ଟିଲ ଶିଳ୍ପଗୁଡ଼ିକ ଗୁରୁତର କ୍ଷତି ସହୁଛନ୍ତି। ଷ୍ଟିଲ ଶିଳ୍ପର ଉତ୍ପାଦନ କ୍ଷେତ୍ରରେ ବିଦ୍ୟୁତ୍ ଶକ୍ତି ହେଉଛି ମୁଖ୍ୟ କଞ୍ଚାମାଲ, ଯାହାର ମୂଲ୍ୟ ଷ୍ଟିଲ୍ ଉତ୍ପାଦନ ମୂଲ୍ୟର ୨୫ଭାଗ। ଏହିଭଳି ଭାବେ ଇଣ୍ଡେକ୍ସନ ଫର୍ନେସ ୟୁନିଟଗୁଡ଼ିକ ବିଦ୍ୟୁତ୍ ମୂଲ୍ୟ କମବେଶୀ ଉପରେ ନିର୍ଭରଶୀଳ। ମାତ୍ର ବିଦ୍ୟୁତ୍ ଶକ୍ତିର ଆକାଶଛୁଆଁ ଦରବୃଦ୍ଧି ଷ୍ଟିଲ୍ ଶିଳ୍ପର ମେରୁଦଣ୍ଡ ଭାଙ୍ଗି ଦେଇଛି। ମୂଳ ବିଦ୍ୟୁତ୍ ଶୁଳ୍କ ୨ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ପ୍ରତି ୟୁନିଟ ପିଛା ୫ଟଙ୍କା ୩୫ ପଇସା ହୋଇଛି, ଯାହାକି ୧୨ ବର୍ଷ ଭିତରେ ବିଦ୍ୟୁତ୍ ଶୁଳ୍କରେ ୧୬୭.୫ ପ୍ରତିଶତ ବୃଦ୍ଧି ପାଇଛି। ୨୦୦୮ ପରଠାରୁ କ୍ରମାଗତ ବିଦ୍ୟୁତ୍ ମୂଲ୍ୟରେ ବୃଦ୍ଧି ଯୋଗୁ ଶିଳ୍ପ କାରଖାନା ତିଷ୍ଠି ରହିବାରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ଫଳସ୍ୱରୂପ ୨୦୦୮ରେ କାର୍ଯ୍ୟକ୍ରମ ଥିବା ୬୨ଟି ୟୁନିଟ ମଧ୍ୟରୁ ଏବେ ୨୧ଟି କାର୍ଯ୍ୟକ୍ଷମ। ସେଥିମଧ୍ୟରୁ ମଧ୍ୟ କେତେକ ଦୟନୀୟ ପରିସ୍ଥିତିରେ ଚାଲିଛି। ସେଗୁଡ଼ିକ ମଧ୍ୟ ବନ୍ଦ ହେବା ଆଶଙ୍କା କରାଯାଉଛି। ୨୦୦୮ରେ ଷ୍ଟିଲ୍ ଶିଳ୍ପ ଉପରେ ପରୋକ୍ଷ, ପ୍ରତ୍ୟକ୍ଷ ଭାବେ ୯୫,୯୮୧ ଲୋକ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ। ବିଦ୍ୟୁତ୍ ଶୁଳ୍କ

| ବିଦ୍ୟୁତ୍ ସଂସ୍ଥା | ଦର | ସବ୍‌ସିଡ଼ି | ଫାଇନାଲ ରେଟ |
|---|---|---|---|
| ଛତିଶଗଡ଼ଯୋଗାଣସଂସ୍ଥା | ୫.୮୫ | ୮୦ | ୫.୦୫ |
| ଝାଡ଼ଖଣ୍ଡ ବୋର୍ଡ଼ | ୬.୧୦ | ୧.୪୦ | ୪.୭୦ |
| ଜିନ୍ଦଲପାୱାର(ଘରୋଇ) | ୪.୨୪ | ୦ | ୪.୨୪ |
| ଦାମୋଦରଭେଲି ନିଗମ | ୩.୭୦ | ୦ | ୩.୭୦ |
| ଓଡ଼ିଶା ବିତରଣ ସମ୍ପାନୀ | ୫.୯୦ | ୦ | ୫.୯୦ |

ବୃଦ୍ଧି କାରଣରୁ ୧୨ବର୍ଷ ମଧ୍ୟରେ ୪୨ଟି ୟୁନିଟ ବନ୍ଦ ହୋଇଯିବାରୁ ଅନେକ ଲୋକ ଜୀବିକା ହରାଇ ବେକାର ହୋଇଯାଇଛନ୍ତି। ବର୍ତ୍ତମାନ ୪୬୦୫୦ ଲୋକ ଷ୍ଟିଲ ଶିଳ୍ପ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଏହି ସମସ୍ୟାର ସମାଧାନ ନ ହେଲେ ଅବଶିଷ୍ଟ ଇଣ୍ଡେକ୍ସ ଫର୍ନେସ ୟୁନିଟଗୁଡ଼ିକ ବନ୍ଦ ହୋଇଯିବ।

୨୦୦୭ରେ ୬୨ଟି ଶିଳ୍ପ ସଂସ୍ଥା ମାସିକ ୧୩.୭୧ କୋଟି କିଲୋ ୱାଟ ବିଦ୍ୟୁତ୍ ଖର୍ଚ୍ଚ କରୁଥିବାବେଳେ ଏବେ ୨୧ଟି ଶିଳ୍ପ ସଂସ୍ଥା ୬.୧୮ କୋଟି କିଲୋ ୱାଟ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ କରୁଛନ୍ତି। ବଳକା ୭.୫ କୋଟି କିଲୋ ୱାଟ ବିଦ୍ୟୁତ୍‌କୁ ୱେସ୍କୋ ଅନ୍ୟ କୌଣସି ଉପାୟ ନ ପାଇ ଖୋଲା ବଜାରରେ ବିକୁଛି। ୱେସ୍କୋ ଶିଳ୍ପ ସଂସ୍ଥାକୁ ଯେଉଁ ବିଦ୍ୟୁତ୍ ଅଧିକ ଦାମରେ ଦେଉଥିଲା । ବର୍ତ୍ତମାନ ଅତି କମ ମୂଲ୍ୟରେ ପ୍ରତି ୟୁନିଟ ପିଛା ୨ଟଙ୍କା ଦରରେ ବିକୁଛି। ଫଳସ୍ୱରୂପ ୱେସ୍କୋକୁ ବାର୍ଷିକ ୧୮୦ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଅନୁରୂପ ଭାବେ ରାଜ୍ୟ ସରକାର ବିଦ୍ୟୁତ୍ ଶକ୍ତିରୁ ପାଉଥିବା ରାଜସ୍ୱ ମଧ୍ୟ ହରାଉଛନ୍ତି। ଏହିଭଳି ଅବ୍ୟବସ୍ଥା ଯୋଗୁ ବେରୋଜଗାର, ବେକାରି ସଂଖ୍ୟା ବଢ଼ିବା ସହ ଶିଳ୍ପସଂସ୍ଥାଗୁଡ଼ିକ ରାଉରକେଲା ତଥା ସୁନ୍ଦରଗଡ଼ ଜିଲାରୁ ଅନ୍ୟ ପଡ଼ୋଶୀ ରାଜ୍ୟକୁ ଚାଲିଯିବା ଲାଗି ଉଦ୍ୟମ କରୁଛନ୍ତି। କେତେକ ପଡ଼ୋଶୀ ରାଜ୍ୟର ସରକାର ଶିଳ୍ପସଂସ୍ଥାଗୁଡ଼ିକୁ ପୁନଃଜୀବିତ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ବିଶେଷକରି ଛତିଶଗଡ଼, ଝାଡ଼ଖଣ୍ଡ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇ ଥିବାରୁ ସୁନ୍ଦରଗଡ଼ ଜିଲାର ଷ୍ଟିଲ ଶିଳ୍ପ ସଂସ୍ଥାଗୁଡ଼ିକ ସେହି ରାଜ୍ୟମୁହାଁ ହୋଇଛନ୍ତି। ସେଠାକାର ସରକାର କିଲୋ ୱାଟପିଛା ୮୦ ପଇସାରୁ ୧ଟଙ୍କା ୪୦ ପଇସା ପର୍ଯ୍ୟନ୍ତ ରିହାତି ଦେଉଛନ୍ତି। ଏପରିକି କିଛି ଘରୋଇ ବିଦ୍ୟୁତ୍ କମ୍ପାନୀ ମଧ୍ୟ ଅତି ଶସ୍ତାରେ ବିଦ୍ୟୁତ୍ ଦେଉଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଓଡ଼ିଶାରେ ବିଦ୍ୟୁତ୍ ଶୁଳ୍କ ଛତିଶଗଡ଼, ଝାଡ଼ଖଣ୍ଡଠାରୁ ୮ପ୍ରତିଶତ ଅଧିକ।

ଏନେଇ ଟପ୍‌ଟେକ୍ ଷ୍ଟିଲର ମାଲିକ ଶିବଶଙ୍କର ପ୍ରସାଦ କହନ୍ତି, ରାଜ୍ୟ ସରକାରଙ୍କୁ ଅନୁରୋଧ ୟୁନିଟ ପିଛା ଅତିକମ୍‌ରେ ୧ଟଙ୍କା ୭୫ ପଇସା ପ୍ରୋତ୍ସାହନ ଦିଅନ୍ତୁ। ଏହି ବିଦ୍ୟୁତ୍ ଶୁଳ୍କ ୮ପ୍ରତିଶତରୁ ୨ ପ୍ରତିଶତ ହ୍ରାସ କରାଯାଉ। ଏହା ହେଲେ ଆମେ ବଜାରରେ ଅନ୍ୟ ରାଜ୍ୟର ଶିଳ୍ପସଂସ୍ଥା ସହ ଅଧିକ ପ୍ରତିଯୋଗିତା କରିପାରିବା। ଦୁର୍ବଳ ହୋଇଥିବା କମ୍ପାନୀକୁ ପୁନଃଜୀବିତ କରିପାରିବା। ସେହିପରି ରାଉରକେଲା ଶିଳ୍ପ ଓ ବାଣିଜ୍ୟ ସଂଗଠନର ସଭାପତି ପ୍ରବୀଣ ଗର୍ଗ କହନ୍ତି, ଓଡ଼ିଶାରେ ବିଦ୍ୟୁତ୍ ବିତରଣ କମ୍ପାନୀ ଏକଚାଟିଆ ଶୁଳ୍କ ବୃଦ୍ଧି କରୁଛି। ପଡ଼ୋଶୀ ରାଜ୍ୟରେ ଘରୋଇ ସଂସ୍ଥା ଓ ବିଦ୍ୟୁତ୍ ବିତରଣ କମ୍ପାନୀ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଥିବାରୁ ସିଧାସଳଖ ଭାବେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେଉନାହିଁ। ଲଘୁ ଉଦ୍ୟୋଗ ଓ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ୬ ତାରିଖରେ ରାଉରକେଲା ଗସ୍ତରେ ଆସିଥିବାବେଳେ ରାଉରକେଲା ଶିଳ୍ପ ଓ ବାଣିଜ୍ୟ ସଂଗଠନର କର୍ମକର୍ତ୍ତା ତାଙ୍କ ସହ ଏହି ସମସ୍ୟା ନେଇ ଆଲୋଚନା କରିଥିଲେ। ଶିଳ୍ପସଂସ୍ଥାମାନଙ୍କର ଅସୁବିଧା ପରିସ୍ଥିତି ସମ୍ପର୍କରେ ଭୁବନେଶ୍ୱରରେ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିବେ ବୋଲି ମନ୍ତ୍ରୀ କହିଥିଲେ। ସରକାର ଏଥିପ୍ରତି ଦୃଷ୍ଟି ଦେଇ କୌଣସି ପଦକ୍ଷେପ ଗ୍ରହଣ ନ କଲେ ସୁନ୍ଦରଗଡ଼ ଜିଲାରେ କ୍ଷୁଦ୍ର, ମଧ୍ୟମ ଷ୍ଟିଲ ଶିଳ୍ପସଂସ୍ଥା ବନ୍ଦ ହୋଇଯିବା ଆଶଙ୍କା ସ୍ପଷ୍ଟ।

| ବର୍ଷ | ବର୍ଦ୍ଧିତ ମୂଲ୍ୟ | ଫାଇନାଲ ରେଟ |
|---|---|---|
| ୨୦୦୨ରୁ ୨୦୦୮ | ୧.୦୦ | ୩.୦ |
| ୨୦୧୦-୧୧ | ୦.୭୫ | ୩.୭୫ |
| ୨୦୧୧-୧୨ | ୧.୦୦ | ୪.୭୫ |
| ୨୦୧୨-୧୩ | ୦.୨୦ | ୪.୯୫ |
| ୨୦୧୩-୧୪ | ୦.୧୦ | ୫.୦୫ |
| ୨୦୧୫-୧୬ | ୦.୨୦ | ୫.୨୫ |
| ୨୦୧୯-୨୦ | ୦.୧୦ | ୫.୩୫ |

## ସଂକ୍ଷେପରେ

### ଗୋଳନ୍ଥରା ବସ୍ ଦୁର୍ଘଟଣା ତଦନ୍ତ ପାଇଁ ଆଜି ଯିବ କଂଗ୍ରେସ ଟିମ୍

ଭୁବନେଶ୍ୱର,୧୨।୨(ବ୍ୟୁରୋ): ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅନ୍ତର୍ଗତ ତଙ୍କଲପାଡୁ ଗାଁ ଦେଇ ଯାଉଥିବା ଏକ ବସ୍‌ରେ ଗତ ୯ ତାରିଖରେ ୧୧କେଭି ବିଦ୍ୟୁତ୍ ତାର ଲାଗି ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିଲେ। ଏହି ଦୁର୍ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ, ମୃତକଙ୍କ ପରିବାରବର୍ଗଙ୍କୁ ସାକ୍ଷାତ ଓ ଏହାର ସବିଶେଷ ବିବରଣୀ ପ୍ରଦାନ ନିମନ୍ତେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ୬ଜଣିଆ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛନ୍ତି। କମିଟିରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଅଧକ୍ଷ ଥିବା ବେଳେ ଡ. ତ୍ରିନାଥ ବେହେରା, ଶମ୍ଭୁନାଥ ପାଣିଗ୍ରାହୀ, ପୀତବାସ ପଣ୍ଡା, ସ୍ୱରୂପା ତ୍ରିପାଠୀ ସଦସ୍ୟ ଅଛନ୍ତି। ବିସ୍ମୟ ମହାପାତ୍ର ଏହି କମିଟିର ଆବାହକ ରହିଛନ୍ତି।

### ସିଏଚ୍ଏସ୍‌ଇକୁ ରିପୋର୍ଟ ତଲବ

ଭୁବନେଶ୍ୱର, ୧୨।୨(ବ୍ୟୁରୋ): ଯୁକ୍ତ୨ ପରୀକ୍ଷାକେନ୍ଦ୍ର ଫିକ୍ସିଂକୁ ନେଇ ଅଭିଭାବକ ମହାସଂଘର ପିଟିଶନ ପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ)କୁ ରିପୋର୍ଟ ତଲବ ହୋଇଛି। ଓଡ଼ିଶା ମାନବାଧିକାର କମିଶନ(ଓଏଚ୍ଆର୍‌ସି) ଆସନ୍ତା ୧୮ତାରିଖ ମଧ୍ୟରେ ଜବାବ ଦାଖଲ କରିବା ପାଇଁ ସିଏଚ୍ଏସ୍‌ଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଭିଭାବକଙ୍କ ସଂଶୟ ଦୂର କରିବା ଲାଗି ପ୍ରେସ୍‌ନୋଟ୍ ଜାରି କରିବାକୁ ମଧ୍ୟ କୁହାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ପ୍ରମୁଖ ଶାସନ ସଚିବ ଏବଂ ସିଏଚ୍ଏସ୍‌ଇ ଅଧକ୍ଷଙ୍କୁ ଓଏଚ୍ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଯୁକ୍ତ୨ ପରୀକ୍ଷାକେନ୍ଦ୍ର ଚୟନରେ ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଥିଲା। ଯୁକ୍ତ୨ ପରୀକ୍ଷା କମିଟି ସଭ୍ୟ ଉଠାଇଥିବା ଅଭିଯୋଗ ଅନୁଯାୟୀ, ସିଏଚ୍ଏସ୍‌ଇର କେତେଜଣ ଅସାଧୁ କର୍ମଚାରୀ ଟଙ୍କା ନେଇ ପରୀକ୍ଷାକେନ୍ଦ୍ର ଚୟନରେ ଦୁର୍ନୀତି କରିଛନ୍ତି। କମିଟି ପକ୍ଷରୁ ପୂର୍ବରୁ କରାଯାଇଥିବା ପରୀକ୍ଷାକେନ୍ଦ୍ର ତାଲିକା ପରିବର୍ତ୍ତେ ଆଉ ଏକ ନୂଆ ତାଲିକା ପ୍ରକାଶ କରାଯାଇଛି। ଯେଉଁ କଲେଜଗୁଡ଼ିକରେ ପୂର୍ବବର୍ଷ କପି ହୋଇନାହିଁ କିମ୍ବା ପରୀକ୍ଷାକେନ୍ଦ୍ରକୁ ବାତିଲ କରାଯାଇ ନାହିଁ ସେଠାରେ ଏଥର ପରୀକ୍ଷାକେନ୍ଦ୍ର କରିବା ଲାଗି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏହାକୁ ବେଖାତିର କରି ମନଇଚ୍ଛା ପୁରୁଣା ତାଲିକାକୁ ବଦଳାଇ ଦିଆଯାଇଛି ବୋଲି କମିଟି ସଦସ୍ୟ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଓଏଚ୍ଆର୍‌ସିରେ ଏକ ପିଟିଶନ୍ ଦାଏର ହୋଇଥିଲା।

### ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର

ଭୁବନେଶ୍ୱର, ୧୨।୨(ବ୍ୟୁରୋ): ସରକାରଙ୍କ ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି କଲେଜ କର୍ତ୍ତୃପକ୍ଷ। ୨୫%ରୁ କମ୍ ନାମଲେଖା ହୋଇଥିବା ୧୩ କଲେଜକୁ ଉଚ୍ଚଶିକ୍ଷା ବିଭାଗ ଗତମାସ ୭ ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଗତ ୩ବର୍ଷ ହେବ ଏହିସବୁ କଲେଜରେ ୨୫%ରୁ କମ୍ ନାମଲେଖା ହେଉଛି। ଏଥିପାଇଁ ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇ ଫେବୃୟାରୀ ୧୦ ସୁଦ୍ଧା ଜବାବ ଦେବାକୁ କୁହାଯାଇଥିଲା। ହେଲେ କେବଳ ୩ କଲେଜକୁ ଛାଡ଼ି ବାକି ୧୦ କଲେଜ କର୍ତ୍ତୃପକ୍ଷ ଏଯାବତ ଜବାବ ଦେଇନାହାନ୍ତି। ଏନେଇ ବିଭାଗ ପକ୍ଷରୁ ବୁଧବାର ପୁଣିଥରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଉକ୍ତ କଲେଜଗୁଡ଼ିକ ହେଲା ଯାଜପୁରର ଆପେକ୍ସ ରେସିଡେନ୍ସିଆଲ ଡିଗ୍ରୀ କଲେଜ ଅଫ୍ ସାଇନ୍ସ ଆଣ୍ଡ କମର୍ସ, କେନ୍ଦ୍ରାପଡ଼ାର କ୍ଷେତ୍ରପାଳ ସଂସ୍କୃତ ଡିଗ୍ରୀ କଲେଜ ଓ ଶ୍ରୀରାମ ସଂସ୍କୃତ ଡିଗ୍ରୀ କଲେଜ, କେନ୍ଦୁଝରର ବୃହସ୍ପତି ଡିଗ୍ରୀ କଲେଜ, ଖୋର୍ଦ୍ଧାର ଜ୍ଞାନ ଭାରତୀ ଡିଗ୍ରୀ କଲେଜ ଓ ଗୌରଭ କଲେଜ ଅଫ୍ କମର୍ସ, ସାଇନ୍ସ ଆଣ୍ଡ୍ ମ୍ୟାନେଜମେଣ୍ଟ, ମୟୂରଭଞ୍ଜର ବ୍ରିଲିଆନ୍ସ ଯୁକ୍ତ ୩ ସାଇନ୍ସ କଲେଜ, ସମ୍ବଲପୁରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଷ୍ଟଡିଜ୍ ଇନ୍ କମର୍ସ, ସୋନପୁର ସୁକାନ୍ତି ଡିଗ୍ରୀ କଲେଜ ଓ ସୁନ୍ଦରଗଡ଼ର ଭେନସ୍ ଡିଗ୍ରୀ କଲେଜ। ଏହିସବୁ କଲେଜ କର୍ତ୍ତୃପକ୍ଷଙ୍କୁ ଆସନ୍ତା ୨୦ତାରିଖ ସୁଦ୍ଧା ଜବାବ ଦେବାକୁ ନିର୍ଦ୍ଦେଶ ରହିଛି।

# କମିବ ଲିଭର୍ ପ୍ରତିରୋପଣ ଖର୍ଚ୍ଚ

■ଆସ୍ତର ଗ୍ରୁପର ପ୍ରସ୍ତାବ
■ରୋଗୀ ପିଛା ସରକାର ଦିଅନ୍ତୁ ୭ ଲକ୍ଷ ୫୦ ହଜାର ଟଙ୍କା

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ରାଜ୍ୟରେ ପ୍ରତିବର୍ଷ ବହୁସଂଖ୍ୟକ ଶିଶୁ ଗୁରୁତର ଲିଭର୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ଅଙ୍ଗଦାତା ନ ମିଳିବା ଓ ଭିତ୍ତିଭୂମିର ଅଭାବ ଏକ ମୁଖ୍ୟ କାରଣ ସାଜିଥିବାବେଳେ ବ୍ୟୟବହୁଳ ଚିକିତ୍ସା ଖର୍ଚ୍ଚ ତୁଲାଇବା ମଧ୍ୟ ସମ୍ଭବ ହୋଇପାରୁନି। ତେଣୁ ବେଙ୍ଗାଲୁରୁସ୍ଥିତ ଆସ୍ତର ଲିଭର୍ କେୟାର ଗ୍ରୁପ୍ ରାଜ୍ୟ ସରକାରଙ୍କୁ ଏହି ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ସହଯୋଗ ନିମନ୍ତେ ପ୍ରସ୍ତାବ ଦେଇଛି। ଏନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସ୍ତର ଲିଭର୍ କେୟାର ଗ୍ରୁପ୍ ତରଫରୁ ଡା. ସୋନାଲ୍ ଆସ୍ଥାନା ଯୋଗଦେଇ ଏହି ସମସ୍ୟାର ନିରାକରଣ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଲିଭର୍ ପ୍ରତିରୋପଣ ନିମନ୍ତେ ଆନୁମାନିକ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ରାଜ୍ୟ ସରକାର ପ୍ରଚଳିତ ଯୋଜନା ମୁତାବକ ରୋଗୀ ପିଛା ୭ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ସମ୍ପୃକ୍ତ ସଂସ୍ଥା ପ୍ରସ୍ତାବ ଦେଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଲିଭର୍ ପ୍ରତିରୋପଣକୁ ଏକ ମିଶନ ଭାବେ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି, ପାଣ୍ଠି ଯୋଗାଡ଼, ସହଯୋଗକାରୀ ସଂସ୍ଥାଗୁଡ଼ିକ ସହ ସମ୍ପର୍କ ସ୍ଥାପନ ଓ ସରକାରଙ୍କ ସହାୟତା ମାଧ୍ୟମରେ ମିଶନକୁ କିପରି ଆଗେଇ ନେବାକୁ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ଲିଭର୍ ପ୍ରତିରୋପଣ ନିମନ୍ତେ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରଙ୍କୁ ଆବଶ୍ୟକ ଉଚ୍ଚତର ତାଲିମ ଓ ଭିତ୍ତିଭୂମିର ଉନ୍ନତି ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ପ୍ରତିରୋପଣ ସଂକ୍ରାନ୍ତରେ ପ୍ରାଥମିକ ସ୍ତରରେ ବିଭିନ୍ନ ସ୍ଥାନରେ ରୋଗ ନିରୂପଣ କରି ରୋଗୀ ଚିହ୍ନଟ କରିବା ସହ ଆବଶ୍ୟକ ସ୍ଥଳେ ଲିଭର୍ ପ୍ରତିରୋପଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ। ପ୍ରତିରୋପଣ ପରବର୍ତ୍ତୀ ସମୟରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପାଇଁ ମଧ୍ୟ ତାଲିମ ପ୍ରଦାନ କରାଯିବ। ଫଳରେ ରୋଗୀମାନେ ଉପକୃତ ହୋଇପାରିବେ ଓ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ସହ ସରକାରଙ୍କ ଆଭିମୁଖ୍ୟ ଏବଂ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଆୟୁର୍ବିଜ୍ଞାନ ସଂସ୍ଥାର ଡା. ମାଧବାନନ୍ଦ କର, ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି, ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷ, ଅଧୀକ୍ଷକ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଅଶୋକ କୁମାର ନାୟକ, ଯୁଗ୍ମ ସଚିବ ଗୁହା ପୁନମ୍ ତାପସ୍ କୁମାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

କାଲିମେଲା,୧୨।୨(ଡି.ଏନ୍.ଏ.)

ବିବାହ ଉତ୍ସବରେ ଯୋଗ ଦେବା ପାଇଁ ଟ୍ୟୁଶନ ବନ୍ଦ କରିଥିଲେ ଛାତ୍ରୀ। ଏତିକି ମାତ୍ର ଭୁଲ୍ ପାଇଁ ଟ୍ୟୁଶନ ସାର୍ ଯେଉଁ ମାଡ଼ ଓ ଗାଳି ଦେଲେ, ସେଥିରେ ମର୍ମାହତ ଛାତ୍ରୀ ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ଅଧୀନ ଏମ୍‌ପିଭି-୮୧ ଗ୍ରାମରୁ ଏପରି ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ସ୍ଥାନୀୟ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଛନ୍ତି। ସେହି ସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟରେ ସେ ଟ୍ୟୁଶନ ହେଉଥିଲେ। ସୋମବାର ବିବାହ ଭୋଜି ପାଇଁ ଚାଲିଯିବାରୁ ସେ ଟ୍ୟୁଶନରେ ଅନୁପସ୍ଥିତ ରହିବା ଯୋଗୁ ମଙ୍ଗଳବାର ଶିକ୍ଷକ ତାଙ୍କୁ ମାଡ଼ ମାରିବା ସହ ଅପମାନ କରିଥିବା ସେ ଅଭିଯୋଗ କରିଛନ୍ତି। ଶିକ୍ଷକ ତାଙ୍କୁ ଟ୍ୟୁଶନରୁ ତଡ଼ିଦେବାରୁ ଆଗକୁ ଥିବା ବୋର୍ଡ ପରୀକ୍ଷା ପାଇଁ କିପରି ପାଠ ପଢ଼ି ପାସ୍ କରିବେ, ସେହି କଥା ଭାବି ମାନସିକ ଚାପରେ ଥିଲେ ଛାତ୍ରୀ। ଶେଷରେ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇ ଘରେ ଥିବା କିଛି ଔଷଧ ଖାଇଦେଇଥିଲେ। ଏହାର ପ୍ରଭାବରେ ବାନ୍ତି ହେବାରୁ ଘରଲୋକେ ଜାଣିପାରି ତୁରନ୍ତ ତାଙ୍କୁ ଏମ୍‌ପିଭି-୮୩ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର

ପୁରୀ ଅଫିସ,୧୨।୨- ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ଣ ୫ଟା ୧୫ରୁ ରାତି ୮ଟା ୩୫ପର୍ଯ୍ୟନ୍ତ ଦାରୁଦିଅଁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ପ୍ରାୟ ୩ ଘଣ୍ଟା ୨୦ମିନିଟ୍ ଧରି ହୋଇଥିବା ଏହି ବନକଲାଗି ନୀତି ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

### ୩ୟ ସ୍ତ୍ରୀଙ୍କୁ ମାରି ଥାନାରେ ଅଭିଯୁକ୍ତ

ବିଶୋଇ,୧୨।୨(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଖଡ଼ମବେଡ଼ା ପଞ୍ଚାୟତର ବାଡୁଣିଆ ଗ୍ରାମ କଲୋନୀ ସାହିରେ ତୃତୀୟ ସ୍ତ୍ରୀଙ୍କୁ ହତ୍ୟା କରି ଜଣେ ବ୍ୟକ୍ତି ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଅଭିଯୁକ୍ତ ଗୋରା ମାହାଲି(୫୫)ଙ୍କୁ ଗିରଫ କରିବା ସହ ଏକ ମାମଲା (ନଂ.୧୮/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ବାଡୁଣିଆ ସ୍ଥିତ କଲୋନୀ ସାହିରେ ରହୁଥିବା ଗୋରା ଓ ତାଙ୍କ ତୃତୀୟ ସ୍ତ୍ରୀ ମାଇନ ମାହାଲି (୪୫)ଙ୍କ ମଧ୍ୟରେ ମଙ୍ଗଳବାର ରାତିରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ସାହାଯ୍ୟରେ ଗୋରା ଆକ୍ରମଣ କରିବାରୁ ଘଟଣାସ୍ଥଳରେ ମାଇନଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ସକାଳେ ଅଭିଯୁକ୍ତ ଗୋରା ବିଶୋଇ ଥାନାରେ ଆତ୍ମସମର୍ପଣ କରିବା ପରେ ଘଟଣା ପଦାକୁ ଆସିଥିଲା। ରାଇରଙ୍ଗପୁର ଏସଡିପିଓ ସ୍ନେହାଶିଷ ସାହୁଙ୍କ ସମେତ ଥାନା ଅଧିକାରିଣୀ କୁନି ବେଶ୍ରା, ଏସଆଇ ଶୁଭେନ୍ଦୁ ଭୂଷଣ ମହାନ୍ତି ପ୍ରମୁଖ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ମେଡିକାଲ ପଠାଯାଇଥିବା ବେଳେ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଗୋରାଙ୍କ ପ୍ରଥମ ସ୍ତ୍ରୀ ସେହି ଗାଁରେ ରହୁଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ଘର ଛାଡି କେଉଁଆଡ଼େ ପଳାଇ ଯାଇଛନ୍ତି।

**Shree Jagannath Temple Office, Puri**

**Quotation Call Notice No.1051, Dt.03.02.2020**

Supply of ID Cards with RFI chip and QR-code Visit Website - www.jagannath.nic.in.

**Last Date- 17.02.2020**

Sd./- Administrator
Shree Jagannath Temple, Puri

**INTEGRATED TRIBAL DEVELOPMENT AGENCY: KARANJIA**

e-mail: itdakja@nic.in
No. 151 /ITDA(KJA), Dated 11.02.20

**Tender Call Notice**

**No. CAD-951:-** Sealed Tenders in plain paper are invited from the intending reputed registered Firms/ Suppliers having branded company authorization for supply of (i) Water Purifier with R.O. System, (ii) Inverter with Battery, (iii) Sanitary Incinerator, (iv) Mattress, (v) Washing Machine for the boarders & students staying in the Hostels and Schools running under ST & SC Development Department in Panchpir Sub-Division for the year 2019-20. The interested bidders may submit the tender documents complete in all respect alongwith EMD, non-refundable paper cost and other requisite documents on or before 26.02.2020 upto 2.00 PM addressed to the Project Administrator, ITDA, Karanjia, At/Po-Karanjia, Dist.- Mayurbhanj, Odisha, PIN-757037 by Registered Post/ Speed Post. The tender paper shall be opened at the same day i.e. on 26.02.2020 at 3.30 PM. The details like term and conditions, general instructions for bidder etc. are available in the website www.mayurbhanj.nic.in.

*Sd./- Project Administrator, ITDA, Karanjia*
OIPR-26010/11/0006/1920

**e-Procurement Notice**

**OFFICE OF THE NOTIFIED AREA COUNCIL, GOPALPUR**

**Tender Call Notice No. 236, Dt. 11.02.2020**

**Bid Identification No. 02/2019-20**

Bid documents consisting of work, estimated cost, cost of Tender paper, E.M.D., Time of completion, Class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in.

| | |
|---|---|
| Total Number of Civil works | 1 No. |
| Estimated Cost | Rs. 87.27 Lakhs |
| Date & time of availability of Bid documents in the portal | 6.00 PM of dt.12.02.2020 to 6.00 PM of dt.02.03.2020 for online bidding |
| Last date of receive of Bid through Online | 6.00 PM of dt.02.03.2020 |
| Date of opening of Bid | 11.00 AM on Dt.03.03.2020 |

*Sd./- Executive Officer, N.A.C., Gopalpur*

**ODISHA STATE BEVERAGES CORPORATION LIMITED**

(A GOVERNMENT OF ODISHA UNDERTAKING)
BHUBANESWAR-751023 (ODISHA)
CIN: U51228OR2000SGC006372
Tel: 0674-2303972(O), Email:- osbcltd@gmail.com

Ref. 2854/OSBC/484 Date: 12.02.2020

**NOTICE INVITING TENDER**

**No. CAD-955:-** Sealed tenders in the prescribed format are invited by the Odisha State Beverages Corporation Ltd., Bhubaneswar from the intending registered Manpower Service Providers for providing manpower for Security related works for deployment in Head Office and different depots of OSBC located in various places throughout the State.

Tender documents can be downloaded from the website of OSBC Ltd. w.e.f. 13.02.2020 and the same may be submitted by 1.00 PM of dt.03.03.2020 along with the cost of tender paper i.e. Rs. 5,000 + GST @18% (CGST 9% + SGST 9%) and EMD amounting to Rs.2.00 lakhs (Rupees Two lakhs only) in shape of Demand Draft drawn in favour of Odisha State Beverages Corporation Ltd. payable at Bhubaneswar.

Details of tender may please be seen in the Official Website of the Corporation i.e **http://osbc.co.in**

*Sd./- General Manager (Admn.)*
OIPR-36003/11/0005/1920

No. CAD-958:-

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No. BBSR/Elect/E-3577/14-15/541, Dt.07.02.2020

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :** Supply, delivery and commissioning of 125 KVA/100 KW, 415V 50Hz Radiator Cooled silent DG Sets with foundation at 300 Seated Girls hostel of VSSUT, Burla.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect) IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT/ e-31/19-20 | 17.02.2020 at 12.00 Hrs | 27.02.2020 at 17.00 Hrs. |

Further details can be seen from the e-Procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

*Sd./- Divisional Head (Elect.)*
*IDCO, Bhubaneswar*
OIPR-14003/11/0065/1920

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking) CAD-956

No.106 Date:11.02.2020
File Estt-....................

**APPLICATIONS FOR CONTRACTUAL ENGAGEMENT THROUGH WALK-IN INTERVIEW**

1. Applications are invited from the eligible candidates for engagement of **one Amin** in **Odisha Bridge &Construction Corporation Limited** on contractual basis for a period of 02 years through walk-in interview scheduled to be held on 25.02.2020.

| Sl. No. | Designation | Basic Requirements | No. of Post |
|---|---|---|---|
| 1 | Amin | Minimum 05 years of experience in the required field | 1 |

2. The eligible candidates may attend the walk-in interview to be held in the office of the undersigned on 25.02.2020 at 11.00 am along with the copies of their qualification and experience.
3. The selected personnel shall be given consolidated remuneration on negotiation basis.

Sd/-
Sr. Project Manager
Puri Project Division-I
OIPR- 34106/11/0041/1920

**BRAHMAPUR DEVELOPMENT AUTHORITY**

BeDA
COURTPETA: BRAHMAPUR-760004
No. 346/BDA., Brahmapur, dt.11.02.2020

**ADVERTISEMENT**

**ALLOTMENT OF SHOP ROOMS ON LONG TERM LEASE-CUM-SALE AT GANJAM HAAT, COMMERCIAL CENTER, CORPORATION ROAD, BRAHMAPUR**

**No. CAD-954:-** The Brahmapur Development Authority proposes to construct three storied commercial complex over an area of Ac. 1.500 and consisting of 117 shop rooms. The Authority intends to sell shop rooms of the above floors (on long term lease-cum-sale basis) through auction. Shop rooms from 01 to 39 are on ground floor and shop room no. 40 to 78 are of 1st floor and shop room no. 79 to 117 at 2nd floor of three storied Commercial Complex at Ganjam Haat, Corporation Road, Brahmapur.

The upset price of each shop room can be downloaded from BeDA website i.e **www.bdabrahmapur.in**.

Sealed offers are therefore invited from the interested persons who are required to apply by quoting their bid price in the prescribed application form clearly mentioning bid for shop no.................. of (Ganjam Haat, Commercial Center). EMD of Rs. @10% of the quoted amount / bidding price per shop room in shape of Bank Draft drawn in favour of Secretary, Be.D.A., Brahmapur to be submitted along with application form. Applications should reach to the Secretary, Be.D.A., Brahmapur by 17th March, 2020 at 4.00 PM and shall be opened on 18th March, 2020 at 11.00 AM (through registered post). The allotment of shop room shall be made in favour of the highest bidder among the participants in room wise. The details of the application etc. can be obtained from BeDA office from 18.02.2020 (Tuesday) on payment of Rs.1000/- only at Bank or it can be downloaded from the BeDA website i.e www.bdabrahmapur.in. The Authority reserves the right to accept/reject the offers without assigning any reason thereof. Application downloaded from BeDA Website should give additional D.D of Rs.1000/- as application fee. Those taking application from BeDA office or Bank will need to attach copy of the money receipt.

**Note:** 1) The application form (Annexure-I) is available in Brochure.
2) If 10% of bid cost is not given along with the application, the same will not be considered and rejected summarily.
3) The details of terms and conditions (Annexure-II) floor plan, shop room (numbered) layout with dimensions and city location map is available in Brochure.
4) Quotes below upset price given in Annexure-III (in Brochure) will be rejected.
5) On the seal cover floor no. and the shop room no. should be clearly mentioned, otherwise the bid will not be opened.

*Sd./- Secretary, Be.D.A., Brahmapur*
OIPR-13086/11/0015/1920

# ୟୁଟ୍ୟୁବ୍ ମ୍ୟୁଜିକ୍‌କୁ ଖୋଲା କାନ୍‌ଭାସ୍ ଦେଇଛି



ସ୍ମିତା ରାଓ ବେଲୁର। ଜଣେ ହିନ୍ଦୁସ୍ଥାନୀ କ୍ଲାସିକାଲ ତଥା ସୁଫି ଗାୟିକା ଭାବେ ସେ ଦେଶ ବିଦେଶରେ ପରିଚିତ। ତାଙ୍କ ସୁମଧୁର କଣ୍ଠ ଶ୍ରୋତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଜୟପୁର କିରନ ଘରାନାରୁ ଆସିଥିବା ସ୍ମିତା ଦୂରଦର୍ଶନ, ଅଲ୍ ଇଣ୍ଡିଆ ରେଡିଓର ନିୟମିତ ଗାୟିକା। ଇଞ୍ଜିନିୟର ସ୍ମିତାଙ୍କ ନିଶା ଥିଲା ସଙ୍ଗୀତ। ପରେ ସେ ଚାକିରି ଛାଡ଼ି ନିଶାକୁ ପେସା କରିନେଇଛନ୍ତି। ଭୁବନେଶ୍ୱରକୁ ଏକ କନସର୍ଟରେ ସଙ୍ଗୀତ ପରିବେଷଣ କରିବାକୁ ଆସିଥିବା ବେଳେ ସ୍ମିତାଙ୍କ ସହିତ ଆଳାପର କିୟଦଂଶ।

**ହିନ୍ଦୁସ୍ତାନୀ କ୍ଲାସିକାଲ ମ୍ୟୁଜିକ୍‌କୁ କିପରି ଆସିଥିଲେ?**

● ଛୋଟ ବେଳେ ରେଡିଓ ସଙ୍ଗୀତ ଅନୁକରଣ କରିବାର ଦକ୍ଷତା ମୋ ପାଖରେ ରହିଛି ବୋଲି ବାପା ଜାଣିଯାଇଥିଲେ। ପରେ ସେ ମୋତେ ଗୀତ ଶିଖିବାକୁ ଛାଡ଼ିଥିଲେ। ପ୍ରଥମ ଶ୍ରେଣୀରେ ପଢ଼ିବା ସମୟରେ ମୁଁ ବହୁ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲି। ୯ବର୍ଷ ବୟସରେ ମୁଁ କର୍ନାଟକୀ ମ୍ୟୁଜିକ୍ ଶିଖିଲି। ଏହାପରେ ୧୨ବର୍ଷ ବୟସରେ ଗୁରୁ ସ୍ୱର୍ଗତ ପି. ଆର୍ ଭଗଓ୍ୱତଙ୍କଠାରୁ ହିନ୍ଦସ୍ଥାନୀ କ୍ଲାସିକାଲ ଭୋକାଲ ଖୟାଲ ମ୍ୟୁଜିକ୍ ଶିକ୍ଷା ଗ୍ରହଣ କରିଥିଲି।

**'ସୁଫି' କାହିଁକି ବାଛିଲେ?**

● ମୁଁ କ୍ଲାସିକାଲ ମ୍ୟୁଜିକ୍ ଶିଖୁଥିଲି। ଗୀତ ଶୁଣିବା ମୋର ହବି ଥିଲା। ସେହି ସମୟରେ ଅଜିଜ୍ ଅହମ୍ମଦ ଓ୍ୱାର୍ସିଙ୍କ ଏକ ସୁନ୍ଦର କବାଲି ଗୀତ ପ୍ରାୟ ୨୦ମିନିଟ୍ ଶୁଣିବା ପରେ ମୁଁ ସ୍ତବ୍ଧ ହୋଇଯାଇଥିଲି। ଏହାପରେ 'ସୁଫି' ପ୍ରତି ମୋର ଦୁର୍ବଳତା ବଢ଼ିଗଲା। ଏହାଛଡ଼ା ମୁଁ ଭାବେ 'ସୁଫି'ର ସମାଜରୁ ଧାର୍ମିକ ବିଭାଜନ ଦୂର କରି ଏକତା ଆଣିବା ଓ ଆରୋଗ୍ୟଲାଭ କରିବାର କ୍ଷମତା ରହିଛି।



ସ୍ମିତା ରାଓ ବେଲୁର

**ଆପଣଙ୍କ ରୋଲ୍ ମଡେଲ କିଏ?**

● କିଶୋରୀ ଆମୋନ୍‌କରଙ୍କ ରାଗ ଭୂପାଲି ମୋର ଅତି ପ୍ରିୟ। ଦୀର୍ଘ ବର୍ଷ ଧରି ମୁଁ ମେହଦୀ ହାସନ, ଗୁଲାମ ଅଲ୍ଲୀ, ହରିହରନଙ୍କର କ୍ଲାସିକାଲ ଓ ସେମିକ୍ଲାସିକାଲ ଗଜଲ ଶୁଣିଛି। ବର୍ତ୍ତମାନର ଗୁରୁ ଡ. ଅଲ୍‌କା ଦେଓଙ୍କଠାରୁ ମୁଁ ପ୍ରେରଣା ପାଇଛି। ଏହାବ୍ୟତୀତ ଅଜିଜ୍ ଅହମ୍ମଦ ଓ୍ୱାର୍ସି, ଅବିଦା ପର୍‌ଓ୍ୱିନ, ବେଗମ ଅଖତାର, ନୁସ୍ରତ ଫତେହ ଅଲି, ଭୀମସେନ ଯୋଶୀ, ମଲ୍ଲିକାର୍ଜୁନ୍ ମାନ୍‌ସୁର୍ ମୋର ଅନୁପ୍ରେରକ।

**ଆଇଟି ଜବ୍ ଛାଡ଼ି ସଙ୍ଗୀତକୁ କିପରି ପେସା କରିଥିଲେ?**

● ଯଦିଓ ମୁଁ ମେଡିକାଲ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ଡିଷ୍ଟିଙ୍କଶନ୍ ସହ ଡିଗ୍ରୀ ହାସଲ କରିଥିଲି ଓ ଗୋଟେ ଭଲ ଆଇଟି ସେକ୍ଟରରେ କାମ କରୁଥିଲି। କିନ୍ତୁ ଗୀତ ପ୍ରତି ମୋର ଦୁର୍ବଳତା ଥିଲା। ଚାକିରିକୁ କେବଳ ରୋଜଗାର କରିବାର ଏକ ବାଟ ବୋଲି ଭାବୁଥିଲି। ଏହି ସମୟରେ ମୋର ପ୍ରଥମ ଗୁରୁ ମୋତେ କହିଥିଲେ, 'ପ୍ରତିବର୍ଷ ହଜାର ହଜାର ଇଞ୍ଜିନିୟରିଂ ଗ୍ରାଜୁଏଟ୍‌ଙ୍କ ମଧ୍ୟରୁ ଜଣେ ହେବାକୁ ଚାହୁଁଛ ନା ସଙ୍ଗୀତ କ୍ଷେତ୍ରରେ ଲକ୍ଷାଧିକଙ୍କ ମଧ୍ୟରେ ଜଣେ ହେବାକୁ ଚାହୁଁଛ'। ଗୁରୁଙ୍କ ଏହି ପ୍ରଶ୍ନ ମୋ ମାନସିକତାରେ ଗଭୀର ପ୍ରଭାବ ପକାଇଥିଲା। ପରେ ଆଇଟି ଜବ୍ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲି। ଯେହେତୁ ମୋ ପରିବାରରେ ଆଗରୁ କେହି ମ୍ୟୁଜିକ୍ ଲାଇନ୍‌ରେ ନ ଥିଲେ, ତେଣୁ ଫୁଲ୍ ଟାଇମ୍ ମ୍ୟୁଜିସିଆନ୍ ହୋଇ କିପରି ରୋଜଗାରକ୍ଷମ ହୋଇପାରିବି ତାହାକୁ ନେଇ ଚିନ୍ତାରେ ପଡିଗଲି। ତେବେ କର୍ପୋରେଟ ହାଉସ୍‌ରୁ ମୋତେ ଅନେକ ଶିକ୍ଷା ମିଳିଥିଲା। ଯାହା ପରବର୍ତ୍ତୀ ସମୟରେ ମୋର ମ୍ୟୁଜିକ୍ କ୍ଷେତ୍ରରେ ସହଯୋଗ କରିଥିଲା।

**ବର୍ତ୍ତମାନର ଯୁବପିଢ଼ି କ୍ଲାସିକାଲ ମ୍ୟୁଜିକ୍ ପ୍ରତି ଆକୃଷ୍ଟ ନ ହେବାର କାରଣ କ'ଣ ?**

● କ୍ଲାସିକାଲ ମ୍ୟୁଜିକ୍ ହେଉଛି ହେଭି ଡୋଜ୍। ଯଦି ଓଡ଼ିଆ ଲୋକଙ୍କୁ ଦକ୍ଷିଣ ଓଡ଼ିଶାର ଖାଦ୍ୟ ଏକା ସାଥିରେ ଦିଆଯିବ ତେବେ ତାଙ୍କର ବଦହଜମୀ ହୋଇଯିବ। ତେଣୁ ପ୍ରଥମ ଦିନରେ ମସଲା ଦୋସା, ଦ୍ୱିତୀୟ ଦିନରେ ସମ୍ବର ଓ ତୃତୀୟ ଦିନରେ ତାକୁ ପୂରା ମିଲ୍ ଦେଲେ ସେ ଖାଇବାକୁ ପସନ୍ଦ କରିବ। କାରଣ ସେ ଦକ୍ଷିଣ ଭାରତର ଖାଦ୍ୟର ସ୍ୱାଦକୁ ଜାଣିସାରିଥିବେ। ଠିକ୍ ସେମିତିକା ସ୍ୱାଦ ହେଉଛି କ୍ଲାସିକାଲ ମ୍ୟୁଜିକ୍‌ର। ଯଦି ପ୍ରଥମେ ଜଣଙ୍କୁ ସୁଫି ଗୀତ, ଦ୍ୱିତୀୟ ଦିନରେ ଗଜଲ ଓ ତୃତୀୟ ଦିନରେ ଛୋଟା ଖୟାଲ ଶୁଣାଯାଏ, ତେବେ ଗୋଟେ ମାସ ଭିତରେ ସେ ଏକ କ୍ଲାସିକାଲ କନସର୍ଟ ଶୁଣିବାକୁ ପ୍ରସ୍ତୁତ ହୋଇଯିବେ। କ୍ଲାସିକାଲ ମ୍ୟୁଜିକ୍ ଅଳ୍ପ ଅଳ୍ପ (ସ୍ମଲ ଡୋଜ୍)ରେ ଦେଲେ ପସନ୍ଦ ଆସିବ ଏବଂ ଜଣେ ଶିଖିବାକୁ ଆଗ୍ରହ ପ୍ରକାଶ କରିବ।

**ଆମ ଟ୍ରାଡିଶନାଲ ଆର୍ଟ ଫର୍ମକୁ ପୁନର୍ଜୀବିତ କରିବା ପାଇଁ କ'ଣ କରାଯାଇପାରିବ?**

● ଏବେ ଆମେ ୟୁଟ୍ୟୁବ୍ ଜରିଆରେ ଗୋଟେ ଦେଶରୁ ଅନ୍ୟ ଦେଶର ଲୋକଙ୍କୁ ଗୀତ ଶୁଣାଇପାରୁଛେ। ଇଣ୍ଟରନେଟ୍ ଓ ୟୁଟ୍ୟୁବ୍ ଆମ ମ୍ୟୁଜିକ୍‌କୁ ଏକ ଖୋଲା କାନ୍‌ଭାସ୍ ଦେଇଛି। ଯାହା ଦ୍ୱାରା ସାରା ଦୁନିଆ ଆମ ଗୀତ ଶୁଣିପାରୁଛି। ସେଥିପାଇଁ ମୁଁ ଭାବୁଛି ଏହା ଆମର ଗୋଲ୍‌ଡେନ୍ ଏଜ୍।

**ଓଡ଼ିଶା ସମ୍ପର୍କରେ କ'ଣ କହିବେ?**

● ଓଡ଼ିଶା ପ୍ରଥମ ଥର ପାଇଁ ଆସିଛି। ଓଡ଼ିଶାର ଇକ୍କତ ଶାଢ଼ି ମୋର ବହୁତ ପସନ୍ଦ। ମୋତେ ଓଡ଼ିଶୀ ଡ୍ୟାନ୍ସ ମଧ୍ୟ ଭଲ ଲାଗେ।

**ଓଡ଼ିଶୀ ମ୍ୟୁଜିକ୍ ବିଷୟରେ କିଛି ଧାରଣା ଅଛି କି?**

● ନାଁ। ଓଡ଼ିଶୀ ମ୍ୟୁଜିକ୍ ବିଷୟରେ ମୋର ବେଶି ଧାରଣା ନାହିଁ। ଯେତିକି ଯାହା ବି ଜାଣିଛି ତାହା ଓଡ଼ିଶୀ ଡ୍ୟାନ୍ସ ଜରିଆରେ।

**ଓଡ଼ିଶୀ ମ୍ୟୁଜିକ୍ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ପାଇବା ପାଇଁ ଯୋଗ୍ୟ ବୋଲି ଭାବୁଛନ୍ତି କି?**

● ମୁଁ ଶୁଣିବାକୁ ପାଇଛି ଯେ, ଓଡ଼ିଶୀ ମ୍ୟୁଜିକ୍ ହେଉଛି ହିନ୍ଦୁସ୍ଥାନୀ ଓ କର୍ନାଟକୀର ମିଶ୍ରଣ। ନୂଆ ନୂଆ ମ୍ୟୁଜିକ୍ ଆସୁଛି ତାକୁ ଯଦି ଶାସ୍ତ୍ରୀୟ ମାନ୍ୟତା ମିଳିପାରୁଛି ତେବେ ଓଡ଼ିଶୀ ମ୍ୟୁଜିକ୍‌କୁ କାହିଁକି ନୁହେଁ। ଓଡ଼ିଶୀ ମ୍ୟୁଜିକ୍ କୌଣସି ବାହାର ଦେଶରୁ ଆସିନାହିଁ। ଏହା ଆମ ଦେଶର ସଙ୍ଗୀତ। ବେଦବେଦାନ୍ତ କାଳରୁ ଏହା ଚାଲିଆସିଛି। ଏହାକୁ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ମିଳିବା ଆବଶ୍ୟକ।

**ବହୁ କନସର୍ଟରେ ପର୍‌ଫର୍ମ କରିଛନ୍ତି। ସେଥିରୁ କେଉଁଟି ସ୍ମରଣୀୟ?**

● ଯେଉଁଠି ଶ୍ରୋତା ମୋ ସଙ୍ଗୀତକୁ ହୃଦୟରୁ ଅନୁଭବ କରିପାରୁଥିବେ, ସେହି ସମୟ ମୋ ପାଇଁ ସ୍ମରଣୀୟ। ଏହିଭଳି ଅନେକ କନସର୍ଟରେ ହୋଇଛି। ତେଣୁ ଏମିତି କୌଣସି ନିର୍ଦ୍ଦିଷ୍ଟ କନସର୍ଟକୁ ମୋର ସ୍ମରଣୀୟ ବୋଲି କହିପାରିବିନି। ତେବେ ସବୁ କନସର୍ଟରେ ନୂଆ ଅଭିଜ୍ଞତା ମିଳେ।

**କ୍ଲାସିକାଲ ମ୍ୟୁଜିକ୍‌କୁ ନେଇ ଭବିଷ୍ୟତର ଯୋଜନା କ'ଣ?**

● କ୍ଲାସିକାଲ ମ୍ୟୁଜିକ୍ ଲୋକେ ଶୁଣିବା ଦରକାର। ମୁଁ ଚାହିଁବି କି ମୋର କନସର୍ଟରେ ନୂଆ ଶ୍ରୋତା କ୍ଲାସିକାଲ ମ୍ୟୁଜିକ୍ ଶୁଣନ୍ତୁ। ମୁଁ ତାଙ୍କୁ ସ୍ମଲ ଡୋଜ୍‌ରେ ଶୁଣାଇବାକୁ ଚେଷ୍ଟା କରିବି। ଯାହା ଫଳରେ ଲୋକଙ୍କର କ୍ଲାସିକାଲ ମ୍ୟୁଜିକ୍ ପ୍ରତି ରୁଚି ରହିପାରିବ।

ଆଳାପ–ଅସମାପିକା ସାହୁ

## ଖାଦ୍ୟରୁଚି

# ପନିର୍ ଡ୍ରାଗନ୍



ସମ୍ପ୍ରତି ସମ୍ବଲପୁର ସହରରେ ନୂଆ ରେଷ୍ଟୁରାଣ୍ଟ ଖୋଲିବାରେ ଲାଗିଛି । ଯୁବପିଢ଼ିଙ୍କୁ ଆକୃଷ୍ଟ କଲାଭଳି ଖାଦ୍ୟ ମଧ୍ୟ ପ୍ରସ୍ତୁତ ହେଉଛି। ସହରର ବହୁ ପୁରୁଣା ରେଷ୍ଟୁରାଣ୍ଟଗୁଡିକ ମଧ ଖାଦ୍ୟ ରୁଚିରେ ପରିବର୍ତ୍ତନ କରୁଛନ୍ତି । ଏହି କ୍ରମରେ ସମ୍ବଲପୁର ବୀରସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ପୁରୁଣା ହୋଟେଲ ତ୍ରିବେଣୀର ଇ-ସ୍କ୍ୟୁର୍ ରେଷ୍ଟୁରାଣ୍ଟ-୨୦୨୦ ବର୍ଷରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଡିସ୍ ପନିର ଡ୍ରାଗନ୍ ପ୍ରସ୍ତୁତ କରିଛନ୍ତି । ରେଷ୍ଟୁରାଣ୍ଟ କ୍ୟାପ୍‌ଟେନ ବିଶ୍ୱଜିତ୍ ଜେନା ଓ ସହକାରୀ ସେଫ୍ ଅଶୋକ ଦେହୁରୀଙ୍କ ସହ ନୂତନ ଖାଦ୍ୟରୁଚି ବିଷୟରେ ଆଲୋଚନା କରାଯାଇଥିଲା । ଇ-ସ୍କ୍ୟୁର ରେଷ୍ଟୁରାଣ୍ଟରେ ମୁଖ୍ୟତଃ ଭେଜ ଜୟପୁରୀ, ଚିକେନ ମୁର୍ଗ ମସଲମ୍, ଚିକେନ ଲଲିପପ୍, ମୁର୍ଗଲାଇ ପରଟା, ଅଣ୍ଡା ପରଟା, ଲେମନ୍ ରାଇସ, ପନିର ପାପିଡି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥାଏ । କିନ୍ତୁ ପନିର ଡ୍ରାଗନ୍ କମ୍ ଦିନରେ ଗ୍ରାହକଙ୍କ ମନ ଜିଣିଛି । ଗୋଟିଏ ପ୍ଲେଟକୁ ୧୫୦ ଟଙ୍କା ମୂଲ୍ୟ ରହିଛି । ମେନ୍ କୋର୍ସରେ ୨ଜଣ ଏହାକୁ ଖାଇ ପାରିବେ ବୋଲି ସହକାରୀ ସେଫ୍ ଅଶୋକ ଦେହୁରୀ କହିଛନ୍ତି ।

### ଆବଶ୍ୟକ ସାମଗ୍ରୀ

- ପନିର– ୧୦୦ ଗ୍ରାମ
- କ୍ୟାପ୍‌ସିକମ– ୨୫ ଗ୍ରାମ
- ପିଆଜ– ୨୫ ଗ୍ରାମ
- ପିଆଜ ଷଣ୍ଢା– ୩୦ ଗ୍ରାମ
- ଶୁଖିଲା ଲଙ୍କା– ୨୦ ଗ୍ରାମ
- ରସୁଣ– ୨୫ ଗ୍ରାମ
- କାଜୁ– ୩୦ ଗ୍ରାମ
- କନ୍ ଫ୍ଲାଓ୍ୱାର– ୨୫ ଗ୍ରାମ
- ମଇଦା– ୨୫ ଗ୍ରାମ
- ଲୁଣ ଓ ଚାଇନିଜ ଲୁଣ– ସ୍ୱାଦ ଅନୁସାରେ
- ଗୋଲ ମରିଚ– ୧୦ ଗ୍ରାମ
- ତେଲ– ୫୦ ଗ୍ରାମ
- ଟମାଟେ ସସ୍– ୧୦ ଗ୍ରାମ
- ଚିଲି ସସ୍– ୧୦ ଗ୍ରାମ

### ପ୍ରସ୍ତୁତି ପ୍ରଣାଳୀ

ପନିରକୁ ଫିଙ୍ଗର ସାଇଜରେ କଟାଯାଇ ସ୍ୱଚ୍ଛ ପାତ୍ରରେ ରଖାଯାଏ। ଏଥିସହ ପିଆଜ ,କ୍ୟାପ୍‌ସିକମ୍‌କୁ ମଧ ଲମ୍ବା ଓ ଚଉଡା ଭାବେ କଟାଯାଏ। ରସୁଣକୁ ମଧ କିମା କରି ପ୍ଲେଟରେ ରଖାଯାଏ । ଏହାପରେ ପନିର, କନଫ୍ଲାଓ୍ୱାର, ମଇଦା, ଲୁଣ, ରେଡ୍‌ଚିଲି ସସ୍‌କୁ ମେରିନେଟ କରାଯାଏ। ତେଲ କଡ଼େଇ ଗରମ ହେବାପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ପନିର ପକାଯାଇଥାଏ। ପନିର କ୍ରିସ୍‌ପି ହେବାପରେ କଡ଼େଇରୁ ଆଣି ପ୍ଲେଟ୍‌ରେ ରଖାଯାଇଥାଏ। ଏହାପରେ ଫ୍ଲାଇପେନ୍‌ରେ ୨ ଟେବୁଲ ଚାମଚ ତେଲ ଗରମ କରାଯାଏ। ତେଲ ଗରମ ହେବାପରେ ପୂର୍ବରୁ କଟା ହୋଇଥିବା ପିଆଜ, କ୍ୟାପ୍‌ସିକମ୍, କାଜୁ, ରସୁଣ କିମା, ଶୁଖିଲା ଲଙ୍କା ପକାଯାଇ ବ୍ରାଉନ୍ ରଙ୍ଗ ହେବା ପର୍ଯ୍ୟନ୍ତ ଭଜା ଯାଇଥାଏ । ଏହାପରେ ଟମାଟୋ ସସ୍, ରେଡ ଚିଲି ସସ୍, ଚାଇନିଜ ଲୁଣ ସହ ଅଳ୍ପ ପାଣି ଦିଆଯାଇଥାଏ। ମସଲା ପ୍ରସ୍ତୁତ ହେବାପରେ ପନିର, ପିଆଜ ଷଣ୍ଢା ଓ ଗୋଲମରିଚ ଗୁଣ୍ଡ ପକାଯାଇଥାଏ। ଏହାପରେ ୫ ମିନିଟ ସମୟ ଗଲାପରେ ପନିର ଡ୍ରାଗନ ପ୍ରସ୍ତୁତ ହୋଇଥାଏ । ପନିର ଡ୍ରାଗନ ଡାଇସିଂ କରାଯାଇ ଗ୍ରାହକମାନଙ୍କୁ ପରଷା ଯାଇଥାଏ ।



ସହକାରୀ ସେଫ୍ ଅଶୋକ ଦେହୁରୀ

ରିପୋର୍ଟ : ବି. ଶଙ୍କର

## ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ

smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ଓ୍ୱେବ୍‌ସାଇଟ୍
www.dharitri.com/category/selfie



ଆକାଶ



ରଶ୍ମିକାନ୍ତ



ଆଶପଙ୍ଗ



ଗଙ୍ଗାଧର



ଦଶରଥ

## ମୋ ଅନୁଭୂତି

# ଶବ୍ଦରେ ଛନ୍ଦି ହେବାକୁ ଦିଅନ୍ତିନି ଖୋକାଭାଇ

ଓଡ଼ିଆ ଭଜନ ହେଉ କି ଆଧୁନିକ ସଙ୍ଗୀତ, ନିଜର ଯାଦୁକରି କଣ୍ଠ ସାହାଯ୍ୟରେ ଯିଏ ଅଗଣିତ ଓଡ଼ିଆ ସଙ୍ଗୀତପ୍ରେମୀଙ୍କ ମନରେ ଜାଗା ସୃଷ୍ଟି କରି ପାରିଛନ୍ତି ସିଏ ହେଲେ ଖ୍ୟାତନାମା କଣ୍ଠଶିଳ୍ପୀ ତୃପ୍ତି ଦାସ। ତୃପ୍ତିଙ୍କ ଅନୁଭୂତିରୁ କିଛି..

ପ୍ରତ୍ୟେକ କଳାକାର ଜୀବନରେ ଅନେକ ସ୍ମୃତି ସାଉଁଟିଥାଆନ୍ତି। ଭଲ ହେଉ କି ମନ୍ଦ, କଳାକାର ସ୍ମୃତିକୁ ସଜେଇ ରଖିବା କିଛି ବଡ଼କଥା ନୁହେଁ। ସଙ୍ଗୀତ କ୍ଷେତ୍ରରେ ମୁଁ ବହୁ ବଡବଡ ସଙ୍ଗୀତ ସାଧକଙ୍କ ସହିତ କାମ କରିଛି। ଅକ୍ଷୟ ମହାନ୍ତି ତଥା ଖୋକାଭାଇଙ୍କ ସହ କାମ କରିବା ସମୟରେ ଅନେକ କଥା ଶିଖିବାକୁ ମିଳିଛି। ଖୋକାଭାଇ ସ୍ୱତନ୍ତ୍ର। ଗୀତ କିପରି ଶ୍ରୋତାଙ୍କୁ ଭଲ ଲାଗିବ ସେ ପ୍ରଥମେ ଜାଣିପାରନ୍ତି। ଥରେ ଏକ ଷ୍ଟୁଡିଓରେ ଗୀତ ରେକର୍ଡିଂ ପାଇଁ ଯାଇଥାଏ। ଗୀତଟିର ଶୀର୍ଷକ କ'ଣ ଥିଲା ମନେପଡୁନି। ସେହି ଗୀତ ରେକର୍ଡିଂ ସମୟର ଅନୁଭୂତି। ଗୀତ ଗାଇବା ବେଳେ ଏହାର ଗୋଟିଏ ଶବ୍ଦ ମୁଁ ଆଦୌ ଭଲଭାବେ ଉଚ୍ଚାରଣ କରି ପାରୁ ନ ଥିଲି। ବାରମ୍ବାର ଭୁଲ ହେଲା। ଗୀତ ଭଲରେ ଗାଇଲେ ମଧ ସେହି ଶବ୍ଦ ପାଖରେ ମୁଁ ଅଟକି ଯାଉଥାଏ। ହଠାତ୍ ଖୋକାଭାଇ ମୋ ଉପରେ ରାଗିଗଲେ। କିଛି ସମୟ ପାଇଁ ମୋତେ ଗାଳି ଦେଇଥିଲେ। ଡରରେ ତାଙ୍କୁ ଚାହିଁବାକୁ ମୋର ସାହସ ହେଉ ନ ଥାଏ। ମୁଁ ସେହି ଶବ୍ଦଟିକୁ ସହଜରେ ଉଚ୍ଚାରଣ କରିପାରିବି ନାହିଁ ବୋଲି ସେ ଜାଣି ସାରିଥିଲେ। ଏଣୁ ଖୋକାଭାଇ ଶବ୍ଦକୁ ବଦଳାଇ ଦେଇଥିଲେ। ସେ ଏମିତି ଏକ ଶବ୍ଦ ଲେଖିଥିଲେ ଯାହା ମୁଁ ସହଜରେ ଗାଇ ପାରିଥିଲି। ଥରେ ନୁହେଁ, ବହୁବାର ଏମିତି ହୋଇଛି। ମୁଁ ଅନେକ ଶବ୍ଦରେ ଛନ୍ଦି ହୋଇଛି ଆଉ ସେ ମୋ ସୁବିଧା ପାଇଁ ଗୀତରେ ଶବ୍ଦ ବଦଳାଇ ଦେଇଛନ୍ତି। ଖୋକାଭାଇଙ୍କ ସହ କାମ କରିବାର ଅନୁଭୂତି ସତରେ ଅଭୁଲା।

–କୁମାରଶ୍ରୀ ସାହୁ



ତୃପ୍ତି ଦାସ

Dollar 71.34 (6) | Sensex 349.76 41,565.90 | Nifty 93.30 12,201.20 | Gold `128 41,148.00 | Silver `700 46,360.00



ସାଧାରଣ ଫାଇନାନ୍ସିଆଲ ସିଷ୍ଟମକୁ ଆସି ନ ଥିବା ଲୋକମାନଙ୍କୁ ବ୍ୟାଙ୍କଗୁଡିକ ନିଜ ସହ ସାମିଲ କରିବାର ଆବଶ୍ୟକତା ରହିଛି।

– ରାମନାଥ କୋବିନ୍ଦ, ରାଷ୍ଟ୍ରପତି



ଖଦି ଏବଂ ଗ୍ରାମୋଦ୍ୟୋଗ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି।

– ନୀତିନ ଗଡକରି, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ

# ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ନୂଆ ଶୋ'ରୁମ୍



ଭୁବନେଶ୍ୱର,୧୨-୨

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ତେଲେଙ୍ଗାପେଣ୍ଠଠାରେ ନୂଆ କ୍ଷୁଦ୍ର ବାଣିଜ୍ୟିକ ଯାନ ଶୋ'ରୁମ ଶୁଭାରମ୍ଭ ହୋଇଛି। ଓରିକନ ଡିଲରଶିପ ଆନୁକୂଲ୍ୟରେ ନୂଆ ଆଉଟଲେଟକୁ କମ୍ପାନୀର ଜାତୀୟ ମାର୍କେଟିଂ ମୁଖ୍ୟ ହିମାଂଶୁ ଅଗ୍ରୱାଲ, ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ସଞ୍ଜୟ ଶର୍ମା, ସିବିଏମ୍ ଦୀପକ ଓକତେ, ଏରିଆ ମ୍ୟାନେଜର ବିଶ୍ୱଜିତ ସିଂ, ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଏହି ଅବସରରେ ଉପସ୍ଥିତ ଥିଲେ। ୨୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଥିବା ଏହି ଶୋ'ରୁମ ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବ। ଓଡିଶା କମ୍ପାନୀ ଲାଗି ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିବାରୁ ଏଠାରେ ଦ୍ୱିତୀୟ ଶୋ'ରୁମ ଖୋଲାଯାଇଥିବା ଅଗ୍ରୱାଲ କହିଛନ୍ତି। ନୂଆ ପଦକ୍ଷେପ ଦ୍ୱାରା ଓଡିଶାରେ ଉନ୍ନତ ବ୍ୟବସାୟ କରିବା ନେଇ ଯୋଜନା ରଖାଯାଇଛି। ଏହି ଶୋ'ରୁମରେ ୩ ଚକିଆ ଆଲ୍‌ଫା ମଡେଲ, ୪ ଚକିଆ ସୁପ୍ରୋ ଏବଂ ଜେଟୋ ଉପଲବ୍ଧ ହେବ। ସୁପ୍ରୋ ମିନିଟ୍ରକ ଏବଂ ମାକ୍ସି ଟ୍ରକ ଭାରିଆଣ୍ଟରେ ଆସୁଛି। ଏହା ବାଦ ଆଲ୍‌ଫା , ଆଲ୍‌ଫା ଡିଏକ୍ସ, ଆଲ୍‌ଫା ମିନି ଭଳି ଭାରିଆଣ୍ଟରେ ଆସିଛି। ଯାନଗୁଡିକର ପରିବହନ କ୍ଷମତା ୧୦୦୦ କିଲୋ ରହିଛି। ଯାନଗୁଡିକର ମୂଲ୍ୟ ୨.୪୬ ଲକ୍ଷ ଟଙ୍କାରୁ ୫.୫୬ ଲକ୍ଷ ଟଙ୍କା ରହିଛି।

# ଖୁଚୁରା ମୁଦ୍ରାସ୍ଫୀତି ୭.୫୯% ସ୍ତରକୁ ବୃଦ୍ଧି

ନୂଆଦିଲ୍ଲୀ,୧୨-୨

ଜାନୁୟାରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୭.୫୯% ସ୍ତରକୁ ବୃଦ୍ଧି ଘଟିଛି। ଖାଦ୍ୟ ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବୁଧବାର ସରକାର ଜାରି କରିଥିବା ଡାଟାରୁ ଜଣାପଡିଛି। ଖାଉଟି ମୂଲ୍ୟ ସୂଚୀ( ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୨୦୧୯ ଡିସେମ୍ବରରେ ୭.୩୫% ସ୍ତରରେ ରହିଥିଲା। ଗତ ବର୍ଷ ଜାନୁୟାରୀରେ ଏହା ୧.୯୭% ଥିଲା। ମୁଦ୍ରାସ୍ଫୀତିକୁ ମଧ୍ୟମ ମିଆଦି ଭିତ୍ତିରେ ୪% ସ୍ତରରେ ରଖିବା ନେଇ ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ହେଲେ ଲଗାତର ଲାଗି ୪ ମାସ ହେବ କେନ୍ଦ୍ରୀୟ ବ୍ୟାଙ୍କ ଆକଳନକୁ ଏହା ଟପିଥିବା ଜଣାପଡିଛି। ଚଳିତ ବର୍ଷ ଜାନୁୟାରୀର ଏହି ମୁଦ୍ରାସ୍ଫୀତି ୬ ବର୍ଷର ସର୍ବୋଚ୍ଚ ସ୍ତର। ଏହା ପୂର୍ବରୁ ୨୦୧୪ ଜୁଲାଇରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତର ୭.୩୯% ସ୍ତରରେ ରହିଥିଲା।

ଗତ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୧୩.୬୩% ସ୍ତର ଛୁଇଁଛି। ଗତ ବର୍ଷ ଜାନୁୟାରୀରେ (-) ୨.୨୪% ସ୍ତରରେ ଥିଲା। ମାତ୍ର ଡିସେମ୍ବରର ୧୪.୧୯% ସ୍ତରଠାରୁ ଏହା ନିମ୍ନରେ ରହିଛି। ଦରଦାମକୁ ନଜରରେ ରଖି ରିଜର୍ଭ ବ୍ୟାଙ୍କ ରେପୋ ରେଟକୁ ଅପରିବର୍ତ୍ତିତ ରଖିଛି। ଏହି ସମୟରେ ରେପୋ ରେଟ୍ ୫.୧୫ ସ୍ତରରେ ରହିଛି। ଏହା ବାଦ ଦେଶର ଅଭିବୃଦ୍ଧି ମନ୍ଥର ସ୍ଥିତିରେ ମଧ୍ୟ ରହିଛି। ଆସନ୍ତା ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମୁଦ୍ରାସ୍ଫୀତି ଆକଳନକୁ ରିଜର୍ଭ ବ୍ୟାଙ୍କ ପରିବର୍ତ୍ତନ କରି ୫ ଏବଂ ୫.୪% ସ୍ତରରେ ରଖିଛି। ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକରେ ରିଜର୍ଭ ବ୍ୟାଙ୍କ ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାର କରିଥାଏ।



## ଔଦ୍ୟୋଗିକ ଉତ୍ପାଦନ ୦.୩% ହ୍ରାସ

ନୂଆଦିଲ୍ଲୀ,୧୨-୨

ଗତ ଡିସେମ୍ବର ମାସରେ ଦେଶର ଔଦ୍ୟୋଗିକ ଉତ୍ପାଦନ ୦.୩% ହ୍ରାସ ଘଟିଛି। ମାନୁଫାକଚରିଂ କ୍ଷେତ୍ରରେ ହ୍ରାସ ଯୋଗୁ ଏହା ହୋଇଥିବା ସରକାରୀ ଡାଟାରୁ ଜଣାପଡିଛି। ୨୦୧୮ ଡିସେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ସୂଚୀ (ଆଇଆଇପି) ୨.୫% ଅଭିବୃଦ୍ଧି ହୋଇଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଡାଟା ମୁତାବକ ମାନୁଫାକଚରିଂ କ୍ଷେତ୍ର ଅଭିବୃଦ୍ଧି ୧.୨% ରହିଛି। ୨୦୧୮ ଡିସେମ୍ବରରେ ଏହାର ୨.୯% ବୃଦ୍ଧି ଘଟିଥିଲା। ଏହି ସମୟରେ ବିଦ୍ୟୁତ ଉତ୍ପାଦନ ୦.୧% ହ୍ରାସ ଘଟିଥିବା ଦେଖାଯାଇଛି। ୨୦୧୮ ଡିସେମ୍ବରରେ ଏଥିରେ ୪.୫% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହାବାଦ ଖଣି କ୍ଷେତ୍ର କାର୍ଯ୍ୟକଳାପ ୫.୪% ବଢିଛି। ଏହା ପୂର୍ବରୁ ୧% ହ୍ରାସ ହୋଇଥିଲା। ଚଳିତ ବର୍ଷ ଏପ୍ରିଲ-ଡିସେମ୍ବର ସମୟରେ ଆଇଆଇପି ଅଭିବୃଦ୍ଧି ୦.୫% ଖସିଛି। ଏହା ୨୦୧୮-୧୯ରେ ୪.୭% ବୃଦ୍ଧି ଘଟିଥିଲା।

# ଅଟଳ ପେନସନ ଯୋଜନା ଦ୍ୱାରା ସର୍ବନିମ୍ନ ଗ୍ୟାରେଣ୍ଟି

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୋର ସ୍ୱଳ୍ପ ଓ ବୟସ ୩୭ ବର୍ଷ। ପିଲାମାନଙ୍କ ପାଇଁ ମାସିକ ସଞ୍ଚୟ କରୁଛି। ମୋର ପେନସନ୍ ପାଇଁ ଅଟଳ ପେନ୍ସନ୍ ସଞ୍ଚୟ କରିବା ପାଇଁ ଭାବୁଛି। ଏହି ସ୍କିମରେ ସଞ୍ଚୟ କରିବା ଠିକ୍ ହେବ କି?**

**-ବିକ୍ରମ ସାହୁ, ବାଲେଶ୍ୱର**

▸ ଅଟଳ ପେନସନ୍ ଯୋଜନା ହେଉଛି ଏକ ପେନସନ୍ ସ୍କିମ୍। ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ଏବଂ ଏହି ସ୍କିମ୍ ଉପଲବ୍ଧ। ଅସଂଗଠିତ କ୍ଷେତ୍ରରେ କାମ କରୁଥିବା କର୍ମଚାରୀ ମାନଙ୍କ ପେନସନ୍‌କୁ ଦୃଷ୍ଟିରେ ରଖାଯାଇ ସ୍କିମ୍ ଆରମ୍ଭ କରାଯାଇଛି। ଏହି ସ୍କିମ୍‌ରେ ସଞ୍ଚୟ କରି ସର୍ବନିମ୍ନ ଗ୍ୟାରେଣ୍ଟି ପେନସନ୍ ପାଇ ପାରିବେ। ଯାହାକି ମାସିକ ୧୦୦୦, କିମ୍ବା ୨୦୦୦ ଟଙ୍କା, ୩୦୦୦ ଟଙ୍କା କିମ୍ବା ୪୦୦୦ ଟଙ୍କା କିମ୍ବା ୫୦୦୦ ଟଙ୍କା ପ୍ରତ୍ୟେକ ମାସରେ ପାଇ ପାରିବେ । ଯାହାକି ୬୦ ବର୍ଷ ପରେ ପାଇବେ। ମାସିକ ପେନସନ୍ କେତେ ଟଙ୍କା ପାଇବେ ଏହା ଆପଣଙ୍କ ମାସିକ ସଞ୍ଚୟ ଉପରେ ନିର୍ଭର କରିଥାଏ।

ଯେକୌଣସି ଭାରତୀୟ ନାଗରିକ ଯାହାଙ୍କ ସଞ୍ଚୟ ୧୮-୪୦ ବର୍ଷ ସେମାନେ ଏହି ସ୍କିମ୍‌ରେ ନିବେଶ ପାଇଁ ଯୋଗ୍ୟ। ଆପଣଙ୍କ ଯେଉଁ ବ୍ୟାଙ୍କରେ ସଞ୍ଚୟ ଜମାଖାତା ଅଛି ସେହି ବ୍ୟାଙ୍କ ଶାଖାରେ ଅଟକ ସେହି ସ୍କିମରେ ନିବେଶ ପାଇଁ ଯୋଗ୍ୟ। ଆପଣଙ୍କ ଯେଉଁ ବ୍ୟାଙ୍କରେ ସଞ୍ଚୟ ଜମାଖାତା ଅଛି ସେହି ବ୍ୟାଙ୍କ ଶାଖାରେ ଅଟଳ ପେନସନ୍ ଯୋଜନା ସ୍କିମରେ ଆକାଉଣ୍ଟ ଖୋଲି ମାସିକ ସଞ୍ଚୟ କରିପାରିବେ।

ଆପଣଙ୍କ ବୟସ ୩୭ ବର୍ଷ ଅନୁଯାୟୀ ଆପଣଙ୍କୁ ୨୩ ବର୍ଷ ସଞ୍ଚୟ କରିବାକୁ ପଡ଼ିବ। ଯଦି ୧୦୦୦ ମାସିକ ପେନସନ୍ ପାଇବା ପାଇଁ ଚାହୁଁଛନ୍ତି ମାସିକ ୨୧୮ଟଙ୍କା ସଞ୍ଚୟ କରିବାକୁ ପଡିବ । ଯଦି ୫୦୦୦ ଟଙ୍କା ପାଇବାକୁ ଚାହୁଁଛନ୍ତି, ତେବେ ମାସିକ ୧୦୮୭ ଟଙ୍କା ୨୩ ବର୍ଷ ସଞ୍ଚୟ କରିପାରିବେ ଓ ୬୦ ବର୍ଷ ବୟସରୁ ପେନସନ ପାଇବେ। ଏହା ଏକ ଭଲ ସ୍କିମ। ଆପଣ ଏଥିରେ ନିବେଶ କରି ନିଜର ଆବସରକାଳୀନ ସଞ୍ଚ ଖର୍ଚ୍ଚ ପାଇଁ ପେନସନ୍ ପାଇ ପାରିବେ।

**ଆମର ଅବସରକାଳୀନ ପାଣ୍ଠି ଗଠନ ପାଇଁ ଏକ ପ୍ଲଟ କିମ୍ବା ଫ୍ଲାଟ କିଣି ପରବର୍ତ୍ତି ସମୟରେ ବିକ୍ରି କରି ମୋର ଅବସରକାଳୀନ ଖର୍ଚ୍ଚ ପାଇଁ ବ୍ୟବହାର କରିବା ଲାଗି ଚିନ୍ତା କରିଛି । ଏପରି କରିବା ଜାଣି ଠିକ୍ ହେବ ?**

**-ପୁଷ୍ପଲତା ସ୍ୱାଇଁ, ପାରାଦୀପ**

▸ ଆପଣ ବର୍ତ୍ତମାନ ଏକ ପ୍ଲଟ କିମ୍ବା ଫ୍ଲାଟ୍ କିଣି ପାରନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଯଦି ପ୍ଲଟ କିମ୍ବା ଫ୍ଲାଟ୍ ବିକ୍ରି କରନ୍ତି ତେବେ ଏହା ଉପରେ କ୍ୟାପିଟାଲ ଗେନ ଟ୍ୟାକ୍ସ ଦେବାକୁ ପଡିବା। ଏହା ଆପଣଙ୍କ ପାଣ୍ଠି ଉପରେ ପ୍ରଭାବ ପକାଇବ। ଅବସରକାଳୀନ ପାଣ୍ଠି ଗଠନ ସଞ୍ଚୟ ଆୟକର ପ୍ରଭାବକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଅନ୍ତୁ।

**ମୋ ପୁଅର ପାଠପଢା ଖର୍ଚ୍ଚ ପାଇଁ ୧୮ ବର୍ଷ ପାଇଁ ମାସିକ ୧୨୦୦ ଟଙ୍କା ଫଣ୍ଡରେ ନିବେଶ କରିବି ୧୮ ବର୍ଷ ପରେ କେତେ ଟଙ୍କାର ପାଣ୍ଠି ତିଆରି କରିପାରିବି ?**

**-ଆରତୀ ସାହୁ, କୋରାପୁଟ**

▸ ଆସନ୍ତା ୧୮ବର୍ଷ ପର୍ଯ୍ୟନ୍ତ ମାସିକ ୧୨୦୦/- ଟଙ୍କା ସଞ୍ଚୟ କରନ୍ତି ଯଦି ୧୨% ବାର୍ଷିକ ସୁଧହାର ବା ଲାଭ ଇକ୍ୟୁଟି ଡାଇଭର୍ସିଫାଏଡ୍ ମ୍ୟୁଚୁଆଲ ଫଣ୍ଡରେ ଧରିନେବା ତେବେ ୯.୧୮ ଲକ୍ଷ ଟଙ୍କା ଏକ ପାଣ୍ଠି ଗଠନ କରିପାରିବେ। ମ୍ୟୁଚୁଆଲ ଫଣ୍ଡ ନିବେଶ ପୂର୍ବରୁ ଦୟାକରି ସମସ୍ତ କ୍ଷତି ଓ ଲାଭ ସହିତ ସମସ୍ତ ରିସ୍କ ବିଷୟରେ ବୁଝି ନିବେଶ ଆରମ୍ଭ କରିବା ଉଚିତ୍।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,**
**ଭୁବନେଶ୍ୱର - ୧୦**

### ଅଟଳ ପେନସନ ଯୋଜନାରେ ମାସିକ ପେନସନ ପାଇବା ପାଇଁ ମାସିକ ସଞ୍ଚୟ

| ସ୍କିମରେ ଯୋଗଦେବା ସମୟର ବୟସ | ସମୁଦାୟ ସଞ୍ଚୟ ବର୍ଷ | ମାସିକ ପେନସନ ପାଇବେ | | | | |
|---|---|---|---|---|---|---|
| | | ୧୦୦୦ | ୨୦୦୦ | ୩୦୦୦ | ୪୦୦୦ | ୫୦୦୦ |
| ୧୮ | ୪୨ | ୪୨ | ୮୪ | ୧୨୬ | ୧୬୮ | ୨୧୦ |
| ୩୦ | ୩୦ | ୧୧୬ | ୨୩୧ | ୩୪୭ | ୪୬୨ | ୫୭୭ |
| ୩୭ | ୨୩ | ୨୧୮ | ୪୩୬ | ୬୫୪ | ୮୭୦ | ୧୦୮୭ |
| ୪୦ | ୨୦ | ୨୯୧ | ୫୮୨ | ୮୩୭ | ୧୧୬୪ | ୧୪୫୪ |

# ୩ ରାଷ୍ଟ୍ରାୟତ୍ତ କମ୍ପାନୀରେ ପୁଞ୍ଜି ଉପଲବ୍ଧ କରାଇବାକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୨-୨:** ରାଷ୍ଟ୍ରାୟତ୍ତ କ୍ଷେତ୍ରର ୩ ସାଧାରଣ ବୀମା କମ୍ପାନୀରେ ପୁଞ୍ଜି ଉପଲବ୍ଧ କରାଇବା ପ୍ରସ୍ତାବକୁ କେନ୍ଦ୍ର କ୍ୟାପନେଟ ପକ୍ଷରୁ ବୁଧବାର ମଞ୍ଜୁରୀ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାପନେଟ କମିଟି ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ଏହି କମ୍ପାନୀଗୁଡିକ ମଧ୍ୟରେ ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ, ନ୍ୟାଶନାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ, ୟୁନାଇଟେଡ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ଏହା ମଧ୍ୟରେ ସାମିଲ ରହିଛି। ଏହା ବ୍ୟତୀତ ଏହି କମ୍ପାନୀଗୁଡିକର ଜଟିଳ ଆର୍ଥିକ ସ୍ଥିତି ଏବଂ ନିୟାମକ ଋଣ ପରିଶୋଧ କ୍ଷମତା ଆବଶ୍ୟକତାର ଉଲ୍ଲଙ୍ଘନକୁ ଦୃଷ୍ଟି ଦେଇ ତୁରନ୍ତ ୨୫୦୦ କୋଟି ଟଙ୍କାର ଅର୍ଥରାଶି ଜାରି କରିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

# ଟ୍ରାଫିକ ନିୟମ ଉଲ୍ଲଂଘନ: ଚାଲାଣ ଦେୟ ଜମା ସମୟ ବଢ଼ିପାରେ

**ନୂଆଦିଲ୍ଲୀ,୧୨-୨:** ସରକାର ମୋଟର ଯାନ ଆଇନରେ ସଂଶୋଧନ ଆଣିବାକୁ ଯୋଜନା ରଖିଛନ୍ତି। ଟ୍ରାଫିକ ଏବଂ ପରିବହନ ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ଚାଲାଣ ଜମା କରିବା ସମୟକୁ ଏଥିରେ ବଢାଯାଇ ୬୦ ଦିନ କରାଯାଇପାରେ ବୋଲି କୁହାଯାଉଛି। ଏହି ସମୟ ସୀମା ମଧ୍ୟରେ ଯାନ ମାଲିକ ଯଦି ଚାଲାଣ ରାଶି ପ୍ରଦାନ ନ କରନ୍ତି ତାଙ୍କ ଲାଇସେନ୍ସ, ଯାନର ପଞ୍ଜୀକରଣ ନବୀକରଣ କରାଯିବ ନାହିଁ। ସଡକ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଚାଲାଣ କଟାଯାଇଥିଲେ ମଧ୍ୟ ଏହି ଅର୍ଥ ଦେବାକୁ ଯାନର ଡ୍ରାଇଭରମାନେ ଅନେକ ସମୟ ଲଗାଉଛନ୍ତି। ଏହାକୁ ବିଚାର କରି ନୂଆ ବ୍ୟବସ୍ଥା ଆଣିବାକୁ ଏବେ ଯୋଜନା କରାଯାଉଛି ବୋଲି ଅଧିକାରୀ କହିଛନ୍ତି। ଯଦି ଜଣେ ବ୍ୟକ୍ତି ଚାଲାଣ ଅର୍ଥ ପ୍ରଦାନ କରିନାହାନ୍ତି ଏବଂ ପୁଣି ଥରେ ନିୟମ ଉଲ୍ଲଙ୍ଘନ କରି ଧରା ପଡିଲେ, ସେ କ୍ଷେତ୍ରରେ ଜରିମାନା ଅର୍ଥ ଅନେକ ମାତ୍ରାରେ ବଢିଯିବ। ଏ କ୍ଷେତ୍ରରେ କମ୍ପାଉଣ୍ଡେବଲ ଚାଲାଣ କଟିବ। ଏହା ଏକ ପ୍ରକାରର ଚାଲାଣ, ଯାହା ବିନା କୌଣସି କୋର୍ଟ ଯାଇ ଟ୍ରାଫିକ୍ ପୋଲିସ ପାଖରେ ମାମଲାର ଯୋଡାଯାଇଥିବା ଅର୍ଥର ସମାଧାନ କରାଯିବ।

# ୨୦୨୦ରେ ସବୁ ସମସ୍ୟାର ସମାଧାନ: ସାହାରା ମୁଖ୍ୟ

ନୂଆଦିଲ୍ଲୀ,୧୨-୨



## ନିବେଶକଙ୍କୁ ଚିଠି ଲେଖିଲେ

୨୦୨୦ରେ ସବୁ ସମସ୍ୟାର ସମାଧାନ ହୋଇଯିବା ନେଇ ଆଶାବାଦୀ ରହିଥିବା ସାହାରା ମୁଖ୍ୟ ସୁବ୍ରତ ରୟ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୨ ବୃହତ୍ ବିଦେଶୀ ନିବେଶକ ସାହାରର ରିୟଲ ଇଷ୍ଟେଟ ଏବଂ ସହର ବିକାଶ ପ୍ରକଳ୍ପରେ ନିବେଶ ନେଇ ଇଚ୍ଛୁକ ଅଛନ୍ତି। ଏହାବାଦ ନିୟାମକ ସେବି ଆକାଉଣ୍ଟରେ ଜମା କରାଯାଇଥିବା ପ୍ରାୟ ୨୨ ହଜାର କୋଟି ଧୀରେ ଧୀରେ ମଧ୍ୟ ଫେରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାହାରା ଗ୍ରୁପର ୪୨ତମ ପ୍ରତିଷ୍ଠା ଦିବସରେ ନିବେଶକଙ୍କୁ ଏକ ପତ୍ର ଲେଖି ସେ କହିଛନ୍ତି ଯେ, ଗ୍ରୁପ ଲୋକଙ୍କ ଅର୍ଥକୁ ଠିକ୍ ସମୟରେ ଫେରାଇବା ନେଇ କାର୍ଯ୍ୟ କରି ଆସିଛି। ମାତ୍ର କେତେକ ଅନାଗ୍ରହ ଅସୁବିଧା ସ୍ଥିତି ଯୋଗୁ ଗତ ୭ ବର୍ଷ ହେବ ଲୋକଙ୍କୁ ପେମେଣ୍ଟ ଦେବାରେ ସମସ୍ୟା ଉପୁଜୁଛି। ସେବି-ସାହାରା ବିବାଦକୁ ନେଇ ସେ କହିଛନ୍ତି, ୨ ସହଯୋଗୀ କମ୍ପାନୀର ସମ୍ପତ୍ତି ବନ୍ଧକ ରଖି ଅର୍ଥ ସେବି-ସାହାରା ଆକାଉଣ୍ଟରେ ଜମା କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହା ହୋଇଥିଲା। ମାତ୍ର ୨ ବୃହତ୍ ବିଦେଶୀ ନିବେଶକ ସାହାରା ପ୍ରକଳ୍ପରେ ନିବେଶ କରିବାକୁ ଆଗଭର ହୋଇଥିବାରୁ ସମସ୍ୟା ସମାଧାନ ହୋଇଯିବା ନେଇ ଆଶା ରହିଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଧ୍ୟାନରେ ରଖି କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ସାହାରର ସମସ୍ୟା ସମାଧାନ ହୋଇଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାହାରା ସେବି ଘଟଣା ଉପରେ ସୂଚନା ଦେଇ ସେ କହିଛନ୍ତି, ସାହାରା ଗ୍ରୁପ ୧୫,୪୪୮.୬୭ କୋଟି ଜମା କରିଥିବା ପାର୍ଲାମେଣ୍ଟରେ ସରକାର ସୂଚନା ଦେଇଛନ୍ତି। ଗ୍ରୁପ ପକ୍ଷରୁ ଚେକ୍‌ରେ ୪୧.୫୯ କୋଟି ଟଙ୍କା ମଧ୍ୟ ଦିଆଯାଇଛି। ସେବି ଏହି ମାମଲାରେ ୧୯,୫୬୦ ଆବେଦନ ଲାଭ କରିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଏହାବାଦ ୮୧.୩ କୋଟିର ବଣ୍ଡ ସାର୍ଟିଫିକେଟ ଅର୍ଥ ମଧ୍ୟ ଏଥିରେ ରହିଛି। ୧୪,୧୪୬ ଆପ୍ଲିକେଶନର ରିଫଣ୍ଡ ସେବି କରିଛି। ଲୋକମାନେ ସେମାନଙ୍କ ଅର୍ଥ କ୍ଲେମ କରିବା ଲାଗି ସେମାନଙ୍କୁ ବିଜ୍ଞାପନ ଯୋଗେ କୁହାଯାଇଛି। ରିଫଣ୍ଡ ଜାରି କରିବା ଲାଗି ଶେଷ ସୀମା ମଧ୍ୟ ଜାରି କରାଯାଇଛି। ରିଫଣ୍ଡ ଦାବି କରିବା ଲାଗି ଶେଷ ସୁଯୋଗ ବୋଲି ନିବେଶକଙ୍କୁ ସୂଚନା ମଧ୍ୟ ଦିଆଯାଇଛି। ସେବି ସାହାରା ଆକାଉଣ୍ଟରେ ଗ୍ରୁପ ପକ୍ଷରୁ ମୂଳ ଏବଂ ସୁଧ ବାବଦ ୨୨ ହଜାର କୋଟି ଟଙ୍କାର ଅର୍ଥ ଜମା କରାଯାଇଥିବା ବେଳେ ମାତ୍ର ୧୦୦ କୋଟି ଟଙ୍କାର ଅର୍ଥ ସେବି ଲୋକଙ୍କୁ ଫେରାଇଛି। ସେବି ନିକଟରେ ପଡି ରହିଥିବା ଆବେଦନର ରିଫଣ୍ଡ ମୂଲ୍ୟ ଆଉ ୨୦-୨୫ କୋଟି ଟଙ୍କା ହେବ ବୋଲି ସେ ସୂଚନା ଦେଇଛନ୍ତି।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
EHT (O&M) DIVISION, JAYANAGAR-764005 CIN: U40102OR2004SGC007553
NOTICE INVITING TENDER
Sealed Tenders are invited by the undersigned from registered contractors having valid License, I.T PAN No & GST Registration Certificate for Tender Call No : 17 Construction of revetment work of location no.60 of 132kv Dabugaon-Umerkote line, Different R/M Works of Grid S/S, Umerkote, Sunabeda, Tentulikhunti and Jayanagar colony and Different line materials for 132KV TL S/D, Jayanagar Tender Call No : 18, Different R/M Works of Grid S/S, Jayanagar under EHT(O&M) Division, Jayanagar. Cost of Tender Papers are of Rs.672.00 and Rs.2240.00 (non-refundable) in shape of Cash & EMD @1% of quoted amount in the shape of DD/Cash. Sale of Tender Documents from Dt.11.02.2020 to upto 12:00 Noon of Dt.20.02.2020. Last Date of Submission of Tender on or before Dt.20.02.2020 upto 04:00PM. Tenders Will be Opened on Dt.20.02.2020 at 04:30 PM. Corrigendum if any will be published in the website only.
Sd/- DGM (Ele.)
Please connect us: optcl.odisha optcl_odisha energyodisha



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
OFFICE OF THE DEPUTY GENERAL MANAGER (ELECTRICAL)
E.H.T. (O&M) DIVISION, JAJPUR ROAD.
Telephone / Fax No.: (06726) 220218, Mob.- 9438907590
E-mail:- ehtm.div.jjp@optcl.co.in / ehtm.ddo.div.jjp@optcl.co.in
No.134 TENDER CALL NOTICE NO. 02/2019-20 Date:12.02.2020
Sealed tenders are invited from registered manufacturers/authorized dealers/ suppliers having valid GST Registration certificate, PAN Card and Authorized Dealership Certificates (if applicable) for Supply of 78 Nos of 150 Watt LED based Flood light in complete fitting for 132/33 KV Grid S/S, Jajpur Road/Jajpur Town/Anandapur and Switching station B.C Mohanty. Cost of tender paper Rs. 2,240/- (Including GST @ 12%), EMD of 1% of quoted price. Sale of tender documents from dated.15.02.20 to dated. 29.02.20 (up to 17:30 hrs). Last date of submission of tender dated.03.03.20 up to 13:00hrs. Due date of opening of tender dated.03.03.20 at 15:00Hrs.For details visit our website www.optcl.co.in. Corrigendum if any will be published in the OPTCL website only.
Sd./- Dy.General Manager (Elect.), EHT (O&M) Division, Jajpur road



PARADIP PORT TRUST
e-TENDER CALL NOTICE
E-Tenders are invited on behalf of Paradip Port Trust for the work "Establishment of 400 Bedded Super Specialty Hospital at Paradip Port with an option to develop medical College and further expansion of hospital on PPP basis". The last date & time of submission of tender 14.04.2020 on 14.00 Hrs. For details, please refer website http://eprocure.gov.in/eprocure/app.
Chief Medical Officer
PPT/PR/666/2019-20, Dt.12.02.2020



OFFICE OF THE COLLECTOR & DISTRICT MAGISTRATE, KEONJHAR
(ST & SC DEV. SECTION)
* OFFICE ORDER *
No. 505 / Welfare / Dated the 11th February, 2020
(Estt-XII-03/2020)
The Draft Merit List (School wise) and Draft Reject List of candidates, pursuant to Advertisement No. 96/, Welfare/Dated 07.01.2020 for engagement of Lady Matrons/Junior Matrons in ST & SC Development Deptt. Schools/Hostels of Keonjhar District are hereby published in the Notice Board of the DWO/ All BDOs of Keonjhar District and in the District Website www.kendujhar.nic.in inviting objections by 19.02.2020. The objections, if any be submitted to the DWO, Keonjhar in the prescribed format on the working days during office hours. Objections received after 19.02.2020 will not be entertained.
By order of the Collector, Keonjhar
Sd./- District Welfare Officer, Keonjhar



CONTRACTUAL APPOINTMENT
ZILLA SWASTHYA SAMITI, CUTTACK
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK
No: 2190 / DPMU/NHM/2020 Date: 12.02.2020
Applications are invited from eligible candidates for following posts under National Health Mission, Cuttack on contractual basis for a term of 11 months. The above mentioned positions are purely temporary. Canvassing in any form will render the candidate disqualified for the position.
a. WIC Operator for Regional Vaccine Store (04)
b. STS under RNTCP (01)
c. Pharmacist cum Logistic Assistant (01)
d. SSMTC under NVBDCP (01)
e. Laboratory Technician (01) for Mobile Blood Service
f. Counselor cum Public Relation Officer (01) for Mobile Blood Service
g. Psychiatric Nurse (01) under Mental Health Programme
h. Pharmacist (02) under NUHM
i. Pharmacist (13) & ANM (01) for MHT under RBSK
Details on Qualification, eligibility criteria & upper age limit, experience, selection modalities and application form can be downloaded from the district website www.cuttack.nic.in. The completely filled in application forms along with other document should reach the office of the Chief District Medical Officer, Cuttack (At- Old Secretariat Campus, Cantonment Road, Po- Buxi Bazar, Dist- Cuttack-753001) on or before 24.02.2020 till 5 PM through Speed Post/ Regd. Post only and the application should be Superscribed with the name of the Post applied for otherwise it will be rejected. The undersigned reserves the right to cancel any or all of the proposals without assigning any reason thereof. The applications received vide advertisement no.-560 dated- 15.01.2019 for the post of Pharmacist under NUHM, RBSK and Pharmacist cum Logistic Assistant are hereby cancelled.
Sd./-
Chief District Medical & Public Health Officer, Cuttack

## ସଂକ୍ଷେପରେ

### କରୋନାଭାଇରସ୍ ଆତଙ୍କ ଚାଇନିଜ୍ ଗ୍ରାଁ ପ୍ରି ଘୁଞ୍ଚିଲା

ପ୍ୟାରିସ୍,୧୨।୨(ଏଏଫ୍‌ପି)- କରୋନାଭାଇରସ୍‌ର ଆତଙ୍କ ଏବେ କ୍ରୀଡ଼ାକୁ ମଧ୍ୟ ପ୍ରଭାବିତ କରିଛି। ଏପ୍ରିଲ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଚାଇନିଜ ଗ୍ରାଁ ପ୍ରିକୁ ଏଥିପାଇଁ ଘୁଞ୍ଚାଇ ଦିଆଯାଇଛି। କରୋନାଭାଇରସ କ୍ରମାଗତ ଭାବେ ବ୍ୟାପିବାରେ ଲାଗିଥିବାରୁ ଏହି ଫର୍ମୁଲା-୧ ରେସକୁ ଘୁଞ୍ଚାଇ ଦିଆଯାଇଛି ବୋଲି ମୋଟୋସ୍ପୋର୍ଟ୍ସର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଏଫ୍‌ଆଇଏ ଘୋଷଣା କରିଛି। ଏହି ରେସ୍‌କୁ ଘୁଞ୍ଚାଇବା ପାଇଁ ସାଙ୍ଘାଇ ରେସ୍‌ର ପ୍ରମୋଟରମାନେ ଅନୁରୋଧ କରିଥିବା ଏଫ୍‌ଆଇଏ କହିଛି। ନୂଆ ସେସନରେ ସାଙ୍ଘାଇ ରେସ୍ ଚତୁର୍ଥ ଇଭେଣ୍ଟର ମାନ୍ୟତା ପାଇଛି। ଏହା ବିଶ୍ୱର ଅନ୍ୟତମ ହାଇପ୍ରୋଫାଇଲ ସ୍ପୋର୍ଟ୍ସ ଇଭେଣ୍ଟ ବିବେଚିତ ହେଉଛି। ଏହି ଭାଇରସ୍ କାରଣରୁ ଚାଇନାରେ ୧,୧୦୦ ଲୋକ ପ୍ରାଣ ହରାଇଲେଣି। ଉଲ୍ଲେଖଥାଉ କି, ସାଙ୍ଘାଇ ରେସ୍ ସହିତ ଏଫ୍‌ଆଇଏ ଚଳିତ ସେସନରେ ୨୨ଟି ଗ୍ରାଁ ପ୍ରି ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି।

### ଅଜୟ୍ ସଭାପତି, ଭରତ ସମ୍ପାଦକ

ଚେନ୍ନାଇ, ୧୨।୨ (ପି.ଟି.)- ସର୍ବଭାରତୀୟ ଚେସ୍ ମହାସଂଘର (ଏଆଇସିଏଫ୍) ନୂତନ ସଭାପତି ଭାବେ ଅଜୟ୍ ପଟେଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଭରତ ସିଂ ଚୌହାନ ମଧ ନିର୍ଦ୍ୱନ୍ଦ୍ୱରେ ସମ୍ପାଦକ ହୋଇଛନ୍ତି। ଏହି ନିର୍ବାଚନରେ ରିଟର୍ନିଂ ଅଫିସର ଦାୟିତ୍ୱ ତୁଲାଇଥିବା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଫକୀର ମହମ୍ମଦ ଇବ୍ରାହିମ କାଲିଫୁଲ୍ଲା ସମସ୍ତ ୫ଜଣ ଅଫିସ କର୍ମକର୍ତ୍ତାଙ୍କୁ ବିଜୟୀ ଘୋଷିତ କରିଛନ୍ତି। ନବନିର୍ବାଚିତ ସମସ୍ତ କର୍ମକର୍ତ୍ତା ଅବଧି ୨୦୨୩ ପର୍ଯ୍ୟନ୍ତ ରହିବ। ଅନ୍ୟ ନିର୍ବାଚିତ କର୍ମକର୍ତ୍ତାମାନେ ହେଲେ ନରେଶ ଶର୍ମା (କୋଷାଧକ୍ଷ), ଏମ୍. ଅରୁନ ସିଂହ (ଯୁଗ୍ମ ସମ୍ପାଦକ) ଓ ବିପନେଶ ଭରଦ୍ୱାଜ (ଉପ-ସଭାପତି)। ପ୍ରକାଶଯୋଗ୍ୟ, ଏଆଇସିଏଫ୍ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ପୂର୍ବତନ ସଭାପତି ଭେଙ୍କଟରମନ ରାଜା ଗୋଟିଏ ଗୋଷ୍ଠୀର ଏବଂ ଚୌହାନ ଅନ୍ୟ ଗୋଷ୍ଠୀର ମୁଖ୍ୟ ଥିଲେ। ବର୍ତ୍ତମାନ ନିର୍ବାଚିତ ହୋଇଥିବା ସମସ୍ତ କର୍ମକର୍ତ୍ତା ଚୌହାନ ଗୋଷ୍ଠୀର ବୋଲି ଜଣାପଡ଼ିଛି। ୩ ପୃଷ୍ଠା ସମ୍ବଳିତ ନିର୍ବାଚନୀ ରିପୋର୍ଟକୁ ଖଲିଫୁଲ୍ଲା ମାଡ୍ରାସ ହାଇକୋର୍ଟ ରେଜିଷ୍ଟ୍ରରକୁ ଫରୱାର୍ଡ କରିବେ। ମାନ୍ୟବର ହାଇକୋର୍ଟ ଫାଇନାଲ ଶୁଣାଣି ଶୁଣାଇବେ ବୋଲି ରାଜାଙ୍କ ଗୋଷ୍ଠୀ ଆଶା ରଖିଛି।

### ୧୫ରେ ଫିଟ୍‌ନେସ ଟେଷ୍ଟ ଦେବେ ଈଶାନ୍ତ



ନୂଆଦିଲ୍ଲୀ,୧୨।୨- ଭାରତୀୟ ଦଳର ଆସନ୍ତା ୧୪ ତାରିଖରୁ ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷରେ ଅଭ୍ୟାସ ଟେଷ୍ଟ ମ୍ୟାଚ୍ ଖେଳିବ। ଏହାର ଗୋଟିଏ ଦିନ ପରେ ଟିମ୍ ଇଣ୍ଡିଆର ସିନିୟର ପେସର ଈଶାନ୍ତ ଶର୍ମା ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବେ। ଏଥିରେ ସଫଳ ହେଲେ ହିଁ ସେ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ୩୧ ବର୍ଷୀୟ ପେସର ଗତ ୨୧ ତାରିଖରେ ବିଦର୍ଭ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଥିଲା। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ତାଙ୍କୁ ୬ ସପ୍ତାହ ବିଶ୍ରାମ ଦରକାର। ଏବେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଏହି ପେସରଙ୍କ ଚିକିତ୍ସା କରାଯାଉଛି। ଚୟନ କମିଟି ଈଶାନ୍ତଙ୍କ ନାମ ଟେଷ୍ଟ ଦଳରେ ସାମିଲ କରିଛି। ପୂର୍ବରୁ ସେ ଉମେଶ ଯାଦବଙ୍କ ସହ ଗତ ୬ ତାରିଖରେ ନ୍ୟୁଜିଲାଣ୍ଡ ଗସ୍ତ କରିବାର ଥିଲା। କିନ୍ତୁ ଆହତ ସମସ୍ୟା ଯୋଗୁ ବିଳମ୍ବ ହୋଇଛି। ଉଲ୍ଲେଖଯୋଗ୍ୟ, ୯୬ ଟେଷ୍ଟ ଖେଳିଥିବା ଡାହାଣହାତୀ ପେସରଙ୍କ ନାମରେ ୨୯୨ ଉଇକେଟ ରହିଛି। ଏହାବାଦ୍ ୮୦ ଦିନିକିଆରେ ୧୧୫ ଉଇକେଟ ଓ ୧୪ ଟି୨୦ରୁ ୮ ଉଇକେଟ ନେଇଛନ୍ତି।

# ବିବେକଙ୍କ ପାଇଁ ବୈଠକ ଡାକିଥିଲେ କୋଚ୍ ରିଡ୍



ପୁରସ୍କାର ଦୌଡ଼ରେ ବିବେକ ଆର୍ଜେଣ୍ଟିନାର ମାଇକୋ କାସେଲା, ଅଷ୍ଟ୍ରେଲିଆର ବ୍ଲାକ୍ ଗୋଭର୍ସ, ଗ୍ରେଟ ବ୍ରିଟେନର ଜାଚାରୀ ୱାଲାସ ଓ ନେଦରଲାଣ୍ଡ୍ସର ଜୋନାସ ଡି ଜିଉସଙ୍କୁ ପଛରେ ପକାଇ ଦେଇଥିଲେ। ବିବେକଙ୍କର ମୋଟ ଉପରେ ଭୋଟ ହାର ୩୪.୫ ପ୍ରତିଶତ ଥିଲା।

ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)

୨୦୧୭ରେ ୧୭ ବର୍ଷର ହୋଇଥିବାବେଳେ ବିବେକ ସାଗର ପ୍ରସାଦ ଭାରତୀୟ ସିନିୟର ହକି ଦଳରୁ ଖେଳିବା ସୁଯୋଗ ପାଇଥିଲେ। ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ତାଙ୍କୁ ଏହି ସୁଯୋଗ ମିଳିଥିଲା। ପୂର୍ବତନ ଡ୍ରାଗ୍ ଫ୍ଲିକର ସନ୍ଦୀପ ସିଂଙ୍କ ପରେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳିଭାବେ ସେ ଭାରତୀୟ ସିନିୟର କ୍ୟାପ୍ ପାଇଥିଲେ। ଦୁଇବର୍ଷ ସେ ଜାତୀୟ ଦଳରୁ ଖେଳିବା ଭିତରେ ୨୦୧୯ ବର୍ଷ ପାଇଁ ଏଫଆଇଏଚ୍ 'ରାଇଜିଂ ଷ୍ଟାର ଅଫ ଦି ଇୟର' ପୁରସ୍କାର ପାଇ ନିଜ ଦକ୍ଷତା ପ୍ରମାଣିତ କରିଛନ୍ତି। ଏ କ୍ଷେତ୍ରରେ ସେ ବିଶ୍ୱର ଅନ୍ୟ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ପଛରେ ପକାଇ ଦେଇଛନ୍ତି। ଶ୍ରେଷ୍ଠ ଜୁନିୟର ଖେଳାଳି ପୁରସ୍କାର ପାଇବାର ଘଟଣାବଳି, ଅତୀତର ସ୍ମୃତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଭାରତୀୟ ଦଳର ଏହି ଉଦୀୟମାନ ମିଡ୍‌ଫିଲ୍ଡର।

**ବ୍ୟାଡ୍‌ମିଣ୍ଟନ, ଚେସ୍‌ରୁ ହକି**

''ନିଜ ଦେଶ ପକ୍ଷରୁ ଉଚ୍ଚ ସ୍ତରରେ ପ୍ରତିନିଧିତ୍ୱ କରିବାଠାରୁ ଆଉ ଭଲ ଅନୁଭବ କିଛି ନାହିଁ। ଛୋଟବେଳେ ମୁଁ ବ୍ୟାଡ୍‌ମିଣ୍ଟନ ଓ ଚେସ୍ ଖେଳିବାକୁ ଭଲ ପାଉଥିଲି। ମାତ୍ର ସମୟକ୍ରମେ ମୁଁ ହକି ଖେଳିବା ଆରମ୍ଭ କରିଥିଲି। ମୁଁ ଆଜି ଏଠାରେ ପହଞ୍ଚିବା ପଛରେ ପରିବାର, କୋଚ୍ ଓ ବନ୍ଧୁମାନଙ୍କର ଯଥେଷ୍ଟ ଅବଦାନ ଅଛି। ପ୍ରକୃତରେ ଏହା ଏକ ଭିନ୍ନ ଅନୁଭବ। ମୋତେ ଭୋଟ ଦେଇଥିବା ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଉଛି। ଏହା ମୋ ପାଇଁ ବଡ଼ ସ୍ୱୀକୃତି। ଏହା ମୋତେ କଠିନ ପରିଶ୍ରମ ସହ ଗେମ୍ ପ୍ରତି ଅଧିକ ଫୋକସ ରଖିବା ଏବଂ ଦେଶ ପାଇଁ ଅଧିକରୁ ଅଧିକ ଗୌରବ ଆଣିବାକୁ ପ୍ରେରିତ କରିଛି'' ବୋଲି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜାତୀୟ କ୍ୟାମ୍ପ ଅବସରରେ ବିବେକ ପ୍ରକାଶ କରିଛନ୍ତି। ଚଳିତ ଏଫଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ନେଦରଲାଣ୍ଡ୍ସ ଓ ବିଶ୍ୱ ଚାମ୍ପିୟନ ବେଲଜିୟମ ବିପକ୍ଷରେ ଖେଳି ସାରିଥିବାବେଳେ ଚଳିତମାସ ଶେଷଭାଗରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆକୁ ଭେଟିବାକୁ ପ୍ରସ୍ତୁତ ହେଉଛି।

**ଚମକପ୍ରଦ ସର୍‌ପ୍ରାଇଜ୍**

ଏଫଆଇଏଚ୍ ପୁରସ୍କାର ସମ୍ପର୍କରେ ବିବେକ କହିଛନ୍ତି ଯେ, '' ଯେତେବେଳେ ପ୍ରାରମ୍ଭିକ ନାମ ଘୋଷଣା ହେଲା ସେତେବେଳେ ମୁଁ ଟ୍ରେନିଂ ସାରି ରୁମ୍‌ରେ ଥିଲି। ମନପ୍ରୀତ ଭାଇ(ଅଧିନାୟକ ମନପ୍ରୀତ ସିଂ) ପ୍ରଥମେ ମୋତେ ଏ ସମ୍ପର୍କରେ ଜଣାଇଲେ। ମାତ୍ର ସେ ମଜା କରୁଛନ୍ତି ବୋଲି ଭାବିଥିଲି। ମାତ୍ର ସେ ମୋତେ ଏଫଆଇଏଚ୍ ଅଫିସିଆଲ ୱେବସାଇଟ୍ ଦେଖାଇଥିଲେ। ସେତେବେଳେ ପ୍ରକୃତରେ ଖୁସି ଲାଗିଥିଲା। ସୋମବାର ବିଜେତା ଘୋଷଣା ହେବାପରେ ଆମ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ରାତ୍ରଭୋଜନ ପୂର୍ବରୁ ଟିମ୍ ବୈଠକ ଡାକିଲେ। ଏହା ଏକ ରୁଟିନ ଟିମ୍ ବୈଠକ ବୋଲି ମୁଁ ଭାବିଥିଲି। ମାତ୍ର ସେହି ବୈଠକରେ କୋଚ୍, ଟିମ୍‌ର ସମସ୍ତ ସଦସ୍ୟ ଏବଂ ହକି ଇଣ୍ଡିଆ କର୍ମକର୍ତ୍ତାମାନେ ମୋତେ ଚମକପ୍ରଦ ସର୍‌ପ୍ରାଇଜ୍ ଦେଲେ। ଏହା ମୋ ପାଇଁ ଅବିସ୍ମରଣୀୟ''।

**ବାପା ଶିକ୍ଷକ, ମା' ଗୃହିଣୀ**

ବିବେକ ଏବେ ୧୯ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ପିତା ରୋହିତ ପ୍ରସାଦ ଉତ୍ତର ପ୍ରଦେଶ ଗାଜିପୁରରେ ଜଣେ ସ୍କୁଲ ଶିକ୍ଷକଭାବେ କାର୍ଯ୍ୟରତ। ମା' କମଳା ଦେବୀ ଜଣେ ଗୃହିଣୀ। ରୋହିତ-କମଳାଙ୍କ ୪ ସନ୍ତାନଙ୍କ ମଧ୍ୟରୁ ବିବେକ ସର୍ବକନିଷ୍ଠ। ''ମୋ ବାପା ଓ ମା ମୋତେ ପୂରା ସମର୍ଥନ କରି ଆସିଛନ୍ତି। ସେମାନେ ଅନେକ କିଛି ତ୍ୟାଗ ମଧ କରିଛନ୍ତି। ଏହି ପୁରସ୍କାର ଘୋଷଣା ମୋ ଏବଂ ମୋ ପରିବାର ପାଇଁ ଭାବପୂର୍ଣ୍ଣ ମୁହୂର୍ତ୍ତ ଆଣିଥିଲା। କାରଣ ଏହାଠାରୁ ବଡ଼ ଖୁସି ଆମ ପାଇଁ କିଛି ନ ଥିଲା। ଏହି ସଫଳତା କଠିନ ପରିଶ୍ରମ, ନିଷ୍ଠା ଓ ତ୍ୟାଗର ଫଳ ବୋଲି ବିବେକ କହିଛନ୍ତି। ବିବେକଙ୍କ ନେତୃତ୍ୱରେ ଭାରତୀୟ ୧୮ ବର୍ଷରୁ କମ୍ ହକି ଦଳ ୨୦୧୮ ବୁଏନ୍ସ ଏୟାର୍ସ ୟୁଥ୍ ଅଲିମ୍ପିକ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିଲା। ପ୍ରତିଭାକୁ ଚିହ୍ନିବା ସହ ଭଲ ଖେଳିବାକୁ ଉତ୍ସାହିତ କରିଥିବା କୋଚ୍‌ମାନଙ୍କୁ ବିବେକ ଧନ୍ୟବାଦ ଜଣାଇବାକୁ ଭୁଲି ନାହାନ୍ତି। ସେମାନଙ୍କ ସମର୍ଥନ ଓ ପରିଶ୍ରମ ଯୋଗୁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି। ଦେଶ ପାଇଁ ଅଧିକରୁ ଅଧିକ ଟ୍ରଫି ଜିତିବା ଏବଂ ପଦକ ଆଣିବା ପାଇଁ ସେମାନେ ମୋତେ ଉତ୍ସାହିତ କରି ଚାଲିଛନ୍ତି ବୋଲି ଏହି ପ୍ରତିଭାସମ୍ପନ୍ନ ମିଡ୍‌ଫିଲ୍ଡର ପ୍ରକାଶ କରିଛନ୍ତି।

**ମୌଳିକତା ପ୍ରତି ଧ୍ୟାନ ଦେଇଥିଲି**

କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଚାମ୍ପିୟନ ବେଲଜିୟମ ବିପକ୍ଷ ପ୍ରୋ ଲିଗ୍ ଦ୍ୱିତୀୟ ମ୍ୟାଚରେ ବିବେକ ଭାରତ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହା ତାଙ୍କ ମନୋବଳକୁ ବହୁ ପରିମାଣରେ ବଢ଼ାଇ ଦେଇଥିଲା। ''ମୁଁ ମୋ ମୌଳିକ ଖେଳ ପ୍ରତି ଧ୍ୟାନ ଦେଇଥିଲି। ସୁଯୋଗ ଆସିବା ମାତ୍ରେ ମୁଁ ତା'ର ସଦୁପଯୋଗ କରିଥିଲି। ତେବେ ପୂରା ମ୍ୟାଚ କଥା ଦେଖିବାକୁ ଗଲେ ଆମେ ଅନେକ ସୁଯୋଗ ପାଇଥିଲୁ, ମାତ୍ର ତାହାକୁ ଗୋଲରେ ପରିଣତ କରିପାରିଲୁ ନାହିଁ। ବ୍ୟକ୍ତିଗତଭାବେ ମୁଁ ମୋ ଦକ୍ଷତା ଅନୁସାରେ ଖେଳିଥିଲି। ତେଣୁ ମୋ ପ୍ରଦର୍ଶନରେ ମୁଁ ସନ୍ତୁଷ୍ଟ'' ବୋଲି ସେ ପ୍ରକାଶ କରିଛନ୍ତି।

## ଆମେରିକାର ଅଲୋଡା ରେକର୍ଡ



କିର୍ଟିପୁର(ନେପାଳ),୧୨।୨

ଆମେରିକା କ୍ରିକେଟ ଦଳ ବୁଧବାର ଏକ ଲଜ୍ଜାଜନକ ରେକର୍ଡରେ ଅଧିକାରୀ ହୋଇଛି। ଦଳ ଦିନିକିଆ ଇତିହାସର ଯୁଗ୍ମ ସର୍ବନିମ୍ନ ସ୍କୋରରେ ଅଲଆଉଟ୍ ହୋଇଯାଇଛି। ଏଠାରେ ଚାଲିଥିବା ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ଲିଗ୍ ଦ୍ୱିତୀୟ ପର୍ଯ୍ୟାୟରେ ନେପାଳ ବିପକ୍ଷ ମ୍ୟାଚ୍‌ରେ ଆମେରିକା ୩୫ ରନ୍‌ରେ ସୀମିତ ରହିଛି। ପୂରା ଦଳ ମାତ୍ର ୧୨ ଓଭର ଖେଳିବାକୁ ସକ୍ଷମ ହୋଇଥିଲା। ଓପ୍‌ନର ଜାଭିୟର ମାର୍ଶଲ ୧୬ ରନ୍ ସହ ସର୍ବାଧିକ ସ୍କୋରର ଥିଲେ। ଅନ୍ୟ ୯ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଏଥିରେ ୪ ବ୍ୟାଟ୍ସମ୍ୟାନ ଅଛନ୍ତି, ଯେଉଁମାନେ ଖାତା ଖୋଲିପାରି ନ ଥିଲେ। ଆଇପିଏଲରେ ଖେଳିସାରିଥିବା ନେପାଳ ସ୍ପିନର ସନ୍ଦୀପ ଲାମିଚାନେ ୬ ଓଭରରେ ୧୬ ରନ୍ ବ୍ୟୟରେ ୬ ଉଇକେଟ ନେଇଥିଲେ। ବଳକା ୪ ଉଇକେଟ ହାତେଇଥିଲେ ସୁଶାନ ଭରି। ଜବାବରେ ନେପାଳ ୫.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପୂର୍ବରୁ ଜିମ୍ବାୱେ ଦଳ ୨୦୦୪ରେ ଶ୍ରୀଲଙ୍କା ବିପକ୍ଷରେ ୩୫ ରନ୍‌ରେ ହିଁ ଅଲଆଉଟ୍ ହୋଇଯାଇଥିଲା।

# ଫାଇନାଲରେ ହାରିଲା ଭାରତ

ମେଲବୋର୍ନ,୧୨।୨(ପି.ଟି.)

ଓପ୍‌ନର ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ବେକାର ସାବ୍ୟସ୍ତ ହୋଇଛି। ଏଠାରେ ବୁଧବାର ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ମହିଳା ଟି୨୦ ସିରିଜ୍ ଫାଇନାଲରେ ଅଷ୍ଟ୍ରେଲିଆ ୧୧ ରନ୍‌ରେ ଭାରତକୁ ହରାଇ ଚାମ୍ପିୟନ ହୋଇଛି। ୧୫୬ ରନ୍ ଟାର୍ଗେଟର ପିଛା କରୁଥିବା ଭାରତୀୟ ମହିଳା ଦଳ ୧୪୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଚାମ୍ପିୟନ ଦଳ ପାଇଁ ୫ ଉଇକେଟ ସଫଳତା ପାଇଥିବା ବାମହାତୀ ସ୍ପିନର ଜେସ ଜୋନାସେନଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ବେଥ ମୁନିଙ୍କୁ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ କରାଯାଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଟିମ୍ ଇଣ୍ଡିଆ ଅନ୍ତିମ ଓଭରରେ ୧୯ ରନ୍ ବ୍ୟୟ କରିଥିଲା, ଯାହାକି ପରାଜୟର ମୂଳ କାରଣ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେଥ ମୁନି ୭୧ ରନ୍ କରି ଅପରାଜିତ ଥିଲେ। ତାଙ୍କ ବ୍ୟତୀତ ଆଶଲେ ଗାର୍ଡନର ଓ ଅଧିନାୟିକା ମେଗ ଲାନିଂ ୨୬ ଲେଖାଏ ରନ୍ କରିଥିଲେ। ଭାରତୀୟ ଦଳ ପକ୍ଷରୁ ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକ୍‌ୱାଡ ୨ଟି ଲେଖାଏ ଉଇକେଟ ନେଇଥିଲେ। ରାଧା ଯାଦବ ଓ ଅରୁନ୍ଧତୀ ରେଡ୍ଡୀ ପ୍ରତ୍ୟେକେ ୧ଟି ଉଇକେଟ ହାତେଇଥିଲେ। ଜବାବରେ ଟିମ୍ ଇଣ୍ଡିଆ ଆରମ୍ଭରୁ ଶେଫାଳି ବର୍ମା (୧୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପ୍‌ନର ମନ୍ଧାନା ୩୭ ବଲରେ ୬୬ ରନ୍‌ର ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ଥିଲା ୧୨ ଚୌକା। ଏଥିଯୋଗୁ ଭାରତୀୟ ଦଳ ୧୪.୧ ଓଭର ପର୍ଯ୍ୟନ୍ତ ୩ ଉଇକେଟ ହରାଇ ୧୧୧ ରନ୍ କରିଥିଲା। ସେତେବେଳେ ଦଳକୁ ଜିତିବା ପାଇଁ ୩୫ ବଲରେ ୪୪ ରନ୍ ଦରକାର ଥିଲା। କିନ୍ତୁ ଟିମ୍ ଇଣ୍ଡିଆ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେଷଆଡ଼କୁ ତାନିଆ ଭାଟିଆ (୧୧) କିଛି ଚେଷ୍ଟା କରିଥିଲେ। କିନ୍ତୁ ତାହା ଫଳପ୍ରଦ ହୋଇ ନ ଥିଲା। ଫଳରେ ଦଳ ଶେଷ ପର୍ଯ୍ୟନ୍ତ ଖେଳି ୧୪୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ଇନିଂସ-** ୨୦ ଓଭରରେ ୧୫୫/୬(ମୁନି ୭୧*, ଗାର୍ଡନର ୨୬, ଲାନିଂ ୨୬, ଦୀପ୍ତି ୨/୩୦, ରାଜେଶ୍ୱରୀ ୨/୩୨)।

**ଭାରତୀୟ ଇନିଂସ-** ୨୦ ଓଭରରେ ୧୪୪/୧୦ (ମନ୍ଧାନା ୬୬, ରିଚା ୧୭, ହରମନପ୍ରୀତ ୧୪, ଜେସ ଜୋନାସେନ ୫/୧୨, ତାଲା ଭ୍ଲାମିଙ୍କ ୨/୩୨)।

**ତ୍ରିରାଷ୍ଟ୍ରୀୟ ମହିଳା ଟି୨୦ ସିରିଜ୍**



ଭାରତର ସ୍ମୃତି ମନ୍ଧାନା ଏକ ଶଟ୍ ମାରୁଛନ୍ତି।

## ରବିନ ସିଂ ୟୁଏଇର କ୍ରିକେଟ ନିର୍ଦ୍ଦେଶକ

ଦୁବାଇ,୧୨।୨

ପୂର୍ବତନ ଭାରତୀୟ ଅଲରାଉଣ୍ଡର ରବିନ ସିଂ ବୁଧବାର ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଡିରେକ୍ଟର ଅଫ୍ କ୍ରିକେଟ ଭାବେ ନିଯୁକ୍ତ ହୋଇଛନ୍ତି। ୟୁଏଇ ଦଳର ମୁଖ୍ୟ କୋଚ୍ ଡଗି ବ୍ରାଉନ ବିଦା ହେବା ପରେ ୫୬ ବର୍ଷୀୟ ପୂର୍ବତନ କ୍ରିକେଟରଙ୍କୁ ନିଯୁକ୍ତ କରାଯାଇଛି। ୟୁଏଇର ଜାତୀୟ ଦଳ ଏବେ ଗତବର୍ଷ ହୋଇଥିବା ଫିକ୍ସିଂ ସ୍କାଣ୍ଡାଲରୁ ବାହାରିବାକୁ ଉଦ୍ୟମ କରୁଛି। ଏହି ଘଟଣାରେ ଜଡ଼ିତ ଅଧିନାୟକ ମହମ୍ମଦ ନବିଦଙ୍କ ସମେତ କିଛି ସିନିୟର ଖେଳାଳିଙ୍କୁ ବାସନ୍ଦ କରାଯାଇଛି। ଚୟନ କମିଟି ବିନା ବ୍ରାଉନ ଡିସେମ୍ବରରେ ସ୍କଟଲାଣ୍ଡ ବିପକ୍ଷ ସିରିଜ୍ ଓ ଜାନୁୟାରରେ ଓମାନ ବିପକ୍ଷ ସିରିଜ୍ ପାଇଁ ଦଳ ଚୟନ କରୁଥିଲେ। ରବିନ ଭାରତ ପାଇଁ ୧୯୮୯ରୁ ୨୦୦୧ ମଧ୍ୟରେ ଗୋଟିଏ ଟେଷ୍ଟ ଓ ୧୩୬ ଦିନିକିଆ ଖେଳିଥିଲେ। ସେ ଆଇପିଏଲର ସବୁଠୁ ସଫଳତମ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ, ସିପିଏଲ ଦଳର ବାର୍ବାଡସ ଟ୍ରାଇଡେଣ୍ଟ୍ସ ଓ ଟି୧୦ ଫ୍ରାଞ୍ଚାଇଜ ସହ ଜଡ଼ିତ ଅଛନ୍ତି। ଖେଳିବାବେଳେ ଭଲ ଫିଲ୍ଡର ଭାବେ ବେଶ୍ ଜଣାଶୁଣା ଦିନିକିଆ କ୍ୟାରିୟରରେ ୨୫.୯୫ ହାରରେ ୨୨୩୬ ରନ୍ କରିଥିଲେ। ତାଙ୍କର ଶ୍ରେଷ୍ଠ ସ୍କୋର ଥିଲା ୧୦୦। ସେ ୬୯ ଉଇକେଟ ମଧ ନେଇଥିଲେ।

## ଶୀର୍ଷ ସ୍ଥାନ ହରାଇଲେ ବୁମରା

ଦୁବାଇ,୧୨।୨

ଭାରତୀୟ ପେସର ଯଶପ୍ରୀତ ବୁମରା ଏବେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଏଥିଯୋଗୁ ତାଙ୍କୁ ଆଇସିସି ଦିନିକିଆ ବୋଲିଂ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ହରାଇବାକୁ ପଡ଼ିଛି। ସେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ପ୍ରତ୍ୟେକ ମ୍ୟାଚ ଖେଳିଥିଲେ। ହେଲେ ସେ ୩୦ ଓଭର ବୋଲିଂ କରି ୧୬୭ ରନ୍ ବ୍ୟୟ କରିଥିଲେ। କିନ୍ତୁ ଗୋଟିଏ ହେଲେ ଉଇକେଟ ନେବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ପେସର ଟ୍ରେଣ୍ଟ ବୋଲ୍ଟ ଆଇସିସି ବୋଲରଙ୍କ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ହାତେଇଛନ୍ତି। ବୁମରା ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆଫଗାନିସ୍ତାନର ମୁଜିବ ଉର ରେହମାନ, ଦକ୍ଷିଣ ଆଫ୍ରିକାର କାଗିସୋ ରବାଡା ଓ ଅଷ୍ଟ୍ରେଲିଆର ପାଟ କୁମିନ୍ସ ରହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କୋହଲି ମାତ୍ର ୭୫ ରନ୍ କରିଥିଲେ। ଭାରତ ସମସ୍ତ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ତାଙ୍କ ପଛକୁ ରହିଛନ୍ତି ଉପଅଧିନାୟକ ରୋହିତ ଶର୍ମା। ସେ ଆହତ ସମସ୍ୟା ଯୋଗୁ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ନ୍ୟୁଜିଲାଣ୍ଡର ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ଗୋଟିଏ ସୋପାନ ଉପରକୁ ଉଠି ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଅଲରାଉଣ୍ଡଙ୍କ ତାଲିକାରେ ରବୀନ୍ଦ୍ର ଜାଡେଜା ୩ୟ ସ୍ଥାନ ଉପରକୁ ଉଠି ୭ମ ସ୍ଥାନରେ ରହିଛନ୍ତି। ଜାଡେଜା ୬୩ ରନ୍ କରିବା ସହ ଦୁଇ ଉଇକେଟ ନେଇଥିଲେ। ଆଫଗାନିସ୍ତାନର ମହମ୍ମଦ ନବି ଶୀର୍ଷସ୍ଥାନ ଅଧିକାର କରିଛନ୍ତି।



ଯଶପ୍ରୀତ ବୁମରା

# ଭାରତର ବୋଲିଂ, ଫିଲ୍ଡିଂ ନୈରାଶ୍ୟଜନକ ଥିଲା

ଭିଭିଏସ୍ ଲକ୍ଷ୍ମଣ

ନ୍ୟୁଜିଲାଣ୍ଡ ମଧୁର ପ୍ରତିଶୋଧ ନେଇଛି। ଟି୨୦ ସିରିଜରେ ଭ୍ରମଣକାରୀ ଭାରତଠାରୁ ୫-୦ରେ ପରାସ୍ତ ହୋଇ ଏକ ଅଲୋଡା ରେକର୍ଡରେ ଅଧିକାରୀ ହୋଇଥିଲେ ମଧ ଦିନିକିଆ ସିରିଜରେ ଭାରତକୁ ୩-୦ରେ ପରାସ୍ତ କରିଛି। ତେବେ ଅସ୍ଥିର ପ୍ରଦର୍ଶନ କରୁଥିବା ଭାରତର ଦୁର୍ବଳତାରୁ ଫାଇଦା ଉଠାଇଥିଲା ନ୍ୟୁଜିଲାଣ୍ଡ।

ବୋଲିଂ ଓ ଫିଲ୍ଡିଂରେ ଭାରତର ମାମୁଲି ପ୍ରଦର୍ଶନ ନେଇ ଅଧିନାୟକ ବିରାଟ କୋହଲି ଓ ଟିମ ମ୍ୟାନେଜମେଣ୍ଟ ନିଶ୍ଚିତ ଭାବେ ନିରାଶ ହୋଇଥିବେ। ତେବେ ବ୍ୟାଟିଂରେ ଭାରତର ପ୍ରଦର୍ଶନ ସେତେଟା ଖରାପ ନ ଥିଲା। ୪ ନମ୍ବରରେ ଶ୍ରେୟାସ ଆୟାର ଓ ଲୋକେଶ ରାହୁଲଙ୍କ ପ୍ରଦର୍ଶନ ଭାରତ ପାଇଁ ଏକ ବଡ଼ ଆବିଷ୍କାର ଥିଲା ବୋଲି କୁହାଯାଇପାରେ। ଭାରତୀୟ ଦଳର ଦୁର୍ବଳତାକୁ ଶେଷରେ ନ୍ୟୁଜିଲାଣ୍ଡ ପଦାରେ ପକାଇବାକୁ ସକ୍ଷମ ହୋଇଛି। ଖାସ୍ କରି ନ୍ୟୁଜିଲାଣ୍ଡ ଓପନର ଦ୍ୱୟ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ସିରିଜରେ ତୃତୀୟ ଥର ପାଇଁ ମାର୍ଟିନ ଗୁପ୍ଟିଲ ଓ ହେନେରୀ ନିକୋଲ୍ସ ଦଳକୁ ଦମ୍‌ଦାର ଆରମ୍ଭ ପ୍ରଦାନ କରିଥିଲେ। ୨୯୬ ରନର ଟାର୍ଗେଟ ଧାର୍ଯ୍ୟ କରିଥିଲେ ମଧ ଏହା ନ୍ୟୁଜିଲାଣ୍ଡ ପାଇଁ ଯଥେଷ୍ଟ ହୋଇ ନ ଥିଲା। ନିକୋଲ୍ସ ଜଣେ ଦୃଢ ବ୍ୟାକ୍‌ଫୁଟ୍ ଖେଳାଳି। ଭଲ ପୁଲ ଶଟ୍ ଖେଳୁଥିବା ଗୁପ୍ଟିଲ ମଧ ଧୂଆଁଧାର ବ୍ୟାଟିଂ କରିଥିଲେ। ବୋଲିଂରେ ଭାରତର ମୁଖ୍ୟ ଅସ୍ତ୍ର ରୂପେ ଜଣାଥିବା ଯଶପ୍ରୀତ ବୁମ୍‌ରା ନିଜ ଦକ୍ଷତା ଅନୁରୂପ ଉଇକେଟ ଅକ୍ତିଆର କରିବାରେ ବିଫଳ ହୋଇଥିଲେ। ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ଭାରତ ପାଇଁ ସଫଳତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ଓ ଅନ୍ୟତମ ସ୍ପିନର ରବୀନ୍ଦ୍ର ଜାଡେଜା ଭଲ ପ୍ରଦର୍ଶନ କରିଥିଲେ। ବଲ୍ ଫ୍ଲାଇଟ୍ କଲା ବେଳେ ଚହଲ ବିପଜ୍ଜନକ ମନେ ହେଉଥିଲେ। ସେ ଭଲ ଭାବେ ବଲକୁ ଟର୍ନ ମଧ କରାଇବାରେ ସଫଳ ହୋଇଥିଲେ। ନ୍ୟୁଜିଲାଣ୍ଡ ମିଡଲ ଅର୍ଡରକୁ ଭାରତ ଧ୍ୱସ୍ତ କରିଥିଲେ ମଧ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ଓ ଅଲରାଉଣ୍ଡର କଲିନ୍ ଡି ଗ୍ରାଣ୍ଡହୋମ ଧୂଆଁଧାର ବ୍ୟାଟିଂ କରି ଭାରତକୁ ବିଜୟୀ କରାଇଥିଲେ। ଖାସ୍ କରି ଗ୍ରାଣ୍ଡହୋମ ଲମ୍ବା ଶଟ୍‌ମାନ ଖେଳି ଭାରତ ହାତରୁ ମ୍ୟାଚ୍ ଛଡାଇ ନେଇଥିଲେ।

ସାରା ସିରିଜରେ ଭାରତର ଫିଲ୍ଡିଂ ନୈରାଶ୍ୟଜନକ ଥିଲା। ଯେତେବେଳେ ଉଇକେଟ ହାସଲ କରିବାରେ ବୋଲର ବିଫଳ ହୁଅନ୍ତି ସେତେବେଳେ ଉଚ୍ଚକୋଟୀର ଫିଲ୍ଡିଂ ଜଣେ ଅତିରିକ୍ତ ବୋଲର ଭାବେ କାମରେ ଆସିଥାଏ। କିନ୍ତୁ ଖରାପ୍ ଫିଲ୍ଡିଂ ଭାରତ ପାଇଁ କାଳ ହୋଇଥିଲା। ବ୍ୟାଟିଂରେ ମଧ ଭାରତ ଭଲ ଆରମ୍ଭ କରିବାରେ ବିଫଳ ହୋଇଥିଲା। କେବଳ ପ୍ରଥମ ଦିନିକିଆରେ ଦୁଇ ଓପନର ପୃଥ୍ୱୀ ଶ ଓ ମୟଙ୍କ ଅଗ୍ରୱାଲ ଅର୍ଦ୍ଧଶତକୀୟ ଭାଗୀଦାରି ସ୍ଥାପନ କରିଥିଲେ। ତେବେ ବାକି ଦୁଇଟି ମ୍ୟାଚ୍‌ରେ ବିଫଳ ହୋଇଥିଲେ। ଇନିଂସ ପ୍ରଥମ କ୍ୱାର୍ଟରରେ ୩ଟି ଉଇକେଟର ପତନ ହେଲେ ଏହି ବିପର୍ଯ୍ୟୟରୁ ମୁକୁଳିବା ନିଶ୍ଚିତ ଭାବେ କଷ୍ଟକର। ତେବେ ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳି ବଡ଼ ସ୍କୋର ହାସଲ କରିବାରେ ସକ୍ଷମ ହୋଇଥିଲା। ମିଡଲ ଅର୍ଡରରେ ଆୟାର ଓ ରାହୁଲ ଦମ୍‌ଦାର ପ୍ରଦର୍ଶନ କରି ସ୍ଥିତି ସମ୍ଭାଳିବା ସହ ଦଳକୁ ବଡ଼ ସ୍କୋର ପ୍ରଦାନ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ମନୀଷ ପଣ୍ଡେ ମଧ ନିଜର ଦାୟିତ୍ୱ ସମ୍ପାଦନ କରିବାରେ ସଫଳ ହୋଇଛନ୍ତି। ଅନ୍ତିମ ଦିନିକିଆରେ ରାହୁଲ ଓ ପଣ୍ଡେ କ୍ରମାଗତ ଦୁଇଟି ବଲ୍‌ରେ ଆଉଟ ହେବା ପରେ ଭାରତର ରନ ସଂଗ୍ରହ ହାର କମିଯାଇଥିଲା। ଫଳରେ ଭାରତର ମୋଟ ସ୍କୋରରେ ୨୫ରନ କମିଯିବା ଭଳି ମନେ ହେଉଥିଲା।

(ଗେମ୍ ପ୍ଲାନ)




## ଚର୍ଚ୍ଚାରେ ରାହୁଲ-ପାଣ୍ଡେଙ୍କ କନ୍ନଡ ବାର୍ତ୍ତାଳାପ

ବେଙ୍ଗାଲୁରୁ,୧୨।୨(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଗତ ତୃତୀୟ ଦିନିକିଆ ମ୍ୟାଚ୍ ଅବସରରେ କର୍ନାଟକର ଦୁଇ କ୍ରିକେଟର ଲୋକେଶ ରାହୁଲ ଓ ମନୀଷ ପାଣ୍ଡେ ହିନ୍ଦୀ କିମ୍ବା ଇଂରାଜୀରେ କଥା ନ ହୋଇ ନିଜ ମାତୃ ଭାଷା କନ୍ନଡରେ ବାର୍ତ୍ତାଳପ କରିଥିଲେ। ମ୍ୟାଚ୍ ପ୍ରସାରଣ ବେଳେ ଏହା ଶୁଣିବାକୁ ମିଳିଥିଲା। ଏହା କର୍ନାଟକର କ୍ରିକେଟ ପ୍ରେମୀଙ୍କୁ ଅବଶ୍ୟ ଖୁସି କରିଥିବ। ପଡିଆରେ ଲଗାଯାଇଥିବା ମାଇକ୍ରୋଫୋନରେ ଏହି ଦୁଇ କ୍ରିକେଟରଙ୍କ ବାର୍ତ୍ତାଳାପ ରେକର୍ଡ ହୋଇଥିଲା ଓ ପରେ ଏହାର ପ୍ରସାରଣ କରାଯାଇଥିଲା। ଅନ୍ତିମ ଦିନିକିଆରେ ଗୁରୁତ୍ୱପୂର୍ଣ୍ଣ ସମୟରେ ଦୁହେଁ ନିଜ ଭାଷାରେ କଥା ହୋଇଥିଲେ। ଏହା ଏବେ ଚର୍ଚ୍ଚା ସୃଷ୍ଟି କରିଛି। ଏହି ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଥିଲା।

'ଓଡି ଓଡି ବା' ଅର୍ଥାତ ଆସ ଦୌଡ଼ ବୋଲି ଉଭୟ ପରସ୍ପରକୁ କହିଥିଲେ। 'ବାରଥିରା'(ତୁମେ ଆସିବ କି), ବେଡ଼ା ବେଡ଼ା (ନା ନା) ଓ 'ବା ବା' (ଆସ) ଭଳି ଉଭୟ ବ୍ୟାଟ୍ସମ୍ୟାନ ବ୍ୟବହାର କରିଥିଲେ। ବଡ଼ ପାଟିରେ ଏହି ଶବ୍ଦ ବ୍ୟବହାର କରିଥିଲେ ରାହୁଲ ଓ ପାଣ୍ଡେ, ଯାହାକୁ ଅଣଦେଖା କରିହେବ ନାହିଁ। ବିଶ୍ୱରେ ଥିବା କନ୍ନଡ ଭାଷାଭାଷୀ ଲୋକ ଏହା ଶୁଣି ଅବଶ୍ୟ ଖୁସି ହୋଇଥିବେ। ମ୍ୟାଚ୍‌ରେ ରାହୁଲ ୧୦୭ ଓ ପାଣ୍ଡେ ୪୨ ରନର ପାଳି ଖେଳିଥିଲେ ଓ ଉଭୟ ପଞ୍ଚମ ଉଇକେଟରେ ୧୦୭ ରନ ସଂଗ୍ରହ କରି ଭାରତର ସ୍କୋରକୁ ୨୯୬ରେ ପହଞ୍ଚାଇଥିଲେ। ଉଲ୍ଲେଖଥାଉ କି, ପାଣ୍ଡେ ବେଙ୍ଗାଲୁରୁରେ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ ଓ ରାହୁଲ କର୍ନାଟକର ତୁମାକୁରୁରେ ଜନ୍ମ ଗ୍ରହଣ କରିଥିଲେ। ରାହୁଲ ଅବଶ୍ୟ ପରେ ଜୈନ ଜାଭିୟର ବିଶ୍ୱ ବିଦ୍ୟାଳୟରେ ପାଠ ପଢିଥିଲେ। ଅନ୍ତିମ ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ୩-୦ରେ ଦିନିକିଆ ସିରିଜ କ୍ଲିନ୍ ସୁଇପ୍ କରିଥିଲା।

" ମ୍ୟାଚ୍‌ର ଶେଷ ୩ ଓଭରରେ ଆମେ ଚାପର ସମ୍ମୁଖୀନ ହୋଇପାରିଲୁ ନାହିଁ ଯାହା ଫଳରେ ଉଇକେଟ୍ ହରାଇ ପରାଜୟବରଣ କଲୁ ।
–ହରମନପ୍ରୀତ୍ କୌର, ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା



" ଆଗାମୀ ଆଇସିସି ଟି୨୦ ବିଶ୍ୱକପ୍ ଟ୍ରଫି ଜିତିବାକୁ ହେଲେ ଭାରତୀୟ ମହିଳା କ୍ରିକେଟ୍ ଦଳ ବାରମ୍ବାର କରୁଥିବା ତ୍ରୁଟିକୁ ସୁଧାରିବାକୁ ପଡ଼ିବ ।
–ଡାଏନା ଏଡୁଲଜୀ, ପୂର୍ବତନ ଭାରତୀୟ ମହିଳା କ୍ରିକେଟ ଅଧିନାୟିକା



## ସଂକ୍ଷେପରେ

### ବୋପାନ୍ନା-ଶାପୋଭାଲଭ କ୍ୱାର୍ଟରରେ

ରଟରଡାମ୍, ୧୨।୨ (ପି.ଟି.)- ଭାରତୀୟ ଅଭିଜ୍ଞ ଟେନିସ ଖେଳାଳି ରୋହନ ବୋପାନ୍ନା ନେଦରଲାଣ୍ଡ୍ସରେ ଚାଲିଥିବା ରୋଟରଡାମ ଓପନ୍ ପ୍ରତିଯୋଗିତାର ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କାନାଡାର ଡେନିସ ଶାପୋଭାଲଭଙ୍କୁ ସାଥୀ କରି ଖେଳୁଥିବା ବୋପାନ୍ନା ୭-୬, ୬-୭, ୧୦-୮ ସେଟ୍‌ରେ ଅଷ୍ଟ୍ରେଲୀୟ ଯୋଡ଼ି ଜନ୍ ପିୟର୍ସ ଓ ମାଇକେଲ ଭେନସ୍‌ଙ୍କୁ ପରାସ୍ତ କରିଛନ୍ତି। ୩୯ ବର୍ଷୀୟ ବୋପାନ୍ନା ଓ ତାଙ୍କ କାନାଡିଆନ୍ ଯୋଡ଼ି ପରବର୍ତ୍ତୀ ମ୍ୟାଚ୍‌ରେ ୪ର୍ଥ ସିଡ୍ ଜିନ୍-ଜୁଲିଏନ୍ ରୋଜର୍ ଓ ହୋରିଆ ଟେକାଉ ଯୋଡ଼ିଙ୍କୁ ଭେଟିବେ।

#### ଆଇସିସି ଟି୨୦ ମହିଳା ବିଶ୍ୱକପ୍

### ନୀତୀନ ଏକମାତ୍ର ଭାରତୀୟ ଅମ୍ପାୟର



ଦୁବାଇ, ୧୨।୨ (ପି.ଟି.)- ଆଇସିସି ଟି୨୦ ମହିଳା ବିଶ୍ୱକପ୍‌ର ଆଗାମୀ ୭ମ ସଂସ୍କରଣ ଚଳିତ ମାସ ୨୧ରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବ। ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଲାଗି ବୁଧବାର ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ମ୍ୟାଚ୍ ପରିଚାଳନା ଲାଗି ଅମ୍ପାୟର ତାଲିକା ପ୍ରକାଶ ପାଇଛି। ଏକମାତ୍ର ଭାରତୀୟ ଭାବେ ନୀତୀନ ମେନନ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ସେହିଭଳି ଆଶ୍ଚର୍ଯ୍ୟଜନକ ଭାବେ ୬ ଜଣ ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି। ସେମାନେ ହେଲେ ଲୌରେନ ଆଗେନବାଗ୍, କିମ୍ କଟନ, କ୍ଲେୟାର ପୋଲୋସାକ, ସୁଏ ରେଡ୍‌ଫେର୍ନ ଓ ଜ୍ୟାକ୍‌ଲିନ ୱିଲିୟମ୍ସ। ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ହାଇପ୍ରୋଫାଇଲ ଉଦ୍‌ଘାଟନୀ ମୁକାବିଲାରେ ଶନ୍ ଜର୍ଜଙ୍କ ସହ ଜ୍ୟାକ୍‌ଲିନ୍ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ସେହିଭଳି ଫେବୃୟାରୀ ୨୨ରେ ପୂର୍ବତନ ଚାମ୍ପିୟନ ୱେଷ୍ଟଇଣ୍ଡିଜ ଓ ନବାଗତ ଥାଇଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ମେନନ୍‌ଙ୍କ ସହ ପୋଲୋସାକ୍ ଅମ୍ପାୟର ଭୂମିକାରେ ଅବତୀର୍ଣ୍ଣ ହେବେ। ପୂର୍ବରୁ ପ୍ରଥମ ମହିଳା ଭାବେ ଭାରତର ଜି.ଏସ୍. ଲକ୍ଷ୍ମୀଙ୍କୁ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଲାଗି ରେଫରି ମନୋନୀତ କରାଯାଇଥିଲା। ଏମିରେଟ୍ସ ଆଇସିସି ଏଲିଟ୍ ପ୍ୟାନେଲ୍‌ର ମ୍ୟାଚ୍ ରେଫରି କ୍ରିସ୍ ବ୍ରଡ୍ ସବୁଠୁ ସିନିୟର ଭାବେ ରେଫରି ତାଲିକାରେ ରହିଛନ୍ତି। ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପରିଚାଳନା ଲାଗି ରେଫରି ଓ ଅମ୍ପାୟରଙ୍କ ନାମ ପରେ ଘୋଷଣା କରାଯିବ।

# ଅନୁରାଗ, ଦେବାଶିଷଙ୍କ ଅର୍ଦ୍ଧଶତକ

**ରଣଜୀ ଟ୍ରଫି**
**ଓଡ଼ିଶା-୨୦୫/୪**

କଟକ ଅଫିସ,୧୨।୨

ଚଳିତ ସିଜନର ଅନ୍ତିମ ଲିଗ ପର୍ଯ୍ୟାୟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଦଳ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଝାଡ଼ଖଣ୍ଡକୁ ଭେଟିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୪ ଉଇକେଟ ହରାଇ ଓଡ଼ିଶା ୨୦୫ରନ କରିଥିବା ବେଳେ ଯୁବ ପ୍ରତିଭା ଦେବାଶିଷ ସାମନ୍ତରାୟ ୬୭ରନରେ ଅପରାଜିତ ଅଛନ୍ତି। ୨୨୮ବଲରୁ କ୍ୟାରିୟରର ୩ୟ ଅର୍ଦ୍ଧଶତକ ହାସଲ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ୩ୟ ଶତକ ସଂଗ୍ରହ କରିବା ଲକ୍ଷ୍ୟରେ ଅଛନ୍ତି। ଅନ୍ୟତମ ଓଡ଼ିଶା ବ୍ୟାଟ୍ସମ୍ୟାନ ଅନୁରାଗ ଷଡ଼ଙ୍ଗୀ ମଧ୍ୟ ଅର୍ଦ୍ଧଶତକ ହାସଲ କରିଛନ୍ତି।

### ଅଙ୍କିତଙ୍କ ପ୍ରଥମ ପଦାର୍ପଣ

ଏହି ସିଜନରେ ଓଡ଼ିଶା ପକ୍ଷରୁ ସର୍ବାଧିକ ଉଇକେଟ ହାସଲ କରିଥିବା ରାଜେଶ ମହାନ୍ତି ଆଘାତ ଜନିତ ସମସ୍ୟା ଯୋଗୁ ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିଥିଲେ। ତାଙ୍କ ସ୍ଥାନରେ ଡାହାଣହାତୀ ମିଡ଼ିୟମ ପେସ୍ ବୋଲର ତଥା ଅଲରାଉଣ୍ଡର ଅଙ୍କିତ ଯାଦବଙ୍କୁ ଦଳରେ ନିଆଯାଇଥିଲା। ୧୯୯୩ ନଭେମ୍ବର ୧୯ରେ ଜନ୍ମଗ୍ରହଣ କରିଥିବା ଝାରସୁଗୁଡ଼ାର ଅଙ୍କିତ୍ ପୂର୍ବରୁ ୧୪ ଟି ଲିଷ୍ଟ–ଏ ଓ ୧୦ଟି ଘରୋଇ ଟି୨୦ ମ୍ୟାଚ ଖେଳିଛନ୍ତି। ଦଳରେ ଅନ୍ୟ ୨ଟି ପରିବର୍ତ୍ତନ ମଧ୍ୟ କରାଯାଇଛି। ସ୍ପିନର ପପୁ ରାୟ ଓ ଅଲରାଉଣ୍ଡର ଅଭିଷେକ ରାଉତଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଅଭିଜ୍ଞ ବସନ୍ତ ମହାନ୍ତି ଓ ଦେବାଶିଷ ସାମନ୍ତରାୟ ଚୂଡ଼ାନ୍ତ ଏକାଦଶକୁ ଫେରିଛନ୍ତି। ଝାଡ଼ଖଣ୍ଡ ଅଧିନାୟକ ସୌରଭ ତିୱାରୀ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଓପନର ଶାନ୍ତନୁ ମିଶ୍ର ୩୨ବଲରୁ ମାତ୍ର ୪ରନ କରି ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୯ ହୋଇଥିବା ବେଳେ ପେସ୍ ବୋଲର ଆଶିଷ କୁମାରଙ୍କ ବଲରେ ଶାନ୍ତନୁ ଏଲବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ଓ ଦେବାଶିଷ ସାମନ୍ତରାୟଙ୍କ ମଧ୍ୟରେ ୬୭ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ଏହି ଦୁଇ ଖେଳାଳି ରକ୍ଷଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିଲେ। ୨୪ତମ ଓଭରରେ ଦଳୀୟ ସ୍କୋର ୫୦ ଟପିଥିଲା। ୮୬ବଲରୁ ଅନୁରାଗ ବ୍ୟକ୍ତିଗତ ୫୦ରନ ପୂରଣ କରିବା ସହ ୬୫ରନ କରି ଆଶିଷଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଅନୁରାଗଙ୍କର ଏହା ୧୦ତମ ଅର୍ଦ୍ଧଶତକ। ମଧ୍ୟକ୍ରମରେ କ୍ରିଜକୁ ଆସିଥିବା ଗୋବିନ୍ଦ ପୋଦ୍ଦାର ଓ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ଧିମା ଗତିରେ ବ୍ୟାଟିଂ କରିଥିଲେ ମଧ୍ୟ ଅଧିକ ସମୟ ତିଷ୍ଠି ପାରି ନଥିଲେ। ଗୋବିନ୍ଦ ୩୧ରନରେ ଓ ଶୁଭ୍ରାଂଶୁ ୧୯ରନରେ ଆଉଟ ହୋଇଥିଲେ। ଦେବାଶିଷ ଅତ୍ୟନ୍ତ ସତର୍କତାର ସହ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଥିଲା। ୧୭୬ବଲ ଖେଳି ସେ କ୍ୟାରିୟରର ୩ୟ ଅର୍ଦ୍ଧଶତକ ପୂରଣ କରିଥିଲେ। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ୧୬ରନରେ ଅପରାଜିତ ଅଛନ୍ତି। ହାତରେ ୬ ଉଇକେଟ ବାକି ଥିବା ଓଡ଼ିଶା ପ୍ରଥମ ଇନିଂସରେ ବଡ଼ସ୍କୋର ସଂଗ୍ରହ କରିବ ବୋଲି ଆଶା କରାଯାଉଛି। ଝାଡ଼ଖଣ୍ଡ ପକ୍ଷରୁ ଆଶିଷ କୁମାର ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଉତ୍କର୍ଷ ସିଂ ଗୋଟିଏ ଉଇକେଟ ପାଇଛନ୍ତି।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଦେବାଶିଷ ସାମନ୍ତରାୟ ଓ ଅନୁରାଗ ଷଡ଼ଙ୍ଗୀ।

**ଚତୁର୍ଥ ଜନ୍ମବାର୍ଷିକ ଶୁଭେଚ୍ଛା**



ଅଭିଜିତ ମହାନ୍ତି (ସାଇ)
ଅଂଶୁମାନ ମହାନ୍ତି (ରାମ)
ଶୁଭ ଜନ୍ମବାର୍ଷିକ ଅବସରରେ ଆମ୍ଭମାନଙ୍କର ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ୍ଭମାନଙ୍କର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
–:ଶୁଭେଚ୍ଛା ସହ:–
କେକେମା', କେକେବାପା, ବଡବାପା, ବଡମାମା, ମାମା, ବାବା, ସତ୍ୟ, ଲୋରି, ଖୁସି, ରୂପା, ଲିପାନି, ଅନୁ, ରାକ୍ଷୀ
ଧ–୧୬୬୬୬

### ଗୋଲକିପରଙ୍କୁ ମାରି ରେଫରି ବାସନ୍ଦ

ମିଲାନ,୧୨।୨

ଚଳିତ ମାସରେ ଏକ ଲିଗ୍ ମ୍ୟାଚ୍ ବେଳେ ଜଣେ ଇଟାଲିଆନ ରେଫରି ଗୋଲକିପରଙ୍କୁ ମୁଣ୍ଡିଆ ମାରିଥିଲେ। ଏଥିନେଇ ରେଫରିଙ୍କୁ ଏକ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଚଳିତ ମାସ ୧ ତାରିଖରେ ବର୍ଗୋ ମଗଲିଆନୋ ଓ ମଣ୍ଟୋଟୋନ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ରେଫରି ଆଣ୍ଟନିଓ ମାର୍ଟିନିଏଲୋ ବର୍ଗୋ ଗୋଲକିପର ମାଟେଓ ସିସିଙ୍କୁ ରେଡ୍ କାର୍ଡ ଦେଇଥିଲେ। ଏହି ମ୍ୟାଚ୍‌କୁ ଆୟୋଜକ ଦଳ ୩-୧ ଗୋଲରେ ଜିତିନେଇଥିଲା। ମ୍ୟାଚ୍ ପରେ ରେଫରି ଆଣ୍ଟନିଓ ଓ ବର୍ଗୋ ଗୋଲକିପର ପରସ୍ପରକୁ ଭେଟିଥିଲେ। ଚେଞ୍ଜିଂ ରୁମ୍‌ରେ ଗୋଲକିପର ମାଟେଓ ଆଣ୍ଟନିଓଙ୍କୁ ରେଡ୍ କାର୍ଡ ଦେବାର କାରଣ ପଚାରିଥିଲେ। କିନ୍ତୁ ରେଫରି ଆଣ୍ଟନିଓ ମାଟେଓଙ୍କୁ ମୁଣ୍ଡରେ ମାରିଥିଲେ। ପରେ ମାଟେଓଙ୍କୁ ତୁରନ୍ତ ମେଡିକାଲ ନିଆଯାଇଥିଲା। ବାସନ୍ଦ ଥିବା ମାର୍ଟିନିଏଲୋ ଆଗାମୀ ବର୍ଷ ପର୍ଯ୍ୟନ୍ତ କୌଣସି ମ୍ୟାଚ୍ ପରିଚାଳନା କି କୌଣସି ଇଟାଲିଆନ ଦଳର ଚେଞ୍ଜିଂ ରୁମ୍‌ରେ ପ୍ରବେଶ କରିପାରିବେ ନାହିଁ।

# ଜାତୀୟ ଜୁନିୟର କବାଡ଼ି: ଓଡ଼ିଶା ଦଳ ଘୋଷିତ

କଟକ ଅଫିସ,୧୨।୨

ହରିୟାଣାର ରୋହତକ୍‌ଠାରେ ଚଳିତମାସ ୧୩ରୁ ୧୬ ପର୍ଯ୍ୟନ୍ତ ୪୬ତମ ଜାତୀୟ ଜୁନିୟର କବାଡି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ବୁଧବାର ଉଭୟ ବାଳିକା ଓ ବାଳକ ଦଳ ଘୋଷଣା ହୋଇଛି। ସରସ୍ୱତୀ ବେହେରାଙ୍କ ନେତୃତ୍ୱାଧୀନ ରାଜ୍ୟ ଜୁନିୟର ବାଳିକା ଦଳରେ ଅର୍ପିତା ଖୁଣ୍ଟିଆ, ବିଜୟଲକ୍ଷ୍ମୀ ସାହୁ, ଏଲିସା ପାତ୍ର, ଝୁନି ଦଳେଇ, ସରସ୍ୱତୀ ବେଉରା, ଶୁଭଲକ୍ଷ୍ମୀ ବଳ, ମୋନାଲିସା ପୃଷ୍ଟି, ମଧୁସ୍ମିତା ପ୍ରଧାନ, ସୁନନ୍ଦା ଦାସ, ଜ୍ୟୋତି ଦଳେଇ, ପୁଷ୍ପାଞ୍ଜଳି ହେମ୍ବ୍ରମ୍ ରହିଛନ୍ତି। ମନସ୍ୱିନୀ ସାହୁ ଏହି ଦଳର କୋଚ୍ ରହିଥିବା ବେଳେ ଗାୟତ୍ରୀ ସେଠୀ ମ୍ୟାନେଜର ଭାବେ ଓ ଯଶୋବନ୍ତି ବେହେରା ଟିମ୍ ଅଫିସିଆଲ ଭାବେ ରୋହତକ ଯାତ୍ରା କରିଛନ୍ତି। ସେହିପରି ଘୋଷିତ ୧୨ ଜଣିଆ ବାଳକ ଦଳର ଅଧିନାୟକ ରହିଛନ୍ତି ଦେବାଶିଷ ପରିଡ଼ା। ଏହି ଦଳରେ ସୁଜିତ ସଏ, ସନ୍ତୋଷ କୁମାର ବାରିକ, କରୁଣାକର ବେହେରା, ରୋମିଓ ରଞ୍ଜନ ମାଝି, ଶୁଭ୍ରଜିତ ମହାନ୍ତି, ସୁରେଶ ପ୍ରଧାନ, କାମରାଜୁ କାଦ୍ରାକା, ପ୍ରତୀକ ନାୟକ, ସମ୍ବିତ ଷଡଙ୍ଗୀ, ପ୍ରତ୍ୟୁଷ ଦାସ, ନିରଞ୍ଜନ ବଛା ରହିଛନ୍ତି। ଏହି ଦଳର କୋଚ ହେଉଛନ୍ତି ପୁପୁନ ମଲିକ। ମ୍ୟାନେଜର ଭାବେ କେ. ମାଧବ ରାଓ ଓ ମ୍ୟାଚ ଅଫିସିଆଲ ଭାବେ ପ୍ରକାଶ ନାୟକ ଦଳରେ ରହିଛନ୍ତି। ଉଭୟ ବାଳିକା ବାଳକ ଦଳକୁ ଶୁଭେଚ୍ଛା ଜଣାଇବା ସହ ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା ଆଶା ପ୍ରକାଶ କରିଛନ୍ତି।

# ଯୁବ ଭାରୋତ୍ତୋଳକଙ୍କ ପାଇଁ ଉତ୍ତମ ପ୍ଲାଟଫର୍ମ

ନୂଆଦିଲ୍ଲୀ, ୧୨।୨

KHELO INDIA UNIVERSITY GAMES 2020 ODISHA INDIA'S BEST KEPT SECRET

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସର୍ବପ୍ରଥମ ସଂସ୍କରଣ ଭୁବନେଶ୍ୱର ଓ କଟକରେ ଚଳିତ ମାସ ୨୨ରୁ ଆରମ୍ଭ ହେବ। ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ଯୁବ ଭାରୋତ୍ତୋଳକଙ୍କ ପାଇଁ ଦକ୍ଷତା ପ୍ରଦର୍ଶନର ଉତ୍ତମ ପ୍ଲାଟଫର୍ମ ହେବ। ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ ସଫଳତାର ସହ ୩ ସଂସ୍କରଣ ଆୟୋଜନ ପରେ ଭାରତ ସରକାର ବିଶ୍ୱବିଦ୍ୟାଳୟ କ୍ରୀଡ଼ା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ବିଶ୍ୱବିଦ୍ୟାଳୟ ସ୍ତରର ପ୍ରତିଭା ସମ୍ପନ୍ନ ଆଥଲେଟ୍‌ମାନେ ସେମାନଙ୍କ ଦକ୍ଷତା ଦେଖାଇବେ। ୨୦୧୭ରେ ମୀରାବାଈ ଚାନୁ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ। ଆଗାମୀ ଅଲିମ୍ପିକ୍ସରେ ମଧ୍ୟ ଭାରତ ଏହି ଇଭେଣ୍ଟରୁ ପଦକ ଜିତିବାର ଅନେକ ସମ୍ଭାବନା ରହିଛି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଭାରତୀୟ ଯୁବ ଭାରୋତ୍ତୋଳକଙ୍କ ପାଇଁ ଆଗକୁ ବଢ଼ିବାରେ ଶିଡ଼ି ସଦୃଶ କାର୍ଯ୍ୟ କରିବ। ଯାହାଫଳରେ ଦେଶରେ ଅନେକ ମୀରାବାଈ ଚାନୁ ସୃଷ୍ଟି ହୋଇ ପାରିବେ। ''ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଏକ ଜାତୀୟ ପ୍ରତିଯୋଗିତା ହୋଇଥିବାରୁ ଆମ ପାଇଁ ଅନେକ ମହତ୍ତ୍ୱ ରଖୁଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆମର ସମସ୍ତ ଦାୟିତ୍ୱ ବହନ କରାଯାଉଥିବାରୁ ମୁଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଉପରେ ଏକାଗ୍ର ରହିଛି। ଏହା ଆମ ପାଇଁ ନିଶ୍ଚିତ ଭଲ ଅଭିଜ୍ଞତା ଆଣିବ'' ବୋଲି ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ବୀରଜିତ କୌର ପ୍ରକାଶ କରିଛନ୍ତି। ଚଳିତବର୍ଷ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସର ୪୯ କେଜି କାଟେଗୋରିରେ ବୀରଜିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଗୁଆହାଟୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୋମଲ କୋହର ମଧ୍ୟ ସମାନ ମତବ୍ୟକ୍ତ କରିଛନ୍ତି। ''ଭାରତର ଉଦୀୟମାନ ଆଥଲେଟଙ୍କ ପାଇଁ ଏହି ପ୍ରତିଯୋଗିତା ବଡ଼ ପ୍ଲାଟଫର୍ମ। ସେମାନେ ଏଥିରେ ନିଜ ପ୍ରତିଭା ଦେଖାଇ ପାରିବେ। ଦେଶରେ କ୍ରୀଡ଼ା ସଂସ୍କୃତିର ଉନ୍ନତି ପାଇଁ ସରକାର ନେଇଥିବା ପଦକ୍ଷେପ ବହୁତ ବଢ଼ିଆ। ଓଡ଼ିଶାରେ ହେବାକୁ ଯାଉଥିବା ପ୍ରତିଯୋଗିତା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଅନେକ ସୁଯୋଗ ଆଣିବ'' ବୋଲି ୧୭ ବର୍ଷୀୟା କୋମଲ ପ୍ରକାଶ କରିଛନ୍ତି। ଗତ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ମୟୂରୀ ଦେଭାରେ ମଧ୍ୟ ଆଗାମୀ ପ୍ରତିଯୋଗିତାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି।

## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



ସ୍ୱର୍ଗତା ସଂଯୁକ୍ତା କୁମାରୀ (ପ୍ରଧାନ ଶିକ୍ଷୟିତ୍ରୀ)
ଭୁବନପୁର ସ୍ୱାଧୀନ କଲୋନୀ, ନିମାପଡ଼ା
ଆବିର୍ଭାବ: ବୈଶାଖ କୃଷ୍ଣ ଦଶମୀ (୨୦।୦୮।୧୯୬୦)
ତିରୋଧାନ: ଫାଲଗୁନ କୃଷ୍ଣ ପଞ୍ଚମୀ (୦୩।୦୨।୨୦୧୦)
ମାମା, ଚାହୁଁ ଚାହୁଁ ଦଶବର୍ଷ ବିତିଗଲା। ତୋ ବିନା ମୁହୂର୍ତ୍ତେ ବଞ୍ଚିବା କଷ୍ଟକର ହେଉଛି। ତୋ ମମତା ଭରା ମୁହଁ, ଅମୃତ ବୋଳା ହସ ଆଜି ଆମ ପାଇଁ ସାତ ସପନ। ତୋ ବିନା ଆମ ଘର ଶୂନଶାନ। ମୋ ମାଙ୍ଗଳିକ କାର୍ଯ୍ୟରେ ତୋର ଅନୁପସ୍ଥିତି ଅସହନୀୟ। ଆଜି ଦଶମ ଶ୍ରାଦ୍ଧବାର୍ଷିକ ଅବସରରେ ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ସ୍ୱାମୀ: ଗୁଣନିଧି, ଝିଅ: ଜି.ଏସ୍. ବର୍ଷା, ଜ୍ୱାଇଁ: ପାର୍ଥସାରଥି, ପୁତୁରା: ନଣ୍ଡା, ଅନ୍ୟ ଝିଆରୀ ପୁତୁରା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ–୧୬୬୫୯

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବାଇଧର ସାହୁ
Hatiasuni Lane,
Tankapani Road, Bhubaneswar
ଆବିର୍ଭାବ: ୨୨।୦୪।୧୯୩୬
ତିରୋଧାନ: ୧୩।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ–୬୭୨୮୯






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ସିଏସ୍‌ଓଙ୍କ ଗାଡ଼ିରୁ ୧.୧୦ଲକ୍ଷ ଟଙ୍କା ଜବତ

**ଭବାନୀପାଟଣା,୧୨।୨(ଡି.ଏନ.ଏ.)**

## ଅଟକ ରଖି ଭିଜିଲାନ୍ସର ପଚରାଉଚରା

କଳାହାଣ୍ଡି ଜିଲା ଯୋଗାଣ ବିଭାଗ ଅଧିକାରୀ(ସିଏସ୍‌ଓ) ଶିବପ୍ରସାଦ ଦୋରାଙ୍କ ସରକାରୀ ଗାଡ଼ିରୁ ବୁଧବାର ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଜବତ କରିଛନ୍ତି ୧ଲକ୍ଷ ୧୦ହଜାର ଟଙ୍କା । ଟଙ୍କା ଜବତ ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ସିଏସ୍‌ଓ ଦୋରା ଉକ୍ତ ଟଙ୍କା କେଉଁଠୁ ଆଣିଲେ ଏବଂ କାହାକୁ ଦେବା ପାଇଁ ନେଉଥିଲେ ସେ ନେଇ ଠିକ୍ ତଥ୍ୟ ଦେଇ ପାରୁ ନ ଥିବା ଭିଜିଲାନ୍ସ ସୂତ୍ରରୁ ଜଣା ପଡ଼ିଛି। ସିଏସ୍‌ଓ ଦୋରା ତାଙ୍କ କାର୍ଯ୍ୟାଳୟରୁ ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ୨୦ରେ ସରକାରୀ ଗାଡ଼ିରେ ଲକ୍ଷାଧିକ ଟଙ୍କା ନେଇ ସ୍ଥାନୀୟ ହିଲଟାଉନସ୍ଥିତ ଭଡ଼ା ଘରକୁ ଯାଉଥିବା ନେଇ ଭିଜିଲାନ୍ସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ତାଙ୍କ ଗାଡ଼ିକୁ ହିଲଟାଉନ୍ ଲେନ ନଂ.୨ ନିକଟରେ ଅଟକାଇଥିଲେ। ତଲାସୀ ବେଳେ ଗାଡ଼ିରେ ୧ ଲକ୍ଷ ୧୦ ହଜାର ଟଙ୍କା ଥିବା ଦେଖାଯାଇଥିଲା। ଚଢ଼ାଉରେ ଇନ୍ସପେକ୍ଟର କଳାବତୀ ବାଗ, ସନ୍ତୋଷ ମହାନ୍ତି, ତ୍ରିଲୋଚନ ଷଡଙ୍ଗୀ, ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ସାମିଲ ଥିଲେ। ଖବର ଲେଖା ହେବା ଯାଏ ସିଏସ୍‌ଓଙ୍କ ଭଡ଼ା ଘର ସହ ତାଙ୍କ ନବରଙ୍ଗପୁର ଜିଲାସ୍ଥିତ ନିଜ ଘରେ ଭିଜିଲାନ୍ସ ବିଭାଗ ଚଢ଼ାଉ ଜାରି ରଖିଛନ୍ତି । ଏ ନେଇ କୋରାପୁଟ ଭିଜିଲାନ୍ସରେ ଏକ ମାମଲା (ନଂ. ୪/୨୦) ରୁଜୁ ହୋଇଛି ।

# ହିତାଧିକାରୀଙ୍କ ଘରେ ଧାରଣାରେ ବସିଲେ ବିଡିଓ




ସୋନପୁର ବିଡିଓ ଓ ବିଶିମୁଣ୍ଡା ସରପଞ୍ଚ ହିତାଧିକାରୀଙ୍କ ଘର ସମ୍ମୁଖରେ ଧାରଣାରେ ବସିଛନ୍ତି ।

**ସୋନପୁର,୧୨।୨(ନି.ପ୍ର.)**

- ସାମିଲ ହେଲେ ସରପଞ୍ଚ, ପିଇଓ, ଜିଆରଏସ୍
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଅସମ୍ପୂର୍ଣ୍ଣ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣରେ କାର୍ଯ୍ୟାଦେଶ ପାଇ ଘର ନିର୍ମାଣ କରୁନାହାନ୍ତି ହିତାଧିକାରୀ। ଯେତେ ତାଗିଦ୍ କଲେ ମଧ୍ୟ କେତେକ ହିତାଧିକାରୀ ଘର ସମ୍ପୂର୍ଣ୍ଣ କରିବାର ନାଁ ଧରୁ ନାହାନ୍ତି। ସମୟ ଗଡ଼ାଇ ଚାଲିଛନ୍ତି। ତେଣୁ ଗାନ୍ଧୀଗିରି ଜରିଆରେ ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ ବାଧ୍ୟ କରିବାକୁ ସୋନପୁର ବ୍ଲକ ପ୍ରଶାସନ ଉଦ୍ୟମ କରିଛି । ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ବୁଧବାର ସୋନପୁର ପଞ୍ଚାୟତ ସମିତି ଅଧୀନ ବିଶିମୁଣ୍ଡା ଗ୍ରାମରେ ପିଏମଏୱାଇ ହିତାଧିକାରୀ ମିନାକ୍ଷୀ ହରିପାଲଙ୍କ ଘର ସମ୍ମୁଖରେ ବିଡିଓ ରବିନ୍ଦ୍ର କୁମାର ପଟେଲ ଓ ବିଶିମୁଣ୍ଡା ପଞ୍ଚାୟତର ସରପଞ୍ଚ ମଧୁସୂଦନ ଓତା ଧାରଣାରେ ବସିଥିଲେ। ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଦୀନବନ୍ଧୁ ପ୍ରଧାନ ଓ ଗ୍ରାମ ରୋଜଗାର ସେବକ(ଜିଆରଏସ୍) ଯଜ୍ଞଦତ୍ତ ମେହେର ଏହି ପ୍ରତୀକ ଧାରଣାରେ ସାମିଲ ହୋଇଥିଲେ। ଧାରଣା ପରେ କାର୍ଯ୍ୟାଦେଶ ପାଇ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରୁ ନଥିବା ଗ୍ରାମର ଲକ୍ଷ୍ମୀ ନାରାୟଣ ବଗର୍ତ୍ତି, ହରିବନ୍ଧୁ ଥେଟୁଆଲ, ବଳରାମ ଷଣ୍ଢ, ଶ୍ୟାମ ହରିପାଲ, କାମପାଳ ନିଆଲ, ମିନାକ୍ଷୀ ହରିପାଲ, ତାରା କୁମ୍ଭାର, ଅଜିତ ହରିପାଲ, ମଙ୍ଗୁଲୁ ଥେଟୁଆଲ, ଗୋକୁଳ ମନହିରା, ଜିତେନ୍ଦ୍ର ହରିପାଲ, ରଞ୍ଜିତ ହରିପାଲ ଓ ମଙ୍ଗଲୁ କୁମ୍ଭାର ପ୍ରମୁଖ ୧୩ ଜଣ ହିତାଧିକାରୀ ଆସନ୍ତା ୧୦ରୁ ୧୫ ଦିନ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଶ୍ରୁତି ମିଳିବା ପରେ ବିଡିଓ ଓ ସରପଞ୍ଚ ଧାରଣାରୁ ଉଠିଛନ୍ତି। ପ୍ରକାଶ ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ପିଏମଏୱାଇରେ ସୋନପୁର ପଞ୍ଚାୟତ ସମିତିକୁ ୨୨୧୭ଟି ଘର ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ବର୍ତ୍ତମାନ ସୁଦ୍ଧା ୧୦୬୬ଟି ଗୃହ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୧୫୧ଟି ଅସମ୍ପୂର୍ଣ୍ଣ ଅଛି। ସେହିପରି ବିଶିମୁଣ୍ଡା ପଞ୍ଚାୟତର ଧାର୍ଯ୍ୟ ଲକ୍ଷ୍ୟ ୧୧୨ ଥିବା ବେଳେ ୬୩ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିଛି।

# ବାଇକ୍ ଡିକି ଭାଙ୍ଗି ୪୦ ହଜାର ଲୁଟ୍

**ପୁରୁଣାକଟକ,୧୨।୨(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅଞ୍ଚଳର ଜଣେ ଚାଷୀଙ୍କ ବାଇକ୍ ଡିକି ଭାଙ୍ଗି ୪୦ ହଜାର ଟଙ୍କା ଲୁଟ୍ ହୋଇଛି । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତନାଘନା ଚଳାଇଛି ।

ସୂଚନା ଅନୁସାରେ, ତିଲେଶ୍ୱର ପଞ୍ଚାୟତ ଜୟପୁର ଗ୍ରାମର ଉଦ୍ଧବ ପ୍ରଧାନ ମଣ୍ଡିରେ ଧାନ ବିକିବା ପରେ ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିଲା। ବୁଧବାର ସେ ପୁରୁଣାକଟକ ସମବାୟ ବ୍ୟାଙ୍କକୁ ଯାଇ ୪୦ ଟଙ୍କା ଉଠାଇ ନିଜ ବାଇକ୍ (ନଂ.ଓଡି୨୭ଏ/୦୯୦୪) ଡିକିରେ ରଖି ଘରକୁ ଫେରୁଥିଲେ। ଫେରିବା ସମୟରେ ଉଦ୍ଧବ ପୁରୁଣାକଟକ-ଧଳପୁର ପୂର୍ତ୍ତ ରାସ୍ତାର ଚାଉଁରପୁର ଗ୍ରାମ ନିକଟରେ ବାଇକ୍ ରଖି ପାଖରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଘରକୁ ଯାଇଥିଲେ। ୧୦ ମିନିଟ୍ ପରେ ସେଠାରେ ଫେରିଆସି ତାଙ୍କ ଡିକି ଭଙ୍ଗାଯିବା ସହ ଥିବା ୪୦ ହଜାର ଟଙ୍କା କେହି ଦୁର୍ବୃତ୍ତ ଲୁଟି ନେଇଥିବା ଜାଣିବାକୁ ପାଇଥିଲେ।


















ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ



### ବିପଦସଙ୍କୁଳ ଅବସ୍ଥାରେ ଝୁଲୁଛି ବିଦ୍ୟୁତ୍ ତାର

ଦେଓଗାଁ, ୧୨।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ରୁଗୁଡିପାଲି ଗାଁରେ ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ତାର ରହିଛି । ଉକ୍ତ ଗାଁ ପାଖଦେଇ ୧୧କେଭି ବିଦ୍ୟୁତ ତାର ୫ଫୁଟ ଉଚ୍ଚରେ ଝୁଲୁଥିବାରୁ ଉକ୍ତ ରାସ୍ତାଦେଇ ଲୋକେ ଯିବା ଆସିବାକୁ ଭୟ କରୁଛନ୍ତି। ବିଦ୍ୟୁତ୍ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଝୁଲି ରହିଥିବା ତାରକୁ ଆବଶ୍ୟକ ଉଚ୍ଚତାକୁ ଉଠାଇବାକୁ ସାଧାରଣରେ ଦାବି ହେଉଛି ।

### ଗୋପଲୀଳା ପାରାୟଣ

ଟିକ୍ରାପଡା,୧୨।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଝରବାହାଲି ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ଗୋପଲୀଳା ପାରାୟଣ ବୁଧବାର ସମ୍ପନ୍ନ ହୋଇଯାଇଛି। ପପୁନ ପଣ୍ଡା ବ୍ୟାସ ରହିଥିଲେ । ସୁଶୀଳା ବଗର୍ତ୍ତି, ଶତ୍ରୁଘ୍ନ ବଗର୍ତ୍ତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗଣେଶ ଠାକୁର ପୂଜକ ରହିଥିଲେ । ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ । ଚମରା ଫୋଢ, ଜାନକୀ ବଗର୍ତ୍ତିଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଟ୍ରେନ୍ ଲାଇନରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଲୋଇସିଂହା,୧୨।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ସେମେଲମୁଣ୍ଡା ନିକଟସ୍ଥ କୁଶଙ୍ଗାଇ ପୋଲ ଟ୍ରେନ ଲାଇନ ନିକଟରୁ ବୁଧବାର ବଲାଙ୍ଗୀର ରେଲୱେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ପରିଚୟ ଜଣାପଡି ନାହିଁ। ବଲାଙ୍ଗୀର ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ରେଲୱେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଯୁବକ ଜଣକ ଟ୍ରେନ ଲାଇନରେ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

### ଦେଓଗାଁରେ ଗୋପଲୀଳା ପାରାୟଣ

ଦେଓଗାଁ, ୧୨।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ହାଇସ୍କୁଲପଡାରେ ଭଗବତ ଗୃହ ପ୍ରତିଷ୍ଠାର ଦ୍ୱିତୀୟ ଦିବସରେ ଗୋପଲୀଳା ପାରାୟଣ ଅନୁଷ୍ଠିତ ହୋଇଛି । ପାରାୟଣ କର୍ତ୍ତାଭାବେ ଶ୍ୟାମସୁନ୍ଦର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାର ୧୬ ପ୍ରହର ନାମଯଜ୍ଞ ଆରମ୍ଭ ହେବ। ପ୍ରହରୀକର୍ତ୍ତା ଭାବେ ଜୟ ରଣା ଦାୟିତ୍ୱରେ ତୁଲାଇବେ। ସେହିପରି ଅଇଁଲାପାଲିରେ ଆଞ୍ଚଳିକ ଭାଗବତ ବୋଲଗୋପାଳ ସତସଙ୍ଗର ଭକ୍ତବୃନ୍ଦଙ୍କ ସହଯୋଗରେ ଗୋପଲୀଳା ପଠନ ଓ ଗୀତାଯଜ୍ଞ ଆରମ୍ଭ ହୋଇଛି । ବୁଧବାର ଗୋପଲୀଳା ପଠନ ଆରମ୍ଭ ହୋଇଛି। କର୍ତ୍ତା ଭାବେ ଜଗବନ୍ଧୁ ବିଶ୍ୱାଳ ଦାୟିତ୍ୱରେ ରହିଛନ୍ତି । ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।

# ୯୯ ବର୍ଷର ସରକାରୀ ଲିଜ୍ ଜମିରେ ରହିଛି ଗାନ୍ଧୀ ଷ୍ଟାଡିୟମ

## ଜିଲା କ୍ରୀଡ଼ା ସଂସଦର ଖବରଦାତା ସମ୍ମିଳନୀ

ବଲାଙ୍ଗୀର ଅଫିସ,୧୨।୨

- ୧୦ ଏକର ଜମି ଡିଏଏକୁ ହୋଇଥିଲା ହସ୍ତାନ୍ତର
- ୧୯୭୩ ମସିହାରେ ଲିଜ୍ ଡିଡ୍ କାର୍ଯ୍ୟକାରୀ ହୋଇଥିଲା
- ଡିଏଏ ପାଖରେ ଏବେ ରହିଛି ୭.୭୬୮ ଏକର ଜମି
- ବଳକା ୨.୨୩୨ ଏକର ଜମିର ପତ୍ତା ନାହିଁ
- କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରୋତ୍ସାହନ ପାଇଁ ଉଦ୍ଦିଷ୍ଟ



ଖବରଦାତା ସମ୍ମିଳନୀରେ କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ସୂଚନା ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମକୁ ନେଇ କିଛି ତଥ୍ୟ ଓ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଥିଲା । କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଗାନ୍ଧୀ ଷ୍ଟାଡିୟମର ଜମି ମାଲିକାନା, ଏହାର ବ୍ୟବହାରଗତ ପରିଚାଳନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ କୌଣସି ପ୍ରକାର ବିବାଦ ନ ଥିବା ମିଶ୍ର କହିଥିଲେ । ସେ ଆହୁରି ସୂଚନା ଦେଇଥିଲେ ଯେ, ୧୯୬୯ରେ ତତ୍କାଳୀନ ଜିଲାପାଳ ଏ.ଏନ୍. ତିୱାରୀଙ୍କ ଅଧ୍ୟକ୍ଷତାରେ ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗାନ୍ଧୀ ଷ୍ଟାଡିୟମ ନାମରେ ଏକ ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେତେବେଳେ ଓଡିଶା ଅଲିମ୍ପିକ ଆସୋସିଏଶନ୍ ପକ୍ଷରୁ ପ୍ରଦତ୍ତ ୧.୨୫ ଲକ୍ଷ ଅନୁଦାନ ଏବଂ ଗାନ୍ଧୀ ସେଣ୍ଟିନାରୀ ଫଣ୍ଡର ୫୦ ହଜାର ଟଙ୍କାରେ ଷ୍ଟାଡିୟମ ନିର୍ମାଣ କାମ ଆରମ୍ଭ କରାଯାଇଥିଲା । ଏହି ନିର୍ମାଣ କାମ କାର୍ଯ୍ୟକାରୀ କରିବାକୁ ତତ୍କାଳୀନ ଆର୍ଇ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ତତ୍କାଳୀନ କନ୍ଧପାଲି ମୌଜାର ପ୍ଲଟ୍ ନମ୍ବର ୫୦୭ ଏ(ହାଲ୍ ସେଟଲ୍‌ମେଣ୍ଟ ମୌଜା ବଲାଙ୍ଗୀର ଗ, ପ୍ଲଟ୍ ନମ୍ବର- ୯୭୨)ର ୧୦ ଏକର ପରିମିତ ଜମିକୁ ସରକାର ୨୭ ଅଗଷ୍ଟ ୧୯୭୦ରେ ବଲାଙ୍ଗୀର ତହସିଲଦାରଙ୍କ ଜରିଆରେ ଜିଲା କ୍ରୀଡ଼ା ସଂସଦକୁ ହସ୍ତାନ୍ତର କରିଥିଲେ । ୧୧ ଜୁଲାଇ ୧୯୭୩ାରେ ଜିଲାପାଳ ଏବଂ ଜିଲା କ୍ରୀଡ଼ା ସଂସଦ ମଧ୍ୟରେ ଉକ୍ତ ଜମିର ୯୯ ବର୍ଷର ଲିଜ୍ ଡିଡ୍ କାର୍ଯ୍ୟକାରୀ ହୋଇଥିବା ମିଶ୍ର ସୂଚନା ଦେଇଥିଲେ । ପ୍ରାରମ୍ଭରୁ ସରକାରଙ୍କଠାରୁ ଜିଲା କ୍ରୀଡା ସଂସଦ (ଡିଏଏ)କୁ ୧୦ ଏକର ଜମି ଲିଜ ଆକାରରେ ହସ୍ତାନ୍ତରିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଡିଏଏ ପାଖରେ ବାସ୍ତବରେ ୭.୭୬୮ ଏକର ଜମି ରହିଥିବା ମିଶ୍ର ସୂଚନା ଦେଇଥିଲେ। ବଳକା ୨.୨୩୨ ଏକର ଜମିର ପତ୍ତା ମିଳିନାହିଁ ବୋଲି ସେ କହିଥିଲେ । ତେବେ କ୍ରୀଡା ସଂସଦ ପକ୍ଷରୁ ଉକ୍ତ ବଳକା ୨.୨୩୨ ଏକର ଜମିକୁ କିଭଳି ଫେରାଇ ଅଣାଯିବ ସେନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଜିଲା କ୍ରୀଡା ସଂସଦ ଅଧୀନ ଗାନ୍ଧୀ ଷ୍ଟାଡିୟମର ବ୍ୟବହାର ଯୁବକମାନଙ୍କ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରୋତ୍ସାହନ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରାରମ୍ଭରୁ ରହିଆସିଛି ଓ ଏବେ ମଧ୍ୟ ଏହାହିଁ ଗାନ୍ଧୀ ଷ୍ଟାଡିୟମର କାର୍ଯ୍ୟ ପରିସର ରହିଛି ବୋଲି ସେ କହିଥିଲେ। ଗାନ୍ଧୀ ଷ୍ଟାଡିୟମର ଜମି ମାଲିକାନା ସ୍ପଷ୍ଟ ରହିଛି ଓ ଏଥିରେ କୌଣସି ବିବାଦ ନାହିଁ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନର ଜମିରେ କ୍ରୀଡା ସଂସଦର ଗାନ୍ଧୀ ଷ୍ଟାଡିୟମ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ଏନେଇ ସମସ୍ତ ଆବଶ୍ୟକୀୟ କାଗଜପତ୍ର ମଧ୍ୟ ସଂସଦ ପାଖରେ ରହିଛି ବୋଲି ସେ ସୂଚାଇ ଦେଇଥିଲେ। କିଛି ଖବରଦାତା କ୍ରୀଡ଼ାକ୍ଷେତ୍ର ବାଦ୍ ଅନ୍ୟାନ୍ୟ କାର୍ଯ୍ୟ ଯଥା ବିବାହ କାର୍ଯ୍ୟରେ ଗାନ୍ଧୀ ଷ୍ଟାଡିୟମକୁ ଭଡା ଲଗାଯିବା ପ୍ରସଙ୍ଗକୁ ନେଇ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେବାକୁ ଯାଇ ଗାନ୍ଧୀ ଷ୍ଟାଡିୟମର ପରିଚାଳନା ସକାଶେ ଅର୍ଥର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂସଦରେ ବିଧିବଦ୍ଧ ରିଜୋଲ୍ୟୁସନ୍ କରାଯାଇ ଷ୍ଟାଡିୟମ ଭଡା ଦିଆଯାଉଛି ଓ ଏହାର ସମସ୍ତ ବିବରଣୀ ସଂସଦ ପାଖରେ ମହଜୁଦ ରହିଛି ବୋଲି ସେ କହିଥିଲେ। ବଳକା ୨.୨୩୨ ଏକର ଜମି କୁଆଡେ ଗଲା ବୋଲି ପ୍ରଶ୍ନ କରାଯିବାରୁ ଏଯାଏଁ ଏହାର ପତ୍ତା ମିଳିନାହିଁ ଓ ଏହି ଜମି ସଂସଦକୁ ଫେରାଇବା ଦିଗରେ ବିଧିବଦ୍ଧ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ମିଶ୍ରଙ୍କ ସହ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ବରିଷ୍ଠ ସଦସ୍ୟ ବିକ୍ରମାନନ୍ଦ ବହିଦାର ଉପସ୍ଥିତ ଥିଲେ । କିଛିଦିନ ହେଲା ସାମାଜିକ ଗଣମାଧ୍ୟମରେ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମର ଜମି ମାଲିକାନା, ଏହାର ବ୍ୟବହାରଗତ ପରିଚାଳନା, ଅଣକ୍ରୀଡା କାର୍ଯ୍ୟରେ ଭଡାକୁ ନେଇ କିଛି ପୋଷ୍ଟିଂ ପରେ ସହରରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ କ୍ରୀଡା ସଂସଦ ପକ୍ଷରୁ ବୁଧବାର ଖବରଦାତା ସମ୍ମିଳନରେ ସ୍ପଷ୍ଟୀକରଣ ଦେବା ସହ କିଛି ଡକ୍ୟୁମେଣ୍ଟ ପ୍ରଦାନ କରାଯାଇଥିଲା।

### ଭାଜପାର ମଣ୍ଡଳସ୍ତରୀୟ ବୈଠକ

ଖପ୍ରାଖୋଲ,୧୨।୨(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଅଧୀନ କନଗାଁରେ ଭାଜପାର ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦେବକାନ୍ତ ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଅଭୟ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଘୁନାଥ ସିଂ ବରିହା, ରବି ସାହୁ, ନାରୀ ନେତ୍ରୀ ରୀତା ଘଣା, ଦେବକି ଖର୍ସେଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଖପ୍ରାଖୋଲ ମଣ୍ଡଳସ୍ତରୀୟ ସାଂଗଠନିକ ସମ୍ପର୍କରେ ଆଲୋଚନା ହୋଇଥିଲା । ସଭାପତିଙ୍କ ପକ୍ଷରୁ ୬୧ଜଣିଆ ମଣ୍ଡଳ କମିଟି ଓ ୭ଟି ମୋର୍ଚ୍ଚାର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ସତ୍ୟାନନ୍ଦ ସେଣ୍ଡ୍ରିଆ, ଜୋସ୍ନାମୟୀ ସାହୁ, ଉପସଭାପତି ଭାବେ ସଞ୍ଜୀବ ପଟେଲ, ହେମନ୍ତ ପଧାନ, ରୀତା ଘଣା, ଦେବକୀ ଖର୍ସେଲ, ଗଣେଶ ସାହୁ, ଶିରିଶ ସିଂ ଦେଓ, ସମ୍ପାଦକ ରୁପେ କାନ୍ତ ପଧାନ, ସନ୍ତୋଷ ଗଡତିଆ, ଆଶାମତୀ ପୋଢ, ଦେବାନନ୍ଦ ଭୋଇ, ସୁଶିଳା ବରିହା ଏବଂ କୋଷାଧ୍ୟକ୍ଷ ଭାବେ ଭରତ ସାହୁ ମନୋନିତ ହୋଇଥିବା ବେଳେ ଆଦିବାସୀ ମୋର୍ଚ୍ଚା ସଭାପତି ଭାବେ ଲୋଚନ ସିଂ ବରିହା, ଅନୁସୂଚୀତ ଜାତି ମୋର୍ଚ୍ଚା ସଭାପତି ଯୁଧିଷ୍ଠିର ହରିପାଲ, କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ ପଟେଲ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏମ୍.ଡି ୟୁସୁଫ୍ ଓ ଯୁବ ମୋର୍ଚ୍ଚା ସଭପତି ଭାବେ ଖପ୍ରାଖୋଲ ସରପଞ୍ଚ ଉପେନ୍ଦ୍ର ଭୋଇଙ୍କ ନାମ ଘୋଷଣା କରାଯାଇଥିଲା।

# ପିଇଲା ପାଏନ୍ ଲାଗି ଜହଗଁଜ୍ ଛାତ୍ରୀଛାତ୍ର

ବିନିକା,୧୨।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଁଚେତ୍ ପିତାଇପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଇଲା ପାଏନ୍ ସମସିଆ ଲାଗିରହିଛେ। ଇ ଘଟନାକେ ନେଇ ଅଭିଭାବ ଆର ସ୍କୁଲ କତ୍ତୃପକ୍ଷ ବିଭାଗୀୟ ଅଧିକାରୀମାନକୁ ଜନେଇଥିଲେ ବି ଆଏଜ୍‌ତକ ସମସିଆର ସମାଧାନ ନାଇଁ ହେଇପାରି। ସୂଚନା ଅନ୍‌ସାରେ ଅଂଚଲରେ ଶିକ୍ଷାର ପରସାର ଲାଗି ୧୯୫୯ ସାଲେ ପିତାଇପାଲିରେ ଗୁଟେ ପ୍ରାଥମିକ ସ୍କୁଲର ଥାପନା କରାଯାଇଥିଲା। ଏହେଦେ ଇ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ତକ୍ ମୋଟ ୫୩ ଝନ୍ ଛାତ୍ରୀଛାତ୍ର ପାଠ୍‌ପଢୁଛନ୍। ହେଲେ ଅନେକ ବଛର ହେଲା ସ୍କୁଲରେ ପିଇଲା ପାଏନ୍ ସମସିଆ ଲାଗି ରହିଛେ। ଏନ୍‌ତାଥି ଛାତ୍ରୀଛାତ୍ର, ଶିକ୍ଷକ ପିଇଲା ପାଏନ୍ ଲାଗି ବଡ଼ା ଦହଗଁଜ୍ ହେଉଥିବାର ଅଭିଯୋଗ ହେଉଛେ। ଅନେକ ଦିନ୍ ଆଗ୍‌ରୁ ଛାତ୍ରୀଛାତ୍ରଙ୍କର ପିଇଲା ପାଏନ୍ ସୁବିଧା ଲାଗି ସ୍କୁଲ ପରିସରରେ ବିନିକା ଗ୍ରାମ୍ୟ ଜଳଯୋଗାଣ ବିଭାଗ ଗୁଟ୍‌ଗୁଟ୍ କରି ୩ଟା ନଲ୍‌ତୁଆଁ କୁଡ଼ିଥିଲା। ହେଲେ ସବୁ ନଲ୍‌ତୁଆଁ ଫେଲ୍ ମାରିଥିଲା। ସେଦିନ୍‌ଠାନୁ ସମସିଆର ସମାଧାନ ଲାଗି କେହେନ୍‌ମ୍‌ସି ପଦକ୍ଷେପ ନାଇଁ ନିଆଯାଇ ବଲି ଅଭିଭାବକ ଆର ଗାଁବାସୀ ଅଭିଯୋଗ କରିଛନ୍। ଇଆଡ଼େ ସ୍କୁଲରେ ଏମ୍‌ଡିଏମ୍ ରଁଧାବଢ଼ା ଲାଗି ରାଁଧେନ୍‌ମାନେ ୩ କି.ମି. ଦୂରିଆରୁ ପାଏନ୍ ଦୁହାରୁଥିବାର ଜନାଯାଇଛେ। ଇ ଦିଗେ ଥାନୀଅ ପରଶାସନ, ବିଭାଗୀୟ କତ୍ତୃପକ୍ଷ ଦୁରୁଷ୍ଟି ଦେଇ ସମସିଆର ସମାଧାନ କରବାକେ ଅଭିଭାବକ, ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ସ୍କୁଲର ପ୍ରଧାନଶିକ୍ଷକ ନଥୁରାମ ମହାନନ୍ଦଙ୍କୁ ପଚ୍‌ରାଲାରୁ ବହୁତ୍ ବଛର ହେଲା ସ୍କୁଲରେ ପିଇଲା ପାଏନ୍ ସମସିଆ ଲାଗି ରହିଛେ। ସ୍କୁଲରେ ବେଲାର ରଁଧାଖଁଜା ଲାଗି ରାଁଧେନ୍‌ମାନେ ୩ କି.ମି. ଦୂରିଆନୁ ପାଏନ୍ ଦୁହାରୁଛନ୍। ଇ ବାବ୍‌ଦେ ବିଭାଗୀୟ ଅଧିକାରୀମାନକୁ ଜନେଇ ଦିଆଯାଇଛେ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବିନିକା ବିଇଓ ଶଶୀଭୂଷଣ ସେଠୀଙ୍କୁ ପଚ୍‌ରାଲାରୁ ପିତାଇପାଲି ସ୍କୁଲର ସମସିଆ ବାବ୍‌ଦେ ଜାନିଛେଁ, ଉଚ କତ୍ତୃପକ୍ଷଙ୍କୁ ବି ଜନେଇ ଦିଆଯାଇଛେ। ବହୁତ୍ ଜଲଦି ସମସିଆର ସମାଧାନ ହେବା ବଲି ସେ କହିଥିଲେ।




ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କର ସଂଗେ ଶିକ୍ଷକମାନେ।

- ସ୍କୁଲ ପରିସରରେ ୩ ନଲ୍‌ତୁଆ ଫେଲ ମାରିଛେ
- ୩ କି.ମି. ଦୂରୁ ପାଏନ୍ ଦୁହାରୁଛନ୍ ରାଧେନ୍‌ମାନେ
- ବହୁତ୍ ଜଲଦି ସମସିଆର ସମାଧାନ ହେବା: ବିଇଓ

### ଡିଏସଡବ୍ଲ୍ୟୁଓଙ୍କ କ୍ଷେତ୍ର ପରିଦର୍ଶନ
### ଛତୁଆ କାରଖାନା ଗୋଦାମରେ ଗହମ ନଷ୍ଟ ଘଟଣା

ଲୋଇସିଂହା,୧୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଗତ ୭ ତାରିଖରେ ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓ ଛତୁଆ କାରଖାନା ପରିଦର୍ଶନରେ କରିଥିଲେ। ଛତୁଆ କାରଖାନ ଗୋଦାମ ଘରେ ଗହମ ନଷ୍ଟ ହେବା ଓ ଗୋଦମ ଘର ଅବ୍ୟସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଏଭଳିସ୍ଥିତିରେ ମଙ୍ଗଳବାର ଡିଏସ୍‌ଡବ୍ଲ୍ୟୁଓ ବିନୋଦିନୀ ପଧାନ ଗୋଦାମ ଗୃହ ପରିଦର୍ଶନ କରିଥିଲେ। ଶୋଚନୀୟ ଗୋଦମ ଗୃହ ଯୋଗୁ ଗହମ ନଷ୍ଟ ହୋଇଥିବା ସେ କହିଛନ୍ତି। ଏପରି କି ନିମ୍ନମାନର ଗହମରେ ଛତୁଆ ପ୍ରସ୍ତୁତ ନ କରିବାକୁ ଏସ୍‌ଏଚ୍‌ଜିଙ୍କୁ ତାଗିଦ କରିଥିଲେ। ଲୋଇସିଂହା ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧୀନରେ ୧୮୫ ଅଙ୍ଗନୱାଡି କେନ୍ଦ୍ର ରହିଛି । ୦ରୁ ୬ ମାସର ୭୦୫ ଶିଶୁ ଓ ୬୭୨ ଗର୍ଭବତୀ ମହିଳାଙ୍କୁ ଛତୁଆ ଯୋଗଣ ପାଇଁ ବ୍ଲକରେ ୨ଟି ଛତୁଆ କାରଖାନା ରହିଛି । ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ ବହୁପୁରୁଣା ଏକ କାରଖାନା ରହିଛି । ଏହାକୁ ଲୋଇସିଂହାର ଏକ ଏସ୍‌ଏଚ୍‌ଜି ପରିଚାଳନା କରୁଛି। ଏଠାରୁ କେନ୍ଦ୍ରକୁ ଛତୁଆ ଯୋଗାଣ ପରେ କର୍ମୀମାନେ ବଣ୍ଟନ କରିଥାନ୍ତି।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀମାନେ ଆନ୍ତଃରାଜ୍ୟ ଚୋର ସଂକ୍ରାନ୍ତରେ ସୂଚନା ଦେଉଛନ୍ତି।

# ଆନ୍ତଃରାଜ୍ୟ ଚୋର ଗିରଫ

ଟିଟିଲାଗଡ଼,୧୨।୨(ଡି.ଏନ.ଏ.)

ଟିଟିଲାଗଡ ପୋଲିସ ଜଣେ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଫଟାପଡ଼ା ଗ୍ରାମର ଆଦଲ ଗୌଡ। ପୋଲିସ ତାଙ୍କ ନିକଟରୁ ୨ହଳ କାନଫୁଲ, ବିଦେଶୀ ଟଙ୍କା, ରୁପା ଗହଣା, ରୁଦ୍ରାକ୍ଷ, ତୁଳସୀ ମାଳି, ଯନ୍ତ୍ରାଂଶ ଖୋଲିବା ପାଇଁ ଅତ୍ୟାଧୁନିକ ଟୁଲ୍ ବକ୍ସ, ଗ୍ଲୋଭ୍‌ସ, ଏକ ବାଇକ୍‌କୁ ପୋଲିସ ଜବତ କରାଯାଇଥିବା ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି। ପୋଲିସର ସୂଚନା ମୁତାବକ, ସ୍ଥାନୀୟ ମଦଭାଟି ପଡ଼ାରେ ଆଦଲ ଦୀର୍ଘ ଦିନ ହେଲା ଭଡା ଘର ନେଇ ରହୁଥିଲେ। ସହରର ହାଟପଦା ପଡ଼ାର ସଞ୍ଜୀବ ପାଣିଗ୍ରାହୀଙ୍କ ପରିବାର ଲୋକେ ଘରେ ଅନୁପସ୍ଥିତ ଥିବାବେଳେ ଆଦଲ ଘର କବାଟ ଭାଙ୍ଗି ପଶି ଘର ସୁନା ଅଳଙ୍କାର ଟଙ୍କା ସହ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ସଞ୍ଜୀବ ଥାନାରେ ଏକ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ଏକ ଟିମ୍ ସିସିଟିଭି ଯାଞ୍ଚ ସହ ଯାନବାହନ ଚେକିଂକୁ କଡାକଡି କରାଯାଇଥିଲା। ପୋଲିସ ଗାଡି ଯାଞ୍ଚବେଳେ ଏକ ଗାଡି ଚକରେ ଭିନ୍ନ ପ୍ରକାର ଷ୍ଟିକର ଲାଗିଥିବା ଦେଖି ସନ୍ଦେହ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅଧିକାରୀମାନେ ଚୋରି ଗାଡି ବୋଲି ଜାଣିବାକୁ ପାଇଥିଲେ। ଏପରି କି ପୋଲିସ ତଦନ୍ତ ପରେ ଆଦଲଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଚୋରି ମାମଲା ରହିଥିବା ଜାଣିବାକୁ ପାଇଛି। ଏନେଇ ପୋଲିସ ଏକ ଚୋରି ମାମଲା ରୁଜୁ କରି ଆଦଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

# କନିଷ୍ଠ କିରାଣି ନିଲମ୍ବିତ

ବଲାଙ୍ଗୀର ଅଫିସ, ୧୨।୨

ବଲାଙ୍ଗୀର ବିଇଓ ଅଫିସ ମହାଦୁର୍ନୀତି ପ୍ରସଙ୍ଗରେ ବିଭାଗୀୟ ଅନ୍ତରୀଣ ତଦନ୍ତ ରିପୋର୍ଟର ତଥ୍ୟ ଅନୁଯାୟୀ ଅଭିଯୁକ୍ତ କନିଷ୍ଠ କିରାଣୀ ପ୍ରମୋଦ କୁମାର ରଥଙ୍କୁ ବୁଧବାର ଚାକିରୀରୁ ନିଲମ୍ବିତ କରାଯାଇଛି। ନିଲମ୍ବିତ କିରାଣି ରଥଙ୍କ ବିରୋଧରେ ଏକ ସାଂଘାତିକ ଅଭିଯୋଗ ରହିଛି। ବିଭିନ୍ନ ପ୍ରକାର ଅନିୟମିତତା କରି ସେ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି । କିରାଣି ରଥ ତାଙ୍କ ଅବସରପ୍ରାପ୍ତ ଶିକ୍ଷକ ବାପା ଏବଂ ସ୍ତ୍ରୀଙ୍କ ଆକାଉଣ୍ଟକୁ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ବେଆଇନ ଭାବେ ଟ୍ରାନ୍ସଫର କରିଥିବା ଅଭିଯୋଗ ହୋଇଛି । ଜାଲ କାଗଜପତ୍ର ମାଧ୍ୟମରେ ଚତୁରତାର ସହ କିରାଣୀ ରଥ ଦୀର୍ଘଦିନ ହେଲା ଏହି ବେଆଇନ କାର୍ଯ୍ୟ ଜାରି ରଖିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଜଣାପଡିବା ପରେ ଜିଲାରେ ହଇଚଇ ସୃଷ୍ଟି ହୋଇଥିଲା । ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କିଛିଦିନ ପୂର୍ବରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଥିଲା । ଏହା ସହିତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ତତ୍ତ୍ୱାବଧାନରେ ଗଠିତ ବିଭାଗୀୟ ତଦନ୍ତକାରୀ ଟିମ୍ ମଧ୍ୟ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଦୁଇଦିନ ତଳେ ବିଭାଗୀୟ ତଦନ୍ତକାରୀ ଟିମ୍ ଅନ୍ତରୀଣ ତଦନ୍ତ ରିପୋର୍ଟ ଡିଇଓଙ୍କୁ ଦାଖଲ କରିଥିଲେ । ଏହି ଅନ୍ତରୀଣ ତଦନ୍ତ ରିପୋର୍ଟରେ ଅନିୟମିତତାର ପ୍ରାରମ୍ଭିକ ପ୍ରାମାଣିକ ତଥ୍ୟ ରହିଥିବା ଜଣାପଡିବା ପରେ କନିଷ୍ଠ କିରାଣୀ ରଥଙ୍କୁ ବୁଧବାର ଡିଇଓ ଧ୍ରୁବଚରଣ ବେହେରା ଚାକିରୀରୁ ନିଲମ୍ବିତ କରିଛନ୍ତି । ଏନେଇ ଡିଇଓ ବେହେରାଙ୍କୁ ପଚରାଯିବାରୁ ଅନ୍ତରୀଣ ତଦନ୍ତ ରିପୋର୍ଟକୁ ଭିତ୍ତିକରି କନିଷ୍ଠ କିରାଣୀଙ୍କ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି। ତେବେ କେତେ ଟଙ୍କା ଆତ୍ମସାତ୍ କରାଯାଇଛି ଓ ଏଥିରେ କନିଷ୍ଠ କିରାଣୀ ଏକାକୀ ସମ୍ପୃକ୍ତ ନାଁ ଅନ୍ୟମାନେ ସମ୍ପୃକ୍ତ ଅଛନ୍ତି ଏନେଇ ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି । ମଙ୍ଗଳବାର ବଲାଙ୍ଗୀର ଜିଲାଗସ୍ତରେ ଆସି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଯୋଗଦେଇଥିଲେ । ସମ୍ମିଳନୀରେ ବକ୍ତବ୍ୟ ଦେବାବେଳେ ମନ୍ତ୍ରୀ ଦାଶ ବଲାଙ୍ଗୀର ବିଇଓ ଅଫିସ ମହାଦୁର୍ନୀତି ପ୍ରସଙ୍ଗ ଉଠାଇ ଅଭିଯୁକ୍ତ ବିରୋଧରେ ତଦନ୍ତ ରିପୋର୍ଟର ପ୍ରାରମ୍ଭିକ ତଥ୍ୟାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଠାରୁ ଏଭଳି ନିର୍ଦ୍ଦେଶ ମିଳିବା ପରେ ଡିଇଓ ବେହେରା ବୁଧବାର ଏହାକୁ କାର୍ଯ୍ୟକାରୀ କରିଥିବା ଜଣାପଡିଛି। ବିଇଓ ଅଫିସ ମହାଦୁର୍ନୀତି ଘଟଣା ପଦାକୁ ଆସିବା ପରେ ଅଭିଯୁକ୍ତ କନିଷ୍ଠ କିରାଣୀ ରଥ ଏକମାସିଆ ଇଏଲ୍‌ରେ ଯାଇଥିଲେ । ତେବେ ଏହି ମହାଦୁର୍ନୀତି ତଦନ୍ତ ଆରମ୍ଭ ହୋଇଯିବା ପରେ ବିଇଓ ଅଫିସ ପକ୍ଷରୁ ରଥଙ୍କ ଇଏଲକୁ ରଦ୍ଦ କରାଯାଇ ତାଙ୍କୁ ଶୀଘ୍ର ଅଫିସରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ସେଦିନରୁ କିରାଣୀ ରଥ ବିଇଓ ଅଫିସରେ ଯୋଗ ଦେଇନାହାନ୍ତି । ବୁଧବାର ଚାକିରୀରୁ ନିଲମ୍ବନ ନିର୍ଦ୍ଦେଶନାମା ତାଙ୍କ ଠିକଣାରେ ପଠାଯାଇଥିବା ଜଣାପଡିଛି । ଏନେଇ କନିଷ୍ଠ କିରାଣୀ ରଥଙ୍କୁ ତାଙ୍କ ମୋବାଇଲ (ନଂ.୮୭୬୩୪୯୯୯୦୦)ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏହା ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ନକ୍‌ଆଉଟ ଫୁଟବଲ: ବଲାଙ୍ଗୀର ଚାମ୍ପିୟନ

ଟିଟିଲାଗଡ଼, ୧୨।୨ (ଡି.ଏନ.ଏ.)

ବୀର ହନୁମାନ ବ୍ୟାୟାମ ଶାଳା ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆଠାରେ ଚାଲିଥିବା ଅଲ ଓଡିଶା ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାରେ ବଲାଙ୍ଗୀର ସାଇଟ ଦଳ ଚାମ୍ପିୟନ ବିବେଚିତ ହୋଇଛି। ବୁଧବାର ବଲାଙ୍ଗୀର ଏବଂ କୋରାପୁଟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୫–୧ଗୋଲରେ ବଲାଙ୍ଗୀର ଦଳ ବିଜୟୀ ହୋଇଛି। ବଲାଙ୍ଗୀର ପକ୍ଷରୁ ସ୍ୱରୁପ ହନୁମାନ ହାଟ୍ରିକ ଗୋଲ ସ୍କୋର କରିଥିଲେ। ଶାନ୍ତନୁ ବେହେରା ଏବଂ ମିଥୁନ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କୋରାପୁଟ ପକ୍ଷରୁ ଚୌଧୁରୀ ପାଙ୍ଗି (ଲାଡୁ) ଏକ ମାତ୍ର ଗୋଲ ସ୍କୋର କରିଥିଲେ। ଏହି ଅବସରରେ ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ ମୁଖ୍ୟଅତିଥି, ମନ୍ତ୍ରୀ ଟୁକୁନୀ ସାହୁଙ୍କ ପ୍ରତିନିଧି ଅରୁଣ ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ସାମାଜିକ କର୍ମୀ ହିଫଜୁଲ ରେହମାନ, ମନିଗାଁ ସରପଞ୍ଚ ମୁନିରାମ ଖର୍ସେଲ, କ୍ରୀଡାବିତ ଧ୍ରୁବଲେଶ୍ୱର ଦଳବେହେରା, ପଙ୍କଜ ଅଗ୍ରୱାଲ, ନିଶାରକାନ୍ତ ନାୟକ, ବୈକୁଣ୍ଠ ଖର୍ସେଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ତଥା ଉପବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ରେଫେରି ମୋହନ ପ୍ରଧାନୀ, ରାଜେଶ ସ୍ୱାଇଁ, ମାଧବ ବିଶି, ବିନୋଦ ପ୍ରଧାନୀ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସଭାପତି ଦିଲୀପ ବାଗ, ଉପସଭାପତି ରୁଟୁ ବାଗ, ସମ୍ପାଦକ ରତନ ହାତି, ପ୍ରମୋଦ ପ୍ରଧାନ, କୋଷାଧକ୍ଷ ବବୃ ରତେଇ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।

- ଏଡ୍‌ୱର୍ଡ

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ

ବିନିକା,୧୨।୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଅବକାରୀ ବିଭାଗ ପକ୍ଷରୁ ବୁଧବାର ରାଏପାଲିରେ ଚଢ଼ାଉ କରାଯାଇ ଦେଶୀମଦ ବିକ୍ରି ଅଭିଯୋଗରେ ଶ୍ରୀନିବାସ ମହାଲିଙ୍ଗଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ୮ଲିଟର ଦେଶୀମଦ ଜବତ କରାଯାଇଛି। ସେହିପରି ଗୋପୀ ଡାଙ୍ଗଙ୍କ ପାଖରୁ ୨୫ ଲିଟର ଓ ଗଡଗଡବାହାଲର ସନାତନ ଲୁହାଙ୍କ ନିକଟରୁ ୮ଲିଟର ଦେଶୀମଦ ଜବତ କରାଯାଇଛି। ମଦବିକ୍ରି ଅଭିଯୋଗରେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବିନିକା ଅବକାରୀ ବିଭାଗର ପ୍ରସନ୍ନ କୁଅଁର, କେଶବ ଧରୁଆ, ଭେଙ୍କଟ ରମଣ ଚଢ଼ାଉରେ ସାମିଲ ଥିଲେ।



### ରୁପା କାରିଗରଙ୍କ ପରଲୋକ

ସୋନପୁର,୧୨।୨(ନି.ପ୍ର.): ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁଙ୍କ ବଡଭାଇ ତଥାରୂପା କାରାଗର ଅନ୍ତର୍ଯ୍ୟାମୀ ସାହୁଙ୍କ ୮୯ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ଅସୁସ୍ଥ ହୋଇ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ତାଙ୍କର ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ସାହୁ ଜଣେ ସୁଦକ୍ଷ ରୂପା କାରାଗର ସହ ଜଣେ ଧର୍ମପରାୟଣ ବ୍ୟକ୍ତିଭାବେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ସୁବର୍ଣ୍ଣ ଅନୁଷ୍ଠାନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପିଏମ୍ କିଷାନ କାର୍ଡଧାରୀଙ୍କୁ ମିଳିବ କେସିସି ସୁବିଧା

ସୋନପୁର,୧୨।୨(ନି.ପ୍ର.)

ଦେଶର ବହୁ ଚାଷୀ ଏବେ ମଧ୍ୟ ସଂସ୍ଥାଗତ ଋଣରୁ ବଞ୍ଚିତ ହେଉଛନ୍ତି। ତେଣୁ ଲୋକଙ୍କୁ ବ୍ୟାଙ୍କ୍ ମୁହାଁ କରାଇବା ଓ ସମସ୍ତ ଯୋଗ୍ୟ ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ(କେସିସି) ପ୍ରଦାନ କରିବାକୁ କେନ୍ଦ୍ର ସରକାର ବିଭିନ୍ନ ଅଭିନବ ଯୋଜନା ମାଧ୍ୟମରେ ଉଦ୍ୟମ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଏଲଡିଏମଙ୍କ ତରଫରୁ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ସୁବର୍ଣ୍ଣପୁର ଜିଲାରେ ୬୪ ହଜାର ୦୬୯ ଜଣ ପଞ୍ଜିକୃତ ପ୍ରଧାନମନ୍ତ୍ରୀ କିଷାନ(ପିଏମ୍ କିଷାନ) ହିତାଧିକାରୀ ଅଛନ୍ତି। ଏହି ସମସ୍ତ ହିତାଧିକାରୀଙ୍କ ପାଇଁ ବହୁ ପ୍ରୋତ୍ସାହନ ରହିଛି। ୩ଟି





ସମ୍ମିଳନୀରେ ଏଲଡିଏମ୍ ଓ ଅନ୍ୟ ଅଧିକାରୀ ବୃନ୍ଦ ସୂଚନା ଦେଉଛନ୍ତି।

କିସ୍ତିରେ ସମସ୍ତ ହିତାଧିକାରୀଙ୍କୁ ୬ ହଜାର ଟଙ୍କାର ସହାୟତା ଦେବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ହିତାଧିକାରୀ ଏହାର ସୁଯୋଗ ନେଇ ସାରିଛନ୍ତି। ସମସ୍ତ ଚାଷୀଙ୍କୁ କେସିସି ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ତେଣୁ କୃଷକ ମାନଙ୍କୁ ସଚେତନ କରିବା ପାଇଁ ଓ ସମସ୍ତ କୃଷକଙ୍କୁ କେସିସି ଅଧୀନକୁ ଆଣିବା ସକାଶେ ଚଳିତ ମାସ ୯ରୁ ୨୩ ତାରିଖ ପର୍ଯ୍ୟନ୍ତ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସରକାରଙ୍କ ପକ୍ଷରୁ ଚାଷୀଙ୍କ ଉଦ୍ଦେଶ୍ୟରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ଆର୍ଥିକ ସହାୟତା ସମ୍ପର୍କରେ ଏହି ସମୟ ମଧ୍ୟରେ ସଚେତନ କରାଯିବ ବୋଲି ଲିଡ୍ ବ୍ୟାଙ୍କ ମ୍ୟାନେଜର(ଏଲଡିଏମ) ସରୋଜ କୁମାର ଦାଶ କହିଛନ୍ତି। ଦାଶ ଏହି ଅବସରରେ କହିଥିଲେ ଯେ, ସମସ୍ତ ପିଏମ୍ କିଷାନ ହିତାଧିକାରୀଙ୍କୁ ରିହାତି ଯୁକ୍ତ ଓ ଆନୁଷ୍ଠାନିକ ଋଣ ପାଇଁ ସ୍ୱତନ୍ତ୍ର ଯୋଜନା ଆରମ୍ଭ ହୋଇଛି। ସେମାନଙ୍କୁ ଆନୁଷ୍ଠାନିକ ଋଣ ପ୍ରଦାନ ପାଇଁ କେସିସି ପ୍ରଦାନର ବ୍ୟବସ୍ଥା ହୋଇଛି। ଏହା ବ୍ୟତୀତ ଋଣ ପ୍ରଦାନ ବ୍ୟବସ୍ଥାର ସରଳୀକରଣ କରାଯାଇଛି। ସମସ୍ତ ବ୍ୟାଙ୍କ ସ୍ୱତନ୍ତ୍ର ଶିବିର ଆୟୋଜନ କରିବା ସହ ସିଙ୍ଗିଲ ୱିଣ୍ଡୋ ବ୍ୟବସ୍ଥା ଜରିଆରେ ଋଣ ଦେବେ। ଏପରିକି ଭୂମିହୀନ ପ୍ରାଣୀଧନ, କୁକୁଡ଼ା ଚାଷୀ ଓ ମତ୍ସ୍ୟ ଚାଷୀଙ୍କ ପାଇଁ ମଧ୍ୟ ଏହି ସୁବିଧା ରହିଛି। କେସିସି ନଥିବା ପିଏମ୍ କିଷାନଙ୍କ ତାଲିକା ପ୍ରସ୍ତୁତି ପାଇଁ ସମସ୍ତ ବ୍ୟାଙ୍କ୍‌କୁ ନିର୍ଦ୍ଦେଶ ଦିଆଯାଇଥିବା ଦାଶ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଡିଡିଏମ୍ ନିବାର୍ଡ ତାପସ ଶଙ୍କର ରାଉତ, ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ଜେନା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ସଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପିଏମ୍ କିଷାନ ସମ୍ପର୍କିତ ବିଭିନ୍ନ ଯୋଜନା ସମ୍ପର୍କରେ ମତ ରଖିଥିଲେ।

## ଜମି କିଣାବିକାରେ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲକୁ ବିରୋଧ

ଲୋଇସିଂହା,୧୨।୨ (ଡି.ଏନ.ଏ.): ଏଣିକି ଜମି କିଣାବିକା ପ୍ରକ୍ରିୟାରେ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତା ମୂଳକ ବୋଲି ବଲାଙ୍ଗୀର ଜିଲା ଲୋଇସିଂହା ସବ୍‌ରେଜିଷ୍ଟ୍ରି ଅଫିସ ପକ୍ଷରୁ ନୋଟିସ ଜାରି କରାଯାଇଛି। ହେଲେ ସବ୍‌ରେଜିଷ୍ଟ୍ରି ଅଫିସର ଏଭଳି ପଦକ୍ଷେପକୁ ଲୋଇସିଂହା ଓକିଲସଂଘ ଓ ଦଲିଲ ଲେଖକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଉଭୟ ସଂଘ ନୋଟିସର ପୁନର୍ବିଚାର ପାଇଁ ଜିଲାପାଳ ଅରିନ୍ଦମଡାକୁଆ ଓ ଲୋଇସିଂହା ତହସିଲଦାରଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ମୁତାବକ, ଆର୍ଥିକ ସମସ୍ୟା ଅଥବା କୌଣସି ଜରୁରୀ ପରିସ୍ଥିତିରେ ଲୋକ ତାଙ୍କ ପୈତୃକ ସମ୍ପତ୍ତିରୁ ନିଜ ହକଥିବା ଜମି ବିକ୍ରି କରିଥାନ୍ତି। ତହସିଲ ଅଫିସରୁ ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରିବା ଏକ ଦୀର୍ଘ କାଳୀନ ପ୍ରକ୍ରିୟା। ଏଣୁ ଏଥିରେ ଜମି ବିକ୍ରେତା ମୁଖ୍ୟତଃ ହଇରାଣ ହେବା ଆଶଙ୍କା କରି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଂଘ ପକ୍ଷରୁ କୁହାଯାଇଛି।

# ୨୧୦ ଏସ୍‌ଏଚ୍‌ଜିଙ୍କୁ ୩.୧୫କୋଟିର ଋଣ ପ୍ରଦାନ

## ବ୍ଲକସ୍ତରୀୟ ମହାସମନ୍ୱୟ ମେଳା

ଡୁଙ୍ଗୁରିପାଲି, ୧୨।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆର୍‌ଏମ୍‌ସି ପରିସର ବୁଧବାର ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ଡୁଙ୍ଗୁରିପାଲି ଆନୁକୂଲ୍ୟରେ ବ୍ଲକସ୍ତରୀୟ ମହାସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ସହଦେବ ସମାଧିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ବରଗଡ ଚନ୍ଦ୍ରମଣି ବାରିକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ମକରଧ୍ୱଜ ସାହୁ, ଡିଏସ୍‌ଡବ୍ଲୁଓ ଆସ୍ତ୍ରେରିଆ କେରକେଟା, ଓଏଲଏମ୍ ସୁବର୍ଣ୍ଣପୁରର ଡିପିଏମ୍ ଯୁବରାଜ ସାହୁ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାଏକ, ଏଜିଏମ୍ ନାବାର୍ଡ ସୁବର୍ଣ୍ଣପୁର ତାପସ କୁମାର ରାଉତ, ୟୁଜିବି ରିଜିଓନାଲ ମ୍ୟାନେଜର ବରଗଡ ସଦାନନ୍ଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସୁବର୍ଣ୍ଣପୁର ଡିଆରଡିଏ ଓଏଲଏମ ବିଭାଗର ଆର୍ଥିକ ସାକ୍ଷରତା ପରାମର୍ଶଦାତା ସୋମନାଥ ପୁରୋହିତ ସଭା ପରିଚାଳନା କରିଥିଲେ। ବାଲ୍ୟ ବିବାହ ରୋକିବ, ଶିଶୁ ପୁଷ୍ଟିହୀନତା ଦୂର କରିବା ସହ ସ୍ୱାବଲମ୍ବତା ପାଇଁ ଏସ୍‌ଏଚ୍‌ଜି ମହିଳାମାନେ କୁକୁଡା ପାଳନ, ମାଛ ଚାଷ କରି ସରକାରଙ୍କ ବିଭିନ୍ନ ଯୋଜନାରେ କିପରି ଲାଭ ପାଇପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଡୁଙ୍ଗୁରିପାଲି ବ୍ଲକର ୨୧୦ ଏସ୍‌ଏଚ୍‌ଜି ମହିଳା ଗ୍ରୁପକୁ ବିଭିନ୍ନ ଯୋଜନାରେ ୩ କୋଟି ୧୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ୪୮ଏସ୍‌ଏଚ୍‌ଜି ଗ୍ରୁପଠାରୁ ୨୪ ଲକ୍ଷ ଟଙ୍କା ଋଣ ଆଦାୟ କରାଯାଇଥିଲା। ଏହି ମେଳାରେ ଡୁଙ୍ଗୁରିପାଲି ଏସ୍‌ବିଆଇ ସିଏମ୍ ପ୍ରସନ୍ନ କୁମାର ସୁନ୍ଦରରାୟ, ଡେପୁଟି ମ୍ୟାନେଜର ପ୍ରଫୁଲ୍ଲ କୁମାର ଭଇସା, ଡେପୁଟି ମ୍ୟାନେଜର ଝସକେତନ ପଧାନ, ଭାସ୍କର ବେହେରା, ଆଇଡିବିଆଇ ବ୍ୟାଙ୍କ ବିଏମ୍ କେଶବ ଦଲେଇ, ଆସିଷ୍ଟାଣ୍ଟ ମ୍ୟାନେଜର କେଦାରନାଥ ଭୋଇ, ବ୍ଲକ ଆଇପିଓ ଅଭିଶେକ ଚୌଧୁରୀ ପ୍ରମୁଖ ଏସ୍‌ଏଚ୍‌ଜି ମହିଳାଙ୍କୁ ମଞ୍ଜୁର ହୋଇଥିବା ଋଣ ପ୍ରଦାନ କରିଥିଲେ।। ଏହି ମେଳାକୁ ବ୍ଲକ ପୋଗ୍ରାମ ମ୍ୟାନେଜର ଭବାନୀ ଶଙ୍କର ମେହେର ଓ ବ୍ଲକ ମିଶନ ଶକ୍ତି କୋଅର୍ଡିନେଟର ସୁନନ୍ଦା ମିଶ୍ର ସଂଯୋଜନା କରିଥିଲେ। ଶେଶରେ ଡୁଙ୍ଗୁରିପାଲି ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ବ୍ଲକସ୍ତରୀୟ ମହା ସମନ୍ୱୟ ମେଳାରେ ମଞ୍ଚାସୀନ ଅତିଥିମାନେ।

# ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ପଦଯାତ୍ରା

## ଉଲୁଣ୍ଡାରେ ପହଞ୍ଚିଲେ ସତ୍ୟବ୍ରତ

ଉଲୁଣ୍ଡା, ୧୨।୨(ଡି.ଏନ.ଏ.)

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ପଦଯାତ୍ରାରେ ବାହାରିଥିବା ଯୁବକ ସତ୍ୟବ୍ରତ ଦାସ ବୁଧୁବାର ଉଲୁଣ୍ଡାରେ ପହଞ୍ଚିଛନ୍ତି। ସତ୍ୟବ୍ରତ ଏଠାରେ ପହଞ୍ଚିବା ପରେ ବହୁ ସଚେତନ ନାଗରିକ, ଉଲୁଣ୍ଡା ଯୁବ ମହାସଂଘ ତରଫରୁ ବ୍ଲକ ଛକଠାରେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିକୁ ସମର୍ଥନ ଜଣାଇ ଯୁବ ମହାସଂଘ ଏବଂ ସତ୍ୟବ୍ରତ ଉଲୁଣ୍ଡା ବିଡିଓ ନୀଳାମ୍ବର ମହାନନ୍ଦଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଜଗତସିଂପୁର ଜିଲା ବାଲିଗୁଡା ବ୍ଲକ ଭଗବାନ ସିଣ୍ଡୋଲ ଗ୍ରାମର ପ୍ରେମାନନ୍ଦ ଦାସଙ୍କ ପୁତ୍ର ସତ୍ୟବ୍ରତ ଯାଜପୁର ଜିଲା ବଡଚଣା ବ୍ଲକରୁ ପଦଯାତ୍ରା ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ ବିଭିନ୍ନ ଜିଲାର ୧୪୫ ବ୍ଲକ ଅତିକ୍ରମ କରି ବୁଧବାର ଉଲୁଣ୍ଡାରେ ପହଞ୍ଚିଛନ୍ତି। ସତ୍ୟବ୍ରତଙ୍କ ଏହି ପଦକ୍ଷେପକୁ ଉଲୁଣ୍ଡା ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।



ସତ୍ୟବ୍ରତ ଦାସ ଯୁବ ମହାସଂଘ କର୍ମକର୍ତ୍ତାଙ୍କ ସହ ବିଡିଓ ନୀଳାମ୍ବର ମହାନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଆତ୍ମସୁରକ୍ଷା ତାଲିମ ଶିବିର

ଅମରପାଲି, ୧୨।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଭୁଡିଆପାଲି ସ୍ଥିତ ପରମେଶ୍ୱରୀ ହାୟର ସେକେଣ୍ଡାରୀ ସ୍କୁଲରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆତ୍ମସୁରକ୍ଷା ତାଲିମ ଶିବିରର ସଂଯୋଜକ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ପୃଷ୍ଟି ଓ ଅଧ୍ୟାପକ ଶରତ କୁମାର ଦଲେଇ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ପ୍ରାୟ ୬୩ ଜଣ ଛାତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି। ମାଷ୍ଟର ଟ୍ରେନରଭାବେ ବାସନ୍ତି ମହାନନ୍ଦିଆ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଦାନ କରୁଛନ୍ତି।



ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।

# କୁଷ୍ଠ ନିରାକରଣ ଲାଗି ଶପଥ ପାଠ

ଅମରପାଲି, ୧୨।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅତାଲ ଓ ଅମରପାଲି ଗ୍ରାମରେ କୁଷ୍ଠରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡହତା ପଞ୍ଚାୟତର ଅତାଲଠାରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାଁ କଲ୍ୟାଣ ସମିତିର ଆବାହିକା ସେରେନ୍ଦ୍ରୀ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏଥିରେ ଗାଁ ସ୍ୱାସ୍ଥ୍ୟ ସମୀକ୍ଷକ ରାଜକୁମାର ସାହୁ, ଏଏନଏମ ସଞ୍ଜୁ ମଲ୍ଲିକ ଯୋଗଦେଇ କୁଷ୍ଠରୋଗର ନିରାକରଣ ଉପରେ ସଚେତନତା କରାଯାଇଥିଲା। ଏହାପରେ ସ୍ଥାନୀୟ ସ୍କୁଲରେ କୁଷ୍ଠ ରୋଗର ନିରାକରଣ ପାଇଁ ସହଯୋଗ କରିବାକୁ ଶପଥ ପାଠ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ସ୍ମିତା କର୍ଣ୍ଣ, ଅନୁସୁୟା ଜଗଦଲା, ଆଶା କର୍ମୀ ସାବିତ୍ରୀ ରଣା, ଶିକ୍ଷକ ଉଦ୍ଧବ ମହାନନ୍ଦ, ଗୋପୀନାଥ ପଧାନ, ଲକ୍ଷୀନ୍ଦ୍ର ସିଂ, ଶିଶୁପାଳ ପଧାନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବହଳପଦର ପଞ୍ଚାୟତର ଅମରପାଲିଠାରେ ଗାଁ କଲ୍ୟାଣ ସମୀକ୍ଷକ ଚନ୍ଦ୍ରଶେଖର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଏନଏମ ତାରାମଣୀ ନାୟକ, ଆଶାକର୍ମୀ ପୁଷ୍ପାଞ୍ଜଳି ପତି, ଅଙ୍ଗନୱାଡି କର୍ମୀ ରଞ୍ଜିତା ପଧାନ ଓ ପୁଷ୍ପାଞ୍ଜଳି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସଭାପରେ ସ୍ଥାନୀୟ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ପଞ୍ଚାୟତର ବିଶାଳପାଲି ସ୍କୁଲରେ ମଧ୍ୟ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଠାରେ ଛାତ୍ରୀଛାତ୍ର ଓ ଗ୍ରାମର ମହିଳାମାନଙ୍କ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।



ବିଶାଳପାଲିରେ ବାହାରି ଥିବା ସଚେତନ ଶୋଭାଯାତ୍ରା।

## ସାନଝିଙ୍କି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋନପୁର,୧୨।୨(ନି.ପ୍ର.)

ସୋନପୁର ବ୍ଲକ ସାନଝିଙ୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୋନପୁର ବିଇଓ ଘନଶ୍ୟାମ ମେହେର ମୁଖ୍ୟ ଅତିଥି, ନାଟ୍ୟକାର ହରିହର ପ୍ରଧାନ ମୁଖ୍ୟବକ୍ତା ଓ ଜନମୁରା ସରପଞ୍ଚ ଅରବିନ୍ଦ ବାରିକ୍ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଅତିଥି କଳାକାର ଭାବେ କଣ୍ଠଶିଳ୍ପୀ ପ୍ରତିତି ମିଶ୍ର, ସୁଚରିତା ଥନାପତି, ମୁସ୍କାନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ ଶହେ ମାନସିକ ତୋହରି ପାଇଁ ପରିବେଷଣ କରା ଯାଇଥିଲା। କାର୍ଯ୍ୟକ୍ରମକୁ ଦିଲ୍ଲିପ ମିଶ୍ର ସଂଯୋଜନା କରିଥିଲେ।

# ଛାତ୍ର ଜୀବନରେ ଶୃଙ୍ଖଳା ମାର୍ଜିତ କରାଏ

## କୁଞ୍ଜାପାଲି ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ

ଅମରପାଲି, ୧୨।୨(ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ଦୁର୍ଜନତୈଲୋ ପଞ୍ଚାୟତ କୁଞ୍ଜାପାଲି ଆଶ୍ରମ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ମୁଖ୍ୟଅତିଥି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶ୍ରୁତିଧର ଦାଶ, ତରଭା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ଭୋଇ, ବୀରମହାରାଜପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗତ ଜୀବନ ବର୍ଗର୍ତ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଛାତ୍ର ଜୀବନରେ ସଫଳତା ପାଇଁ କଠିନ ପରିଶ୍ରମ କରିବା ଆବଶ୍ୟକ। ଏହା ସହିତ ଛାତ୍ର ଜୀବନରେ ଶୃଙ୍ଖଳା ମାର୍ଜିତ କରାଇଥାଏ ବୋଲି ମତ ରଖିଥିଲେ। ଛାତ୍ରୀ ମନିଷା କୁଲୁ ଓ କବିତା ମୁଣ୍ଡା ସଭା ସଂଯୋଜନା କରିଥିଲେ। ଶିକ୍ଷକ ମାନସ ରଞ୍ଜନ କଲେତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୁରୁଷୋତ୍ତମ ମେଣ୍ଡିଲି ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ।





ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଅମରପାଲି କ୍ରିକେଟ କପ : ମୁର୍ଷୁଣ୍ଡୀ ସେମିରେ

ଅମରପାଲି, ୧୨।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଭଗବାନ ସାହୁ ଗ୍ରାଉଣ୍ଡରେ ଚାଲିଥିବା ଅମରପାଲି କ୍ରିକେଟ କପ୍‌ର ତୃତୀୟ ଦିବସ ବୁଧବାର ବ୍ରାହ୍ମଣୀପାଲିକୁ ହରାଇ ମୁର୍ଷୁଣ୍ଡୀ ସେମିଫାଇନାଲରେ ପ୍ରବେଶ କରିଛି। ଫ୍ରେଣ୍ଡସ୍ କ୍ଲବ ଓ ଜେମଷ୍ଟାର କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ ଫ୍ରେଣ୍ଡସ କ୍ଲବ ଅମରପାଲି ଓ ମୁର୍ଷୁଣ୍ଡୀ ମଧ୍ୟରେ ହୋଇଥିଲା। ମୁର୍ଷୁଣ୍ଡୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୩୦ ରନ କରିଥିଲା। ଜବାବରେ ଅମରପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୭୫ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବ୍ରାହ୍ମଣୀପାଲି ଓ କୁସୁର୍ଡା ମଧ୍ୟରେ ହୋଇଥିଲା। କୁସୁର୍ଡା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୭୫ ରନ କରିଥିଲା। ଜବାବରେ ବ୍ରାହ୍ମଣୀପାଲି ଦଳ ୬.୩ ଓଭରରେ ୨ ଉଇକେଟ ହରାଇ ୭୬ ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଓ ଦ୍ୱିତୀୟ ମ୍ୟାଚର ବିଜେତା ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ବ୍ରାହ୍ମଣୀପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୯୪ରନ କରିଥିଲା। ଦଳର ଲିକୁ ୩୨ ରନ କରିଥିଲେ। ବ୍ରାହ୍ମଣୀପାଲିର ସାଗର, ପପୁ ଓ ବବୁଲୁ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ମୁର୍ଷୁଣ୍ଡୀ ଦଳ ଭୀମାଙ୍କ ୪୦ ରନ ସହାୟତାରେ ୪ ଉଇକେଟ ହରାଇ ୮.୪ ଓଭରରେ ଆବଶ୍ୟକ ୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ପ୍ରାଣବନ୍ଧୁ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ମୁର୍ଷୁଣ୍ଡୀର ଭୀମାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳଗୁଡିକୁ ସମିତ ମାଝୀ, ତଥାଗତ ସାହୁ, ସୁରେଶ ବିଶି ଓ ନାରାୟଣ କମିଲ ପରିଚାଳନା କରିଥିଲେ। ନିତମରଞ୍ଜନ ପଧାନ ସ୍କୋରିଂ, ଶୁଭେନ୍ଦୁ ଶେଖର ସାହୁ ଅନଲାଇନ ସ୍କୋରିଂ ଏବଂ ନିହାର ରଞ୍ଜନ ସାହୁ, ମୁକେଶ ସେଠ, ରିମନ ସାହୁ, ବରୁଣ ନାଏକ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



ମୁର୍ଷୁଣ୍ଡୀର ଭୀମାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



**ସଂକ୍ଷେପରେ**

## ଜିଲାସ୍ତରୀୟ ସାଂସ୍କୃତିକ ଶିକ୍ଷା କର୍ମଶାଳା

**ବୌଦ୍ଧ,୧୨।୨(ସ୍ୱ.ପ୍ର):** ବୌଦ୍ଧରେ ସାଂସ୍କୃତିକ ଶ୍ରୋତ ଓ ପ୍ରଶିକ୍ଷଣ କେନ୍ଦ୍ର ନୂଆଦିଲ୍ଲୀ ଆନକୂଲ୍ୟରେ ଜିଲାସ୍ତରୀୟ ସାଂସ୍କୃତିକ ଶିକ୍ଷା କର୍ମଶାଳା ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ଶ୍ରୋତ ଓ ପ୍ରଶିକ୍ଷଣ କେନ୍ଦ୍ରର ଉପଦେଷ୍ଟା ଋଷି ବିଶିଷ୍ଟ ଯୋଗଦେଇ ବିଦ୍ୟାଳୟ ଓ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତି ଶିକ୍ଷାର ପ୍ରୟୋଗ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସାଧନ କର୍ମୀ ଭାବେ ଶିକ୍ଷକ ଜ୍ଞାନଚାନ୍ଦ ଶତପଥୀ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରକୁ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଉଦଘାଟନ କରିଥିବାବେଳେ ଜିଲାର ୪୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଶିବିର ଗୁରୁବାର ଶେଷ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ମାଣ୍ଡୋସିଲ ଜୁନିୟର କଲେଜରେ ବିଦାୟ ସମ୍ବର୍ଦ୍ଧନା

**ପାଇକମାଲ, ୧୨।୨ (ଡି.ଏନ.ଏ):** ପାଇକମାଲ ବ୍ଲକ ମାଣ୍ଡୋସିଲ ଜୁନିୟର କଲେଜରେ ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ରଙ୍କ ଅଧକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅଧାପକ ରବୀନ୍ଦ୍ର କୁମାର ଶତପଥି, ନାରାୟଣ ନାଏକ, ତେଜରାଜ ସାହୁ, ପରମେଶ୍ୱର ସାହୁ ପ୍ରମୁଖ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ କଠୋର ପରିଶ୍ରମ ଏବଂ ଶୃଙ୍ଖଳା ମଧରେ ପାଠପଢ଼ି ନିଜ ଅଞ୍ଚଳର ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ସଭାକାର୍ଯ୍ୟ ପରିଚାଳନାରେ ଅଧାପିକା ଅନାମିକା ସାହୁ, ପ୍ରେମ କୁମାର ସାହୁ, ମହମ୍ମଦ ସାହିଦ ଓ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ । ସୁଲୋଚନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲକ୍ଷ୍ୟ ହାସଲ ପାଇଁ ସାଧନା ଆବଶ୍ୟକ

**ବିଜେପୁର, ୧୨।୨ (ଡି.ଏନ.ଏ)** ବରଗଡ ଜିଲା ବିଜେପୁର ବ୍ଲକ ବେନିଆଁଚାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଭିକାରୀ ଚରଣ ପୁଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ରାମପ୍ରସାଦ ବାଗ ଉତ୍ସବରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ସିଆରସିସି ସୁଦାମ ସେଠ, ବ୍ରହ୍ମା ବଗର୍ତ୍ତି, ତୁଳସୀରାମ ତନସନା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଲକ୍ଷ୍ୟ ହାସଲ ପାଇଁ କଠିନ ସାଧନା ଓ ଅଧବସାୟ ଆବଶ୍ୟକ ବୋଲି ଅତିଥିଗଣ ମତପୋଷଣ କରିଥିଲେ। ଶିକ୍ଷକ ହେମନ୍ତ କୁମାର ଆରୁକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଡଗର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଧନୁଯାତ୍ରା: ଗୋପରେ ନନ୍ଦୋତ୍ସବ

**ଅମ୍ବାଭୋନା, ୧୨।୨ (ଡି.ଏନ.ଏ)** ଅମ୍ବାଭୋନା ବ୍ଲକ ଲେଲେହର-ଚଣ୍ଡୀପାଲି ଧନୁଯାତ୍ରାର ତୃତୀୟ ରଜନୀରେ ମଥୁରା ନଗରୀରେ କଂସ ଦିଗ୍‌ବିଜୟ କରିବା ସହ କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଗୋପପୁରକୁ ପୁତନା ରାକ୍ଷସୀକୁ ପ୍ରେରଣ କରିଥିଲେ। ସେପଟେ ଗୋପପୁରରେ ନନ୍ଦୋତ୍ସବ, କୃଷ୍ଣଙ୍କ ଦୋଳିଝୁଲା ଏବଂ କ୍ଷୀରପାନ ଆଳରେ ପୁତନା ବଧ ଆଦି ଦୃଶ୍ୟ ଅଭିନୀତ ହୋଇଛି। ପୁତନା ନିଧନରେ କଂସ ମର୍ମାହତ ହୋଇପଡିଛନ୍ତି। ଦୈବବାଣୀ କଂସଙ୍କୁ ବ୍ୟତିବ୍ୟସ୍ତ କରିଛି। ବାରମ୍ବାର କଂସଙ୍କ କାନରେ ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ ତାଙ୍କ ମୃତ୍ୟୁର କାରଣ ପ୍ରତିଧ୍ୱନିତ ହୋଇଛି। ପୁଣି କୃଷ୍ଣଙ୍କୁ ନିଧନ କରିବା ପାଇଁ କଂସ ଗୋପପୁରକୁ ଅଷ୍ଟମଲ୍ଲ ପ୍ରେରଣ କରିଛନ୍ତି। ହେଲେ କୃଷ୍ଣ ବଳରାମଙ୍କ ହାତରେ ଅଷ୍ଟମଲଙ୍କ ନିଧନ ହୋଇଛି। ପରେ ଧନଶ୍ରୀ ଓଷା ପାଇଁ ଆଲୋଚନା ହୋଇଛି।



ଝାରବନ୍ଧ ବ୍ଲକ ଡଭାରେ ରାସ୍ତା ଉପରେ ଧାନ ଗଦା କରି ଚାଷୀଙ୍କ ରାସ୍ତାରୋକୋ ।




ଧାନ କିଣାଯାଉ ନ ଥିବା ପ୍ରତିବାଦରେ ଝାରବନ୍ଧ ଅଞ୍ଚଳରେ ଚାଷୀଙ୍କ ଅନଶନ।

# ଟୋକନ ବ୍ୟବସ୍ଥା ଫେଲ୍

- ଚାଷୀ ବିକି ପାରିଲେନି ଧାନ
- ପ୍ରତିବାଦରେ ଅନଶନରେ ବସିଲେ

**ବରଗଡ଼ ଅଫିସ୍/ଝାରବନ୍ଧ,୧୨।୨**

ରାଜ୍ୟ ସରକାର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଥିଲେ। ଧାନ କିଣାବିକାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟ ରଖି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ମାତ୍ର ବିଭାଗୀୟ ଉଦାସୀନତା, ଅବହେଳା ଯୋଗୁ ବରଗଡ଼ ଜିଲାରେ ଏହି ବ୍ୟବସ୍ଥା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ଜିଲାର ଅନେକ ଚାଷୀଙ୍କ ପାଖକୁ ଟୋକନ ଅପହଞ୍ଚ ହୋଇପଡ଼ିଛି। ଫଳରେ ସେମାନେ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଅନୁରୂପ ଭାବେ ଟୋକନ ଥିବା ସତ୍ତ୍ୱେ ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଅଞ୍ଚଳର ଅନେକ ଚାଷୀ ସେମାନଙ୍କ ଅମଳ ଧାନ ବିକ୍ରି କରି ପାରି ନ ଥିବା ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ଗତ ସୋମବାର ସତଲମା ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ। ସେହିପରି ଟୋକନ ମିଳି ନ ଥିବା ଯୋଗୁ ଜିଲାର ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡଭା ଅଞ୍ଚଳର ଚାଷୀମାନେ ବୁଧବାର ରାସ୍ତାକୁ ଓହ୍ଲାଇ ଥିବାବେଳେ ଅନଶନ ମଧ୍ୟ କରିଥିବା ସୂଚନା ମିଳିଛି ।

ସୂଚନା ଅନୁଯାୟୀ, ଟୋକନ ମିଳି ପାରି ନ ଥିବାରୁ ଝାରବନ୍ଧ ଅଞ୍ଚଳର ୧୯୧ ଜଣ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ ଅମଳ ଧାନକୁ ବିକ୍ରି କରି ପାରି ନାହାନ୍ତି। ଏ ନେଇ ସେମାନେ ବାରମ୍ବାର ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି। ମାତ୍ର କୌଣସି ସୁଫଳ ମିଳିପାରି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଅଞ୍ଚଳର ଚାଷୀମାନେ ସେମାନଙ୍କ ଅମଳ ଧାନକୁ ରାସ୍ତା ଉପରେ ଗଦା କରିବା ସହିତ ପ୍ରଶାସନିକ ଉଦାସୀନତାର ପ୍ରତିବାଦ କରିଛନ୍ତି। ଚାଷୀଙ୍କ ଆନ୍ଦୋଳନ ଯୋଗୁ ଝାରବନ୍ଧ-ଡଭା, ଝାରବନ୍ଧ-ଛତିଶଗଡ଼, ଝାରବନ୍ଧ-ନୂଆପଡ଼ା ରାସ୍ତାରେ ଯାତାୟାତ ଠପ୍ ପଡ଼ି ଯାଇଛି । କେବଳ ସେତିକି ନୁହେଁ, କୃଷି ଓ କୃଷକଙ୍କ ପ୍ରତି ଅବହେଳା ଯୋଗୁ ଚାଷୀମାନେ ଅନଶନକୁ ଓହ୍ଲାଇଛନ୍ତି। ଚାଷୀ ପ୍ରତିନିଧି ଅଶୋକ କୁମାର ସାହୁ, କୁଞ୍ଜବତୀ ସାହୁ, ପ୍ରମୋଦ କୁମାର ରାୟ, ରଞ୍ଜନ ପ୍ରଧାନ, ଭୁବନାନନ୍ଦ ନାୟକ, ଚିନ୍ତାମଣି ରାଉତ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଅନଶନରେ ବସିଛନ୍ତି। ସେହିପରି ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର, ଲକ୍ଷ୍ମଣ ସୁନା, ବିଶ୍ୱ ସା, ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ପ୍ରମୁଖ ଆନ୍ଦୋଳନସ୍ଥଳକୁ ପହଞ୍ଚି ଅନଶନକୁ ସମର୍ଥନ ଜଣାଇଛନ୍ତି। ଚାଷୀଙ୍କ ବିକ୍ରି ହୋଇ ନ ଥିବା ଧାନକୁ ତୁରନ୍ତ କିଣାଯିବା, ଡଭା ପ୍ରାଥମିକ କୃଷି ସମବାୟ ସମିତିରେ ସ୍ଥାୟୀ ସମ୍ପାଦକ ନିଯୁକ୍ତି, ଫସଲବୀମା ବାବଦକୁ ବକେୟା ଅର୍ଥ ପ୍ରଦାନ ଆଦି ଦାବି କରିଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ସେଠାକୁ ପହଞ୍ଚି ନ ଥିବା ସୂଚନା ମିଳିଛି। ଅନ୍ୟପଟେ ଆନ୍ଦୋଳନକୁ ସମର୍ଥନ ଜଣାଇ ସେଠାରେ ଶତାଧିକ ଚାଷୀ ଠୁଳ ହୋଇଛନ୍ତି। ଚାଷୀଙ୍କ ଦାବିକୁ ପ୍ରଶାସନ କିମ୍ବା ସରକାର ନ ମାନିଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଆନ୍ଦୋଳନ କାରୀମାନେ ଚେତାବନୀ ଦେଇଛନ୍ତି ।

## ସିଏସଓ ଅଫିସ ଅଚଳ କଲେ ଚାଷୀ

**ବରଗଡ଼ ଅଫିସ୍,୧୨।୨:** ଟୋକନ ବ୍ୟବସ୍ଥା ବରଗଡ଼ ଜିଲା ଚାଷୀଙ୍କ ଧାନ କିଣାବିକାରେ ପ୍ରତିବନ୍ଧକ ସାଜିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଟୋକନ ପାଇବାରୁ ବଞ୍ଚିତ ଥିବାରୁ ସେମାନଙ୍କ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ସେହିପରି ଅନେକସ୍ଥଳେ ଟୋକନ ଥିବା ସତ୍ତ୍ୱେ ମଣ୍ଡି ବନ୍ଦ ହୋଇଯିବା ଯୋଗୁ ଚାଷୀମାନେ ସେମାନଙ୍କ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଏଭଳି ଟୋକନ ବିଭ୍ରାଟକୁ ନେଇ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଚାଷୀ ସଙ୍ଗଠନର ଏକ ପ୍ରତିନିଧି ଦଳ ବୁଧବାର ବରଗଡ଼ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସକୁ ପହଞ୍ଚିଥିଲେ ଏବଂ ସେହି ଅଫିସରେ ତାଲା ମାରି କାର୍ଯ୍ୟାଳୟକୁ ଅଚଳ କରି ଦେଇଥିଲେ। ପରେ ଜିଲା ଯୋଗାଣ ଅଧିକାରୀ(ସିଏସଓ) ଦୁର୍ଗାଚରଣ ଭେସ୍ରା ଆଗାମୀ ୨/୩ ଦିନ ମଧ୍ୟରେ ସେହି ସମସ୍ୟାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ପଞ୍ଚାନନ ଦଳପତି, ସଦାନନ୍ଦ ପୂଜାହାରୀ, ରବିନ୍ଦ୍ର ବିଶି, ଶକୁନ୍ତଳା ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।



ଚାଷୀ ପ୍ରତିନିଧିମାନେ ବରଗଡ଼ ସିଏସଓ ଅଫିସକୁ ଅଚଳ କରି ଦେଇଛନ୍ତି।

## ୭ କେନ୍ଦ୍ରରେ ୧୨୦୮ ମାଟ୍ରିକ ପରୀକ୍ଷାର୍ଥୀ

**ବିଜେପୁର, ୧୨।୨ (ଡି.ଏନ.ଏ)**

- ବିଜେପୁର ବ୍ଲକ
- ୩ କେନ୍ଦ୍ରରେ ଲାଗିଲା ସିସିଟିଭି
- ଅବଶିଷ୍ଟ କେନ୍ଦ୍ରରେ ଲଗାଇବାକୁ ଦାବି
- ସିସିଟିଭି ନେଇ ଛାତ୍ର, ଅଭିଭାବକ ଛାନିଆଁ

ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାକୁ ଆଉ ମାତ୍ର ସାତ ଦିନ ବାକି । ଚଳିତ ଶିକ୍ଷାବର୍ଷ ୨୦୧୯-୨୦ରେ ପରୀକ୍ଷାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଭିନ୍ନ କୌଶଳ ଆପଣାଇଛନ୍ତି ରାଜ୍ୟ ସରକାର। ତେଣୁ ଏଇ ପରୀକ୍ଷାକୁ ନେଇ ଶିକ୍ଷାର୍ଥୀ, ଅଭିଭାବକ ତଥା ଶିକ୍ଷକ ମହଲରେ ବେଶ୍ ତତ୍ପରତା ପ୍ରକାଶ ପାଇଛି । ଏହି କ୍ରମରେ ବରଗଡ ଜିଲା ବିଜେପୁର ବ୍ଲକରେ ୭ଟି ପରୀକ୍ଷା କେନ୍ଦ୍ରରେ ୧୨୦୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହି ବ୍ଲକର ତାଳପଦର ପଞ୍ଚାୟତ ହାଇସ୍କୁଲରେ ସର୍ବାଧିକ ୨୧୬ ଜଣ ଏବଂ ସବୁଠୁ କମ୍ ଖରମୁଣ୍ଡା ବାପୁଜୀ ହାଇସ୍କୁଲରେ ୧୪୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଛି। ସେହିପରି ବୁଡାପାଲି ହାଇସ୍କୁଲରେ ୧୫୦ଜଣ, ପହଣ୍ଡି ହାଇସ୍କୁଲରେ ୧୬୧, ବିଜେପୁର ସରକାରୀ ହାଇସ୍କୁଲରେ ୧୬୩, ସାଇପାଲି ହାଇସ୍କୁଲରେ ୧୬୮, ଲାଉମୁଣ୍ଡା ନୋଡାଲ ହାଇସ୍କୁଲରେ ୨୦୨ ଜଣ ଛାତ୍ରଛାତ୍ର ପରୀକ୍ଷା ଦେବାକୁ ଧାର୍ଯ୍ୟ ହୋଇଥିବା ବିଇଓଙ୍କ ଅଫିସ୍ ସୂତ୍ରରୁ ଜଣାପଡିଛି ।

ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବିପଦସଙ୍କୁଳ ଅବସ୍ଥାରେ ରାସ୍ତାକଡ଼ ନିମ୍ବ ଗଛ

**ମନମୁଣ୍ଡା, ୧୨।୨ (ଡି.ଏନ.ଏ)**

ଶତାବ୍ଦୀ ପୁରାତନ ଏକ ଲିମ୍ବ ଗଛ ମନମୁଣ୍ଡା ରାସ୍ତାକଡରେ ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ମନମୁଣ୍ଡା-ଖୁଣ୍ଟିଗୋରା ରାଜ୍ୟ ରାଜପଥର ମନମୁଣ୍ଡାଠାରୁ ମାତ୍ର ୫ କିମି ଦୂର ଗୋହିପିଟା ରାସ୍ତା କଡରେ ଏହା ରହିଛି। ପ୍ରାୟ ୧୦୦ ବର୍ଷ ହେବ ଉକ୍ତ ଗଛର ମୂଳ ପୋଲା ହୋଇଯାଇଛି। ଏହା ବିଷଧର ସାପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। କେଉଁ ମୁହୂର୍ତ୍ତରେ ଗଛ ଉପୁଡିପଡିବ କହିବା ମୁସ୍କିଲ। ଉକ୍ତ ଗଛ ପାଖରେ ଥିବା ଗ୍ରାମ ଗୋହିପିଟାର ଛୋଟ ଛୁଆ ଖେଳାଖେଳି କରୁଥିବା ବେଳେ ସେହି ବାଟ ଦେଇ ଶତାଧିକ ଯାନବାହନ ଓ ପଥଚାରୀମାନେ ଯାଆସ କରନ୍ତି। ତେଣୁ ଦୁର୍ଘଟଣା ଘଟିବା ପୂର୍ବରୁ ଉକ୍ତ ଗଛକୁ କାଟି ଦେବାକୁ ପଣ୍ଡିତ ମୋତିଲାଲ ପୂଜାରୀ, ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ, ବରିଷ୍ଠ ନାଗରିକ ଲକ୍ଷ୍ମୀନ୍ଦ୍ର ବଗର୍ତ୍ତି ପ୍ରମୁଖ ଦାବି ଜଣାଇଛନ୍ତି ।



ରାସ୍ତା କଡ଼ରେ ଥିବା ନିମ୍ବ ଗଛ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବାଉଁଶୁଣୀ, ୧୨।୨ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ସ୍ଥିତ ମାଁ ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଅଧକ୍ଷ ମାନଭଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାଉଁଶୁଣୀ ଥାନାର ଭାରପ୍ରାପ୍ତ ଅଧିକାରୀ ରାମସୁବ୍ରମନ୍ୟମ ପ୍ରଧାନ ମୁଖ୍ୟଅତିଥି, ଅଧାପକ ଦେବାର୍ଚ୍ଚନ ବେହେରା ସମ୍ମାନିତ ଅତିଥି, ଅଧାପକ ମକର ମହାରଣା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ସୋନାଲି ମହାକୁଲ ଓ ମଧୁସ୍ମିତା ଜଗଦଲା ତାଲିମ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେର ତାଲିମ ଶିବିର ପରିଚାଳନା କରିଥିଲେ। ୧୨୦ ଜଣ ଛାତ୍ରୀ ତାଲିମଗ୍ରହଣକରିପ୍ରମାଣପତ୍ର ପାଇଥିଲେ।



ନାମଯଜ୍ଞରେ ନାମଜପ ଚାଲିଛି।

## ତମ୍ବାସିନାରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ

**ଘଣ୍ଟାପଡା, ୧୨।୨ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତ ତମ୍ବାସିନା ଗ୍ରାମରେ ବୁଧବାର ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ନାମଯଜ୍ଞରେ ବୁଧବାର ପ୍ରତ୍ୟୁଷରୁ ଗ୍ରାମବାସୀ ଓ ଶ୍ରଦ୍ଧାଳୁ ମହିଳାମାନେ ବିଶାଳ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ୯ଟା ସମୟରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଉକ୍ତ ନାମଯଜ୍ଞରେ ବିପିନ କଅଁର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୁରୋହିତ ପଣ୍ଡିତ ଚନ୍ଦ୍ରେଶ୍ୱର ପାଣିଗ୍ରାହୀ ଓ ମନୋଜ ପାଣିଗ୍ରାହୀ ପୂଜାକାର୍ଯ୍ୟ କାର୍ଯ୍ୟ ତୁଲାଉଛନ୍ତି। ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ ଓ ପୂଜା କମିଟି ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଭୋଇ, ସମ୍ପାଦକ ଗୋପୀନାଥ କଅଁର, ସଦସ୍ୟ ସନ୍ତୋଷ ମହାଲିକ, ସାଧୁ ବାଘ, ଅର୍ମିନିଧର କମ୍ପ, ଗୁରୁଦେବ ନାଏକଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞ ଅନୁଷ୍ଠିତ ହେଉଛି।

## ବର୍ଷା ଉଜାଡ଼ିଲା ମହୁମାଛି ବସା

**ଘଣ୍ଟାପଡା, ୧୨।୨ (ଡି.ଏନ.ଏ)**

ଗତ କିଛି ଦିନ ଧରି ହୋଇଥିବା ଅଦିନିଆ ଲଗାଣ ବର୍ଷା ଯୋଗୁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଲକ୍ଷାଧିକ ମହୁମାଛି ମରିଯାଇଛନ୍ତି। ଏଠାରେ ଥିବା ଶିମିଳି ଗଛରେ କାହିଁ କେତେ ଦିନରୁ ବହୁ ସଂଖ୍ୟାରେ ମହୁମାଛି ରହିଆସୁଥିଲେ। ଏମାନେ କେବେ ହେଲେ କାହାକୁ ଆକ୍ରମଣ କରି ନାହାନ୍ତି କି କାହାର ଅନିଷ୍ଟ କରି ନ ଥିବା ବେଳେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଗତ ଲଘୁଚାପ ବର୍ଷା ମହୁମାଛିଙ୍କ ବସା ଉଜାଡି ଦେଇଛି।



ବର୍ଷାରେ ମହୁଫେଣା ନଷ୍ଟ ହୋଇଯାଇଛି।

## ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ: ଖରିଆରରୋଡ ବିଜୟୀ

**ପାଇକମାଳ, ୧୨।୨ (ଡି.ଏନ.ଏ)**

ପାଇକମାଳ ଇଣ୍ଡୋର ଷ୍ଟାଡିୟମରେ ୨୧ତମ ନୃସିଂହନାଥ କପ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ଉଦଘାଟିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ପ୍ରଦୀପ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଏହି ଖେଳରେ ବରଗଡ, ନୂଆପଡ, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ଛତିଶଗଡ ରାଜ୍ୟର ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଖେଳ ପାଇକମାଳ ଓ ଖରିଆରରୋଡ ମଧରେ ହୋଇ ଖରିଆରରୋଡ ବିଜୟୀ ହୋଇଥିଲା। ସୁଶାନ୍ତ ପାଣିଗ୍ରାହୀ, ସୁମିତ ଅଗ୍ରୱାଲ, ଆୟୁଷ ଅଗ୍ରୱାଲ, ଗପୁ ଅଗ୍ରୱାଲ, କବି ଅଗ୍ରୱାଲ, ନିତେଶ ଅଗ୍ରୱାଲ, ଯତୀନ ଚାନ୍ଦ, କୁନ୍ଦନ ପ୍ରଧାନ, ସୁମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



# କନିଷ୍ଠ କିରାଣି ନିଲମ୍ବିତ

## ବଲାଙ୍ଗୀର ବିଇଓ ଅଫିସରେ ମହାଦୁର୍ନୀତି

**ବଲାଙ୍ଗୀର ଅଫିସ, ୧୨।୨**



- ପେନ୍‌ସନ୍ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଅଭିଯୋଗ
- ଅନ୍ତରୀଣ ତଦନ୍ତ ରିପୋର୍ଟ ତଥ୍ୟାନୁଯାୟୀ କାର୍ଯ୍ୟାନୁଷ୍ଠାନ
- ଜାରି ରହିଛି ଭିଜିଲାନ୍ସ ତଦନ୍ତ

ବଲାଙ୍ଗୀର ବିଇଓ ଅଫିସ ମହାଦୁର୍ନୀତି ପ୍ରସଙ୍ଗରେ ବିଭାଗୀୟ ଅନ୍ତରୀଣ ତଦନ୍ତ ରିପୋର୍ଟର ତଥ୍ୟ ଅନୁଯାୟୀ ଅଭିଯୁକ୍ତ କନିଷ୍ଠ କିରାଣୀ ପ୍ରମୋଦ କୁମାର ରଥଙ୍କୁ ବୁଧବାର ଚାକିରୀରୁ ନିଲମ୍ବିତ କରାଯାଇଛି। ନିଲମ୍ବିତ କିରାଣି ରଥଙ୍କ ବିରୋଧରେ ଏକ ସାଂଘାତିକ ଅଭିଯୋଗ ରହିଛି। ବିଭିନ୍ନ ପ୍ରକାର ଅନିୟମିତତା କରି ସେ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି । କିରାଣି ରଥ ତାଙ୍କ ଅବସରପ୍ରାପ୍ତ ଶିକ୍ଷକ ବାପା ଏବଂ ସ୍ତ୍ରୀଙ୍କ ଆକାଉଣ୍ଟକୁ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ବେଆଇନ ଭାବେ ଟ୍ରାନ୍ସଫର କରିଥିବା ଅଭିଯୋଗ ହୋଇଛି । ଜାଲ କାଗଜପତ୍ର ମାଧ୍ୟମରେ ଚତୁରତାର ସହ କିରାଣୀ ରଥ ଦୀର୍ଘଦିନ ହେଲା ଏହି ବେଆଇନ କାର୍ଯ୍ୟ ଜାରି ରଖିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଜଣାପଡିବା ପରେ ଜିଲାରେ ହଇଚଇ ସୃଷ୍ଟି ହୋଇଥିଲା । ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କିଛିଦିନ ପୂର୍ବରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଥିଲା । ଏହା ସହିତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ତତ୍ତ୍ୱାବଧାନରେ ଗଠିତ ବିଭାଗୀୟ ତଦନ୍ତକାରୀ ଟିମ୍ ମଧ୍ୟ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଦୁଇଦିନ ତଳେ ବିଭାଗୀୟ ତଦନ୍ତକାରୀ ଟିମ୍ ଅନ୍ତରୀଣ ତଦନ୍ତ ରିପୋର୍ଟ ଡିଇଓଙ୍କୁ ଦାଖଲ କରିଥିଲେ । ଏହି ଅନ୍ତରୀଣ ତଦନ୍ତ ରିପୋର୍ଟରେ ଅନିୟମିତତାର ପ୍ରାରମ୍ଭିକ ପ୍ରାମାଣିକ ତଥ୍ୟ ରହିଥିବା ଜଣାପଡିବା ପରେ କନିଷ୍ଠ କିରାଣୀ ରଥଙ୍କୁ ବୁଧବାର ଡିଇଓ ଧ୍ରୁବଚରଣ ବେହେରା ଚାକିରୀରୁ ନିଲମ୍ବିତ କରିଛନ୍ତି । ଏନେଇ ଡିଇଓ ବେହେରାଙ୍କୁ ପଚରାଯିବାରୁ ଅନ୍ତରୀଣ ତଦନ୍ତ ରିପୋର୍ଟକୁ ଭିତ୍ତିକରି କନିଷ୍ଠ କିରାଣୀଙ୍କ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି। ତେବେ କେତେ ଟଙ୍କା ଆତ୍ମସାତ୍ କରାଯାଇଛି ଓ ଏଥିରେ କନିଷ୍ଠ କିରାଣୀ ଏକାକୀ ସମ୍ପୃକ୍ତ ନାଁ ଅନ୍ୟମାନେ ସମ୍ପୃକ୍ତ ଅଛନ୍ତି ଏନେଇ ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି । ମଙ୍ଗଳବାର ବଲାଙ୍ଗୀର ଜିଲାଗସ୍ତରେ ଆସି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀରେ ଯୋଗଦେଇଥିଲେ । ସମ୍ମିଳନୀରେ ବକ୍ତବ୍ୟ ଦେବାବେଳେ ମନ୍ତ୍ରୀ ଦାଶ ବଲାଙ୍ଗୀର ବିଇଓ ଅଫିସ ମହାଦୁର୍ନୀତି ପ୍ରସଙ୍ଗ ଉଠାଇ ଅଭିଯୁକ୍ତ ବିରୋଧରେ ତଦନ୍ତ ରିପୋର୍ଟର ପ୍ରାରମ୍ଭିକ ତଥ୍ୟାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଠାରୁ ଏଭଳି ନିର୍ଦ୍ଦେଶ ମିଳିବା ପରେ ଡିଇଓ ବେହେରା ବୁଧବାର ଏହାକୁ କାର୍ଯ୍ୟକାରୀ କରିଥିବା ଜଣାପଡିଛି। ବିଇଓ ଅଫିସ ମହାଦୁର୍ନୀତି ଘଟଣା ପଦାକୁ ଆସିବା ପରେ ଅଭିଯୁକ୍ତ କନିଷ୍ଠ କିରାଣୀ ରଥ ଏକମାସିଆ ଇଏଲ୍‌ରେ ଯାଇଥିଲେ । ତେବେ ଏହି ମହାଦୁର୍ନୀତି ତଦନ୍ତ ଆରମ୍ଭ ହୋଇଯିବା ପରେ ବିଇଓ ଅଫିସ ପକ୍ଷରୁ ରଥଙ୍କ ଇଏଲକୁ ରଦ୍ଦ କରାଯାଇ ତାଙ୍କୁ ଶୀଘ୍ର ଅଫିସରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ସେଦିନରୁ କିରାଣୀ ରଥ ବିଇଓ ଅଫିସରେ ଯୋଗ ଦେଇନାହାନ୍ତି । ବୁଧବାର ଚାକିରୀରୁ ନିଲମ୍ବନ ନିର୍ଦ୍ଦେଶନାମା ତାଙ୍କ ଠିକଣାରେ ପଠାଯାଇଥିବା ଜଣାପଡିଛି । ଏନେଇ କନିଷ୍ଠ କିରାଣୀ ରଥଙ୍କୁ ତାଙ୍କ ମୋବାଇଲ (ନଂ.୮୭୬୩୪୯୯୯୦୦)ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏହା ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଭଂଗା କୁରିଆରେ ଜୀବନ୍ ବିତଉଛନ୍ ରତ

**ଖପ୍ରାଖୋଲ, ୧୨।୨(ଡି.ଏନ୍.ଏ.)**

### ଘରଖଁଡ୍ରେ ଲାଗି ଗୁହାରି କରି ନିରାଶ



ନିଜର ଦଦ୍‌ରା କୁରିଆ ଆଘେ ରତି ରାବଣ।

କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଗାଁଗଁଲିନୁ ସହର ତକ୍ ଗରିବ୍ ଦୁଖି, ବାସହୀନ ପରିବାରମାନକୁ ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଅବାସ, ବିଜୁ ପକାଘର ଲେଖେଁ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ଆଏଜ୍ ବି ଗାଁଗଁଲିମାନକେ ପରଭାବଶାଲି ଲୋକ୍‌ମାନେ ଗଫଲତି କରି ଯୋଜନାର ଲାଭ୍ ଉଠଉଥିଲାବେଲେ ହକ୍‌ଦାର ହିତାଧିକାରୀ ଯୋଜନାରୁ ବାଦ୍ ପଡୁଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଗାଁରେ।

ସୂଚନା ଅନ୍‌ସାରେ ନାନ୍ଦୁପଲା ଗାଁର ବୁଢୁଧି ବିଧବା ରତି ରାବଣ(୮୦)। ଅନେକ ବଛର ହେଲା ଆପ୍‌ନେ ପାରପାରକେ ଚାଲିଯାଇଛନ୍। ରତି ପେଟ୍ ପାଲବାର ଲାଗି ଫିଦିନ ହରିଶଙ୍କର ମନ୍ଦିର ଆଘେ ଫୁଲ, ବେଲପତର ବିକି ଦୁଇପଏସା ରୁଜଗାର କରୁଛନ୍। ଇତାର ବାହାରେ ମାସିକ ୫ଶହ ଟଁକା ବୁଢ଼ାବୁଢ଼ୀ ଭତା ପାଉଛନ୍। ଆପ୍‌ନେ ଥିଲାବେଲେ ଦୁଖସୁଖ କରି ମାଏଟ୍ କୁରିଆଟେ ତିଆର କରିଥିଲେ। ହେଲେ ସେ ଚାଲିଗଲା ଦିନୁ ଅଭାବ ଅନାଟନ ଲାଗି ବୁଢୁଧି ରତି ସେ ଘରଟା ମରାମତି କରି ନାଇଁପାରବାର। ଏନ୍‌ତାଥି ସେ ଭଂଗା ଦଦ୍‌ରା ମାଏଟ୍ କୁରିଆ ଉପରେ ଗୁଟେ ପଲିଥିନ୍ ଢାପି ଖରା, ବରଷା, ଶୀତ୍ କାକରରେ ଜୀବନ୍ ବିତଉଛନ୍। ସରକାରୀ ଯୋଜନାରେ ଘରଖଁଡ୍ରେ ପାଏବାର ଲାଗି ପଁଚେତ୍‌ନୁ ବ୍ଲକ ତକ୍ ଗୁହାରି କରି ଥକି ଗଲିନ। ହେଲେ କେହି ମୋର କଥା ନି ଶୁନବାର। ଏନ୍‌ତାଥି ଇ ଭଂଗା ଘରେ ରହୁଛେଁ, ଘର ଚେପାଲେ ମରମି ବଲି ସେ ନିରାଶ ହେଇ କହିଛନ୍। ଇ ବାବ୍‌ଦେ ଥାନୀଅ ସରପଁଚ୍ ସୁରେଶ ପୂଝାରୀକୁଁ ପଚ୍‌ରାଲାରୁ ଦେଖିବାକେ ଗଲେ ରତି ଘର ପାଏବାର ଲାଗି ହକ୍‌ଦାର ଆଏ। ହେଲେ ତାଲିକାରେ ତାକର ନାଁ ନାଇଁନ। ତାକର ନାଁ ତାଲିକାରେ ଚଢ଼ାବାର ଲାଗି ଆବେଦନ କରାଯାଇଛେ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚ୍‌ରାଲାରୁ ଘର ପାଏବାର ଲାଗି ହେଲେ ତାଲିକାରେ ନାଁ ଥିବାର ଦରକାର। ନାଇଁଥିଲେ ନିୟମ ହିସାବେ ନାଁ ଯୁଡ଼ା ଯାଇ ତାହାକୁ ପ୍ରଧାନମନ୍ତ୍ରୀ ଆବାସ କି ବିଜୁ ପକାଘର ଯୋଜନାରେ ସାମିଲ କରାଯିବା ବଲି ସେ କହିଥିଲେ।

# ଆମ୍ବୁଲାନ୍ସକୁ ପିଟିଲା ଆମ୍ବୁଲାନ୍ସ

**ଭଦ୍ରକ ଅଫିସ,୧୨।୨:** କୁହୁଡ଼ି ସାଜିଲା କାଳ। କୁହୁଡ଼ି ଯୋଗୁ ଆମ୍ବୁଲାନ୍ସକୁ ପଛରୁ ପିଟିଲା ଆମ୍ବୁଲାନ୍ସ। ଦୁର୍ଘଟଣାରେ ଆହତ ଦୁଇ ରୋଗୀଙ୍କ ସମେତ ସେମାନଙ୍କ ସମ୍ପର୍କୀୟ ମୋଟ ୪ଜଣଙ୍କୁ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଡାହାଣୀଗଡିଆ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି।

**ODISHA STATE SEEDS CORPORATION LIMITED**
( A GOVERNMENT UNDERTAKING)
SANTARAPUR, BHUBANESWAR-751002
E-Mail: mdossclt df456@gmail.com.
Website:http/www.ossc ltd.in
**TENDER CALL NOTICE**
**No.OSSC/Engg-60/2019**
No.CAD-948 :- The Managing Director, Odisha State Seeds Corporation Ltd. invites item wise tenders through ONLINE MODE only from eligible tenderers through e-tender site of Govt of Odisha (www.tendersodisha.gov.in) for the works 1. Supply, Installation, Commissioning & Testing of conveyors with all accessories and related works 2. Supply, Installation, Commissioning & Testing Automatic Weighing and Bagging Machines with all other accessories and related work.
The details of location of work, cost of tender document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha (www.tendersodisha.gov.in). The last date for uploading of tender to tender portal is **dt.29.02.2020.**
Sd./- JR Mishra
Managing Director, OSSC Ltd., BBSR
OIPR-01045/11/0031/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
**Tender Call Notice No. BBSR/ELECT/E-3862/17-18/P-II/18-19/508 Dated: 06.02.2020**
**No.CAD-945:- NOTICE INVITING TENDER UNDER NATIONAL COMPETITIVE BIDDING THROUGH E-Procurement**
Name of the Work: Supply, installation, testing & commissioning of Smart TVs in Krushibhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT/e-29/19-20 | 17.00 Hours of 17.02.20 | 17.00 Hours of dt. 27.02.20 |

Further details can be seen from the e-procurement portal **www.tendersorissa.gov.in**.
Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
**Sd./- Divisional Head (Elect), IDCO, Bhubaneswar**
**OIPR- 14003/11/0063/1920**

**OFFICE OF THE DIRECTOR MADHUSUDAN DAS REGIONAL ACADEMY OF FINANCIAL MANAGEMENT**
CHANDRASEKHARPUR, BHUBANESWAR – 23,
TELEPHONE (0674) – 2300394, 2300623, 2300759,
TELE FAX (0674)-2300394,
Website – madhusudanacademy.in
E-Mail: dirmdrafm.od@gov.in
S-32
**TENDER CALL NOTICE**
Sealed quotations are invited from interested Travel Agencies / Tour Operators / Private individuals for providing one Swift Dzire (A/C Petrol not older than 3 years) vehicle on hire basis in accordance with F.D. OM No.30464/F dt.06.09.2019 for official use in Madhusudan Das Regional Academy of Financial Management, Bhubaneswar, Odisha.
The details of terms and conditions for hiring & bidding and bid document has been enumerated in the office website: https://madhusudanacademy.in/
The Sealed quotations are required to reach the undersigned by dt. 04.03.2020 upto 5.00 P.M. and the received quotations will be opened on dt. 06.03.2020 at 11.00 A.M. in presence of the interested bidders. The undersigned reserves the right to reject or cancel the tender without any reason thereof.
**DIRECTOR**
OIPR-05004/11/0001/1920

# ଜମି କିଣାବିକାରେ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲକୁ ବିରୋଧ

**ଲୋଇସିଂହା,୧୨।୨ (ଡି.ଏନ.ଏ.)**

ଏଣିକି ଜମି କିଣାବିକା ପ୍ରକ୍ରିୟାରେ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତା ମୂଳକ ବୋଲି ବଲାଙ୍ଗୀର ଜିଲା ଲୋଇସିଂହା ସବ୍‌ରେଜିଷ୍ଟ୍ରି ଅଫିସ ପକ୍ଷରୁ ନୋଟିସ ଜାରି କରାଯାଇଛି । ହେଲେ ସବ୍‌ରେଜିଷ୍ଟ୍ରି ଅଫିସର ଏଭଳି ପଦକ୍ଷେପକୁ ଲୋଇସିଂହା ଓକିଲସଂଘ ଓ ଦଲିଲ ଲେଖକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଉଭୟ ସଂଘ ନୋଟିସର ପୁନର୍ବିଚାର ପାଇଁ ଜିଲାପାଳ ଅରିନ୍ଦମଡାକୁଆ ଓ ଲୋଇସିଂହା ତହସିଲଦାରଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ମୁତାବକ, ଆର୍ଥିକ ସମସ୍ୟା ଅଥବା କୌଣସି ଜରୁରୀ ପରିସ୍ଥିତିରେ ଲୋକ ତାଙ୍କ ପୈତୃକ ସମ୍ପତ୍ତିରୁ ନିଜ ହକଥିବା ଜମି ବିକ୍ରି କରିଥାନ୍ତି। ତହସିଲ ଅଫିସରୁ ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରିବା ଏକ ଦୀର୍ଘ କାଳୀନ ପ୍ରକ୍ରିୟା । ଏଣୁ ଏଥିରେ ଜମି ବିକ୍ରେତା ମୁଖ୍ୟତଃ ହଇରାଣ ହେବା ଆଶଙ୍କା କରି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଂଘ ପକ୍ଷରୁ କୁହାଯାଇଛି।

ସୂଚନା ମୁତାବକ ପ୍ରଚଳିତ ଜମି ବିକ୍ରି ଆଇନ ଅନୁଯାୟୀ ରାଜସ୍ୱ ନିରୀକ୍ଷକଙ୍କ ବଂଶାବଳୀ ରିପୋର୍ଟ ଆଧାର କରି ଜମି କିଣାବିକା ହୋଇଆସୁଛି। ଯେଉଁ କ୍ଷେତ୍ରରେ ଏକରୁ ଅଧିକ ପଟ୍ଟାହିତାଧିକାରୀ ଥିବେ ଏବଂ ସେମାନଙ୍କ ମୃତ୍ୟୁ ହୋଇ ସାରିଥିବା ସେହି କ୍ଷେତ୍ରରେ ଜମିକିଣାବିକା ପାଇଁ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ ବାଧ୍ୟତା କରାଯାଇଛି । କୌତୁହଳ ବିଷୟ, ଜମିକିଣାବିକା ପ୍ରକ୍ରିୟାରେ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ କରିବା ପାଇଁ ସରକାରୀସ୍ତରରେ କୌଣସି ନିର୍ଦ୍ଦେଶନାମା ନ ଥିବା ବେଳେ ସ୍ଥାନୀୟ ସବ୍‌ରେଜିଷ୍ଟ୍ରି ଅଫିସରୁ ଏଭଳି ନୋଟିସ ଜାରି କରାଯିବା ଘଟଣାକୁ ଓକିଲସଂଘ ସଭାପତି ରାଜ କିଶୋର ମିଶ୍ର, ଉପସଭାପତି ଶଶାଙ୍କ ଭୋଇ, ଶୁଭେନ୍ଦୁ ସାହୁ, ରମାକାନ୍ତ ନାଏକ, ରାଜେଶ ବାବୁ, ଅଶୋକ ସାହୁ, ରାଜେନ୍ଦ୍ର ନାଏକ, ଦଲିଲ ଲେଖକ ସଂଘର ସଭ୍ୟପ୍ରମୋଦ କୁମାର ତ୍ରିପାଠୀ, ହୃଷୀକେଶ ଭୋଇ ପ୍ରମୁଖ ବିରୋଧ କରିଛନ୍ତି।

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198

FINANCE FINANCE

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ
0% ସୁଧ 50% ଛାଡରେ
ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

FINANCE
CAPITAL ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
ଗୁରୁଜୀ ବଙ୍ଗାଲି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ
ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ୍, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୂ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ । ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00- 70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ । + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଭାରତର ନଂ.1 କମ୍ପାନୀ
1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

TEJAS MOBILE NETWORK COMPANY
ତେଜସ୍ କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ଉପରେ ଟାୱାର ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 25,000/- ଟଙ୍କା ପାଆନ୍ତୁ । (ବିମା+ ମେଡିକାଲ ଖର୍ଚ୍ଚ ମାଗଣା) ଆଜି ହିଁ ସଂମ୍ପର୍କ କରନ୍ତୁ
Digital Xpress,Mini Shop No-7, City Point Complex,Bangalore-530068
Call / SMS Now
9691833895

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା)
ଶ୍ରୀରାମ ଫାଇନାନ୍ସ
କାମ ଆମର ବିଶ୍ୱାସ ଆପଣଙ୍କର
ଲୋନ୍
ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ
• ସମ୍ପତ୍ତି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାରକାର୍ଡ ଋଣ • ବ୍ୟକ୍ତିଗତ ଋଣ • ବିପିଏଲ୍ ଋଣ
2% ସୁଧ | 50% ଛାଡ଼
ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି
083074-68262

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ।
ଅଗ୍ରିମ- 50,00,000/-
+ ଭଡ଼ା- 50,000/-
+ 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8929313996

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଟଳ ବିଜ୍ଞାନ ଭବନ ଉଦ୍‌ଘାଟନ

**ଭବାନୀପାଟଣା,୧୨।୨ (ଡି.ଏନ.ଏ.):** ଭବାନୀପାଟଣା ବ୍ଲକସ୍ଥିତ ଥୁଆପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅଟଳ ଭବନର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଭବାନୀପାଟଣା ପଞ୍ଚାୟତ ସମୀତି ପୂର୍ବତନ ଅଧ୍ୟକ୍ଷ ଶେଷଦେବ ସାହୁ, ସଞ୍ଜିବ ନାଏକ, ବ୍ଲକ ଶିକ୍ଷାଧିକାରୀ ଜଗନ୍ନାଥ ପୁରୋହିତ, ପୂର୍ବତନ ପ୍ରଧାନ ଶିକ୍ଷକ ଦଧିଚନ୍ଦ୍ର ସାହୁ, ସରପଞ୍ଚ ଚୁଡାମଣି ନାଏକ, ସିଆରସିସି ଭି. ସମ୍ବେଶ୍ୱର ରାଓ ଏବଂ ପ୍ରଧାନ ଶିକ୍ଷକ ଗିରିଜାଶଙ୍କର ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କାଳି ପ୍ରସାଦ ରଥ, ପର୍ଶୁ ସାହୁ, ଗିରିଧାରୀ ସାହୁ, ଦିଗାମ୍ବର ଭୋଇ, ଏମ୍. ନାଗେଶ୍ୱର ରାଓ ଦୋରା, ଯୁଧିଷ୍ଠିତ ଭଗତ୍, ଅରବିନ୍ଦ ସାହୁ, ମନୋଜ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ବିଦ୍ୟାଳୟକୁ ଯୁକ୍ତ ୨ ମହାବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଗ୍ରାମବାସୀ ବିରୋଧୀ ଦଳଙ୍କ ନେତାଙ୍କଠାରେ ଦାବି କରିଥିଲେ।

# ନ୍ୟାୟ ପ୍ରଦାନ ଦାବିରେ ଧାରଣା

**ନୂଆପଡ଼ା ଅଫିସ/ସିନାପାଲି, ୧୨।୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ହଷ୍ଟେଲ ଛାତ୍ରୀ ସାତ ମାସର ଅନ୍ତଃସତ୍ତ୍ୱା ହେବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ନାବାଳକଙ୍କୁ ଗିରଫ କରାଯାଇ ଜୁଭେନାଇଲ କୋର୍ଟକୁ ପଠାଯାଇଛି। ହେଲେ ଏଥିରେ ପ୍ରଶାସନ ଅଯଥାରେ ଜଣେ ଯୁବକଙ୍କୁ ଗିରଫ କରିଥିବାବେଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଗୋଣ୍ଡ ସମାଜ ଅଭିଯୋଗ କରିଛି। ନ୍ୟାୟ ପ୍ରଦାନ ଦାବିରେ ଗୋଣ୍ଡ ସମାଜ କୁସୁମ ଯୋଗ ହାଇସ୍କୁଲ ଗେଟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଦାବି ପୂରଣ ନ ହେବା ଯାଏଁ ଧାରଣାରେ ବସି ରହିବେ ବୋଲି ସେମାନେ କହିଛନ୍ତି ।

ଆଦିବାସୀ ସମ୍ପ୍ରଦାୟର ଏକ ଗରିବ ପରିବାରର ଝିଅ ହଷ୍ଟେଲରେ ରହିବାର ସାତ ମାସ ପରେ ଅନ୍ତଃସତ୍ତ୍ୱା ହେବା ଜଣାପଡିବା ଏବଂ ସେହି ମାମଲାରେ



ସ୍କୁଲ ସମ୍ମୁଖରେ ଧାରଣାରେ ଗୋଣ୍ଡ ସମାଜର ଲୋକମାନେ ବସିଛନ୍ତି ।

### ହଷ୍ଟେଲ ଛାତ୍ରୀ ଅନ୍ତଃସତ୍ତ୍ୱା ଘଟଣା

ଗାଁର ଜଣେ ନିରୀହ ଯୁବକଙ୍କୁ ସମ୍ପୃକ୍ତ ଥିବା କହି ବିଭାଗ ଅଯଥାରେ ଗାଁରେ ଏକ ଅପ୍ରିତିକର ସ୍ଥିତି ସୃଷ୍ଟି କରୁଛି । ଏଥିରେ ବିଭାଗ ଅବହେଳାକୁ ଘଷ୍ଟ ଘୋଡାଯାଉଛି ବୋଲି ଅଭିଯୋଗ ଆଣିଛି ଗୋଣ୍ଡ ସମାଜ । ଏହା ଉପରେ ଜିଲାସ୍ତରୀୟ ଅଧିକାରୀ ଏବଂ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଶେଷରେ ହାଇସ୍କୁଲ ଗେଟ ସମ୍ମୁଖରେ ଧାରଣାରେ ବସିଛନ୍ତି । ବୁଧବାର ମଧ୍ୟାହ୍ନରେ ଧାରଣାସ୍ଥଳକୁ ବ୍ଲକ ଶିକ୍ଷାଧିକାରୀ ଜଗଦିଶ ପ୍ରସାଦ ଖମାରୀ ପହଞ୍ଚିବା ପରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏଥିରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରିବା, ସ୍କୁଲ କମିଟି ରଦ୍ଦ କରିବା, ଶତ ପ୍ରତିଶତ ମହିଳା ସଦସ୍ୟାଙ୍କୁ କମିଟରେ ରଖିବା, ଆଦିବାସୀ ବିଦ୍ୟାଳୟ/ଛାତ୍ରୀ ନିବାସ ଗୁଡିକରେ ଶତ ପ୍ରତିଶତ ଆଦିବାସୀଙ୍କୁ ନିଯୁକ୍ତି କରିବା ଆଦି ଦାବି ରହିଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିନାପାଲି ବ୍ଲକ ଉପାଧ୍ୟକ୍ଷ କିଶୋର କୁମାର, ପୂର୍ବତନ ଜିଲା ପରିଷଦ ସଭ୍ୟ ଲିଙ୍ଗରାଜ ଘିଭେଲା ପ୍ରମୁଖ ଯୋଗଦେଇ ସମର୍ଥନ ଜଣାଇଛନ୍ତି ।

# ଦାଦନ ସମସ୍ୟା ସମାଧାନ ନେଇ ଲୋକ କଳାରେ ସଚେତନତା

**କୋମନା, ୧୨।୨ (ଡି.ଏନ.ଏ.)**

ଅଧିକ ରୋଜଗାର ଆଶାରେ ଜିଲାର ଅଧିକାଂଶ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠିକାର ମାଲିକଙ୍କ ତାଡନାରେ ଶ୍ରମିକମାନେ ହଇରାଣ ହୋଇ ଘରକୁ ଫେରୁଛନ୍ତି । ପ୍ରଶାସନ ଦାଦନ ସମସ୍ୟାକୁ ରୋକିବା ପାଇଁ କୋମନା ବ୍ଲକ ବିଭିନ୍ନ ଗାଁରେ ଲୋକ କଳା ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଉଛି। ଏହି କ୍ରମରେ ବୁଧବାର ଅପରାହ୍ନରେ କୋମନା ବ୍ଲକ ଟିକ୍ରାପଡା ଗ୍ରାମର ଦୁଇଟି ପଡାରେ କୁରେଶ୍ୱର ଶ୍ରୀ ଚୈତନ୍ୟ ସଞ୍ଚାର ପାଳା ଦଳ ପକ୍ଷରୁ ଦାଦନ ସମସ୍ୟାର ଉପରେ ଆଧାରିତ ବିଭିନ୍ନ ପାଲା ନୃତ୍ୟଗୀତ ପରିବେଷଣ କରି ଲୋକଙ୍କୁ ସଚେତନ କରିବା ସହ ବାହାର ରାଜ୍ୟକୁ ଦାଦନ ଖଟି ନ ଯିବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ଏବଂ ଜିଲା ପ୍ରଶାସନ ଓ ଜିଲା କଳା ସଂସ୍କୃତି ସଂଘ ନୁଆପଡା ପକ୍ଷରୁ ଆୟୋଜନ ହୋଇଥିବା ବେଳେ କୋମନା ବ୍ଲକ ବିଭିନ୍ନ ଗ୍ରାମରେ ମୋଟ ୧୪ଟି ସାଂସ୍କୃତିକ ଦଳ ସଚେତନତା କରୁଛନ୍ତି।



ଟିକ୍ରାପଡ଼ା ଗାଁରେ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

# ବାଞ୍ଜିପଦର ଉନ୍ନୀତ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**କର୍ଲାମୁଣ୍ଡା,୧୨।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବାଞ୍ଜିପଦରସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ବିଦ୍ୟାଳୟର ଅଷ୍ଟମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣେନ୍ଦୁ କୁମାର ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିଆରସିସି ଅନ୍ତର୍ଯ୍ୟାମୀ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ ରଣା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ବନିତା ରଣା, ୱାର୍ଡସଭ୍ୟା ପୁଷ୍ପଲତା ବଗର୍ତ୍ତୀ, ଏସ୍ଏମ୍‌ଡିସି ସଭ୍ୟ କ୍ଷମାସାଗର ରଣା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଜଣେ ମଣିଷ ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟର ଯତ୍ନ ନିମନ୍ତେ କ୍ରୀଡା ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭା କାର୍ଯ୍ୟକ୍ରମ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ରାଉତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସଂସ୍କୃତ ଶିକ୍ଷକ ରଘୁପତି କୁଅଁର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସୁରଜିତ ରଣା, ତୋରେଶ୍ୱର ଦୋରା, ମହେନ୍ଦ୍ର କୁମାର ପଧାନ, ଚୁମନ କୁମାର ସାହୁ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ତୋରେଶ୍ୱର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।



ବ୍ଲକ ଅଧକ୍ଷା ନୀଲାନ୍ଦ୍ରି ମେହେରଙ୍କ ସହ ଅନ୍ୟମାନେ।

# ନୀଲାନ୍ଦ୍ରି ମେହେର ଖଡ଼ିଆଳ ବ୍ଲକ ଅଧକ୍ଷା

**ଖଡିଆଳ,୧୨।୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବରଙ୍କୁ ଅନାସ୍ଥା ପ୍ରସ୍ତାବରେ ଗାଦିଚ୍ୟୁତ କରିବା ପରେ ଉପାଧକ୍ଷା ନୀଲାନ୍ଦ୍ରି ମେହେର ଅଧକ୍ଷା ପଦବୀ ଗ୍ରହଣ କରିଛନ୍ତି । ଏ ନେଇ ଖଡିଆଳ ବିଡିଓ ଉତ୍ତମ କୁମାର ବାଗ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସୁଚିତ କରିଥିବା ଜଣାପଡିଛି। ସୂଚନାଥାଉକି, ଖଡିଆଳ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବରଙ୍କ ବିରୋଧରେ ଗତ ୨୦୧୯ ଅକ୍ଟୋବର ୨୩ରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ଏ ନେଇ ୨୦୧୯ ନଭେମ୍ବର ୧ ତାରିଖରେ ଅନାସ୍ଥା ପ୍ରସ୍ତାବ ଭୋଟ ଗ୍ରହଣ କରାଯାଇଥିଲା । ସମୁଦାୟ ୨୬ଟି ଗ୍ରାମ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ବିଧାୟକ, ଭୋଟ ଦେଇଥିଲେ । ଏହି ଅନାସ୍ଥା ପ୍ରସ୍ତାବ ଭୋଟର ସମୁଦାୟ ୫୨ଟି ଭୋଟ ପ୍ରଦାନ କରିଥିଲେ। ଏଥିରେ ଅଧକ୍ଷଙ୍କ ବିରୋଧରେ ୪୫ଟି ଭୋଟ ଓ ସପକ୍ଷରେ ୭ଟି ଭୋଟ ପଡିଥିବା ପ୍ରକାଶ କରିଥିଲେ । ଏ ବିଷୟକୁ ନେଇ ବ୍ଲକ ଅଧକ୍ଷ ଶବର ଭୋଟ ଗ୍ରହଣ ପ୍ରକାଶ ନ କରିବା ପାଇଁ ହାଇକୋର୍ଟରୁ ରହିତାଦେଶ ଆଣିଥିଲେ। ହାଇକୋର୍ଟଙ୍କ ରହିତାଦେଶକୁ ସମ୍ମାନ ଜଣାଇ ଭୋଟକୁ ଜିଲା ପ୍ରଶାସନ ପ୍ରକାଶ କରି ନ ଥିଲେ। ଗତ ଫେବୃୟାରୀ ୩ରେ ହାଇକୋର୍ଟ ପୁଣି ଭୋଟ ଗଣତି କରିବାକୁ ରହିତାଦେଶ ଉଠାଇ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଗତ ଫେବୃୟାରୀ ୧୧ ତାରିଖରେ ଭୋଟ ଗଣତି କରିଥିଲା । ଏହି ଅନାସ୍ଥାପ୍ରସ୍ତାବ ଭୋଟରେ ବାଳକୃଷ୍ଣ ଶବର ବିପକ୍ଷରେ ୪୫ ଓ ସପକ୍ଷରେ ୭ଟି ଭୋଟ ପାଇଥିଲେ । ପ୍ରଶାସନ ପକ୍ଷରୁ ହାରିଯାଇଥିବା ସୁଚିତ କରିଥିଲେ । ଜିଲାପାଳ ମଧୁସ୍ମିତା ସାହୁ ଉପାଧକ୍ଷା ନିଲାନ୍ଦ୍ରୀ ମେହେରଙ୍କୁ ଅଧକ୍ଷା ପଦ ଦାୟୀତ୍ୱ ତୁଲାଇବାକୁ ଖଡିଆଳ ବିଡିଓ ଉତ୍ତମ କୁମାର ବାଗଙ୍କୁ ପତ୍ର ସଂଖ୍ୟା ୧୫୨ ତାରିଖ ୧୧ ଫେବୃୟାରୀ, ୨୦୨୦ରେ ନିର୍ଦ୍ଦେଶ କରିଥିଲେ । ତଦନୁରୂପ ଉପଧକ୍ଷା ନିଲାନ୍ଦ୍ରୀ ମେହେର ଅଧକ୍ଷ ପଦର ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ଘଣ୍ଟମାଲ ଚାମ୍ପିୟନ

## ଦିବାରାତ୍ରି ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ

**ଭବାନୀପାଟଣା,୧୨।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କିକିଆ ଗ୍ରା.ପ.ର ଗୋହିରାପଦର ଶ୍ରୀ ରାମ ମନ୍ଦିର ପଡିଆରେ ମଙ୍ଗଳବାର ଦିବାରାତି ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଚାମ୍ପିୟନ ଭାବେ ନର୍ଲା ବ୍ଲକ ଘଣ୍ଟମାଲ ଓ ରନରସପ୍ ଭାବେ ଭବାନୀପାଟଣା ବ୍ଲକ ନକଟିଗୁଡାକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ସଂଯୋଜକ ଅନିରୁଦ୍ଧ ପ୍ରଧାନ ଯୋଗଦେଇ ଖେଳ ଶୁଭାରମ୍ଭ କରିଥିଲେ। ଖେଳ ମଧ୍ୟ ଭାଗରେ ସଦର ବିଧାୟକ ତଥା ଭାଜପା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣି ଉତ୍ସବରେ କିସ୍ କଳାହାଣ୍ଡି ଶାଖା ସଂଯୋଜକ ଦୁଷ୍ମନ୍ତ କୁମାର ପ୍ରଧାନ, କେଶବ ଚନ୍ଦ୍ର ବିଶ୍ୱାଳ, ଅଶ୍ୱିନ କୁମାର ପ୍ରଧାନ, ଯଜ୍ଞସେନ ପ୍ରଧାନ, କିକିଆ ଗ୍ରାମ ନାଏକ ସରପଞ୍ଚ ବିକାଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରେଫରୀ ଭାବେ ନବୀନ ନାଏକ, ଉମାକାନ୍ତ ଭୋଇ, ଦିପୁନ ବିଶ୍ୱାଳ ପ୍ରମୁଖ ଖେଳପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାର ଆୟୋଜନ କରିଥିଲେ ଭାଗବତ ଯୁବକ ସଂଘ ଗୋହିରାପଦର।



ଅତିଥିଙ୍କ ସହ ଖେଳାଳିମାନେ।

# ଜିଲାସ୍ତରୀୟ ଯୁଥ୍ କନ୍‌ଭେନ୍‌ଶନ

**ଭବାନୀପାଟଣା,୧୨।୨ (ଡି.ଏନ.ଏ.)**

ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପକ୍ଷରୁ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଯୁଥ୍ କନ୍‌ଭେନ୍‌ସନ୍ ୨୦୧୯-୨୦ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ୱାଇକେର ଲେଖାପାଳ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏନ୍‌ୱାଇକେର ଜିଲା ଯୁବ ସଂଯୋଜକ ପ୍ରସନ୍ନ ମେହେର ଏହି କାର୍ଯ୍ୟକ୍ରମ ଲକ୍ଷ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସିଆରପିଏଫ୍ ୬୪ ବାଟାଲିୟନ୍‌ର କମାଣ୍ଡେଣ୍ଟ ବିପ୍ଳବ ସରକାର ଏନ୍‌ୱାଇକେର ପୂର୍ବତନ ଜିଲା ଯୁବ ସଂଯୋଜିକା ଶୁଭଲକ୍ଷ୍ମୀ ନାଏକ, ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଅଧାପକ ପ୍ରତାପ ଚନ୍ଦ୍ର ଦାସ, ଜିଲା କ୍ରୀଡାଧିକାରୀ ସୁବାଷିଶ ନାୟକ, ଆଇପିଇ ମହେନ୍ଦ୍ର କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇଥିବା ବେଳେ ସତ୍ୟନାରାୟଣ ମହାପାତ୍ର ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଉଟ୍ ଷ୍ଟାଣ୍ଡିଙ୍ଗ ପ୍ରଫର୍‌ମେନ୍ସ ପାଇଁ ଯୁଥ୍ କ୍ଲବକୁ ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ଯୁଥ୍ କ୍ଲବକୁ ସ୍ପେସାଲ ସ୍ପୋର୍ଟ୍ସ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଯୁବତୀ ଯୁବକମାନେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଲେଖପାଳ ଦ୍ୱିତୀୟା ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।




ଯୁଥ୍ କନ୍‌ଭେନଶନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସଚେତନତା ସହ ମାନସିକତାରେ ପରିବର୍ତ୍ତନ ଦରକାର

**ନୂଆପଡ଼ା ଅଫିସ,୧୨।୨**

ଭାରତ ଏକ ବିକାଶଶୀଳ ରାଷ୍ଟ୍ର । ଏଠିକାର ଅର୍ଥନୈତିକସ୍ଥିତି ଧୀରେ ଧୀରେ ଆଗକୁ ଉଠୁଛି। ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଘଟୁଛି। ହେଲେ ସେହି ଅନୁପାତରେ ଲୋକଙ୍କ ସଞ୍ଚୟ ମନୋବୃତି ଆସୁନାହିଁ । ଏକ ଜନବହୁଳ ରାଷ୍ଟ୍ରରେ ଆର୍ଥିକ ସାକ୍ଷରତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦରକାର। ଏଥିପାଇଁ ବ୍ୟାପକ ସଚେତନତା ସହ ମାନସିକତାରେ ମଧ୍ୟ ପରବର୍ତ୍ତନ ଆବଶ୍ୟକ ରହିଥିବା ମତ ପ୍ରକାଶ ପାଇଛି। ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଦ୍ୱାରା ଆର୍ଥିକ ସାକ୍ଷରତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ କର୍ମଶାଳାରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ ସଭାପତିତ୍ୱ କରିଥିବାବେଳେ ଜିଲାପାଳ ମୁଖ୍ୟଅତିଥି, ଡ.ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ବିଶେଷ ଅତିଥି, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଉପଜିଲାପାଳ ତରଣୀସେନ ନାଏକ, ନାବାର୍ଡ ଜିଲା ପରିଚାଳକ ସରୋଜ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।




ଆର୍ଥିକ ସଚେତନତା ଏବଂ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ

ଏହି ଅବସରରେ ଜିଲାପାଳ ବିଭିନ୍ନ ଉଦାହରଣ ମାଧ୍ୟମରେ ସଞ୍ଚୟ କିପରି କରିବା, ଏହାର ଆବଶ୍ୟକତା ବ୍ୟକ୍ତି ଏବଂ ଦେଶ ପାଇଁ କାହିଁକି ରହିଛି ସେ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ।

ସେହିଭଳି ପ୍ରତ୍ୟେକ ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତି ସୁଧୁରିଲେ ଦେଶର ସ୍ଥିତି ଆପେ ସୁଧୁରିଯିବ ବୋଲି ଅତିରିକ୍ତ ଜିଲାପାଳ ପଟେଲ କହିଥିଲେ। ସେହିଭଳି ଆର୍ଥିକ ସାକ୍ଷରତା ହେଲେ କିପରି ଏହା ଆମର ଜୀବନଶୈଳୀରେ ପରିବର୍ତ୍ତନ ଆଣିଥାଏ ସେ ଉପରେ ଉପଜିଲାପାଳ ନାଏକ ଉପସ୍ଥାପନ କରିଥିଲେ। ସେହିଭଳି ଆମେ କିପରି ବିଭିନ୍ନ ବ୍ୟାଙ୍କ ଏବଂ ପ୍ରତିଷ୍ଠାନଗୁଡିକର ବ୍ୟବହାର କରିପାରିବା । ଆମେ କିପରି ସହଜ ଏବଂ ସରଳ ଉପାୟରେ ଋଣ ଗ୍ରହଣ କରି ପରବର୍ତ୍ତି ସମୟରେ ସୁଝିବାକୁ ଆଗ୍ରହ ପ୍ରକାଶ କରିବା। ନିଜେ ଆର୍ଥିକ ସ୍ୱଚ୍ଛଳ ରହି ବ୍ୟାଙ୍କଗୁଡିକୁ ମଧ୍ୟ ଠିକ ଭାବରେ ଗତିକରିବାକୁ ସହାୟକ ହେବା ସେ ଉପରେ ନାବାର୍ଡର ଜିଲା ପରିଚାଳକ ମେହେର କହିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଡାକଘର ପକ୍ଷରୁ ଉପଡାକପାଳ ଦିଲୀପ କୁମାର ମିଶ୍ର ଭାରତ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ସଞ୍ଚୟ ସ୍କିମ, ବୀମା ଯୋଜନା ଉପରେ ବିଷଦ ଭାବରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକ ବିଡିଓ, ଡାକ ବିଭାଗ କର୍ମଚାରୀ, ସ୍ୱଂୟ ସହାୟକ ଦଳର ମହିଳା, ସ୍ୱଳ୍ପ ସଞ୍ଚୟ ବିଭାଗ ଅଧିନରେ କାମ କରୁଥିବା ଏଜେଣ୍ଟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସ୍ୱଳ୍ପ ସଞ୍ଚ ଅଧିକାରୀ ମହାନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ



### ଅବକାରୀ ଚଢ଼ାଉ, ୨ କୋର୍ଟ ଚାଲାଣ

ଜୁନାଗଡ,୧୨।୨(ଡି.ଏନ.ଏ.): କଳାହାଣ୍ଡି ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲି ଓ ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜୁନାଗଡ ଅବକାରୀ ବିଭାଗ ପକ୍ଷରୁ କଲମପୁର ବ୍ଲକ ଅନ୍ତର୍ଗତ ଦେପୁର ଓ ପାତ୍ରବସା ଗ୍ରାମରେ ଚୋରା ହାତ ରନ୍ଧା ମଦ କାରାବାର ହେଉଥିବା ଖବର ପାଇ ଅତର୍କିତ ଚଢାଉ କରାଯାଇଥିଲା। ଏଥିରେ ଦେପୁର ଗ୍ରାମର ପାର୍ବତୀ ପଟେଲଙ୍କଠାରୁ ୧୦ ଲିଟର ଓ ପାତ୍ରବସାର ଯଶୋଦା ନାଏକଙ୍କଠାରୁ ୭ ଲିଟର ଚୋରା ହାତରନ୍ଧା ମଦ ଜବତ କରାଯାଇଥିଲା। ପରେ ୨ ମହିଳାଙ୍କୁ ଗିରଫ କରି ଜୟପାଟଣା ଜେଏମ୍ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଏହି ଚଢାଉରେ ଜୁନାଗଡ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ, ଏଏସ୍ଆଇ ବସନ୍ତ ବିଶି, କନଷ୍ଟେବଳ ପ୍ରତୀମା ଗହୀର, ବାଲେଶ୍ୱର ଧଙ୍ଗଡାମାଝି, ଠଣସୁନ୍ଦର ଜାଲ ପ୍ରମୁଖ ସାମିଲ ଥିଲେ। ପ୍ରକାଶ ଯେ, ଗତ ସୋମବାର କଲମପୁର ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପରୋକ୍ତ ୨ଟି ଗ୍ରାମରେ ଚୋରାହାତ ରନ୍ଧା ମଦ ତିଆର ହେଉଥିବା ବିଷୟରେ ଅଭିଯୋଗ ହୋଇଥିଲା। ଏହାପରେ ଅବକାରୀ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା।

### ଏକାଦଶ ଦିନାତ୍ମକ ବିଶ୍ୱଶାନ୍ତି ମହାରୁଦ୍ର ଯଜ୍ଞ

ଭବାନୀପାଟଣା,୧୨।୨(ଡି.ଏନ.ଏ.): ଭବାନୀପାଟଣାଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଭବାନୀଶଙ୍କରଙ୍କ ମନ୍ଦିରରେ ମନ୍ଦିର ପୂଜକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗତ ସୋମବାରଠାରୁ ଆରମ୍ଭ ହୋଇଛି ପବିତ୍ର ଏକାଦଶ ଦିନାତ୍ମକ ବିଶ୍ୱଶାନ୍ତି ମହାରୁଦ୍ର ଯଜ୍ଞ। ଏହି କାର୍ଯ୍ୟ ଉପଲକ୍ଷେ ପ୍ରତ୍ୟେକ ଦିନ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିବା ୧୧ଟି ଶିବ ଲିଙ୍ଗରେ ପ୍ରତ୍ୟେହ ୧୧ ଥର ଲେଖାଏଁ ରୁଦ୍ର ଅଭିଷେକ କରାଯିବ। ଏହି ଉପଲକ୍ଷେ ପ୍ରତ୍ୟେହ ସୂଯ୍ୟଦୋୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପୂଜା ଓ ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଏବଂ ବସ୍ତ୍ରଯଜ୍ଞ ଆଦି ପଞ୍ଚଯଜ୍ଞର ବ୍ୟବସ୍ଥା କରାଯାଇଛି। ଆସନ୍ତା ଗୁରୁବାର ସଂକ୍ରାନ୍ତିରେ ମନ୍ଦିର ପକ୍ଷରୁ ନାରାୟଣ ସେବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ମନ୍ଦିର ସୂତ୍ରରୁ ଜଣାପଡ଼ିଛି। ଏହି ଯଜ୍ଞରେ ପ୍ରତ୍ୟେହ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରୁଥିବା ଦେଖିବାକୁ ମିଳିଛି। ଗତ ୧୦ ତାରିଖ ଅପରାହ୍ନ ୪ ଘଣ୍ଟାରେ ଏକ ମନୋଜ୍ଞ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ସେଥିରେ ଶହ ଶହ ଶ୍ରଦ୍ଧାଳୁ ମହିଳା ଯୋଗଦେଇଥିଲେ।

# ବଢୁଛି ପରୀକ୍ଷାର୍ଥୀଙ୍କ ଉତ୍କଣ୍ଠା

ଭବାନୀପାଟଣା,୧୨।୨(ଡି.ଏନ.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷାକୁ ଆଉ ଗୋଟିଏ ସପ୍ତାହ ମାତ୍ର ରହିଛି। ଆସନ୍ତା ଫେବୃୟାରୀ ୧୯ ତାରିଖରୁ ଆରମ୍ଭ ହେବ ଏହି ପରୀକ୍ଷା। ମୁଣ୍ଡ ଉପରେ ମାଟ୍ରିକ ପରୀକ୍ଷା ଥିବାରୁ ପରୀକ୍ଷାର୍ଥୀଙ୍କ ଚିନ୍ତା ଦିନକୁ ଦିନ ବଢିବାରେ ଲାଗିଛି। ମାଟ୍ରିକ ପରୀକ୍ଷାକୁ ଜୀବନର ସବୁଠାରୁ ବଡ ତଥା ମୁଲ୍ୟବାନ ପରୀକ୍ଷା ଭାବେ ବିବେଚନା କରାଯାଉଛି। ଏଥିପାଇଁ ପରୀକ୍ଷାର୍ଥୀମାନେ ଏହି ପରୀକ୍ଷାରେ କୃତିତ୍ୱର ସହ ଉର୍ତ୍ତୀର୍ଣ୍ଣ ହେବା ଲାଗି ଦିନରାତିଏକକରିପାଠପଢାରେନିମଗ୍ନ ରହୁଛନ୍ତି । ଭବାନୀପାଟଣା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ପାଠପଢାରେ ଭଲ କରୁଥିବା ମେଧାବୀ ବିଦ୍ୟାର୍ଥୀମାନେ ର୍‌ୟାଙ୍କ ଆଶାରେ ଜୋରଦାର ପଢାପଢି ଚଳାଇଥିବାବେଳେ ଭଲ ପାଠ ପଢୁ ନ ଥିବା ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସ୍କୁଲ ଛୁଟି ହେବା ପରଠାରୁ ଅଧିକାଂଶ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସମୟ ଟ୍ୟୁସନରେ ହିଁ କଟୁଛି। ପରୀକ୍ଷା ପାଇଁ ହାତରେ ଆଉ ମାତ୍ର ୭ ଦିନ ବାକିଥିବାରୁ ପରୀକ୍ଷାର୍ଥୀଙ୍କ ଉତ୍କଣ୍ଠା ବଢୁଥିବା ବେଳେ ଅଧିକାଂଶ ପରୀକ୍ଷାର୍ଥୀ ଏହି ପରୀକ୍ଷାକୁ ନେଇ ସିରିୟସ ଥିବା ଭଳି ମନେହେଉଛି। ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହେବାକୁ ସମସ୍ତ ଶକ୍ତି ଲଗାଇ ପରିଶ୍ରମ କରି ପାଠ ପଢୁଛନ୍ତି। ପରୀକ୍ଷାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ମାନସିକ ଚାପ ବଢିବାରେ ଲାଗିଛି। ପରୀକ୍ଷାରେ କିଭଳି ପ୍ରଶ୍ନପତ୍ର ଆସିବ ତାହାକୁ ନେଇ ସମସ୍ତଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କିମାରୁଛି। ପରୀକ୍ଷା ଦିନ ଯେତିକି ପାଖେଇ ଆସୁଛି ପରୀକ୍ଷାର୍ଥୀମାନେ ସେତିକି ବ୍ୟସ୍ତ ହୋଇପଡୁଛନ୍ତି। ପରୀକ୍ଷାରେ ଭଲ କରିବାକୁ କିଏ ଦିନ ରାତି ଏକାକାର କରି ଦେଇଛି ତ ଆଉ କିଏ ଦିନକୁ ୧୨ ରୁ ୧୪ ଘଣ୍ଟା ପରିଶ୍ରମ କରୁଛି। ପରୀକ୍ଷାର୍ଥୀମାନଙ୍କ ଅଧିକାଂଶ ସମୟ ପାଠପଢାରେ ବିତୁଛି। ଟ୍ୟୁସନ ପଢାଉଥିବା ଶିକ୍ଷକମାନେ ସେମାନଙ୍କ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ନିଜସ୍ତରରେ ମଧ୍ୟ ଚେଷ୍ଟା ଚଳାଇଛନ୍ତି। ସମ୍ଭାବ୍ୟ ଦୀର୍ଘମୂଳକ ପ୍ରଶ୍ନ ବାଛି ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଏହାର ଉତ୍ତର ଲେଖିବାକୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳୁଛି।

### ପରୀକ୍ଷା ପ୍ରସ୍ତୁତିକୁ ନେଇ ପରୀକ୍ଷାର୍ଥୀ ଯାହା କୁହନ୍ତି...



ମାଟ୍ରିକ ପରୀକ୍ଷା ପାଇଁ ମୁଁ ନିଜକୁ ଜୋରଦାର ପ୍ରସ୍ତୁତ ଚଳାଇଛି। ଏଥର ମାଟ୍ରିକ ପରୀକ୍ଷାରେ ମୁଁ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିବି ବୋଲି ଆଶା କରୁଛି।

- ଅନୁଷ୍କା ସାହାଣି, ମାଟ୍ରିକ ପରୀକ୍ଷାର୍ଥୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରଜବିହାର, ଭବାନୀପାଟଣା



ମାଟ୍ରିକ ପରୀକ୍ଷା ପାଇଁ ସକାଳ ୪ଟା ୩୦ରୁ ଉଠି ପାଠପଢା ଆରମ୍ଭ କରି ଦେଉଛି। ଯେତିକି ପ୍ରସ୍ତୁତି ଚଳାଇଛି ନିଶ୍ଚିତ ଭାବେ ଭଲ ନମ୍ବର ରଖିବି ବୋଲି ଆଶା କରୁଛି।

- ମୋହିତ ବାଗ, ମାଟ୍ରିକ ପରୀକ୍ଷାର୍ଥୀ ଛାୟାଦେବୀ ହାଇସ୍କୁଲ, ବୋର୍ଡା

### ୧୯ ରୁ ମାଟ୍ରିକ ପରୀକ୍ଷା



ସଫେଇ କାର୍ଯ୍ୟ ପାଇଁ ଆୟୋଜିତ ବୈଠକରେ ଜିଲାପାଳଙ୍କ ଉଦ୍‌ବୋଧନ।

## ଭବାନୀପାଟଣା ସହରରେ ରାତି ସଫେଇ କାର୍ଯ୍ୟ ଆରମ୍ଭ ହେବ

ଭବାନୀପାଟଣା,୧୨।୨(ଡି.ଏନ.ଏ.)

ବୁଧବାର ଅପରାହ୍ନ ୪ଟାରେ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲାପାଳ କଳାହାଣ୍ଡି ତଥା ପ୍ରଶାସକ ଭବାନୀପାଟଣା ପୌରପାଳିକା ଡ. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣା ସହରରେ ରାତି ସଫେଇ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଏପିଡି ବିମ୍ବାଧର ସାହୁ, ଏପିଡି ବିମଳ କୁମାର ସାହୁ, ପୌରଯନ୍ତ୍ରୀ ସମିର କୁମାର ଠାକୁର ପ୍ରମୁଖ ଯୋଗଦେଇ ସହରକୁ ଆହୁରି କିପରି ସଫାସୁତୁରା ରଖାଯିବ ସେ ନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ ରାତି ୧୦ଟା ପରେ ସହରର ବିଭିନ୍ନ ରାସ୍ତାଘାଟ, ନାଳନର୍ଦ୍ଦମାଗୁଡିକୁ ସଫା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୌରପାଳିକା ସମସ୍ତ ସଫେଇ କର୍ମଚାରୀ, ଜମାଦାର, ସୁପରଭାଇଜର ଓ ପୌରପାଳିକା କର୍ମଚାରୀମାନେ ଯୋଗଦେଇଥିଲେ। ବୈଠକରେ ଜିଲାପାଳ ଡ. ହର୍ଷଦ ସମସ୍ତ ସଫେଇ କର୍ମଚାରୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଭବାନୀପାଟଣା ସହରକୁ ଅଳିଆ ଆବର୍ଜନା ମୁକ୍ତ କରିବା ପାଇଁ ଏହି ସଫେଇ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ବୈଠକରେ ସମସ୍ତେ ସହମତି ପ୍ରକାଶ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

ଭବାନୀପାଟଣା,୧୨।୨ (ଡି.ଏନ.ଏ.)

ଭବାନୀପାଟଣାଠାରୁ ପ୍ରାୟ ୨୨ କି.ମି. ଦୂର କର୍ଲାପଡାଠାରେ ଥିବା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟଠାରେ ଛାତ୍ରୀମାନଙ୍କ ଆତ୍ମରକ୍ଷା ନିମନ୍ତେ ଏକ ଆତ୍ମରକ୍ଷା ତାଲିମ ଶିବିର ଗତ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହିଳା ଏବଂ ଛାତ୍ରୀମାନେ ବିଭିନ୍ନ ସମୟରେ ବହୁ ପରିସ୍ଥିତିରେ ବିପଦଜନକ ପରିସ୍ଥିତିକୁ ସାମ୍ନା କରୁଥିବା ଓ ଏହାର ପ୍ରତିରୋଧ କରି ପାରୁ ନ ଥିବାରୁ ଅସାମାଜିକ ବ୍ୟକ୍ତିମାନଙ୍କ ଶୀକାର ହେଉଥିଲେ। ଏଭଳି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ମହାବିଦ୍ୟାଳୟସ୍ତରରୁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିବାକୁ ସରକାରୀସ୍ତରରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏହିପରିପ୍ରେକ୍ଷୀରେ କର୍ଲାପଡା ମହାବିଦ୍ୟାଳୟଠାରେ ଆରମ୍ଭ ହୋଇଥିବା ଏହି ଆତ୍ମରକ୍ଷା ତାଲିମ ଶିବିର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମହାବିଦ୍ୟାଳୟ ସୂତ୍ରରୁ ଜଣାପଡିଛି। ଗତ ୧୧ ତାରିଖରେ ଅନୁଷ୍ଠିତ ତାଲିମ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କର୍ଲାପଡା ସରପଞ୍ଚ ମଧୁସ୍ମିତା ପ୍ରଧାନ, ମହାବିଦ୍ୟାଳୟ ଅଧକ୍ଷ ବିନୋଦ ବିହାରୀ ପଟ୍ଟନାୟକ, ପ୍ରାଧ୍ୟାପକ ତୁଳସୀ ପାଢୀ, ଅଧ୍ୟାପକ ତପନ ରଥ, ଅଧ୍ୟାପକ ସରୋଜ ମିଶ୍ର ଓ ଅଧ୍ୟାପକ ବିନୋଦ ବିହାରୀ ବେହେରା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟାପିକା ରଶ୍ମିରେଖା ଦେଇ ମଞ୍ଚ ପରିଚାଳନା କରିଥିଲେ। ପିଇଟି ଅଧ୍ୟାପକ ବିଭୂତି ଭୂଷଣ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ଆତ୍ମରକ୍ଷା ତାଲିମ ଶିବିରରେ ମହାବିଦ୍ୟାଳୟ ୬୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଉତ୍କଳ କରାଟେ ସ୍କୁଲ ଓ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆସିଥିବା ତାଲିମପ୍ରାପ୍ତ ପ୍ରଶିକ୍ଷକ ରିକିନା ରାଉତ ଓ ଶ୍ରଦ୍ଧାଞ୍ଜଳି ମାଝି ସେମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଉଛନ୍ତି।




ଆତ୍ମରକ୍ଷା କାର୍ଯ୍ୟକ୍ରମରେ ଅତିଥିଙ୍କ ବକ୍ତବ୍ୟ ପ୍ରଦାନ।

## ପଣ୍ଡିଗାଁରେ ମଦ ବିରୋଧରେ ତାତିଲେ ମହିଳା

ଭବାନୀପାଟଣା,୧୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ପଞ୍ଚାୟତରେ ମଦ ବିକ୍ରି ବନ୍ଦ ପାଇଁ ସୋମବାର ସରପଞ୍ଚ ବନଜାବାସିନୀ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଜିଲାପାଳ ଅଭିଯୋଗ ପ୍ରକୋଷ୍ଠକୁ ଆସି ସ୍ଲୋଗାନ ଦେଇ ଦାବି ଦୋହରାଇଥିଲେ। ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ମହିଳାମାନେ ଧାରଣାରେ ବସିଥିଲେ। ସରପଞ୍ଚଙ୍କ ସମେତ କିଛି ମହିଳା ଜିଲାପାଳଙ୍କୁ ଭେଟି ପଞ୍ଚାୟତକୁ ମଦମୁକ୍ତ କରିବାକୁ ଦାବି ଜଣାଇଥିଲେ। ୨୦୨୦-୨୧ ପାଇଁ ପଣ୍ଡିଗାଁଠାରେ ଦେଶୀ ମଦ ଶାଖା ଦୋକାନ ଲାଇସେନ୍ସକୁ ନବୀକରଣ ପାଇଁ ବିଜ୍ଞାପନ ଦିଆଯାଇଛି। ଏହି ବିଜ୍ଞାପନକୁ ପଞ୍ଚାୟତବାସୀ ବିରୋଧ କରିବା ସହ ମଦ ଦୋକାନ ଉଠାଇବାକୁ ଦାବି କରିଥିଲେ । ଜିଲାପାଳ ଗାଭାଲି ପରାଗ ହର୍ଷଦ ଅବକାରୀ ବିଭାଗୀୟ ଅଧିକାରୀ ଉମାଶଙ୍କର ପ୍ରଧାନଙ୍କୁ ଅଭିଯୋଗ ବିଷୟରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଅପରାହ୍ନ ୫ଟା ସୁଦ୍ଧା କୌଣସି ଅଧିକାରୀ ଗାଁରେ ପହଞ୍ଚି ନ ଥିଲେ । ଏହା ଜାଣିବା ପରେ ଉତ୍ତ୍ୟକ୍ତ ମହିଳାମାନେ ଗାଁ ମଦକୋଠିରୁ ମଦ ଜବକ କରିବା ସହ ପୋଲିସକୁ ଖବର ଦେଇଥିଲେ । ପରେ କଲମପୁର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅବକାରୀ କର୍ମଚାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅବକାରୀ କର୍ମଚାରୀ ମଧ୍ୟ ଘଟଣାସ୍ଥଳରେ ଗ୍ରାମବାସୀ ଓ ମଦ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ । ଏଣିକି ଗାଁରେ ମଦ ବିକ୍ରୟ ନ କରିବାକୁ ତାଗିଦ କରିଥିଲେ। ପଞ୍ଚାୟତବାସୀ ବାରମ୍ବାର ଆନ୍ଦୋଳନ କରୁଥିଲେ ମଧ୍ୟ ମଦ ବିକ୍ରୟ ସମ୍ପୂର୍ଣ୍ଣ ବନ୍ଦ ହେଉଥିବା ଅସନ୍ତୋଷ ପ୍ରକାଶ ପାଇଛି ।




କୃମି ନାଶକ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ଜାତୀୟ କୃମି ନାଶକ ଦିବସ ପାଳନର ଶୁଭାରମ୍ଭ

ଭବାନୀପାଟଣା,୧୨।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ସୋମବାର ସ୍ଥାନୀୟ ବ୍ରଜମୋହନ ହାଇସ୍କୁଲଠାରେ ଥିବା ନବନିର୍ମିତ ଶତବାର୍ଷିକୀ ସଭାଗୃହଠାରେ ଜାତୀୟ କୃମି ନାଶକ ଦିବସର ଜିଲାସ୍ତରୀୟ ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇଥିଲା। କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଜଗୁଲାଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଏକ ବର୍ଷରୁ ୧୯ ବର୍ଷର ପିଲାମାନଙ୍କୁ କୃମି ଦ୍ୱାରା ବ୍ୟାପୁଥିବା ରୋଗଗୁଡିକର ଭୟାବହତା ଓ କିଭଳି ଭାବେ ସେହି ରୋଗଗୁଡିକରୁ ରକ୍ଷା ପାଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଗତ ୧୦ ତାରିଖରେ ପ୍ରଥମ ପର୍ଯ୍ୟାୟରେ କୃମିନାଶକ ଔଷଧ ବଣ୍ଟନ କରାଯାଉଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାକୁ ଯାଇ ସିଡିଏମ୍‌ଓ ଡ. ଅଗ୍ରୱାଲ ବିଦ୍ୟାଳୟ ଜଣେ ଛାତ୍ରଙ୍କୁ ପ୍ରଥମ କରି କୃମି ନାଶକ ବଟିକା ଖୁଆଇଥିଲେ। ଅଣପଞ୍ଜୀକୃତ ବିଦ୍ୟାଳୟରେ ଯାଉ ନ ଥିବା ପିଲାମାନେ ମଧ୍ୟ ଅଙ୍ଗନୱାଡିରେ ଏହି ଔଷଧ ଖାଇ ପାରିବେ । ଯେଉଁ ପିଲାମାନେ ଏହି ଔଷଧ ଖାଇ ନ ଥିବେ ସେମାନଙ୍କୁ ଆସନ୍ତା ୧୭ ଫେବୃୟାରୀ ୨୦୨୦ ତାରିଖରେ ଏହି ଔଷଧ ଦିଆଯିବ ବୋଲି ସିଡିଏମ୍‌ଓ ଡ. ଅଗ୍ରୱାଲ ପ୍ରକାଶ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ଡିପିଏଚ୍‌ଓ ଡ. ରାକେଶ ସାହୁ, ଷ୍ଟେଟ୍ ମନିଟର ପ୍ରଶାନ୍ତ କୁମାର ଦାସ, ଏନ୍‌ଏଚ୍‌ଏମ୍ ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର, ପବ୍ଲିକ ହେଲ୍‌ଥ ଡିଷ୍ଟ୍ରିକ୍ କୋର୍ଡିନେଟର ଖଗେନ୍ଦ୍ର ମାଝି, ବ୍ରଜମୋହନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶରତ କୁମାର ପୁରୋହିତ, ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନିଶଂକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶିକ୍ଷକ ମଙ୍ଗୁଲୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଟିଜେନ୍ ଫୋରମ୍ ପକ୍ଷରୁ ଓୟୁଏଟି କୁଳପତିଙ୍କୁ ଦାବିପତ୍ର

ଭବାନୀପାଟଣା,୧୨।୨ (ଡି.ଏନ.ଏ.)

କଳାହାଣ୍ଡି ସିଟିଜେନ ଫୋରମ୍ ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଓୟୁଏଟି ଭାଇସଚାନ୍ସେଲର ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କୁ ଭେଟିଥିଲେ। ସିଟିଜେନ ଫୋରମ ପକ୍ଷରୁ ଆଗାମୀ ଦିନରେ କୃଷକମାନଙ୍କ ଆୟ ଦ୍ୱିଗୁଣିତ ହେବା ନେଇ ଏକ କୃଷକ ସମାବେସ ଅନୁଷ୍ଠିତ ହେବ। ଜିଲାରେ କୃଷି ଓ କୃଷକର ବିକାଶ ଦିଗରେ ଓୟୁଏଟିର ପ୍ରମୁଖ ଭୁମିକା ଥିବା ଯୋଗୁ ଏଥିନେଇ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଫୋରମ ପକ୍ଷରୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିନିଧି ଦଳରେ ଫୋରମର ଉପସଭାପତି ସୁବାସ ଚାନ୍ଦ, ସମ୍ପାଦକ ସୀମାଞ୍ଚଳ ମିଶ୍ର, ସହ ସମ୍ପାଦକ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁ ରବି ଦାସଙ୍କ ଜୟନ୍ତୀ ଉତ୍ସବ



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଭବାନୀପାଟଣା,୧୨।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରବିଦାସ ଚମାର ସମାଜ ସେବା ସଂଘ ପକ୍ଷରୁ ଭବାନୀପାଟଣାଠାରେ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ହୋଇଯାଇଛି। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଭାଗ ନେଇ ଥିଲେ। ପ୍ରଥମେ ରେଲ୍‌ୱେ ଷ୍ଟେଶନ୍ ଛକରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ବିଶାଳ ମାନବତା ବାଦୀ ରାଲି ସହର ପରିକ୍ରମା କରିବା ସହିତ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଥିବା ଆମ୍ବେଡକର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଜରିଆରେ ଏକ ନଅଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ରାଲି ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଏକତ୍ରିତ ହୋଇ ସଭାରେ ଯୋଗଦେଇଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ପ୍ରହଲ୍ଲାଦ ସା, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଧିମାନ ଛବିଲାଲ ନିଆଲ, ସମ୍ମାନିତ ଅତିଥି ଭାବେ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ଉପସଭାପତି ପରମାନନ୍ଦ ମାଝି, ଉତ୍କଳ ଯାଦବ ମହାସଭା ସମ୍ପାଦକ କିର୍ତ୍ତନ ନାଏକ, ଏମିଆଇ ଓ ଓବିସି ସମାଜର ବିଚାରକ ଜରୀନ୍ଦ୍ର ସାହୁ, ଜିଲା ମୁସଲିମ ମୋର୍ଚ୍ଚାର ମେହେବୁବ ରାଜା, ଅମ୍ବେଡକର ବାଦୀ ବୈଦ୍ୟନାଥ ବେହେରା, ଯୋଗେଶ୍ୱର ସାଗର, ରବିଦାସ ସମାଜ ଚିନ୍ତକ ତଥା ଟ୍ରେଜେରି ଅଫିସର ନରେନ୍ଦ୍ର ମେହେର, ଜିଲା ସମ୍ପାଦକା ପିଙ୍କି ରବିଦାସ ଯୋଗଦେଇ ସନ୍ଥ ଶିରୋମଣି ରବିଦାସଙ୍କ ଜୀବନୀ ଓ ଆନ୍ଦୋଳନ ଉପରେ ବିଶଦ ଆଲୋଚନା କରିଥିଲେ। ଆମ୍ବେଦକରବାଦ ମାଧ୍ୟମରେ ସାମ୍ବିଧିକ ଅଧିକାର ଓ ମାନବ ଅଧିକାର ହାସଲ କରାଯାଇ ପରିବ ବୋଲି ମୁଖ୍ୟବକ୍ତା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ରବିଦାସ ସମାଜର ସଭାପତି ଶଙ୍କର ମେହେର ସଭାପତିତ୍ୱ କରିଥିବା ବେଳେ ଉପସଭାପତି ସଞ୍ଜୟ ମେହେର, ଲକ୍ଷ୍ମୀ ମେହେର, ରାଜୁ ସତନାମୀ ଶଙ୍କର ରୋହି ଦାସ, ମିନକେତନ ମେହେର, ଡମ୍ବରୁ ସତନାମୀ, ମୋତିଲାଲ ସତନାମୀ ମୋହନ ସତନାମି, ଗୋପି ସତନାମି, ଘନ ମେହେର ପ୍ରମୁଖ ସହଯୋଗ କରିଥିଲେ। ସଞ୍ଜୟ ମେହେର ଧନ୍ୟବାଦ ଅପ୍ରଣ କରିଥିଲେ। ଆଗାମୀ ଦିନରେ ଏସସି, ଏସ୍‌ଟି, ଓବିସି ଓ ମାଇନୋରିଟି ସମାଜ ଏକତା ହୋଇ ଆମ ସମାଜକୁ କଲ୍ୟାଣ କରିବା ପାଇଁ ସପଥ ନିଆଯାଇଥିଲା।

## ନବଦୁର୍ଗା କ୍ରିକେଟ କ୍ଲବ ଚାମ୍ପିୟନ

ଭବାନୀପାଟଣା,୧୨।୨ (ଡି.ଏନ.ଏ.)

### ପ୍ରଥମ ଜୁନିୟର ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

କଳାହାଣ୍ଡି କ୍ରୀଡ଼ା ସଂସ୍ଥା ଆନୁକୁଲ୍ୟରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ନବଦୁର୍ଗା କ୍ରିକେଟ କ୍ଲବ (ଏନ୍‌ଡିସିସି ଭବାନୀପାଟଣା) ବନାମ ଏସ୍‌କନ୍‌କ୍ରିକେଟ କ୍ଲବ (ଏସିସି ନର୍ଲା) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏସିସି ଟସ୍ ଜିଣି ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ ବିନିମୟରେ ୧୮୮ ରନ୍ କରିଥିଲା। ଏହାହର ଜବାବ୍‌ରେ ଏନ୍‌ଡିସିସି ବ୍ୟାଟିଂ କରି ୨୯.୩ ଓଭରରେ ୬ ଉଇକେଟ ବିନିମୟରେ ୧୯୦ ରନ୍ କରି ୪ ଉଇକେଟରେ ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ସର୍ବାଧିକ ପଏଣ୍ଟ ପାଇ ଏନ୍‌ଡିସିସି ଦଳ ଚାମ୍ପିୟନ ହୋଇଥିବା ବେଳେ ଦ୍ୱିତୀୟ ସର୍ବାଧିକ ପଏଣ୍ଟ ପାଇ ଜେଏମ୍‌ସିସି କେସିଙ୍ଗା ଦଳ ରନରସପ୍ ହୋଇ ଓଡିଶା ଆଥେଲେଟିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକଙ୍କଠାରୁ ଚାମ୍ପିୟନ ଓ ରନର୍ସପ୍ ଟ୍ରଫି ଗ୍ରହଣ କରିଥିଲେ। ଅମ୍ପୟାର ଭାବେ ପ୍ରଭାତ କୁମାର ବ୍ରହ୍ମା ଓ ରମେଶ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଡିଜିଟାଲ ସ୍କୋରର୍ ଭାବେ ସାଖିଗୋପାଳ ପଣ୍ଡା, ମ୍ୟାଚ୍ ରେଫରୀ ଭାବେ ସାଜୁବାଲାନ, ସ୍କୋରର୍ ଭାବେ ରଘୁନାଥ ମିଶ୍ର ଯୋଗଦେଇଥିବା ବେଳେ ଉଦ୍‌ଘୋଷକ ଭାବେ ଧନଞ୍ଜୟ ବିହାର ଯୋଗଦେଇଥିଲେ। ଏହି ଅବସରରେ ଯୁନିୟର ଭଲିଭଲରେ ଜାତୀୟ ସ୍ଥାନରେ ଓଡିଶାକୁ ପ୍ରତିନିଧିତ୍ୱ କରିଥିବା କଳାହାଣ୍ଡିର ସୁରଜ କରୁଆଁକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାଚ୍‌ରେ ଓଡିଶା ଆଥେଲେଟିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ, କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ସୁବାଷଚନ୍ଦ୍ର ପଣ୍ଡା, ଜିଲା କ୍ରିଡା ସଂସ୍ଥା ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ, କ୍ରିକେଟ ସମ୍ପାଦକ ସନ୍ଥ ସିଂ, ଯୁଗ୍ମ ସମ୍ପାଦକ ସୁନିଲ କୁମାର ବେହେରା, କାଳିପ୍ରସାଦ ପଟ୍ଟନାୟକ, ମହମଦ୍ ଅବଦୁଲ କାଦର, ଭିକାରୀ ଚରଣ ମିଶ୍ର, ଜିତେନ୍ଦ୍ର ପଟ୍ଟନାୟକ, ବିପିନ ମିଶ୍ର, ପ୍ରଭାତ ବ୍ରହ୍ମା, ସୁବାସ ଚନ୍ଦ୍ର ପଣ୍ଡା, ଶମ୍ଭୁ ପ୍ରସାଦ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ନିର୍ମଳ ସିଂ, ବିସିସିଆଇ କ୍ୟୁରେଟର ପଙ୍କଜ ପଟ୍ଟନାୟକ, ଅଶିତ ପଟ୍ଟନାୟକ, କ୍ରିଡା ଶିକ୍ଷକ ସମୀର ରଞ୍ଜନ ନାଏକ, ଅଶୋକ ପଟ୍ଟନାୟକ, ମୃତ୍ୟୁଞ୍ଜୟ ଚାନ୍ଦ, ଧିରେନ୍ଦ୍ର ପଟ୍ଟନାୟକ, ବିପିନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।




ଫାଇନାଲ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ



### ବିପଦସଙ୍କୁଳ ଅବସ୍ଥାରେ ଝୁଲୁଛି ବିଦ୍ୟୁତ୍ ତାର

**ଦେଓଗାଁ, ୧୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ରୁଗୁଡିପାଲି ଗାଁରେ ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ତାର ରହିଛି । ଉକ୍ତ ଗାଁ ପାଖଦେଇ ୧୧କେଭି ବିଦ୍ୟୁତ ତାର ୫ଫୁଟ ଉଚ୍ଚରେ ଝୁଲୁଥିବାରୁ ଉକ୍ତ ରାସ୍ତାଦେଇ ଲୋକେ ଯିବା ଆସିବାକୁ ଭୟ କରୁଛନ୍ତି। ବିଦ୍ୟୁତ୍ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଝୁଲି ରହିଥିବା ତାରକୁ ଆବଶ୍ୟକ ଉଚ୍ଚତାକୁ ଉଠାଇବାକୁ ସାଧାରଣରେ ଦାବି ହେଉଛି ।

### ଗୋପଲୀଳା ପାରାୟଣ

**ଟିକ୍ରାପଡା,୧୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଝରବାହାଲି ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ଗୋପଲୀଳା ପାରାୟଣ ବୁଧବାର ସମ୍ପନ୍ନ ହୋଇଯାଇଛି। ପପୁନ ପଣ୍ଡା ବ୍ୟାସ ରହିଥିଲେ । ସୁଶୀଳା ବଗର୍ତ୍ତି, ଶତୃଘ୍ନ ବଗର୍ତ୍ତୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗଣେଶ ଠାକୁର ପୂଜକ ରହିଥିଲେ । ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ । ଚମରା ଫୋଢ, ଜାନକୀ ବଗର୍ତ୍ତୀଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଟ୍ରେନ୍ ଲାଇନରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଲୋଇସିଂହା,୧୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ସେମେଲମୁଣ୍ଡା ନିକଟସ୍ଥ କୁଶଙ୍ଗାଇ ପୋଲ ଟ୍ରେନ ଲାଇନ ନିକଟରୁ ବୁଧବାର ବଲାଙ୍ଗୀର ରେଲୱେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ପରିଚୟ ଜଣାପଡି ନାହିଁ। ବଲାଙ୍ଗୀର ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ରେଲୱେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଯୁବକ ଜଣକ ଟ୍ରେନ ଲାଇନରେ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

### ଦେଓଗାଁରେ ଗୋପଲୀଳା ପାରାୟଣ

**ଦେଓଗାଁ, ୧୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ହାଇସ୍କୁଲପଡାରେ ଭଗବତ ଗୃହ ପ୍ରତିଷ୍ଠାର ଦ୍ୱିତୀୟ ଦିବସରେ ଗୋପଲୀଳା ପାରାୟଣ ଅନୁଷ୍ଠିତ ହୋଇଛି । ପାରାୟଣ କର୍ତ୍ତାଭାବେ ଶ୍ୟାମସୁନ୍ଦର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାର ୧୬ ପ୍ରହର ନାମଯଜ୍ଞ ଆରମ୍ଭ ହେବ। ପ୍ରହରୀକର୍ତ୍ତା ଭାବେ ଜୟ ରଣା ଦାୟିତ୍ୱରେ ତୁଲାଇବେ। ସେହିପରି ଅଗଁଲାପାଲିରେ ଆଞ୍ଚଳିକ ଭାଗବତ ବୋଲଗୋପାଳ ସତସଙ୍ଗର ଭକ୍ତବୃନ୍ଦଙ୍କ ସହଯୋଗରେ ଗୋପଲୀଳା ପଠନ ଓ ଗୀତାଯଜ୍ଞ ଆରମ୍ଭ ହୋଇଛି । ବୁଧବାର ଗୋପଲୀଳା ପଠନ ଆରମ୍ଭ ହୋଇଛି। କର୍ତ୍ତା ଭାବେ ଜଗବନ୍ଧୁ ବିଶ୍ୱାଳ ଦାୟିତ୍ୱରେ ରହିଛନ୍ତି । ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।

# ୯୯ ବର୍ଷର ସରକାରୀ ଲିଜ୍ ଜମିରେ ରହିଛି ଗାନ୍ଧୀ ଷ୍ଟାଡିୟମ

**ବଲାଙ୍ଗୀର ଅଫିସ,୧୨।୨**

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମକୁ ନେଇ କିଛି ତଥ୍ୟ ଓ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଥିଲା । କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଗାନ୍ଧୀ ଷ୍ଟାଡିୟମର ଜମି ମାଲିକାନା, ଏହାର ବ୍ୟବହାରଗତ ପରିଚାଳନା ଓ ଅନ୍ୟାନ୍ୟ ପ୍ରସଙ୍ଗରେ କୌଣସି ପ୍ରକାର ବିବାଦ ନ ଥିବା ମିଶ୍ର କହିଥିଲେ । ସେ ଆହୁରି ସୂଚନା ଦେଇଥିଲେ ଯେ, ୧୯୬୯ରେ ତତ୍କାଳୀନ ଜିଲାପାଳ ଏ.ଏନ୍. ତିୱାରୀଙ୍କ ଅଧ୍ୟକ୍ଷତାରେ ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗାନ୍ଧୀ ଷ୍ଟାଡିୟମ ନାମରେ ଏକ ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେତେବେଳେ ଓଡିଶା ଅଲିମ୍ପିକ ଆସୋସିଏଶନ୍ ପକ୍ଷରୁ ପ୍ରଦତ୍ତ ୧.୨୫ ଲକ୍ଷ ଅନୁଦାନ ଏବଂ ଗାନ୍ଧୀ ସେଣ୍ଟିନାରୀ ଫଣ୍ଡର ୫୦ ହଜାର ଟଙ୍କାରେ ଷ୍ଟାଡିୟମ ନିର୍ମାଣ କାମ ଆରମ୍ଭ କରାଯାଇଥିଲା । ଏହି ନିର୍ମାଣ କାମ କାର୍ଯ୍ୟକାରୀ କରିବାକୁ ତତ୍କାଳୀନ ଆର୍ଇ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ତତ୍କାଳୀନ କନ୍ଧପାଲି ମୌଜାର ପ୍ଲଟ୍ ନମ୍ବର ୫୦୭ ଏ(ହାଲ୍ ସେଟଲ୍‌ମେଣ୍ଟ ମୌଜା ବଲାଙ୍ଗୀର ଗ, ପ୍ଲଟ୍ ନମ୍ବର- ୯୬୨)ର ୧୦ ଏକର ପରିମିତ ଜମିକୁ ସରକାର ୨୭ ଅଗଷ୍ଟ ୧୯୭୦ରେ ବଲାଙ୍ଗୀର ତହସିଲଦାରଙ୍କ ଜରିଆରେ ଜିଲା କ୍ରୀଡ଼ା ସଂସଦକୁ ହସ୍ତାନ୍ତର କରିଥିଲେ । ୧୧ ଜୁଲାଇ ୧୯୭୩ରେ ଜିଲାପାଳ ଏବଂ ଜିଲା କ୍ରୀଡ଼ା ସଂସଦ ମଧ୍ୟରେ ଉକ୍ତ ଜମିର ୯୯ ବର୍ଷର ଲିଜ୍ ଡିଡ୍ କାର୍ଯ୍ୟକାରୀ ହୋଇଥିବା ମିଶ୍ର ସୂଚନା ଦେଇଥିଲେ । ପ୍ରାରମ୍ଭରୁ ସରକାରଙ୍କଠାରୁ ଜିଲା କ୍ରୀଡ଼ା ସଂସଦ (ଡିଏଏ)କୁ ୧୦ ଏକର ଜମି ଲିଜ ଆକାରରେ ହସ୍ତାନ୍ତରିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଡିଏଏ ପାଖରେ ବାସ୍ତବରେ ୭.୭୬୮ ଏକର ଜମି ରହିଥିବା ମିଶ୍ର ସୂଚନା ଦେଇଥିଲେ। ବଳକା ୨.୨୩୨ ଏକର ଜମିର ପତ୍ତା ମିଳିନାହିଁ ବୋଲି ସେ କହିଥିଲେ । ତେବେ କ୍ରୀଡା ସଂସଦ ପକ୍ଷରୁ ଉକ୍ତ ବଳକା ୨.୨୩୨ ଏକର ଜମିକୁ କିଭଳି ଫେରାଇ ଅଣାଯିବ ସେନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଜିଲା କ୍ରୀଡା ସଂସଦ ଅଧୀନ ଗାନ୍ଧୀ ଷ୍ଟାଡିୟମର ବ୍ୟବହାର ଯୁବକମାନଙ୍କ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରୋତ୍ସାହନ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରାରମ୍ଭରୁ ରହିଆସିଛି ଓ ଏବେ ମଧ୍ୟ ଏହାହିଁ ଗାନ୍ଧୀ ଷ୍ଟାଡିୟମର କାର୍ଯ୍ୟ ପରିସର ରହିଛି ବୋଲି ସେ କହିଥିଲେ। ଗାନ୍ଧୀ ଷ୍ଟାଡିୟମର ଜମି ମାଲିକାନା ସ୍ପଷ୍ଟ ରହିଛି ଓ ଏଥିରେ କୌଣସି ବିବାଦ ନାହିଁ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନର ଜମିରେ କ୍ରୀଡା ସଂସଦର ଗାନ୍ଧୀ ଷ୍ଟାଡିୟମ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ଏନେଇ ସମସ୍ତ ଆବଶ୍ୟକୀୟ କାଗଜପତ୍ର ମଧ୍ୟ ସଂସଦ ପାଖରେ ରହିଛି ବୋଲି ସେ ସୂଚାଇ ଦେଇଥିଲେ। କିଛି ଖବରଦାତା କ୍ରୀଡ଼ାକ୍ଷେତ୍ର ବାଦ୍ ଅନ୍ୟାନ୍ୟ କାର୍ଯ୍ୟ ଯଥା ବିବାହ କାର୍ଯ୍ୟରେ ଗାନ୍ଧୀ ଷ୍ଟାଡିୟମକୁ ଭଡା ଲଗାଯିବା ପ୍ରସଙ୍ଗକୁ ନେଇ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେବାକୁ ଯାଇ ଗାନ୍ଧୀ ଷ୍ଟାଡିୟମର ପରିଚାଳନା ସକାଶେ ଅର୍ଥର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂସଦରେ ବିଧିବଦ୍ଧ ରିଜୋଲ୍ୟୁସନ୍ କରାଯାଇ ଷ୍ଟାଡିୟମ ଭଡା ଦିଆଯାଇଛି ଓ ଏହାର ସମସ୍ତ ବିବରଣୀ ସଂସଦ ପାଖରେ ମହଜୁଦ ରହିଛି ବୋଲି ସେ କହିଥିଲେ। ବଳକା ୨.୨୩୨ ଏକର ଜମି କୁଆଡେ ଗଲା ବୋଲି ପ୍ରଶ୍ନ କରାଯିବାରୁ ଏଯାଏଁ ଏହାର ପତ୍ତା ମିଳିନାହିଁ ଓ ଏହି ଜମି ସଂସଦକୁ ଫେରାଇବା ଦିଗରେ ବିଧିବଦ୍ଧ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ମିଶ୍ରଙ୍କ ସହ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ବରିଷ୍ଠ ସଦସ୍ୟ ବିକ୍ରମାନନ୍ଦ ବହିଦାର ଉପସ୍ଥିତ ଥିଲେ । କିଛିଦିନ ହେଲା ସାମାଜିକ ଗଣମାଧ୍ୟମରେ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମର ଜମି ମାଲିକାନା, ଏହାର ବ୍ୟବହାରଗତ ପରିଚାଳନା, ଅଣକ୍ରୀଡା କାର୍ଯ୍ୟରେ ଭଡାକୁ ନେଇ କିଛି ପୋଷ୍ଟିଂ ପରେ ସହରରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ କ୍ରୀଡା ସଂସଦ ପକ୍ଷରୁ ବୁଧବାର ଖବରଦାତା ସମ୍ମିଳନରେ ସ୍ପଷ୍ଟୀକରଣ ଦେବା ସହ କିଛି ଡକ୍ୟୁମେଣ୍ଟ ପ୍ରଦାନ କରାଯାଇଥିଲା।

**ଜିଲା କ୍ରୀଡ଼ା ସଂସଦର ଖବରଦାତା ସମ୍ମିଳନୀ**



ଖବରଦାତା ସମ୍ମିଳନୀରେ କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ସୂଚନା ପ୍ରଦାନ କରୁଛନ୍ତି।

- ୧୦ ଏକର ଜମି ଡିଏଏକୁ ହୋଇଥିଲା ହସ୍ତାନ୍ତର
- ୧୯୭୩ ମସିହାରେ ଲିଜ୍ ଡିଡ୍ କାର୍ଯ୍ୟକାରୀ ହୋଇଥିଲା
- ଡିଏଏ ପାଖରେ ଏବେ ରହିଛି ୭.୭୬୮ ଏକର ଜମି
- ବଳକା ୨.୨୩୨ ଏକର ଜମିର ପତ୍ତା ନାହିଁ
- କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରୋତ୍ସାହନ ପାଇଁ ଉଦ୍ଦିଷ୍ଟ

### ଭାଜପାର ମଣ୍ଡଳସ୍ତରୀୟ ବୈଠକ

**ଖପ୍ରାଖୋଲ,୧୨।୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଧୀନ କନଗାଁରେ ଭାଜପାର ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦେବକାନ୍ତ ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଅଭୟ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଘୁନାଥ ସିଂ ବରିହା, ରବି ସାହୁ, ନାରୀ ନେତ୍ରୀ ରୀତା ଘଣା, ଦେବକି ଖର୍ସେଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଖପ୍ରାଖୋଲ ମଣ୍ଡଳସ୍ତରୀୟ ସାଂଗଠନିକ ସମ୍ପର୍କରେ ଆଲୋଚନା ହୋଇଥିଲା । ସଭାପତିଙ୍କ ପକ୍ଷରୁ ୬୧ଜଣିଆ ମଣ୍ଡଳ କମିଟି ଓ ୭ଟି ମୋର୍ଚ୍ଚାର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ସତ୍ୟାନନ୍ଦ ସେଦ୍ରିଆ, ଜୋତ୍ସ୍ନାମୟୀ ସାହୁ, ଉପସଭାପତି ଭାବେ ସଞ୍ଜୀବ ପଟେଲ, ହେମନ୍ତ ପଧାନ, ରୀତା ଘଣା, ଦେବକୀ ଖର୍ସେଲ, ଗଣେଶ ସାହୁ, ଶିରିଶ ସିଂ ଦେଓ, ସମ୍ପାଦକ ରୁପେ କାନ୍ତ ପଧାନ, ସନ୍ତୋଷ ଗଡତିଆ, ଆଶାମତୀ ପୋଢ, ଦେବାନନ୍ଦ ଭୋଇ, ସୁଶିଳା ବରିହା ଏବଂ କୋଷାଧ୍ୟକ୍ଷ ଭାବେ ଭରତ ସାହୁ ମନୋନିତ ହୋଇଥିବା ବେଳେ ଆଦିବାସୀ ମୋର୍ଚ୍ଚା ସଭାପତି ଭାବେ ଲୋଚନ ସିଂ ବରିହା, ଅନୁସୂଚୀତ ଜାତି ମୋର୍ଚ୍ଚା ସଭାପତି ଯୁଧିଷ୍ଠିର ହରିପାଲ, କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ ପଟେଲ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏମ୍.ଡି ୟୁସୁଫ୍ ଓ ଯୁବ ମୋର୍ଚ୍ଚା ସଭପତି ଭାବେ ଖପ୍ରାଖୋଲ ସରପଞ୍ଚ ଉପେନ୍ଦ୍ର ଭୋଇଙ୍କ ନାମ ଘୋଷଣା କରାଯାଇଥିଲା ।

# ସ୍ୱଚ୍ଛତା ଉପରେ ଧ୍ୟାନ ଦିଅନ୍ତୁ ଛାତ୍ରୀଛାତ୍ର

## ଅଣ୍ଡାଳଦୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମୁରିବାହାଲ, ୧୨।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଡସାଇମରା ଗ୍ରାମ ପଞ୍ଚାୟତର ଅଣ୍ଡାଳଦୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ୟ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ରାମମୋହନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡସାଇମରା ପଞ୍ଚାୟତ ସରପଞ୍ଚ ଅମିତ କୁମାର ପାତ୍ର, ସାମାଜିକ କର୍ମୀ ପୃଥ୍ୱୀରାଜ ପାତ୍ର, ସୁଶାନ୍ତ କୁମାର ପାତ୍ର ଯୋଗଦେଇ ଶିକ୍ଷା ସହ କ୍ରୀଡା ଓ ସଂସ୍କାରର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ସହଦେବ ଖମାରୀ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠପଢା ସହ ସ୍ୱଚ୍ଛତା ଉପରେ ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ପରିଚାଳନା କମିଟି ସଭାପତି ସୁରେଶ ଭୋଇ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁପାତରେ ଶିକ୍ଷକ ନିଯୁକ୍ତି, ଶ୍ରେଣୀଗୃହ ଓ ପାନୀୟ ଜଳର ବ୍ୟବସ୍ଥା କରିବା ଉପରେ ଜୋର ଦେଇଥିଲେ। ପୂର୍ବରୁ କରାଯାଇଥିବା ବାର୍ଷିକ କ୍ରୀଡାରେ ଉତ୍ତୀର୍ଣ୍ଣ ୪୨ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ୬ଜଣ ଛାତ୍ରୀଛାତ୍ରଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପର୍ଶୁରାମ ମଲ୍ଲିକ, ଦେବେନ୍ଦ୍ର ବାର ଲେବଡିଆ, ଜୟ କିଶାନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡିଶୀ, ଡାଲଖାଇ, ରସରକେଳି ପରିବେଶଣ କରିଥିଲେ। ଦାଦନ ସମସ୍ୟା ଉପରେ ଆଧାରିତ ଏକ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା । ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।





ଅଣ୍ଡାଳଦୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

### ଡିଏସଡବ୍ଲ୍ୟୁଓଙ୍କ କ୍ଷେତ୍ର ପରିଦର୍ଶନ ଛତୁଆ କାରଖାନା ଗୋଦାମରେ ଗହମ ନଷ୍ଟ ଘଟଣା

**ଲୋଇସିଂହା,୧୨।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଗତ ୭ ତାରିଖରେ ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଓ ଛତୁଆ କାରଖାନା ପରିଦର୍ଶନରେ କରିଥିଲେ। ଛତୁଆ କାରଖାନ ଗୋଦାମ ଘରେ ଗହମ ନଷ୍ଟ ହେବା ଓ ଗୋଦମ ଘର ଅବ୍ୟସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଏଭଳିସ୍ଥିତିରେ ମଙ୍ଗଳବାର ଡିଏସ୍‌ଡବ୍ଲ୍ୟୁଓ ବିନୋଦିନୀ ପଧାନ ଗୋଦାମ ଗୃହ ପରିଦର୍ଶନ କରିଥିଲେ। ଶୋଚନୀୟ ଗୋଦମ ଗୃହ ଯୋଗୁ ଗହମ ନଷ୍ଟ ହୋଇଥିବା ସେ କହିଛନ୍ତି। ଏପରି କି ନିମ୍ନମାନର ଗହମରେ ଛତୁଆ ପ୍ରସ୍ତୁତ ନ କରିବାକୁ ଏସ୍‌ଏଚ୍‌ଜିଙ୍କୁ ତାଗିଦ କରିଥିଲେ। ଲୋଇସିଂହା ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧୀନରେ ୧୮୫ ଅଙ୍ଗନୱାଡି କେନ୍ଦ୍ର ରହିଛି । ୦ରୁ ୬ ମାସର ୭୦୫ ଶିଶୁ ଓ ୬୭୨ ଗର୍ଭବତୀ ମହିଳାଙ୍କୁ ଛତୁଆ ଯୋଗଣ ପାଇଁ ବ୍ଲକରେ ୨ଟି ଛତୁଆ କାରଖାନା ରହିଛି । ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ ବହୁପୁରୁଣା ଏକ କାରଖାନା ରହିଛି । ଏହାକୁ ଲୋଇସିଂହାର ଏକ ଏସ୍‌ଏଚ୍‌ଜି ପରିଚାଳନା କରୁଛି। ଏଠାରୁ କେନ୍ଦ୍ରକୁ ଛତୁଆ ଯୋଗାଣ ପରେ କର୍ମୀମାନେ ବଣ୍ଟନ କରିଥାନ୍ତି।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀମାନେ ଆନ୍ତଃରାଜ୍ୟ ଚୋର ସଂକ୍ରାନ୍ତରେ ସୂଚନା ଦେଉଛନ୍ତି।

## ଆନ୍ତଃରାଜ୍ୟ ଚୋର ଗିରଫ

**ଟିଟିଲାଗଡ଼,୧୨।୨(ଡି.ଏନ.ଏ.)**

ଟିଟିଲାଗଡ ପୋଲିସ ଜଣେ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଫଟାପଡ଼ା ଗ୍ରାମର ଆଦଲ ଗୌଡ। ପୋଲିସ ତାଙ୍କ ନିକଟରୁ ୨ହଳ କାନଫୁଲ, ବିଦେଶୀ ଟଙ୍କା, ରୁପା ଗହଣା, ରୁଦ୍ରାକ୍ଷ, ତୁଳସୀ ମାଳି, ଯନ୍ତ୍ରାଂଶ ଖୋଲିବା ପାଇଁ ଅତ୍ୟାଧୁନିକ ଟୁଲ୍ ବକ୍ସ, ଗ୍ଲୋଭ୍‌ସ, ଏକ ବାଇକ୍‌କୁ ପୋଲିସ ଜବତ କରାଯାଇଥିବା ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି। ପୋଲିସର ସୂଚନା ମୁତାବକ, ସ୍ଥାନୀୟ ମଦଭାଟି ପଡ଼ାରେ ଆଦଲ ଦୀର୍ଘ ଦିନ ହେଲା ଭଡା ଘର ନେଇ ରହୁଥିଲେ। ସହରର ହାଟପଦା ପଡ଼ାର ସଞ୍ଜୀବ ପାଣିଗ୍ରାହୀଙ୍କ ପରିବାର ଲୋକେ ଘରେ ଅନୁପସ୍ଥିତ ଥିବାବେଳେ ଆଦଲ ଘର କବାଟ ଭାଙ୍ଗି ପଶି ଘର ସୁନା ଅଳଙ୍କାର ଟଙ୍କା ସହ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ସଞ୍ଜୀବ ଥାନାରେ ଏକ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ଏକ ଟିମ୍ ସିସିଟିଭି ଯାଞ୍ଚ ସହ ଯାନବାହନ ଚେକିଂକୁ କଡାକଡି କରାଯାଇଥିଲା। ପୋଲିସ ଗାଡି ଯାଞ୍ଚବେଳେ ଏକ ଗାଡି ଚକରେ ଭିନ୍ନ ପ୍ରକାର ଷ୍ଟିକର ଲାଗିଥିବା ଦେଖି ସନ୍ଦେହ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅଧିକାରୀମାନେ ଚୋରି ଗାଡି ବୋଲି ଜାଣିବାକୁ ପାଇଥିଲେ। ଏପରି କି ପୋଲିସ ତଦନ୍ତ ପରେ ଆଦଲଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଚୋରି ମାମଲା ରହିଥିବା ଜାଣିବାକୁ ପାଇଛି। ଏନେଇ ପୋଲିସ ଏକ ଚୋରି ମାମଲା ରୁଜୁ କରି ଆଦଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଜଙ୍ଗଲ ସୁରକ୍ଷା ସଚେତନତା ଶିବିର

**ଖପ୍ରାଖୋଲ,୧୨।୨(ଡି.ଏନ.ଏ.)**

ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବନପାଳ ଗୁଣନିଧି ପରିଡ଼ା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭ୍ୟ ବିପ୍ର ବିଶି, ପରିବେଶ କର୍ମୀ ଅଭୟ ତ୍ରିପାଠୀ, ବିମଳ ସାହୁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଯୁଗ୍ମ ଆବାହକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଯୋଗଦେଇଥିଲେ। ଆଗକୁ ଖରାଦିନ ଆସୁଥିବା ବେଳେ ଜଙ୍ଗଲ ପୋଡିର ଆଶଙ୍କା ରହିଛି। ଏହାକୁ ରୋକିବା ପାଇଁ ଗ୍ରାମାଞ୍ଚଳରେ ଜନସଚେତନତା କରିବା ସହ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିବିରରେ ଆଲୋଚନା ହୋଇଥିଲା । ବନସୁରକ୍ଷା ସମିତି, ଜନସାଧାରଣ, ଯୁବ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିଭଳି ଜଙ୍ଗଲ ସୁରକ୍ଷାରେ ସାମିଲ ହୋଇ ନିଆଁ ଦାଉରୁ ରକ୍ଷା କରିପାରିବେ ସେନେଇ ଆଗାମୀ ଦିନରେ ପାହାଡ ତଳି ଗାଁଗୁଡିକରେ ପଦଯାତ୍ରା, ସାଇକେଲ ରାଲି, ପଥପ୍ରାନ୍ତ ସଭା ଓ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଆଲୋଚନା ହୋଇଥିଲା । ବନରକ୍ଷୀ ତିଲେଶ୍ୱର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ସାହୁ, ଥବୀର ଦାଶ, ଆଶିସ କୁମାର ପଟେଲ, ସାଗର ବରିହା, ଚମ୍ପେଶ୍ୱର ରାଜପୁତ, ପ୍ରେମାନନ୍ଦ ପଧାନ, ଅଜୟ ମାଝୀ, ଗଙ୍ଗାଧର ମାଝି, ଟିକେଶ୍ୱର ଧରୁଆ, କାନ୍ତ ପଧାନ ପ୍ରମୁଖଙ୍କ ସହ ୧୫ଟି ବନସୁରକ୍ଷା ସମିତିର ପ୍ରତିନିଧି ଉପସ୍ଥିତ ଥିଲେ।





ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

# ନକ୍ ଆଉଟ ଫୁଟବଲ: ବଲାଙ୍ଗୀର ଚାମ୍ପିୟନ

**ଟିଟିଲାଗଡ଼, ୧୨।୨ (ଡି.ଏନ.ଏ.)**

ବୀର ହନୁମାନ ବ୍ୟାୟାମ ଶାଳା ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆଠାରେ ଚାଲିଥିବା ଅଲ ଓଡିଶା ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାରେ ବଲାଙ୍ଗୀର ସାଇଟ ଦଳ ଚାମ୍ପିୟନ ବିବେଚିତ ହୋଇଛି। ବୁଧବାର ବଲାଙ୍ଗୀର ଏବଂ କୋରାପୁଟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-୧ଗୋଲରେ ବଲାଙ୍ଗୀର ଦଳ ବିଜୟୀ ହୋଇଛି। ବଲାଙ୍ଗୀର ପକ୍ଷରୁ ସ୍ୱରୁପ ହନୁମାନ ହାଟ୍ରିକ ଗୋଲ ସ୍କୋର କରିଥିଲେ। ଶାନ୍ତନୁ ବେହେରା ଏବଂ ମିଥୁନ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କୋରାପୁଟ ପକ୍ଷରୁ ଚୌଧୁରୀ ପାଙ୍ଗି (ଲାଡୁ) ଏକ ମାତ୍ର ଗୋଲ ସ୍କୋର କରିଥିଲେ। ଏହି ଅବସରରେ ଟିଟିଲାଗଡ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ ମୁଖ୍ୟଅତିଥି, ମନ୍ତ୍ରୀ ଟୁକୁନି ସାହୁଙ୍କ ପ୍ରତିନିଧି ଅରୁଣ ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ସାମାଜିକ କର୍ମୀ ହିଫଜୁଲ ରେହମାନ, ମନିଗାଁ ସରପଞ୍ଚ ମୁନିରାମ ଖର୍ସେଲ, କ୍ରୀଡାବିତ ଧ୍ରୁବଲେଶ୍ୱର ଦଳବେହେରା, ପଙ୍କଜ ଅଗ୍ରୱାଲ, ନିଶାରକାନ୍ତ ନାୟକ, ବୈକୁଣ୍ଠ ଖର୍ସେଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ତଥା ଉପବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ରେଫେରି ମୋହନ ପ୍ରଧାନୀ, ରାଜେଶ ସ୍ୱାଇଁ, ମାଧବ ବିଶି, ବିନୋଦ ପ୍ରଧାନୀ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସଭାପତି ଦିଲୀପ ବାଗ, ଉପସଭାପତି ରୁଟୁ ବାଗ, ସମ୍ପାଦକ ରତନ ହାତି, ପ୍ରମୋଦ ପ୍ରଧାନ, କୋଷାଧକ୍ଷ ବବ୍ବୁ ରତେଇ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।